

ମୃଣାଳଙ୍କ ପ୍ରେମରେ ଧନୁଷ

▶ପୃଷ୍ଠା ୧୧ ଦେଖନ୍ତୁ...


- RNI REGD NO: 42041/83
- www.sakalaepaper.com
- /sakalanews
- /sakalanews
- www.thesakala.in

# ସକାଳ THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 43 ◆ISSUE-46 ◆SATURDAY ◆9 AUGUST 2025 ◆PAGE-12 ◆₹ 6.00 | BHUBANESWAR | ◆ବର୍ଷ-୪୩ ◆ସଂଖ୍ୟା-୪୬ ◆ଶନିବାର ◆୯ ଅଗଷ୍ଟ ୨୦୨୫ ◆ପୃଷ୍ଠା-୧୨ ◆ଟ.୬.୦୦


## ୧୦ ଗ୍ରାମ ପିଛା ୧.୦୨ ଲକ୍ଷ ଉପରେ ସୁନା ଦର

■ **ନୂଆଦିଲ୍ଲୀ, ୮।୮ (ଏଜେନ୍ସି):** ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଭାରତ ଉପରେ ୫୦%ର ଭାରି ଶୁଳ୍କ ଲାଗୁ କରିବା ପରେ ଘରୋଇ ବଜାରରେ ସୁନା ମୂଲ୍ୟ ଏକ ନୂତନ ଶିଖର ଛୁଇଁଛି। ଶୁଳ୍କ ଲାଗୁର ତତ୍‌କ୍ଷଣାତ୍ ଏହାର ପ୍ରଭାବ ସ୍ୱରୂପ ଶୁକ୍ରବାର ସୁନା ମୂଲ୍ୟ ରେକର୍ଡ ସ୍ତରରେ ପହଞ୍ଚିଛି। ଯାହାଫଳରେ ରକ୍ଷାବନ୍ଧନ ପୂର୍ବରୁ ସୁନା ମୂଲ୍ୟ ଏଭଳି ଶୀର୍ଷ ସ୍ତରରେ ପହଞ୍ଚିଛି। ଇଣ୍ଡିଆନ୍ ବୁଲିଅନ୍ ଆଣ୍ଡ ଜୁଏଲର୍ସ ଆସୋସିଏସନ୍ (ଆଇବିଜେଏ) ଅନୁଯାୟୀ, ଆଜି ବଜାରରେ ୧୦ ଗ୍ରାମ ପିଛା ୨୪ କ୍ୟାରେଟ୍ ସୁନା ମୂଲ୍ୟ ୧,୦୨,୫୦୦ ଟଙ୍କାରେ ପହଞ୍ଚିଛି। ଏହାବାଦ୍ ଗତ ୮ ମାସ ମଧ୍ୟରେ ବଜାରରେ ସୁନା ୨୫ ହଜାର ମହଙ୍ଗା ହୋଇଛି। ଅନ୍ୟପକ୍ଷରେ, ରୁପା ମୂଲ୍ୟ କିଲୋଗ୍ରାମ ପିଛା ୧,୧୭,୦୦୦ ଟଙ୍କାରେ କାରବାର ହେଉଛି। ଗୁରୁବାର ଏହା କିଲୋ ପିଛା ୧,୧୪,୫୦୫ ଟଙ୍କା ପ୍ରତି କିଲୋଗ୍ରାମ ରହିଲା। ଗତ ଦୁଇ ଦିନ ମଧ୍ୟରେ ରୁପା ମୂଲ୍ୟରେ ୨୫୦୦ ଟଙ୍କାରୁ ଅଧିକ ବୃଦ୍ଧି ପାଇଛି।






## ଭାରତରୁ ଅର୍ଡର ବନ୍ଦ କଲେ ୱାଲ୍‌ମାର୍ଟ, ଆମାଜନ୍

■ **ନୂଆଦିଲ୍ଲୀ, ୮।୮ (ଏଜେନ୍ସି):** ଭାରତ ଉପରେ ପଡିଛି ଟ୍ରମ୍ପ୍ ଶୁଳ୍କର ପ୍ରଭାବ। ଆମେରିକା ୫୦% ଶୁଳ୍କ ଲାଗୁ କରିବା ପରେ ୱାଲମାର୍ଟ, ଆମାଜନ୍, ଟାର୍ଗେଟ୍ ଓ ଗ୍ୟାପ୍ ଭଳି ପ୍ରମୁଖ ଆମେରିକୀୟ ରିଟେଲ ବିକ୍ରେତା ଭାରତରୁ ଆସୁଥିବା ଅର୍ଡରଗୁଡିକୁ ଏବେ ସ୍ଥଗିତ ରଖିଛନ୍ତି। ତେବେ ଭାରତୀୟ ରପ୍ତାନିକାରୀ ପୂର୍ବରୁ ଜାଣିଥିଲେ ଯେ, ଶୁଳ୍କ ବଢିଲେ ସେମାନଙ୍କ ଅର୍ଡର ପ୍ରଭାବିତ ହେବ। ରିପୋର୍ଟ ଅନୁସାରେ ଭାରତୀୟ ରପ୍ତାନିକାରୀଙ୍କୁ ଆମେରିକୀୟ କ୍ରେତାଙ୍କଠାରୁ ଏ ସମ୍ପର୍କରେ ପତ୍ର ଓ ଇ-ମେଲ ମିଳିଛି। ଏଥିରେ କୁହାଯାଇଛି ଭାରତୀୟ ରପ୍ତାନୀକାରୀ ପରବର୍ତ୍ତୀ ସୂଚନା ପର୍ଯ୍ୟନ୍ତ କପଡ଼ା ରପ୍ତାନି ରୋକିଦିଅନ୍ତୁ। ତେବେ ଶୁଳ୍କ ଯୋଗୁଁ ବଢୁଥିବା ବ୍ୟୟ ଭାର ଭାରତୀୟ ରପ୍ତାନିକାରୀ ବହନ କରନ୍ତୁ ବୋଲି ଆମେରିକୀୟ କମ୍ପାନୀ ଚାହୁଁଛନ୍ତି। ଆମେରିକାରେ ବିକ୍ରି ହେଉଥିବା ସାମଗ୍ରୀଗୁଡିକର ମୂଲ୍ୟ ୩୦ରୁ ୩୫% ବଢିଯିବ ବୋଲି ଆକଳନ କରାଯାଉଛି। ଭାରତର ୱେଲସ୍ପନ ଲିଭିଂ, ଗୋକଲଦାସ ଏକ୍ସପୋର୍ଟସ୍, ଇଣ୍ଡୋ କାଉଣ୍ଟ ଓ ଟ୍ରାଇଡେଣ୍ଟ ଭଳି ପ୍ରମୁଖ ରପ୍ତାନୀକାରୀ ସଂସ୍ଥା ଆମେରିକାରେ ୪୦ରୁ ୭୦% ପର୍ଯ୍ୟନ୍ତ ଉତ୍ପାଦ ବିକ୍ରି କରୁଛନ୍ତି। କୁହାଯାଉଛି ଆମେରିକା ଯାଉଥିବା ଅର୍ଡର ଏବେ ସ୍ଥଗିତ ହେବା ଯୋଗୁଁ ବାଣିଜ୍ୟରେ ୪୦ରୁ ୫୦% ହ୍ରାସ ହୋଇପାରେ। ଉଲ୍ଲେଖଯୋଗ୍ୟ, ଭାରତରୁ ବହୁମାତ୍ରାରେ କପଡ଼ା ଆମେରିକା ରପ୍ତାନୀ ହୋଇଥାଏ। ଟାରିଫ ଯୋଗୁଁ ଏହି ସବୁ ଅର୍ଡର ବାଂଲାଦେଶ ବା ଭିଏତ୍‌ନାମକୁ ଚାଲିଯାଇପାରେ।

### ଖରିଫ୍‌ରେ ଜଟିଳ ଚାଷୀ ପଞ୍ଜୀକରଣ ବ୍ୟବସ୍ଥା

# ଚାଷୀଙ୍କୁ ଅଡୁଆ 'ପୂର୍ବପୁରୁଷ'

■ **ଭୁବନେଶ୍ୱର, ୮।୮ (ସମିସ):** ଖରିଫ ଧାନ ବିକ୍ରି ନିମନ୍ତେ ପଞ୍ଜୀକରଣରେ ଜଟିଳ ବ୍ୟବସ୍ଥା ଚାଷୀଙ୍କ ପାଇଁ ସୃଷ୍ଟିକରିଛି ସମସ୍ୟା। ଜମିପଟ୍ଟାରେ ବାପା-ଜେଜେବାପାଙ୍କ ନାମ ରହିଥିବାରୁ ପଞ୍ଜୀକରଣ କରିବାରୁ ଚାଷୀମାନେ ବଞ୍ଚିତ ହୋଇଛନ୍ତି। ଏହି ସମସ୍ୟାର ସମାଧାନ ପାଇଁ ସରକାର ସରଳ ସୂତ୍ର ବାହାର କରିବା ପରିବର୍ତ୍ତେ ଯେଉଁ ସାନି ବ୍ୟବସ୍ଥା କରିଛନ୍ତି ତାହା ପୂର୍ବଠାରୁ ଅଧିକ ଜଟିଳ। ଚାଷୀମାନେ ପଞ୍ଜୀକରଣ ନିମନ୍ତେ ସ୍ୱ-ଘୋଷଣାନାମା (ସେଲ୍ଫ ଡିକ୍ଲାରେସନ) ଦେଇ ପାରିବେ ବୋଲି ସରକାରଙ୍କ ପକ୍ଷରୁ କୁହାଯାଇଛି। ମାତ୍ର ଏହି ସ୍ୱ-ଘୋଷଣାନାମାରେ ଜମିର ସମସ୍ତ ଅଂଶୀଦାରଙ୍କ ଆଧାର ନମ୍ବର, ଦସ୍ତଖତ ବାଧ୍ୟତାମୂଳକ କରାଯାଇଛି। ତିନି ଚାରି ପିଢ଼ିର ସମସ୍ତ ଅଂଶୀଦାରଙ୍କ ନାମ, ଆଧାର,

**କମ୍ ଧାନ କିଣିବାକୁ ସରକାରୀ ଷଡ଼ଯନ୍ତ୍ର !**

ଦସ୍ତଖତ ସହ ପଞ୍ଜୀକରଣ ବ୍ୟବସ୍ଥା ଚାଷୀଙ୍କ ପାଇଁ ଅସମ୍ଭବ ହୋଇ ପଡ଼ିଛି। ଏକପକ୍ଷରେ ନିଜ ପେଟପାଟଣା ପାଇଁ ବାହାରେ ରହୁଥିବା ପରିବାରର ପିଲାମାନଙ୍କ ଦସ୍ତଖତ ସଂଗ୍ରହ କରିବା ମୁସ୍କିଲ ବ୍ୟାପାର, ଅନ୍ୟପକ୍ଷରେ ଅନେକ କ୍ଷେତ୍ରରେ ତିକ୍ତ ପାରିବାରିକ ସମ୍ପର୍କ ଯୋଗୁଁ ପଞ୍ଜୀକରଣରେ ଦସ୍ତଖତ କରିବାରେ ଅଂଶୀଦାରମାନଙ୍କ ଅନାଗ୍ରହ ଚାଷୀଙ୍କ ସମସ୍ୟାକୁ ଆହୁରି ବଢ଼ାଇ ଦେଇଛି। ଫଳରେ ଚାଷୀଙ୍କ ପାଇଁ ସ୍ୱ-ଘୋଷଣାନାମା ଦେବା ଏକପ୍ରକାର ଅସମ୍ଭବ ହୋଇଛି ଓ ପୂର୍ବାପେକ୍ଷା ପଞ୍ଜୀକରଣ ସଂପୂର୍ଣ୍ଣ ଧୀମା ହୋଇଯାଇଛି। ବ୍ୟବସ୍ଥାର ସରଳୀକରଣ ନେଇ ଚାଷୀମାନେ ବାରମ୍ବାର ଦାବି କରୁଥିଲେ ହେଁ ତାହା କର୍ଣ୍ଣପାତ କରୁନାହାନ୍ତି। ତେଣୁ ଖରିଫରେ ଚାଷୀଙ୍କ ଠାରୁ କମ୍ ଧାନ କିଣିବାକୁ ସରକାର ବ୍ୟବସ୍ଥାଗତ ଷଡ଼ଯନ୍ତ୍ର କରିଥିବା ଚାଷୀମାନେ ଅଭିଯୋଗ କରିଛନ୍ତି।

ପୂର୍ବ ସରକାର ସମୟରେ ପଞ୍ଜୀକରଣ ଓ ଋଣ ପ୍ରଦାନ ସମୟରେ ଏପରି ଜଟିଳ ବ୍ୟବସ୍ଥା ନ ଥିଲା। ମାତ୍ର ଏବେ ସରକାରୀ କଟକଣା ଯୋଗୁଁ ଚାଷୀମାନେ ଅଧିକ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଏପଟେ ଜମି ପଟ୍ଟା ସଂଶୋଧନ କାର୍ଯ୍ୟ ଚାଲିଥିଲେ ବି ଭଉଣୀ (ପରିବାରର କନ୍ୟାସନ୍ତାନ)ଙ୍କ ନାମକୁ ଏଥିରେ ସାମିଲ କରାଯିବାକୁ ନେଇ ବିଭିନ୍ନ ସମସ୍ୟା ସୃଷ୍ଟି ହେଉଛି। ଏଥିପାଇଁ ଅନେକ ଲୋକ ପଟ୍ଟା ସଂଶୋଧନ କରିପାରି ନାହାନ୍ତି। ▶ପୃଷ୍ଠା-୭

# ଆୟକର ବିଲ୍ ପ୍ରତ୍ୟାହୃତ

### ୧୧ରେ ଲୋକସଭାରେ ଆସିବ ସଂଶୋଧିତ ବିଲ୍

■ **ନୂଆଦିଲ୍ଲୀ, ୮।୮ (ଏଜେନ୍ସି):** ଏକ ଗୁରୁତ୍ୱପୂର୍ଣ୍ଣ ଘଟଣାକ୍ରମେ କେନ୍ଦ୍ର ସରକାର ଲୋକସଭାରୁ ଆୟକର ବିଲ୍ ୨୦୨୫କୁ ପ୍ରତ୍ୟାହାର କରିନେଇଛନ୍ତି। ବିଲ୍ ଯାଞ୍ଚ ପାଇଁ ଗଠିତ ସିଲେକ୍ଟ କମିଟିର ରିପୋର୍ଟ ପରେ ଏହି ନିଷ୍ପତ୍ତି ନିଆଯାଇଛି। ଏହି ବିଲ୍ ଫେବୃଆରୀରେ ଲୋକସଭାରେ ଆଗତ କରାଯାଇଥିଲା। କୁହାଯାଉଛି ଯେ ଅଗଷ୍ଟ ୧୧ ରେ ଲୋକସଭାରେ ନୂତନ ବିଲ୍ ଆଗତ କରାଯିବ। କେନ୍ଦ୍ର ସରକାର ଫେବୃଆରୀ ୧୩ ରେ ଲୋକସଭାରେ ଆୟକର ବିଲ୍ ୨୦୨୫ ଆଗତ କରିଥିଲେ। ବିଲ୍ ଯାଞ୍ଚ ପାଇଁ ୩୧ ସଦସ୍ୟ ବିଶିଷ୍ଟ ସିଲେକ୍ଟ କମିଟି ଗଠନ କରାଯାଇଥିଲା। କମିଟି ବିଲ୍ ଯାଞ୍ଚ କରି ୨୮୫ଟି ପରାମର୍ଶ ଦେଇଥିଲା। କମିଟି ୨୧ ଜୁଲାଇ ୨୦୨୫ରେ ଲୋକସଭାରେ ଏହାର ରିପୋର୍ଟ ଦାଖଲ କରିଥିଲା। କେନ୍ଦ୍ର ସରକାର ସିଲେକ୍ଟ କମିଟିର ପ୍ରାୟ ସମସ୍ତ ସୁପାରିସକୁ ଗ୍ରହଣ କରିଛନ୍ତି।

**ସିଲେକ୍ଟ କମିଟି ରିପୋର୍ଟ ଆଧାରରେ ନିଷ୍ପତ୍ତି**

କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ ଶୁକ୍ରବାର ଲୋକସଭାରେ ଆୟକର ବିଲ୍, ୨୦୨୫ ପ୍ରତ୍ୟାହାର କରି କହିଛନ୍ତି କମିଟିର କିଛି ପରାମର୍ଶକୁ ସଠିକ୍ ଆଇନଗତ ଅର୍ଥ ଦେବା ପାଇଁ ନୂଆ ବିଲ୍‌ରେ ସାମିଲ କରାଯିବା ଆବଶ୍ୟକ। ସିଲେକ୍ଟ କମିଟି ଦ୍ୱାରା ପରାମର୍ଶିତ ପରିବର୍ତ୍ତନଗୁଡ଼ିକୁ ଅନ୍ତର୍ଭୁକ୍ତ କରିବା ପରେ ସରକାର ବିଲ୍‌କୁ ଏକ ନୂତନ ରୂପରେ ଆଣିବେ। କୁହାଯାଉଛି ଯେ ବିଲ୍‌ର ନୂତନ ସଂସ୍କରଣ ଅଗଷ୍ଟ ୧୧ରେ ଲୋକସଭାରେ ଉପସ୍ଥାପନ କରାଯିବ। ବିଲ୍‌ର ବିଭିନ୍ନ ସଂସ୍କରଣ ଯୋଗୁଁ ଦ୍ୱନ୍ଦ୍ୱ ଏଡାଇବା ଏବଂ ସମସ୍ତ ପରିବର୍ତ୍ତନକୁ ଅନ୍ତର୍ଭୁକ୍ତ କରି ଆୟକର ବିଲ୍‌ର ନୂତନ ସଂସ୍କରଣ ସୋମବାର ଗୃହରେ ବିଚାର ପାଇଁ ଆଗତ କରାଯିବ, ଯାହା କମିଟି ତା'ର ରିପୋର୍ଟରେ କହିଛି।

# ଏମ୍‌ସରେ ନିଯୁକ୍ତି ଜାଲିଆତି

■ **ଭୁବନେଶ୍ୱର, ୮।୮ (ସମିସ):** ଏମ୍‌ସରେ ଜାଲିଆତି କରି ଚାକିରି କରିବା ଘଟଣାରେ ସିବିଆଇ ଶୁକ୍ରବାର ଭୁବନେଶ୍ୱର ସମେତ ଜଗତସିଂହପୁର ଜିଲ୍ଲାର ଏକାଧିକ ସ୍ଥାନରେ ଚଢ଼ଉ କରିଛି। ୮ ଘଣ୍ଟା ଧରି ସିବିଆଇର ୧୫ଟି ଟିମ୍ ଚଢ଼ଉ କରି ଏକାଧିକ ଗୁରୁତପୂର୍ଣ୍ଣ ଦସ୍ତାବିଜ୍ ଏବଂ ଡିଜିଟାଲ ପ୍ରମାଣ

**୫ ସ୍ଥାନରେ ସିବିଆଇ ଚଢ଼ଉ; ୩ ଅଟକ**

ଜବତ କରିବା ସହ ୩ଜଣଙ୍କୁ ଅଟକ ରଖି ପଚରାଉଚରା କରୁଛି।

ଏମ୍‌ସରେ ଠିକା ସଂସ୍ଥା ନିଜ ସମ୍ପର୍କୀୟଙ୍କ ନାମରେ ଜାଲ୍ ଦସ୍ତାବିଜ୍ ବାହାର କରି ଚାକିରି କରାଯାଇଥିବା ଏମ୍‌ସ କର୍ତ୍ତୃପକ୍ଷ ଜାଣିବାକୁ ପାଇଥିଲେ। କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଆଶୁତୋଷ ବିଶ୍ୱାସ ଏନେଇ ସିବିଆଇକୁ ଚିଠି କରି ▶ପୃଷ୍ଠା-୭

- ଏମ୍‌ସର ଅଭିଯୋଗ ପରେ ୬ଜଣଙ୍କ ନାମରେ ମାମଲା ରୁଜୁ
- ପ୍ରଶାସନିକ ଅଧିକାରୀ ସହ ମିଶି ଶ୍ରୁତି କରିଥିଲେ ଜାଲିଆତି
- ଜାଲ୍ ମେଡିକାଲ ପ୍ରମାଣପତ୍ର ଦାଖଲ କରି ଚାକିରି କରିଥିଲେ

# ସ୍କିମାଟିକ୍ ଶିକ୍ଷକଙ୍କୁ ଧକ୍କା

### ପ୍ରସ୍ତାବ ପ୍ରତ୍ୟାହାର କଲା ଗଣଶିକ୍ଷା ବିଭାଗ

■ **ଭୁବନେଶ୍ୱର, ୮।୮ (ସମିସ):** ମାତ୍ର ସପ୍ତାହେ ମଧ୍ୟରେ ସ୍କିମାଟିକ୍ ଶିକ୍ଷକଙ୍କୁ ଲାଗିଛି ବଡ଼ ଧକ୍କା। ମଉଳି ଯାଇଛି ସେମାନଙ୍କର ଚାକିରି ନିୟମିତ ହେବାର ଆଶା। ସ୍କିମାଟିକ୍ ଶିକ୍ଷକମାନଙ୍କ ସ୍ୱାର୍ଥ ସମ୍ବଳିତ ପ୍ରସ୍ତାବକୁ ପ୍ରଥମେ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର ୱେବସାଇଟ୍‌ରୁ ଉଡ଼ାଇ ଦିଆଯାଇଥିଲା। ଏବେ ଆନୁଷ୍ଠାନିକ ଭାବରେ ଏ ସଂକ୍ରାନ୍ତ ପ୍ରସ୍ତାବକୁ ସରକାର ଶୁକ୍ରବାର ପ୍ରତ୍ୟାହାର କରି ନେଇଛନ୍ତି। ନିୟମିତ କରିବାର ଆଶା ଦେଖାଇ ସରକାର ସେମାନଙ୍କୁ ପ୍ରତାରିତ କରିଛନ୍ତି ଓ ୧୬୦୦୦ ଶିକ୍ଷକଙ୍କ ଭବିଷ୍ୟତ ଅନ୍ଧାରକୁ ଚାଲି ଯାଇଛି ବୋଲି ସ୍କିମାଟିକ ଶିକ୍ଷକମାନେ କ୍ଷୋଭ ପ୍ରକାଶ କରିଛନ୍ତି।

ରାଜ୍ୟରେ ଶିକ୍ଷକ ନିଯୁକ୍ତି, ସ୍କିମାଟିକ୍ କନିଷ୍ଠ ଶିକ୍ଷକ ପଦ ଉଚ୍ଛେଦ, ନିୟମିତ ଶିକ୍ଷକ ନିଯୁକ୍ତି ପରି ବହୁ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗରେ ବସିଥିବା ବୈଠକର ସାରାଂଶ ସମ୍ପର୍କରେ ଗତ ୨ ତାରିଖରେ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ବିଜ୍ଞପ୍ତି ଜାରି କରିଥିଲା। ଗଣଶିକ୍ଷା ବିଭାଗର ୱେବସାଇଟ୍‌ରେ ଏହା ଅପଲୋଡ୍

**ଅନ୍ଧାରରେ ୧୬,୦୦୦ ଶିକ୍ଷକଙ୍କ ଭବିଷ୍ୟତ**

ମଧ୍ୟ ହୋଇଥିଲା। ସ୍କିମାଟିକ୍ ପଦକୁ ଉଚ୍ଛେଦ କରାଯାଇ ମାଧ୍ୟମିକ ଶିକ୍ଷକଙ୍କ ପରି ନିୟମିତ ପ୍ରାଥମିକ ଶିକ୍ଷକ ନିଯୁକ୍ତି ପାଇଁ ପ୍ରସ୍ତାବ ରହିଥିଲା। ଫଳରେ ସ୍କିମାଟିକ୍ ଶିକ୍ଷକଙ୍କ ମଧ୍ୟରେ ଉତ୍ସାହ ଦେଖାଦେଇଥିଲା। ସ୍କିମାଟିକ୍ ଶିକ୍ଷକଙ୍କ ଏହି ଉତ୍ସାହ ଅଧିକ ଦିନ ▶ପୃଷ୍ଠା-୭

**ବୋମା ଭିଡ଼ିବା ବେଳେ ଅଘଟଣ**

## ବିସ୍ଫୋରଣରେ ଥରିଲା ଗାଁ; ଜଣେ ମୃତ

■ **ନିରାକାରପୁର/ଭୂଷଣ୍ଡପୁର, ୮।୮ (ସମିସ):** ପ୍ରଚଣ୍ଡ ବିସ୍ଫୋରଣରେ ଥରିଲା ଗାଁ। ଖୋର୍ଦ୍ଧା ଜିଲ୍ଲା ନିରାକାରପୁର ଥାନା ଅନ୍ତର୍ଗତ ନୂଆଗଡ଼ ପଞ୍ଚାୟତ ହରିପୁର ଗ୍ରାମ ମାଝୀସାହିରେ ଗୁରୁବାର ଅପରାହ୍ଣରେ ଏପରି ଏକ ଅଘଟଣ ଘଟିଛି। ବୋମା ଭିଡ଼ିବା ବେଳେ ଗୋଟିଏ ଫାଟିଯିବାରୁ ଜଣଙ୍କର ମୃତ୍ୟୁ ହୋଇଛି। ମୃତକ ହେଲେ, ଗ୍ରାମର ରମେଶ ମହାପାତ୍ର (୩୭)। ବିସ୍ଫୋରଣ ଏତେ ଭୟଙ୍କର ଥିଲା ଯେ ୩ ବଖରା ଘରର ଛାତ ଉଡ଼ିଯାଇଛି। ଗତକାଲି ଏହି ଘଟଣା ଘଟିଥିବା ବେଳେ ଆଜି ପଦାକୁ ଆସିଛି। ସୂଚନାନୁଯାୟୀ, ବାର୍‌ହା ଶିକାର ପାଇଁ ▶ପୃଷ୍ଠା-୭



**ଉଡ଼ିଗଲା ୩ ବଖରା**






# ନିଅଣ୍ଟିଆ ବର୍ଷା, ସାର ଅଭାବ ବଢ଼ାଉଛି ଚିନ୍ତା

### ୧୩ ପରେ ବର୍ଷା ବଢ଼ିବ; ନିଅଣ୍ଟିଆ ଭରଣା ହେବନି

■ **ଭୁବନେଶ୍ୱର, ୮।୮ (ସମିସ):** ନିଅଣ୍ଟିଆ ବର୍ଷା ଏବଂ ସାରର ଅଭାବ ଏବେ ଚାଷୀଙ୍କ ପାଇଁ ଚିନ୍ତା ବଢ଼ାଇଛି। ନିଷ୍କ୍ରିୟ ମୌସୁମୀ ପ୍ରଭାବରେ ରାଜ୍ୟରେ ବର୍ଷାର ପରିମାଣ ବହୁ ମାତ୍ରାରେ ହ୍ରାସ ପାଇଥିବା ବେଳେ ଚାଷ କାର୍ଯ୍ୟ ମଧ୍ୟ ପ୍ରଭାବିତ ହୋଇଛି। ଯେଉଁ ସ୍ଥାନରେ ରୁଆ ସରିଛି, ସେଠାରେ ପାଣିର ଅଭାବ ହେତୁ ତଳି ମରିବା ସ୍ଥିତି ସୃଷ୍ଟି ହୋଇଛି। ଏହାସହିତ ଅନେକ ସ୍ଥାନରେ ରୁଆ ବେଉଷଣ ପାଇଁ ପାଣିର ଅଭାବ ହେତୁ ଚାଷୀକୁଳ ବର୍ଷାକୁ

**ଜରୁରୀକାଳୀନ ପଦକ୍ଷେପ ନେବାକୁ ବିଶେଷଜ୍ଞଙ୍କ ପରାମର୍ଶ**

**ସାରର ଉପଲବ୍ଧତା ସୁନିଶ୍ଚିତ ନ କରାଇଲେ ସ୍ଥିତି ବିଗିଡ଼ିବ**

ଅପେକ୍ଷା କରି ରହିଛି। ଏସବୁ ଭିତରେ ରାଜ୍ୟର ଚାଷୀମାନଙ୍କ ପାଇଁ ସାରର ଅଭାବ ବଡ଼ ସମସ୍ୟା ସୃଷ୍ଟି କରିଛି। ରୁଆ ପରେ ଧାନଗଛ ବୃଦ୍ଧି ପାଇଁ ସାରର ଆବଶ୍ୟକତା ରହୁଥିବା ବେଳେ ପ୍ରତି ଜିଲ୍ଲାରେ ସାର ଉପଲବ୍ଧ କରାଇବାରେ ସରକାର ବିଫଳ ହେଉଛନ୍ତି। ଫଳରେ ଚାଷୀଙ୍କ ପାଇଁ ବର୍ଷା ସାଙ୍ଗକୁ ସାର ସମସ୍ୟା ଚିନ୍ତା ବଢ଼ାଇଛି।

ପାଣିପାଗ ବିଶେଷଜ୍ଞ ପ୍ରଫେସର ସୁରେନ୍ଦ୍ରନାଥ ପଶୁପାଳକ କହିଛନ୍ତି ଯେ ବର୍ତ୍ତମାନ ରାଜ୍ୟରେ ମୌସୁମୀ ନିଷ୍କ୍ରିୟ ରହିଛି। ଆସନ୍ତା ୧୩ରେ ଏକ ଘୂର୍ଣ୍ଣିବଳୟ ସୃଷ୍ଟି ହୋଇ ପରବର୍ତ୍ତୀ ▶ପୃଷ୍ଠା-୭





ସକାଳ
THE SAKALA
www.sakalaepaper.com


# ଦିଲ୍ଲୀରେ ଅଭିନେତ୍ରୀ ହୁମା କ୍ୟୁରେଶିଙ୍କ ଭାଇଙ୍କୁ ହତ୍ୟା



ନୂଆଦିଲ୍ଲୀ, ୮।୮(ଏଜେନ୍ସି): ଦିଲ୍ଲୀର ନିଜାମୁଦ୍ଦିନ୍ ଅଞ୍ଚଳରେ ଜଣାଶୁଣା ବଲିଉଡ୍ ଅଭିନେତ୍ରୀ ହୁମା କ୍ୟୁରେଶିଙ୍କ ଦାଦା ପୁଅ ଭାଇ ଆସିଫଙ୍କୁ ହତ୍ୟା କରାଯାଇଛି। ଗୁରୁବାର ରାତି ୧୧ଟାରେ ଜଙ୍ଗପୁରା ଗଗୋଲ ଲେନ୍‌ରେ ଏହି ଆପରାଧିକ ଘଟଣା ଘଟିଛି। ଗାଡ଼ି ପାର୍କିଂ ବିବାଦକୁ ନେଇ ଦୁର୍ବୃତ୍ତମାନେ ତାଙ୍କୁ ଏକ ଧାରୁଆ ଅସ୍ତ୍ରରେ ଆକ୍ରମଣ କରିଥିଲେ। ଏହି ଘଟଣାରେ ପୁଲିସ ଦୁଇଜଣଙ୍କୁ ଗିରଫ କରିଛି। ମେନ୍ ଗେଟ୍ ସାମ୍ନାରେ ସ୍କୁଟର୍ ରଖିବା ନେଇ ଆସିଫ୍ ଓ ଦୁଇ ପଡ଼ୋଶୀଙ୍କ ମଧ୍ୟରେ ବିବାଦ ହୋଇଥିଲା। ଏଥିରେ ଉତ୍‌କ୍ଷିପ୍ତ ହୋଇ ଅଭିଯୁକ୍ତମାନେ ଆସିଫ୍‌ଙ୍କୁ ମରଣାନ୍ତକ ଆକ୍ରମଣ କରିଥିଲେ। ଗୁରୁତର ଆସିଫଙ୍କୁ ନିକଟସ୍ଥ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। କିନ୍ତୁ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ନିହାତି ମାମୁଲି ଘଟଣା ତଥା ସାମାନ୍ୟ ଯୁକ୍ତିତର୍କ ପାଇଁ ଆସିଫ୍‌ଙ୍କ ଉପରେ ଆକ୍ରମଣ କରାଯାଇଥିଲା ବୋଲି ତାଙ୍କ ପତ୍ନୀ ସାଇନା କ୍ୟୁରେଶି କହିଛନ୍ତି।

## ଚଳନ୍ତା ବସ୍ ଉପରେ ଗଛ ପଡ଼ି ୫ ମୃତ

ବାରାବଙ୍କୀ, ୮।୮(ଏଜେନ୍ସି): ଉତ୍ତରପ୍ରଦେଶର ବାରାବଙ୍କୀ ଜିଲ୍ଲାରେ ଏକ ଚଳନ୍ତା ବସ୍ ଉପରେ ଏକ ବଡ଼ ଗଛ ଭାଙ୍ଗି ପଡ଼ିବାରୁ ୫ଜଣ ଯାତ୍ରୀଙ୍କ ମୃତ୍ୟୁ ହୋଇଛି। ସେମାନଙ୍କ ମଧ୍ୟରେ ୨ ଜଣ ଶିକ୍ଷକ, ଦୁଇଜଣ ବ୍ଲକ ଅଧିକାରୀ ରହିଛନ୍ତି। ଅନ୍ୟ ଜଣେ ଯାତ୍ରୀ ଗୁରୁତର ଆହତ ହୋଇଛନ୍ତି। ସୂଚନାନୁଯାୟୀ, ୬୦ ଯାତ୍ରୀଙ୍କୁ ନେଇ ଏହି ବସ୍ ବାରାବଙ୍କୀରୁ ହାଇଦରଗଡ଼ ଯାଉଥିଲା। ଶୁକ୍ରବାର ପୂର୍ବାହ୍ନ ପ୍ରାୟ ୧୧ଟାରେ ହରଖ ଛକଠାରେ ବସ୍ ଆଗକୁ ଏକ ଗାଇ ଚାଲିଆସିଥିଲା। ତାକୁ ବଞ୍ଚାଇବାକୁ ଯାଇ ବସ୍‌ଟି ପ୍ରଥମେ ଏକ ଇଲେକଟ୍ରିକ୍ ଖୁଣ୍ଟ ଓ ପରେ ଏକ ଗଛକୁ ଧକ୍କା ଦେଇଥିଲା। ଏହାର ସିସିଟିଭି ଫୁଟେଜ୍ ସାମ୍ନାକୁ ଆସିଛି।

## କପିଲ ଶର୍ମାଙ୍କୁ ଲରେନ୍ସ ଗ୍ୟାଙ୍ଗର ଧମକ

ନୂଆଦିଲ୍ଲୀ, ୮।୮(ଏଜେନ୍ସି): ଖ୍ୟାତନାମା କମେଡିଆନ କପିଲ ଶର୍ମାଙ୍କ ପଛରେ ପଡ଼ିଛି ଦୁର୍ଦ୍ଦାନ୍ତ ଲରେନ୍ସ ବିଷ୍ଣୋଇ ଗ୍ୟାଙ୍ଗ। କାନାଡାରେ କପିଲଙ୍କ କାଫେ ଉପରେ ଗୁଳିମାଡ଼ କରିବା ପରେ ଏବେ ତାଙ୍କୁ ଗ୍ୟାଙ୍ଗ୍ ତରଫରୁ ଧମକ ମିଳିଛି। ଗ୍ୟାଙ୍ଗର ହ୍ୟାରି ବକ୍ସର ନାମରେ ଏକ ଅଡିଓ ସାମ୍ନାକୁ ଆସିଛି। ଏଥିରେ କପିଲଙ୍କ ସମେତ ପୂରା ବଲିଉଡ୍ ଫିଲ୍ମ ଇଣ୍ଡଷ୍ଟ୍ରିକୁ ଧମକ ଦିଆଯାଇଛି। ଯିଏ ବି ଅଭିନେତା ସଲମାନ ଖାନଙ୍କ ସହ କାମ କରିବ, ତାକୁ ମାରି ଦିଆଯିବ ବୋଲି କୁହାଯାଇଛି। ସୂଚନାଯୋଗ୍ୟ, 'ଦି ଗ୍ରେଟ୍ ଇଣ୍ଡିଆନ କପିଲ ଶୋ'ର ଦ୍ୱିତୀୟ ସଂସ୍କରଣରେ ସଲମାନଙ୍କୁ ଅତିଥି ଭାବେ ନିମନ୍ତ୍ରଣ କରାଯାଇଥିଲା। ଏଥିପାଇଁ କପିଲଙ୍କ କାନାଡ଼ାସ୍ଥିତ କାଫେ ଉପରେ ଆକ୍ରମଣ କରାଯାଇଛି ବୋଲି ଗ୍ୟାଙ୍ଗ୍ ପକ୍ଷରୁ କୁହାଯାଇଛି। ଉଲ୍ଲେଖଥାଉ କି, କପିଲଙ୍କ କାଫେ ଉପରକୁ ପ୍ରଥମେ ଜୁଲାଇ ୧୦ରେ ଗୁଳିମାଡ଼ ହୋଇଥିଲା।

## ପରମାଣୁ ବୈଜ୍ଞାନିକଙ୍କୁ ଫାଶୀ ଦେଲା ଇରାନ

ତେହେରାନ, ୮।୮(ଏଜେନ୍ସି): ଇରାନ ଦୁଇଟି ଭିନ୍ନ ଭିନ୍ନ ମାମଲାରେ ବୁଧବାର ଦୁଇଜଣ ବ୍ୟକ୍ତିଙ୍କୁ ଫାଶୀ ଦଣ୍ଡରେ ଦଣ୍ଡିତ କରିଛି। ଏମାନଙ୍କ ମଧ୍ୟରେ ଜଣେ ପରମାଣୁ ବୈଜ୍ଞାନିକ ରହିଛନ୍ତି। ସେ ହେଲେ, ରୌଜବେ ଭାଦୀ। ସେ ଇସ୍ରାଏଲର ଗୁଇନ୍ଦା ସଂସ୍ଥା 'ମୋସାଦ' ପାଇଁ ଗୁପ୍ତଚର ଭାବେ କାର୍ଯ୍ୟ କରୁଥିଲେ ଏବଂ ଦେଶର ଗୁରୁତ୍ୱପୂର୍ଣ୍ଣ ସୂଚନା ପ୍ରଦାନ କରୁଥିଲେ ବୋଲି ଅଭିଯୋଗ ହୋଇଥିଲା। ସେ ଇରାନର ଆଟୋମିକ ଏନର୍ଜି ଅର୍ଗାନାଇଜେସନ୍ ଅଧୀନରେ ଥିବା ନ୍ୟୁକ୍ଲିୟର୍ ସାଇନ୍ସ ଆଣ୍ଡ ଟେକନୋଲୋଜି ରିସର୍ଚ୍ଚ ଇନଷ୍ଟିଚ୍ୟୁଟ୍‌ର ସଦସ୍ୟ ଥିଲେ। ସେ ଜଣେ ବୈଜ୍ଞାନିକଙ୍କ ବିଷୟରେ ସମ୍ବେଦନଶୀଳ ସୂଚନା 'ମୋସାଦ'କୁ ଦେଇଥିଲେ। ସେ ଦେଶର ସୁରକ୍ଷା ବ୍ୟବସ୍ଥା ପାଇଁ ବିପଦ ସୃଷ୍ଟି କରିଥିଲେ ବୋଲି ଇରାନ ତରଫରୁ କୁହାଯାଇଛି।

## ୟୁପିର ୨୪ ଜିଲ୍ଲାରେ ବନ୍ୟା

ନୂଆଦିଲ୍ଲୀ/ ଲକ୍ଷ୍ନୌ, ୮।୮(ଏଜେନ୍ସି): ଉତ୍ତରପ୍ରଦେଶ ରାଜଧାନୀ ଲକ୍ଷ୍ନୌ ସମେତ ୧୦ଟି ସହରରେ ଶୁକ୍ରବାର ପ୍ରବଳ ବର୍ଷା ଜାରି ରହିଛି। ଲକ୍ଷ୍ନୌରେ କ୍ରମାଗତ ୭ଦିନ ହେବ ବର୍ଷା ଜାରି ରହିଛି। ଏହାକୁ ଦୃଷ୍ଟିରେ ରଖି ବାରଣାସୀ- ବିଜନୋରରେ ଦ୍ୱାଦଶ ଶ୍ରେଣୀ ଓ ଲକ୍ଷ୍ନୌ- ଜୋନପୁରରେ ୮ମ ଶ୍ରେଣୀ ପର୍ଯ୍ୟନ୍ତ ସ୍କୁଲଗୁଡ଼ିକୁ ବନ୍ଦ କରି ଦିଆଯାଇଛି। ଅପରପକ୍ଷେ, ଲଗାଣ ବର୍ଷା ଯୋଗୁଁ ରାଜ୍ୟର ୨୪ଟି ଜିଲ୍ଲାରେ ୧୨୪୫ ଗାଁ ବନ୍ୟା ଘେରରେ ରହିଛି। ଏପର୍ଯ୍ୟନ୍ତ ୩୬୦ ଘର ଭୁଶୁଡ଼ିଛି। ହିମାଚଳରେ ୪୫୦ରୁ ଊର୍ଦ୍ଧ୍ୱ ସଡ଼କ ବନ୍ଦ ରହିଛି। ଏଥିରେ ୩୦୫ ଓ ୫ ନଂ ଜାତୀୟ ରାଜପଥ ସାମିଲ ରହିଛି। ହିମାଚଳରେ ବର୍ଷା ଜନିତ କାରଣରୁ ଏପର୍ଯ୍ୟନ୍ତ (ଜୁନ ୨୦ରୁ ଅଗଷ୍ଟ ୭) ପର୍ଯ୍ୟନ୍ତ ୨୦୨ ଜଣ ଲୋକ ମୃତ୍ୟୁବରଣ କରିସାରିଲେଣି। ସେହିପରି ଝାଡ଼ଖଣ୍ଡରେ ସମାନ କାରଣରୁ ୪୩୧ଜଣ ଲୋକଙ୍କ ମୃତ୍ୟୁ ହୋଇଛି। ତେବେ ମଧ୍ୟପ୍ରଦେଶରେ ଗତ ୭ ଦିନ ହେବ ବର୍ଷା ହୋଇନାହିଁ। ଫଳରେ ରାଜ୍ୟରେ ତାପମାତ୍ରରେ ବୃଦ୍ଧି ଘଟିଛି। ସେହିପରି ବିହାର ଓ ତାମିଲନାଡୁ ସମେତ ୯ଟି ରାଜ୍ୟରେ ଅରେଞ୍ଜ ଆଲର୍ଟ ଜାରି କରାଯାଇଛି। ଦିଲ୍ଲୀର ଯମୁନା ନଦୀରେ ଜଳସ୍ତର ବିପଦ ସଂକେତ ଉପରେ ରହିଛି।

## ୨୦୨୪ରେ ୨ ଲକ୍ଷ ଭାରତୀୟ ନାଗରିକତା ଛାଡ଼ିଛନ୍ତି

ନୂଆଦିଲ୍ଲୀ,୮।୮(ଏଜେନ୍ସି): ୨୦୨୪ରେ ପାଖାପାଖି ୨ ଲକ୍ଷ ଭାରତୀୟ ନାଗରିକତା ତ୍ୟାଗ କରିଛନ୍ତି। ବୈଦେଶିକ ରାଷ୍ଟ୍ରମନ୍ତ୍ରୀ କୀର୍ତ୍ତିବର୍ଦ୍ଧନ ସିଂ ଲୋକସଭାରେ ଶୁକ୍ରବାର ଏହି ସୂଚନା ଦେଇଛନ୍ତି। ୨, ୦୬,୩୭୮ଜଣ ବ୍ୟକ୍ତିଗତ କାରଣ ଦର୍ଶାଇ ନାଗରିକତା ଛାଡ଼ି ଅନ୍ୟ ଦେଶର ନାଗରିକତା ଗ୍ରହଣ କରିଛନ୍ତି। ୨୦୨୦ ମସିହା ତୁଳନାରେ ୨୦୨୪ରେ ପାଖାପାଖି ଅଢ଼େଇ ଗୁଣା ଲୋକ ଦେଶ ଛାଡ଼ିଛନ୍ତି। କଂଗ୍ରେସ ସାଂସଦ କେସି ବେଣୁଗୋପାଳଙ୍କ ପ୍ରଶ୍ନର ଉତ୍ତର ଦେଇ କୀର୍ତ୍ତି ଏହି ତଥ୍ୟ ଦେଇଛନ୍ତି। ୨୦୨୦ରେ ୮୫,୨୫୬, ୨୦୨୧ରେ ୧,୬୩, ୩୭୦, ୨୦୨୨ରେ ୨,୨୫,୬୨୦ ଏବଂ ୨୦୨୩ରେ ୨,୧୬,୨୧୯ ଲୋକ ଭାରତର ନାଗରିକତା ଛାଡ଼ିଛନ୍ତି। ପୂର୍ବରୁ ୨୦୧୧ରେ ଏହି ସଂଖ୍ୟା ୧,୨୨,୮୧୯, ୨୦୧୨ରେ ୧,୨୦,୯୨୩ ଓ ୨୦୧୪ରେ ୧,୨୯,୩୨୮ ଭାରତୀୟ ନାଗରିକତା ପରିତ୍ୟାଗ କରିଥିଲେ।

## ପୁତିନଙ୍କ ସହ ଫୋନ୍‌ରେ କଥା ହେଲେ ମୋଦୀ

# 'ଭାରତରେ ଆପଣଙ୍କୁ ସ୍ୱାଗତ କରିବାକୁ ଉତ୍ସାହିତ ଅଛୁ'



ନୂଆଦିଲ୍ଲୀ, ୮।୮(ଏଜେନ୍ସି): ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଶୁକ୍ରବାର ରୁଷ୍ ରାଷ୍ଟ୍ରପତି ଭ୍ଲାଦିମିର ପୁତିନଙ୍କ ସହ ଫୋନରେ କଥା ହୋଇଛନ୍ତି। ଆମେରିକାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଟାରିଫ ବିବାଦ ଚାଲିଥିବା ବେଳେ ଏହା ଦୁଇ ଦେଶ ପାଇଁ ବିଶେଷ ଗୁରୁତ୍ୱ ବହନ କରୁଛି। ଦୁଇ ଦେଶ ମଧ୍ୟରେ ସମ୍ପର୍କକୁ ଆହୁରି ମଜଭୁତ କରିବାକୁ ଦୁଇ ନେତା ସେମାନଙ୍କ ପ୍ରତିବଦ୍ଧତା ଦୋହରାଇଛନ୍ତି। ପୁତିନଙ୍କ ସହ କଥା ହେବା ନେଇ ମୋଦୀ ସାମାଜିକ ଗଣମାଧ୍ୟମ 'ଏକ୍ସ'ରେ ପୋଷ୍ଟ କରି ସୂଚନା ଦେଇଛନ୍ତି। ଫୋନ୍‌ରେ ଭଲ ଭାବେ ବିସ୍ତୃତ ଭାବେ କଥା ହୋଇଥିଲୁ। ସେହିପରି ୟୁକ୍ରେନ୍ ସମ୍ପର୍କରେ ସୂଚନା ଦେଇଥିବାରୁ ପୁତିନଙ୍କୁ ଧନ୍ୟବାଦ ଜଣାଇଥିଲି। ପରସ୍ପର ମଧ୍ୟରେ ସହଯୋଗ ବୃଦ୍ଧି କରିବା ସହ ରଣନୈତିକ ସହଭାଗିତା ଆହୁରି ଦୃଢ଼ କରିବା ନେଇ ପ୍ରତିବଦ୍ଧତାକୁ ଦୋହରାଇଥିଲୁ। ଭାରତରେ ଆପଣଙ୍କୁ ସ୍ୱାଗତ କରିବାକୁ ଆମେ ଉତ୍ସାହିତ ଅଛୁ ବୋଲି ମୋଦି ଫୋନ୍‌ରେ ପୁତିନକୁ କହିଥିଲେ। ଏବର୍ଷ ପୁତିନଙ୍କ ଭାରତ ଗସ୍ତକୁ ଅପେକ୍ଷା କରିଛି ବୋଲି ମୋଦୀ ଉଲ୍ଲେଖ କରିଛନ୍ତି।

ଗୋଟିଏ ଦିନ ପୂର୍ବରୁ ଭାରତର ରାଷ୍ଟ୍ରୀୟ ନିରାପତ୍ତା ଉପଦେଷ୍ଟା (ଏନ୍‌ଏସ୍‌ଏ) ଅଜିତ ଡୋଭାଲ ମଧ୍ୟ ପୁତିନଙ୍କୁ ମସ୍କୋରେ ଭେଟିଥିଲେ। ଡୋଭାଲ ପ୍ରତିରକ୍ଷା, ଆର୍ଥିକ ଓ ଶକ୍ତି କ୍ଷେତ୍ରରେ ସହଯୋଗ ନେଇ ପୁତିନଙ୍କ ଆଲୋଚନା କରିଥିଲେ। ପୁତିନ ଚଳିତବର୍ଷ ଶେଷ ସପ୍ତାହରେ ଭାରତ ଆସିବେ। ଏହାପୂର୍ବରୁ ଡୋଭାଲ ରୁଷ୍ ପ୍ରତିରକ୍ଷା ମନ୍ତ୍ରୀ ସର୍ଗେଇ ଶୋଝଗୁଙ୍କ ମଧ୍ୟ ଭେଟିଥିଲେ। ଏବେ ଦୁଇ ଦେଶ ମଧ୍ୟରେ ସମ୍ପର୍କରେ ଯଥେଷ୍ଟ ଉନ୍ନତି ହୋଇଛି ଓ ଏହାକୁ ଆମେ ସମ୍ମାନ କରୁଛୁ। ଦୁଇ ଦେଶ ମଧ୍ୟରେ ଏକ ଦୃଢ଼ ତଥା ଉତ୍ତମ ବୁଝାମଣା ରହିଛି ଓ ଏହାକୁ ଆଗେଇ ନେବୁ ବୋଲି ଡୋଭାଲ ସାକ୍ଷାତ ଅବସରରେ ଶୋଇଗୁଙ୍କୁ କହିଛନ୍ତି। ପୁତିନ ୨୦୨୧ ଡିସେମ୍ବର ୬ରେ ଶେଷଥର ପାଇଁ ଭାରତ ଆସିଥିଲେ ଓ ମାତ୍ର ୪ ଘଣ୍ଟା ରହିଥିଲେ। ସେତେବେଳେ ଭାରତ ଓ ରୁଷ୍ ମଧ୍ୟରେ ୨୮ଟି ବୁଝାମଣା ନେଇ ଚୁକ୍ତି ହୋଇଥିଲା ଓ ଦସ୍ତଖତ ହୋଇଥିଲା। ୨୦୨୨ରେ ୟୁକ୍ରେନ ବିପକ୍ଷରେ ଯୁଦ୍ଧ ଆରମ୍ଭ ହେବା ପରେ ପୁତିନ ପ୍ରଥମଥର ପାଇଁ ଭାରତ ଗସ୍ତରେ ଆସିବେ।

## ବ୍ରାଜିଲ ରାଷ୍ଟ୍ରପତିଙ୍କ ସହ ଆଲୋଚନା

ବ୍ରାଜିଲ ରାଷ୍ଟ୍ରପତି ଲୁଲା ଡା ସିଲ୍‌ଭା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସହ ଫୋନ୍‌ରେ କଥା ହୋଇଛନ୍ତି। ଏହି ଅବସରରେ ଗତ ମାସରେ ମୋଦୀଙ୍କ ବ୍ରାଜିଲ ଗସ୍ତ ନେଇ ଚର୍ଚ୍ଚା କରିଥିଲେ। ଏଥିରେ ଦୁଇ ନେତା ବାଣିଜ୍ୟ, ବୈଷୟିକ ଜ୍ଞାନ କୌଶଳ, ଶକ୍ତି, ପ୍ରତିରକ୍ଷା ଓ କୃଷି ନେଇ ଆପୋସ ବୁଝାମଣା ଓ ସହମତିକୁ ଆହୁରି ଦୃଢ଼ କରିବାକୁ ସମ୍ମତି ପ୍ରକାଶ କରିଥିଲେ। ଦୁଇ ନେତା ଭାରତ ଓ ବ୍ରାଜିଲ ମଧ୍ୟରେ ରଣନୈତିକ ସହଭାଗିତାକୁ ଆହୁରି ଆଗକୁ ବୃଦ୍ଧି କରିବା ନେଇ ପ୍ରତିଶ୍ରୁତିବଦ୍ଧତାକୁ ଦୋହରାଇଥିଲେ। ସେହିପରି ଆଞ୍ଚଳିକ ଓ ବିଶ୍ୱସ୍ତରରେ ଚାଲିଥିବା ବିଭିନ୍ନ ପ୍ରସଙ୍ଗକୁ ନେଇ ମଧ୍ୟ ଦୁହେଁ ଆଲୋଚନା କରିଥିଲେ। ଉଲ୍ଲେଖଥାଉ କି, ବୁଧବାର ଲୁଲା ଟ୍ରମ୍ପ ଦେଇଥିବା ଆଲୋଚନା ପ୍ରସ୍ତାବକୁ ପ୍ରତ୍ୟାଖାନ କରିଥିଲେ। ଟାରିଫ୍ ସମ୍ପର୍କରେ ଟ୍ରମ୍ପଙ୍କ ସହ କଥା ନ ହୋଇ ମୋଦୀଙ୍କ ସହ କଥା ହେବେ ବୋଲି କହିଥିଲେ। ଟ୍ରମ୍ପ ଭାରତ ଓ ବ୍ରାଜିଲ ଉପରେ ୫୦ ପ୍ରତିଶତ ଟାରିଫ ଲାଗୁ କରିବାକୁ ଘୋଷଣା କରିସାରିଛନ୍ତି।

ଉତ୍ତରକାଶୀ ବିପତ୍ତି

# ୮୦ ଏକର ଜମିରେ ଆବର୍ଜନାର ପାହାଡ଼

ଡେରାଡୁନ୍, ୮।୮(ଏଜେନ୍ସି): ଉତ୍ତରାଖଣ୍ଡର ଉତ୍ତରକାଶୀ ଜିଲ୍ଲାର ଧରାଲୀ ଗାଁରେ ହୋଇଥିବା ପ୍ରାକୃତିକ ବିପର୍ଯ୍ୟୟକୁ ୪ ଦିନ ବିତି ଗଲାଣି। ଏବେ ମଧ୍ୟ ୧୦୦ରୁ ୧୫୦ ଲୋକ ନିଖୋଜ ରହିଛନ୍ତି। ଏମାନେ ସବୁ କାଦୁଅ ଓ ଆବର୍ଜନା ମଧ୍ୟରେ ଚାପି ହୋଇଥିବା ଆଶଙ୍କା କରାଯାଉଛି। ସମ୍ପୂର୍ଣ୍ଣ ଭାବେ ଉଦ୍ଧାର କାର୍ଯ୍ୟ ଆରମ୍ଭ ହେବାକୁ ଆହୁରି ୪ ଦିନ ସମୟ ଲାଗିବ। ଧରାଲୀର ୮୦ ଏକର ଜମିରେ ୨୦ରୁ ୫୦ ଫୁଟ ପର୍ଯ୍ୟନ୍ତ କାଦୁଅ ଓ ଆବର୍ଜନା ଜମି ରହିଛି। ଏହାକୁ ହଟାଇବା ପାଇଁ ମାତ୍ର ୩ଟି ଜେସିବି ମେସିନ ନିୟୋଜିତ ହୋଇଛି। ଏହି ଆବର୍ଜନା ତଳେ ଚାପି ହୋଇଥିବା ଲୋକଙ୍କୁ ଠାବ କରିବା ପାଇଁ ହାଇଟେକ ଥର୍ମାଲ ସେନସିଂ ଉପକରଣର ଆବଶ୍ୟକତା ରହିଛି। କିନ୍ତୁ ଏହି ସବୁ ମେସିନ ତଥା ଉପକରଣ ୬୦ କିମି ଦୂରରେ ଥିବା ଭଟବାଡି ରାସ୍ତା ବନ୍ଦ ହେବା କାରଣରୁ ସେଠାରେ ଦୁଇ ଦିନ ଧରି ଅଟକି ରହିଛି। ଧରାଲୀରୁ ଶୁକ୍ରବାର ୫୩ ଜଣ ଲୋକଙ୍କୁ ଉଦ୍ଧାର କରାଯାଇଛି। ଉତ୍ତରକାଶୀ ଜିଲ୍ଲାରୁ ଏପର୍ଯ୍ୟନ୍ତ ୫୬୬ ଜଣ ଲୋକଙ୍କୁ ସୁରକ୍ଷିତ ସ୍ଥାନକୁ ନିଆଯାଇଛି। ଉଦ୍ଧାର କାର୍ଯ୍ୟରେ ଭାରତୀୟ ସେନା ଓ ହେଲିକପ୍ଟର ମଧ୍ୟ ନିୟୋଜିତ ହୋଇଛି। ମହାରାଷ୍ଟ୍ରର ୧୫୧ ଜଣ ପର୍ଯ୍ୟଟକ ଏପର୍ଯ୍ୟନ୍ତ ଫସି ରହିଛନ୍ତି। ସେନା ଓ ଏନ୍‌ଡିଆରଏଫ୍ ଟିମ୍ ୨ ଦିନରେ ୩୦୭ ପର୍ଯ୍ୟଟକଙ୍କୁ ଉଦ୍ଧାର କରିଛନ୍ତି। ଏହି ବିପତ୍ତି କାରଣରୁ ବଦ୍ରିନାଥ ଯାତ୍ରା ପାଇଁ ପଞ୍ଜିକରଣକୁ ଓ କେଦାରନାଥ ଯାତ୍ରାକୁ ରୋକା ଯାଇଛି।

ଉତ୍ତରକାଶୀରୁ ଗଙ୍ଗୋତ୍ରୀ ଯିବାକୁ ହେଲେ ମାତ୍ର ଗୋଟିଏ ସଡକ ଉପଲବ୍ଧ ରହିଛି ଓ ଏହା ଧରାଲୀ ଦେଇ ଯାଉଛି। ହର୍ଷୀଲରୁ ଧରାଲୀ ପର୍ଯ୍ୟନ୍ତ ୩ କିମି ଲମ୍ବ ରାସ୍ତାର ୪ଟି ସ୍ଥାନରେ ୧୦୦ରୁ ୧୫୦ମିଟର ଲମ୍ବର ସଡକ ନଷ୍ଟ ହୋଇଛି। ସେହିପରି ଭଟବାଡୀରୁ ହର୍ଷୀଲ ପର୍ଯ୍ୟନ୍ତ ଥିବା ରାସ୍ତାରେ ୩ ସ୍ଥାନରେ ଭୂସ୍ଖଳନ ହୋଇଛି। ତେଣୁ ଧରାଲୀ ପର୍ଯ୍ୟନ୍ତ ରାସ୍ତା ସଫା ଓ ଖୋଲିବାକୁ ଆହୁରି ୪ ଦିନ ଲାଗିବ।



ବାଦଲ ଫଟା ବର୍ଷା ଜନିତ ବନ୍ୟା, ଭୂସ୍ଖଳନ ଭଳି ପ୍ରାକୃତିକ ବିପର୍ଯ୍ୟୟ ଉତ୍ତରାଖଣ୍ଡର ଉତ୍ତରକାଶୀ ଜିଲ୍ଲାକୁ ଏକପ୍ରକାର ଧ୍ୱଂସ ସ୍ତୁପରେ ପରିଣତ କରିଛି। ମଙ୍ଗଳବାର ଆସିଥିବା ଏହି ବନ୍ୟା ଓ କାଦୁଅ ସୁଅରେ ଉତ୍ତରକାଶୀର ଧରାଲୀ ଓ ହର୍ଶୀଲ ଗାଁ ସମ୍ପୂର୍ଣ୍ଣ ଭାବେ ମାଟିରେ ମିଶିଯାଇଥିଲା। ଉଦ୍ଧାର କାର୍ଯ୍ୟ ଚାଲୁ ରହିଛି।୨୭୪ ଜଣ ପର୍ଯ୍ୟଟକଙ୍କୁ ଉଦ୍ଧାର କରାଯାଇଛି। ମଙ୍ଗଳବାର ଅପରାହ୍ନ ୧.୪୫ରେ ବାଦଲ ଫଟା ବର୍ଷା କାରଣରୁ ଖୀର ଗଙ୍ଗା ନଦୀରେ ଭୟଙ୍କର ବନ୍ୟା ଆସିଥିଲା।

## ସେନା ଓ ବାୟୁସେନାକୁ ମିଳିବ ୨୦୦ ନୂଆ ହେଲିକପ୍ଟର

ନୂଆଦିଲ୍ଲୀ, ୮।୮(ଏଜେନ୍ସି): ଭାରତୀୟ ସେନା ଓ ବାୟୁସେନାକୁ ଏବେ ୨୦୦ଟି ନୂଆ ହେଲିକପ୍ଟର ମିଳିବ। ପୁରୁଣା ଚେତକ ଓ ଚିତାକୁ ହଟାଇ ନୂଆ ହେଲିକପ୍ଟର କ୍ରୟ କରାଯିବା ନେଇ ପ୍ରସ୍ତୁତି ଚାଲିଛି। ଏଥିପାଇଁ ପ୍ରତିରକ୍ଷା ମନ୍ତ୍ରଣାଳୟ ରିକ୍ୱେଷ୍ଟ ଫର ଇନଫର୍ମେସନ (ଆରଏଫ୍‌ଆଇ) ଜାରି କରିଛି। ଏଗୁଡିକ ମଧ୍ୟରୁ ୧୨୦ ହେଲିକପ୍ଟର ଭାରତୀୟ ସେନାକୁ ଓ ୮୦ଟି ବାୟୁସେନାକୁ ପ୍ରଦାନ କରାଯିବ। ଏହି ହେଲିକପ୍ଟର ଉଭୟ ଦିନ ଓ ରାତିରେ କାର୍ଯ୍ୟ କରିବାର ଦକ୍ଷତା ରଖୁଛି। ପ୍ରତିରକ୍ଷା ମନ୍ତ୍ରଣାଳୟ ବୈଷୟିକ ଆବଶ୍ୟକାତ ପୂରଣ କରିବା ସହ କିଣିବା ପ୍ରକ୍ରିୟାରେ ନିଷ୍ପତ୍ତି ନେଇଥାଏ। ଏଥିରେ ଭାରତୀୟ କମ୍ପାନୀଗୁଡିକୁ ସାମିଲ କରାଯିବ। ଏହି କମ୍ପାନୀଗୁଡିକ ବିଦେଶୀ କମ୍ପାନୀଗୁଡିକ ସହ ମିସିକରି ହେଲିକପ୍ଟର ନିର୍ମାଣ କରିବ। ପ୍ରତିରକ୍ଷା ମନ୍ତ୍ରଣାଳୟ ମଧ୍ୟ ବିଭିନ୍ନ ପ୍ରକାର ହେଲିକପ୍ଟର କ୍ରୟ କରିବାକୁ ଯୋଜନା କରୁଛି। ଏଗୁଡିକ ମଧ୍ୟରେ ନିମ୍ନସ୍ତରୀୟ ରାଡାର, ହାଲକା ଲଢୁଆ ବିମାନ (ଏଲ୍‌ଏସି), ମଲ୍ଟି ରୋଲ ହେଲିକପ୍ଟର ଓ ମିଡ୍ ଏୟାର ରିଫୁଏଲିଂ ଏୟାରକ୍ରାଫ୍ଟ ସାମିଲ ରହିଛି।

# ଗାଜା ସିଟିକୁ କବ୍‌ଜା କରିବ ଇସ୍ରାଏଲ୍

ତେଲ ଅଭିଭ୍, ୮।୮(ଏଜେନ୍ସି): ଇସ୍ରାଏଲ ସମ୍ପୂର୍ଣ୍ଣ ଭାବେ ଗାଜା ସିଟିକୁ କବଜା କରିବାକୁ ଯୋଜନା କରିଛି। ଏ ନେଇ ଇସ୍ରାଏଲର ପ୍ରତିରକ୍ଷା କ୍ୟାବିନେଟ୍ ସେନାକୁ ମଞ୍ଜୁରୀ ପ୍ରଦାନ କରିଛି। ଶୁକ୍ରବାର ଗାଜା ପଟିର ଉତ୍ତରାଞ୍ଚଳରେ ଥିବା ଗାଜା ସିଟିକୁ ଅକ୍ତିଆର କରିବାକୁ ଇସ୍ରାଏଲ ସେନା ଅନୁମତି ପାଇଛି। ପ୍ରଧାନମନ୍ତ୍ରୀ ବେଞ୍ଜାମିନ ନେତାନ୍ୟାହୁ ଏ ସଂକ୍ରାନ୍ତରେ ବିବୃତ୍ତି ଦେଇଛି। ଏହି ନିଷ୍ପତ୍ତି ନେବାକୁ କ୍ୟାବିନେଟ୍‌ରେ ଦୀର୍ଘ ୧୦ ଘଣ୍ଟା ଧରି ଆଲୋଚନା ହୋଇଥିଲା। କ୍ୟାବିନେଟର ଅଧିକାଂଶ ସଦସ୍ୟ ଇସ୍ରାଏଲର ଏହି ଯୋଜନାକୁ ସପକ୍ଷରେ ମତ ଦେଇଛନ୍ତି ବୋଲି ନେତାନ୍ୟାହୁଙ୍କ କାର୍ଯ୍ୟାଳୟ ତରଫରୁ ସୂଚନା ଦିଆଯାଇଛି। ଗାଜାର ୭୫ ପ୍ରତିଶତ ଅଞ୍ଚଳ ଏବେ ଇସ୍ରାଏଲ ସେନା ଅଧିନ ତଥା ନିୟନ୍ତ୍ରଣରେ ରହିଛି। ତେବେ ୨୫ ପ୍ରତିଶତ ଅଞ୍ଚଳ ସେନା ଅକ୍ତିଆରରେ ନାହିଁ। ପୂର୍ବରୁ ନେତାନ୍ୟାହୁ ସମ୍ପୂର୍ଣ୍ଣ ଗାଜା ପଟି ବିଷୟରେ ମନ୍ତବ୍ୟ ଦେଇଥିଲେ। କିନ୍ତୁ ତାଙ୍କ କାର୍ଯ୍ୟାଳୟ ତରଫରୁ ଦିଆଯାଇଥିବା ବିବୃତ୍ତିରେ ଏଥର କେବଳ ଗାଜା ସିଟି ବିଷୟରେ ଉଲ୍ଲେଖ କରାଯାଇଛି। ଗାଜାରେ ଚାଲିଥିବା ଯୁଦ୍ଧ ବନ୍ଦ କରିବାକୁ ଇସ୍ରାଏଲ ହମାସ ଆଗରେ ୫ଟି ପ୍ରମୁଖ ସର୍ତ୍ତ ରଖିଛି। ଏବେ ଗାଜାରେ ଚାଲିଥିବା ଯୁଦ୍ଧ କାରଣରୁ ନାହିଁ ନଥିବା ସ୍ଥିତି ଉପୁଜିଛି। ପ୍ରତିଦିନ ୨୮ ଜଣ ଛୋଟ ପିଲା ପ୍ରାଣ ହରାଉଛନ୍ତି ଓ ଏପର୍ଯ୍ୟନ୍ତ ୧୮ ହଜାର ପିଲା ମୃତ୍ୟୁବରଣ କରିସାରିଲେଣି। ୨୦୨୩ ଅକ୍ଟୋବର ୭ରୁ ଆରମ୍ଭ ହୋଇଥିବା ଏହି ଯୁଦ୍ଧରେ ଏପର୍ଯ୍ୟନ୍ତ ପାଖାପାଖି ୬୧, ୦୦୦ ଲୋକ ମୃତ୍ୟୁବରଣ କଲେଣି। ସେହିପରି ଦେଢ ଲକ୍ଷ ଲୋକ ଆହତ ହୋଇଛନ୍ତି।

## ଓଆଇସି ବୈଠକ ଡାକିଲା ଇରାନ୍

ତେହେରାନ, ୮।୮(ଏଜେନ୍ସି): ମଧ୍ୟପ୍ରାଚ୍ୟରେ ଖାସ୍ କରି ଗାଜାରେ ଇସ୍ରାଏଲ୍ ଆକ୍ରମଣ ଯୋଗୁଁ ସୃଷ୍ଟି ହୋଇଥିବା ମାନବୀୟ ସଂକଟକୁ ଦୃଷ୍ଟିରେ ରଖି ଇରାନ ଅର୍ଗାନାଇସେନ ଅଫ୍ ଇସ୍‌ଲାମିକ କୋପରେସନ (ଓଆଇସି) ବୈଠକ ଡାକିଛି। ଇରାନ ବୈଦେଶିକ ମନ୍ତ୍ରୀ ଆବାସ ଆରାଚି ଆନୁଷ୍ଠାନିକ ଭାବେ ଏହି ବୈଠକ ଡାକିଛନ୍ତି। ସେ ଏହିକ୍ରମରେ ଓଆଇସି ସାଧାରଣ ସମ୍ପାଦକ ହୁସେନ ଇବ୍ରାହିମ ତାହାଙ୍କୁ ଚିଠି ଲେଖିଛନ୍ତି। ଗାଜାରେ ମାନବିକତାର ହତ୍ୟା ହେଉଛି। ଗାଜାକୁ ନିଜ ଅକ୍ତିଆରକୁ ନେବାକୁ ଇସ୍ରାଏଲ ଯୋଜନାବଦ୍ଧ ଭାବେ କାର୍ଯ୍ୟ କରୁଛି ବୋଲି ସେ କହିଛନ୍ତି। ସେଠାରେ ଛୋଟ ପିଲାମାନେ ଅନାହାରରେ ମୃତ୍ୟୁବରଣ କରୁଛନ୍ତି। ତେଣୁ ଏହାକୁ ବିରୋଧ କରିବାକୁ ଓଆଇସି ବୈଠକରେ ନିର୍ଣ୍ଣାୟକ ନିଷ୍ପତ୍ତି ନେବାର ଆବଶ୍ୟକତା ରହିଛି ବୋଲି ଆବାସ କହିଛନ୍ତି।

## ୨୦୨୪ରେ ଭାରତରେ ୧୫ ଲକ୍ଷ କର୍କଟ ମାମଲା

ନୂଆଦିଲ୍ଲୀ, ୮।୮(ଏଜେନ୍ସି): ଭାରତରେ କର୍କଟ ରୋଗୀଙ୍କ ସଂଖ୍ୟା ବୃଦ୍ଧି ପାଇବାରେ ଲାଗିଛି। ୨୦୨୪ରେ ଭାରତରେ ୨୫ ଲକ୍ଷ କର୍କଟ ମାମଲା ଚିହ୍ନଟ ହୋଇଛି ବୋଲି କେନ୍ଦ୍ର ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ପ୍ରତାପରାଓ ଯାଦବ କହିଛନ୍ତି। ଗତବର୍ଷ ୧୫, ୩୩, ୦୫୫ ଲୋକ କର୍କଟ ପୀଡିତ ହୋଇଛନ୍ତି ବୋଲି ଇଣ୍ଡିଆନ୍ କାଉନସିଲ ଅଫ୍ ମେଡିକାଲ ରିସର୍ଚ୍ଚ ସୂଚନା ଦେଇଛି। କିନ୍ତୁ ୨୦୧୯ରେ ଏହି ସଂଖ୍ୟା ୧୩.୫ ଥିଲା। ସେହିପରି ୨୦୨୦ରେ ଏହା ୧୩.୯ ଲକ୍ଷ, ୨୦୨୧ରେ ଏହା ୧୪.୨ ଲକ୍ଷ, ୨୦୨୨ରେ ଏହା ୧୪.୬ ଲକ୍ଷ ଏବଂ ୨୦୨୩ରେ ଏହି ସଂଖ୍ୟା ୧୪.୯ ଲକ୍ଷରେ ପହଞ୍ଚିଥିଲା। ପୁଣି କେବଳ ୨୦୨୩ରେ ୮.୨ ଲକ୍ଷ ଲୋକ କର୍କଟରେ ପୀଡିତ ହୋଇ ମୃତ୍ୟୁବରଣ କରିଛନ୍ତି। ୨୦୧୯ ପରେ ଏହି ସଂଖ୍ୟା ସର୍ବାଧିକ ବୋଲି କୁହାଯାଇଛି। ସେହିପରି ୨୦୧୯, ୨୦୨୦, ୨୦୨୧ ଓ ୨୦୨୨ରେ ଯଥାକ୍ରମେ ୭.୫, ୭.୭, ୭.୮ ଓ ୮ ଲକ୍ଷ ଲୋକ ଏହି ରୋଗରେ ପ୍ରାଣ ହରାଇଥିଲେ।

## ଭାରତରେ ଜନ୍ମ ହୋଇନଥିବା ଲୋକ ଭୋଟ୍ ଦେଇପାରିବେନି: ଶାହା

ନୂଆଦିଲ୍ଲୀ, ୮।୮(ଏଜେନ୍ସି): କେନ୍ଦ୍ର ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା ବିହାରରେ ଏସ୍‌ଆଇଆର (ସ୍ୱତନ୍ତ୍ର ଭୋଟର ତାଲିକା ସଂଶୋଧନ) ନେଇ ଚାଲିଥିବା ବିବାଦ ଉପରେ ମତ ରଖିଛନ୍ତି। ଏସଆଇଆରକୁ ବିରୋଧୀ ଦଳଗୁଡ଼ିକ ତରଫରୁ ବିରୋଧ କରାଯାଉଛି। ଅନୁପ୍ରବେଶକାରୀମାନେ ହିଁ ମହାଗଠବନ୍ଧନ(ଇଣ୍ଡି ମେଣ୍ଟ)ର ଭୋଟ ବ୍ୟାଙ୍କ। ତେଣୁ ଏସଆଇଆର କାରଣରୁ ବିରୋଧୀଙ୍କ ଚିନ୍ତା ଓ ସମସ୍ୟା ବଢ଼ିଯାଇଛି ବୋଲି ସେ କହିଛନ୍ତି। ଏହି କ୍ରମରେ ସେ ବରିଷ୍ଠ କଂଗ୍ରେସ ନେତା ରାହୁଲ ଗାନ୍ଧୀ ଓ ଆରଜେଡି ସୁପ୍ରିମୋ ଲାଲୁ ଯାଦବଙ୍କୁ ସମାଲୋଚନା କରିଛନ୍ତି। ଯେଉଁମାନେ ଭାରତରେ ଜନ୍ମ ଗ୍ରହଣ କରିନାହାନ୍ତି, ସେମାନଙ୍କୁ ଭୋଟ ଦେବାର ଅଧିକାର ନାହିଁ। ଦେଶ ଭିତରକୁ ଅନୁପ୍ରବେଶ କରିଥିବା ଲୋକମାନେ ହେଉଛନ୍ତି ଗଠବନ୍ଧନର ଭୋଟ ବ୍ୟାଙ୍କ୍। ତେଣୁ ଏସ୍‌ଆଇଆରକୁ ନେଇ ଏମାନେ ପ୍ରଶ୍ନ ଉଠାଉଛନ୍ତି ବୋଲି ସେ କହିଛନ୍ତି। ଶାହା ଓ ବିହାର ମୁଖ୍ୟମନ୍ତ୍ରୀ ନୀତୀଶ କୁମାର ଶୁକ୍ରବାର ସୀତାମାଢ଼ିରେ ମାତା ଜାନକୀ ମନ୍ଦିରର ଭୂମିପୂଜନ କରିଥିଲେ। ଉପ- ମୁଖ୍ୟମନ୍ତ୍ରୀ ସମ୍ରାଟ ଚୌଧୁରୀ ମଧ୍ୟ ଉପସ୍ଥିତ ଥିଲେ। ଏହି ଅବସରରେ ଏକ କାର୍ଯ୍ୟକ୍ରମକୁ ସମ୍ବୋଧିତ କରି ନୀତୀଶ ପୁରୁଣା ସରକାରଙ୍କ ନୀତିକୁ ନେଇ ସମାଲୋଚନା କରିଥିଲେ। ସେହିପରି ଶାହା ଏସ୍‌ଆଇଆରଠାରୁ ଆରମ୍ଭ କରି ଅପରେସନ ସିନ୍ଦୂର ପର୍ଯ୍ୟନ୍ତ ନିଜର ମତ ଉପସ୍ଥାପନ କରିଥିଲେ। ଆଗାମୀ ବିଧାନସଭା ନିର୍ବାଚନରେ ଏନ୍‌ଡିଏ ସ୍ପଷ୍ଟ ବହୁମତରେ ବିଜୟୀ ହୋଇ ପୁଣି ସରକାର ଗଠନ କରିବ ବୋଲି ଶାହା କହିଛନ୍ତି।


## 'ଭୋଟ୍ ଚୋରାଇ ବିଜେପି ସରକାର ଗଢ଼ିଛି'



**ବିଜେପି ୨୫ଟି ସିଟ୍‌ରେ ୩୫ ହଜାର କିମ୍ବା କମ୍ ଭୋଟ୍‌ରେ ଜିତିଛି: ରାହୁଲ**

ନୂଆଦିଲ୍ଲୀ, ୮।୮(ଏଜେନ୍ସି): କଂଗ୍ରେସ ନେତା ରହୁଲ ଗାନ୍ଧୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଓ ବିଜେପିକୁ ପୁଣି ସମାଲୋଚନା କରିଛନ୍ତି। ମୋଦୀ ଭୋଟ ଚୋରାଇ ପ୍ରଧାନମନ୍ତ୍ରୀ ହୋଇଛନ୍ତି। ନିର୍ବାଚନ କମିଶନ ଆମକୁ ଇଲେକଟ୍ରୋନିକ ଡାଟା ପ୍ରଦାନ କରନ୍ତି, ତାହେଲେ ଆମେ ଏହାକୁ ପ୍ରମାଣ କରିପାରିବୁ ବୋଲି ସେ କହିଛନ୍ତି। ମୋଦୀ ୨୫ ସିଟ୍ ଅନ୍ତରରେ ପ୍ରଧାନମନ୍ତ୍ରୀ ହୋଇଛନ୍ତି। କିନ୍ତୁ ୨୫ଟି ସିଟ୍‌ରେ ବିଜେପି ୩୫ ହଜାର କିମ୍ବା ତା'ଠାରୁ କମ୍ ଭୋଟ୍‌ରେ ବିଜୟୀ ହୋଇଛି। ତେଣୁ ଭୋଟ ଚୋରାଇ ମୋଦୀ ପ୍ରଧାନମନ୍ତ୍ରୀ ପଦ ଅଳଙ୍କୃତ କରିଛନ୍ତି ବୋଲି ସେ ଅଭିଯୋଗ କରିଛନ୍ତି। କମିଶନ ଗତ ୧୦ ବର୍ଷର ଦେଶର ସବୁ ଇଲେକଟ୍ରୋନିକ ଭୋଟର ତାଲିକା ଓ ଭିଡିଓଗ୍ରାଫି ଦେବା ଆବଶ୍ୟକ। ଯଦି କମିଶନ ଏହା ନ ଦେବେ, ତେବେ ଏହାକୁ ଅପରାଧ ବୋଲି ବିବେଚନା କରାଯିବ। କମିଶନ ବିଜେପିକୁ ଭୋଟ ଚୋରି କରିବାର ସୁଯୋଗ ଦେଉଛି। ତେଣୁ ନିର୍ବାଚନ କମିଶନଙ୍କୁ ସାରା ଦେଶ ଭୋଟରଙ୍କ ତଥ୍ୟ ମାଗିବା ଆବଶ୍ୟକ ବୋଲି ସେ କହିଛନ୍ତି। ବେଙ୍ଗାଲୁରୁରେ ଫ୍ରିଡମ୍ ପାର୍କରେ ଆୟୋଜିତ କଂଗ୍ରେସର 'ଭୋଟ ଅଧିକାର ରାଲି'ରେ ଯୋଗ ଦେଇ ସେ ଏହି କଥା କହିଛନ୍ତି। ଏହି ଅବସରରେ ତାଙ୍କ ସହ କଂଗ୍ରେସ ସଭାପତି ମଲ୍ଲିକାର୍ଜୁନ୍ ଖଡ୍‌ଗେ ଉପସ୍ଥିତ ଥିଲେ।

# ୪ ମହିଳାଙ୍କ ଜାଲରେ ଫସି ୯ କୋଟି ହରାଇଲେ ୮୦ ବର୍ଷୀୟ ବୃଦ୍ଧ



ମୁମ୍ବଇ, ୮।୮(ଏଜେନ୍ସି): ସାମାଜିକ ଗଣମାଧ୍ୟମରେ ବନ୍ଧୁତ୍ୱ ସ୍ଥାପନ କରି ଜଣେ ୮୦ ବର୍ଷୀୟ ବରିଷ୍ଠ ନାଗରିକ ପାଖାପାଖି ୯ କୋଟି ଟଙ୍କା ହରାଇଛନ୍ତି। ଅନଲାଇନ୍‌ରେ ପ୍ରେମର ଅନ୍ୱେଷଣ ଏତେ ମହଙ୍ଗା ପଡ଼ିବ ବୋଲି ମୁମ୍ବଇର ଏହି ବରିଷ୍ଠ ନାଗରିକ କେବେ ଭାବି ନଥିଲେ। ପ୍ରେମ, ସହାନୁଭୂତି, ଖରାପ ସ୍ଥିତିର ବାହାନା କରି ୪ ମହିଳା ତାଙ୍କଠାରୁ ୮.୭କୋଟି ଟଙ୍କା ଠକି ନେଇଛନ୍ତି। ୨୧ ମାସରେ ୭୩୪ଟି ଟ୍ରାନଜାକସନ ଅର୍ଥାତ ନେଣଦେଣ କରି ସେ ଏତେ ପରିମାଣର ଟଙ୍କା ହରାଇଛନ୍ତି। ଜଣଙ୍କ ପରେ ଦ୍ୱିତୀୟ, ତୃତୀୟ ଓ ଚତୁର୍ଥ ମହିଳାଙ୍କ ଚକରରେ ପଡ଼ି ସେ ସାରା ଜୀବନରେ ଉପାର୍ଜନ କରିଥିବା ଅର୍ଥ ମାତ୍ର ୨୧ମାସରେ ହରାଇବା ପରେ ଠକାମୀର ଶିକାର ହୋଇଥିବା ହୃଦୟଙ୍ଗମ କରିଥିଲେ। ପରେ ପୁଲିସରେ ଅଭିଯୋଗ କରି ୨୧ ମାସର ଏହି କାହାଣୀ ବଖାଣି ଥିଲେ। ସାଇବର ପୁଲିସ ଏ ନେଇ ମାମଲା ରୁଜୁ କରିବା ସହ ଯାଞ୍ଚ ଆରମ୍ଭ କରିଛି।

୨୦୨୩ ଏପ୍ରିଲରେ ଶରବୀ ନାମକ ଏକ ମହିଳା ତାଙ୍କୁ ଏକ ଫ୍ରେଣ୍ଡ ରିକ୍ୱେଷ୍ଟ ପଠାଇଥିଲେ ଓ ଏହାକୁ ସେ ଆକସେପ୍ଟ କରିଥିଲେ। ଏହାପରେ ଦୁହେଁ ଚାଟିଂ ଆରମ୍ଭ କରିଥିଲେ ଓ ଦୁହେଁ ପରସ୍ପରର ଫୋନ୍ ନଂ ଦେଇଥିଲେ। ଏହାପରେ ଦୁହେଁ ହ୍ୱାଟ୍ସଆପ୍‌ରେ ଚାଟିଂ କରିଥିଲେ। ସ୍ୱାମୀଙ୍କଠାରୁ ଅଲଗା ହୋଇ ନିଜ ପିଲାଙ୍କ ସହ ରହୁଥିବା କଥା ଶରାବୀ ତାଙ୍କୁ କହିଥିଲେ। ଏହାପରେ ପିଲାଙ୍କ ଦେହ ଖରାପ୍ ଓ ବିଭିନ୍ନ ଆଳ ଦେଖାଇ ଶରାବୀ ଏହି ବରିଷ୍ଠ ନାଗରିକଙ୍କଠାରୁ ପଇସା ମାଗିଥିଲେ। କିଛି ଦିନପରେ ଶରବୀର ସମ୍ପର୍କୀୟ ଭାବେ ନିଜକୁ ଦର୍ଶାଇ କବିତା ନାମରେ ଆଉ ଜଣେ ମହିଳା ତାଙ୍କ ସହ ହ୍ୱାର୍ଟ୍ସଆପ୍‌ରେ ଯୋଗାଯୋଗ କରି ସମାନ କାହାଣୀ କହି ପଇସା ହଡପ କରିଥିଲେ। ଏହାପରେ ଗତ ଡିସେମ୍ବରରେ ଶରବୀର ଭଉଣୀର ପରିଚୟ ଦେଇ ଡିନାଜ ନାମ୍‌ରେ ଜଣେ ମହିଳା ମଧ୍ୟ ତାଙ୍କ ସମ୍ପର୍କରେ ଆସି ବିଭିନ୍ନ ଆଳ ଦେଖାଇ ପଇସା ନେଇଥିଲେ। ପୁଣି ପରେ ଡିନାଜର ବାନ୍ଧବୀ ବୋଲି ନିଜକୁ ଦର୍ଶାଇ ଜାସମିନ ନାମରେ ଜଣେ ମହିଳା ମଧ୍ୟ ବିଭିନ୍ନ ସ୍ଥିତିର ଆଳ ଦେଖାଇ ତାଙ୍କଠାରୁ ଆର୍ଥିକ ସାହଯ୍ୟ ମାଗିଥିଲେ। ତାଙ୍କୁ ମଧ୍ୟ ବୃଦ୍ଧଜଣକ ପଇସା ପଠାଇଥିଲେ। କିନ୍ତୁ କେହି ତାଙ୍କ ଟଙ୍କା ଫେରସ୍ତ କରି ନଥିଲେ। ଏହିପରି ଭାବେ ସେ ୨୦୨୩ ଏପ୍ରିଲରୁ ୨୦୨୫ ଜାନୁଆରୀ ପର୍ଯ୍ୟନ୍ତ ୭୩୪ଟି ଟ୍ରାନଜାକସନ କରି ମୋଟ୍ ୮.୭ କୋଟି ଟଙ୍କା ହରାଇଥିଲେ। ଏହାପରେ ବ୍ୟକ୍ତିଜଣକ ନିଜ ପୁଅ ଓ ବହୁଙ୍କଠାରୁ ପଇସା ମାଗିବା ପରେ ସେମାନଙ୍କର ସନ୍ଦେହ ହୋଇଥିଲା। ଫଳରେ ସେ ପୁଲିସର ସାହଯ୍ୟ ଲୋଡିଥିଲେ। ଜଣେ ବ୍ୟକ୍ତି ହିଁ ୪ ମହିଳାଙ୍କ ପରିଚୟ ଦେଇ ଏହି ଅର୍ଥ ଲୁଟିଛି। ତେବେ ତଦନ୍ତ ପରେ ସବୁ କିଛି ସ୍ପଷ୍ଟ ହେବ ବୋଲି ପୁଲିସ କହିଛି।

# ମନ୍ତ୍ରିମଣ୍ଡଳ ସମ୍ପ୍ରସାରଣ; ଏଡ଼ାଇଗଲେ ମନମୋହନ

ଭୁବନେଶ୍ୱର, ୮।୮(ସମିସ): ଆଉ ତିନିଦିନ ପରେ ରାଜ୍ୟରେ ବିଜେପି ସରକାର ଗଠନ ହେବାର ୧୪ ମାସ ପୂରିବ। ମାତ୍ର ଖାଲିଥିବା ୬ଟି ମନ୍ତ୍ରୀ ପଦ, ପ୍ରାୟ ୬୦ଟି ବିଭିନ୍ନ ନିଗମ, ବୋଡର୍, ଏକାଡ଼େମୀ ପଦ ପୂରଣ ହୋଇ ପାରିନାହିଁ। ଦୀର୍ଘ ଦିନ ପରେ ରାଜ୍ୟ ମହିଳା କମିଶନ ଓ ଶିଶୁ ଅଧିକାର ସୁରକ୍ଷା କମିଶନ ପଦ ପୂରଣ ହୋଇଥିଲେ ହେଁ ଆହୁରି ଅନେକ ପଦପଦବୀ ଖାଲି। ଯାହାକୁ ନେଇ ଦଳ ଭିତରେ ଅସନ୍ତୋଷ ଢେଉ ଖେଳୁଛି ଓ ଲବି କରିକରି ନିରାଶ ଆଶାୟୀ ମନ ଉଣାକରି ବସିଛନ୍ତି । ଏହି ସମୟରେ ଗତ କିଛିଦିନ ହେଲା ମନ୍ତ୍ରିମଣ୍ଡଳ ସମ୍ପ୍ରସାରଣ ହେବ ବୋଲି ଚର୍ଚ୍ଚା ହେଉଥିଲେ ହେଁ ଏହା ଦାନା ବାନ୍ଧି ପାରୁନାହିଁ। ଗଲା ସପ୍ତାହରେ କିଛି ଘଟଣାକ୍ରମ ପରେ ଅଗଷ୍ଟ ୧୫ ପୂର୍ବରୁ ମନ୍ତ୍ରିମଣ୍ଡଳ ସମ୍ପ୍ରସାରଣ ନିମନ୍ତେ ଚର୍ଚ୍ଚା ହେଉଥିଲା; ମାତ୍ର ଏହି ଚର୍ଚ୍ଚାର ନିଆଁରେ ପାଣି ଢ଼ାଳି ଦେଇଛନ୍ତି ରାଜ୍ୟ ବିଜେପି ସଭାପତି ମନମୋହନ ସାମଲ । ତାଙ୍କ ଦିଲ୍ଲୀ ସମୟରେ ମନ୍ତ୍ରିମଣ୍ଡଳ ସମ୍ପ୍ରସାରଣ ସଂକ୍ରାନ୍ତରେ କୌଣସି ଆଲୋଚନା ହୋଇ ନ ଥିବା ସେ ରୋକଠୋକ୍ କହିଛନ୍ତି। ତେବେ ଯେଉଁ ପ୍ରସଙ୍ଗଗୁଡ଼ିକ ସମ୍ପର୍କରେ ଓଡ଼ିଶାରେ ଆଲୋଚନା ହୋଇ ପାରିଥାଆନ୍ତା; ତାହାକୁ ଦିଲ୍ଲୀରେ କରିବାର କେଉଁ ଆବଶ୍ୟକତା ପଡ଼ିଲା ବୋଲି ଦଳୀୟ ମହଲରେ ଆଲୋଚନା ଚାଲିଛି ।

ମନମୋହନ ରାଜ୍ୟ ବିଜେପି ସଭାପତି ନିର୍ବାଚିତ ହେବା ପରେ ମନ୍ତ୍ରିମଣ୍ଡଳ ସମ୍ପ୍ରସାରଣ ଓ ବିଭିନ୍ନ ନିଗମ, ବୋଡର୍ ନିଯୁକ୍ତି ଚର୍ଚ୍ଚା ପ୍ରତିଦିନ ବଢ଼ିବାରେ ଲାଗିଛି। ଗତ ୨୯ ତାରିଖରେ ମୁଖ୍ୟମନ୍ତ୍ରୀ ମୋହନ ମାଝୀ ଓ ରାଜ୍ୟ ସଭାପତି ଶ୍ରୀ ସାମଲ ଦିଲ୍ଲୀ ଗସ୍ତରେ ଏ ସମ୍ପର୍କରେ ଚୂଡ଼ାନ୍ତ ନିଷ୍ପତ୍ତି ଗ୍ରହଣ କରାଯିବ ବୋଲି ମଧ୍ୟ କୁହାଯାଉଥିଲା। ସେହିପରି ଓଡ଼ିଶାର ବିଜେପି ସାଂସଦମାନଙ୍କର ଦୁଇଟି ଭିନ୍ନଭିନ୍ନ ବୈଠକ ଓ ବୈଠକରେ ଉପସ୍ଥିତ ରାଜ୍ୟ ବିଜେପିର ନେତାମାନଙ୍କ ଉପସ୍ଥିତି ଭିନ୍ନ ବାର୍ତ୍ତା ଦେଉଥିବା ରାଜ୍ୟରେ ଚର୍ଚ୍ଚା ହେଉଛି।

ମାତ୍ର ଏହି ସବୁ ଚର୍ଚ୍ଚାକୁ ନିରାଧାର କହିଛନ୍ତି ରାଜ୍ୟ ସଭାପତି ମନମୋହନ ସାମଲ। ସେ କହିଛନ୍ତି ଯେ ଦିଲ୍ଲୀରେ ସାଂସଦମାନଙ୍କର ବୈଠକ ଥିଲା। ରାଜ୍ୟ ପ୍ରଭାରୀଙ୍କ ସହ ମୁଖ୍ୟମନ୍ତ୍ରୀ ମୋହନ ମାଝୀ, ଉପମୁଖ୍ୟମନ୍ତ୍ରୀ କନକବର୍ଦ୍ଧନ ସିଂହଦେଓ, କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ। ଆମେ ଯେହେତୁ ଦିଲ୍ଲୀରେ ଥିଲୁ, ତେଣୁ ସମସ୍ତେ ବୈଠକରେ ଯୋଗ ଦେଇଥିଲୁ । ସେଠାରେ ରାଜ୍ୟର ବିଭିନ୍ନ ଯୋଜନା, ଉନ୍ନତି ମୂଳକ କାମ ସରକାର ଏବଂ ରାଜ୍ୟ ସରକାରଙ୍କ ବିଷୟରେ ଆଲୋଚନା କରିଛୁ। ମାତ୍ର ମନ୍ତ୍ରିମଣ୍ଡଳ ସମ୍ପ୍ରସାରଣ ସମ୍ପର୍କରେ କୌଣସି ଆଲୋଚନା ଏହି ବୈଠକରେ ହୋଇନାହିଁ ବୋଲି ମନମୋହନ କହିଛନ୍ତି । ସେହିପରି ରାଜ୍ୟରେ ବିଜେପି ସରକାର ବିରୋଧରେ ଅନାସ୍ଥା ପ୍ରସ୍ତାବ ଆଗତ ସମ୍ପର୍କରେ ଶ୍ରୀ ସାମଲ କହିଛନ୍ତି ଯେ ଆମେ ଏଥିପାଇଁ ପ୍ରସ୍ତୁତ ରହିଛୁ । ବିଜେପି ଏବେ ଶକ୍ତିଶାଳୀ ରହିଛି, ତେଣୁ କିଛି ସମସ୍ୟା ନାହିଁ ବୋଲି ମନମୋହନ କହିଛନ୍ତି।

# ୪ ହାତୀଦାନ୍ତ ଜବତ, ୫ ମାଫିଆ ଗିରଫ



କେନ୍ଦୁଝର, ୮।୮(ସମିସ): କେନ୍ଦୁଝର ବନ ବିଭାଗକୁ ଏକ ବଡ଼ଧରଣର ସଫଳତା ମିଳିଛି। ନୟାକୋଟ ଥାନା ବାଲିବେଡ଼ା ଗ୍ରାମରେ ଚଢ଼଼ଉ କରି ୪ଟି ହାତୀଦାନ୍ତ ଜବତ କରିବା ସହ ଏହି ବେଆଇନ କାରବାରରେ ସଂପୃକ୍ତ ୫ ମାଫିଆଙ୍କ ଗିରଫ କରିଛି। ସେମାନେ ହେଲେ, ନୟାକୋଟ ଥାନା ଅନ୍ତର୍ଗତ ବାଲିବେଡ଼ା ଗ୍ରାମର ଗଙ୍ଗାଧର ପାତ୍ର(୪୧), ଜମ୍ବିରିପସି ଗ୍ରାମର ନାରଦ ମୁଣ୍ଡା(୨୫), ମୟୂରଭଞ୍ଜ ଜିଲ୍ଲାର ରରୁଆଁ ଥାନା ଅନ୍ତର୍ଗତ ଭାଲିଆଡିହାର କେଦାରନାଥ ପାତ୍ର(୪୯), ଚମ୍ପୁଆ ଥାନା ଯୋଡ଼ାପୋଖରୀ ଗ୍ରାମର ଶ୍ରୀକୃଷ୍ଣଚନ୍ଦ୍ର ମୁଣ୍ଡା(୪୫) ଓ ସଦର ଥାନା ଅନ୍ତର୍ଗତ ବରଦାପାଳ ଗ୍ରାମର ଘସିରାମ ମୁଣ୍ଡା(୩୦) ।ଜବତ ଦାନ୍ତଗୁଡ଼ିକର ଓଜନ ୫ କେଜି ୫୮ ଗ୍ରାମ୍ ହେବ ବୋଲି ଜଣାପଡ଼ିଛି।

# କୃଷକମାରଣ ନୀତି ବିରୋଧରେ ବିଜେଡିର ରଣହୁଙ୍କାର

## ୧୮ରେ ବରଗଡ଼ରେ ବିରାଟ ଚାଷୀ ସମାବେଶ



- କୃଷି କ୍ଷେତ୍ରରେ ଚରମ ଅବହେଳା ଓ କେନ୍ଦ୍ରୀୟ ଅନୁଦାନରେ ହ୍ରାସ
- ତ୍ରୁଟିପୂର୍ଣ୍ଣ ପଞ୍ଜୀକରଣ ପ୍ରକ୍ରିୟା ଚାଷୀଙ୍କୁ ଧାନ ବିକ୍ରିରୁ ବଞ୍ଚିତ କରିବ
- ସ୍ୱାମୀନାଥନ୍ ରିପୋର୍ଟ ଅନୁଯାୟୀ ଧାନ ଏମ୍ଏସ୍‌ପି ୩୧୦୦ ଦାବି

ଭୁବନେଶ୍ୱର,୮।୮(ସମିସ): ରାଜ୍ୟରେ ବିଜେପି ସରକାର ଗତ ୧୩ ମାସର ଶାସନରେ ଚାଷୀକୁଳର ସ୍ୱାର୍ଥକୁ ଉପେକ୍ଷା କରିଛନ୍ତି। ଏଥିପାଇଁ ରାଜ୍ୟର ଚାଷୀମାନେ ବିଭିନ୍ନ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ସରକାର ଚାଷୀମାରଣ ନୀତି ଅବଲମ୍ବନ କରୁଥିବା ଅଭିଯୋଗ କରି ଆସନ୍ତା ୧୮ ତାରିଖରେ ବରଗଡ଼ଠାରେ ବିରାଟ ଚାଷୀ ସମାବେଶ କରିବାକୁ ବିଜେଡି ନିଷ୍ପତ୍ତି ନେଇଛି। ଏହା ପୂର୍ବରୁ ଶୁକ୍ରବାର ଦଳର କୃଷକ ସେଲ୍‌ର ଆବାହକତ୍ୱରେ ଶଙ୍ଖ ଭବନରେ ଏକ ରାଜ୍ୟସ୍ତରୀୟ ବୈଠକ ଆୟୋଜନ କରାଯାଇଥିଲା। ଏହି ବୈଠକରେ ରାଜ୍ୟରେ କୃଷକ ମାନେ ସମ୍ମୁଖୀନ ହେଉଥିବା ବିଭିନ୍ନ ସମସ୍ୟା ବିଷୟରେ ସବିଶେଷ ଆଲୋଚନା ହୋଇଛି।

ଏହି କାର୍ଯ୍ୟକ୍ରମ ପରେ, ଶଙ୍ଖ ଭବନରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ବିଜେଡି କୃଷକ ସେଲ୍‌ର ଆବାହକ ପ୍ରସନ୍ନ ଆଚାର୍ଯ୍ୟ, ଉପସଭାପତି ସ୍ନେହାଙ୍ଗିନୀ ଛୁରିଆ ଓ ସଞ୍ଜୟ ଦାସବର୍ମା ରାଜ୍ୟ ସରକାରଙ୍କ କୃଷକ ମାରଣ ନୀତି ଉପରେ ବର୍ଷିଥିଲେ। ଶ୍ରୀ ଆଚାର୍ଯ୍ୟ କହିଥିଲେ ୨୦୨୩-୨୪ ଆର୍ଥିକ ବର୍ଷରେ ରାଜ୍ୟରେ କୃଷି ଉତ୍ପାଦନର ବିକାଶ ହାର ୭.୮ ପ୍ରତିଶତ ଥିଲାବେଳେ, ୨୦୨୪-୨୫ ଆର୍ଥିକ ବର୍ଷରେ ଏହା ୩.୮ ପ୍ରତିଶତକୁ ଖସିଆସିଛି। ସେହିପରି, ଡବଲ ଇଞ୍ଜିନ ଓ ଡବଲ ବିକାଶ ନାରା ଦେଇ କ୍ଷମତାକୁ ଆସିଥିବା ବିଜେପି ସରକାରଙ୍କ ସମୟରେ କେନ୍ଦ୍ରୀୟ ଅନୁଦାନ କମିଛି।୨୦୨୩-୨୪ ଆର୍ଥିକ ବର୍ଷ ତୁଳନାରେ, ୨୦୨୪-୨୫ ଆର୍ଥିକ ବର୍ଷରେ, କେନ୍ଦ୍ରୀୟ ଅନୁଦାନ ୧୮.୧୯ ପ୍ରତିଶତ କମିଥିବା ବେଳେ କୃଷି କ୍ଷେତ୍ରରେ ମଧ୍ୟ କେନ୍ଦ୍ରୀୟ ଅନୁଦାନ କମିଛି। ପ୍ରଧାନମନ୍ତ୍ରୀ କୃଷି ସିଞ୍ଚାଇ ଯୋଜନାରେ ୨୦୨୩-୨୪ ଆର୍ଥିକ ବର୍ଷରେ ୧୪୬ କୋଟି ଟଙ୍କାର ଅନୁଦାନ ମିଳିଥିବା ବେଳେ ଏହା ୨୦୨୪-୨୫ ଆର୍ଥିକ ବର୍ଷରେ ୩୨ କୋଟି ଟଙ୍କାକୁ ଖସି ଆସିଛି। ସେହିପରି, ରାଷ୍ଟ୍ରୀୟ କୃଷି ବିକାଶ ଯୋଜନାରେ ୨୦୨୩-୨୪ ଆର୍ଥିକ ବର୍ଷରେ ଓଡ଼ିଶାକୁ ୨୨୩ କୋଟି ଟଙ୍କାର ଆର୍ଥିକ ଅନୁଦାନ ମିଳିଥିବା ବେଳେ ୨୦୨୪-୨୫ ଆର୍ଥିକ ବର୍ଷରେ କୌଣସି ଅନୁଦାନ ମିଳିଲା ନାହିଁ। ଶ୍ରୀ ଆଚାର୍ଯ୍ୟ ଆହୁରି କହିଥିଲେ, ନିକଟରେ ରାଜ୍ୟ ସରକାରଙ୍କ ଦ୍ୱାରା ଖରିଫ ଧାନ କିଣା ପାଇଁ ଚାଷୀମାନଙ୍କୁ ପଞ୍ଜିକୃତ କରିବାକୁ ଆହ୍ୱାନ କରାଯାଇଥିବା ବେଳେ ଜଟିଳ ସର୍ତ୍ତ ପାଇଁ ଅଧିକାଂଶ ଚାଷୀ ପଞ୍ଜୀକରଣ କରିବାରେ ସକ୍ଷମ ହୋଇପାରୁ ନାହାନ୍ତି। ରାଜ୍ୟର ଚାଷୀଭାଇଙ୍କୁ ଧାନ ବିକ୍ରି ପ୍ରକ୍ରିୟାରୁ ନିବୃତ କରିବା ପାଇଁ ଏହା ରାଜ୍ୟ ସରକାରଙ୍କ ଏକ ଚାଲ୍। କାରଣ, ଧାନ କୁଇଣ୍ଟାଲ ପିଛା ୮୦୦ ଟଙ୍କା ଇନ୍‌ପୁଟ୍ ସବ୍‌ସିଡି ଦେଇ ପଡ଼ିଥିବା ଆର୍ଥିକ ବୋଝରୁ ମୁକୁଳିବା ପାଇଁ ରାଜ୍ୟ ସରକାର ଏଭଳି ଫନ୍ଦି ବାହାର କରିଛନ୍ତି ବୋଲି ଶ୍ରୀ ଆଚାର୍ଯ୍ୟ କହିଛନ୍ତି।

ସେହିପରି ସ୍ନେହାଙ୍ଗିନୀ ଛୁରିଆ କହିଥିଲେ, ବିଜେପି ବିନା କଟ୍‌ନୀଛଟ୍‌ନୀରେ ଧାନ କିଣିବା ପାଇଁ ପ୍ରତିଶ୍ରୁତି ଦେଇଥିଲା। କିନ୍ତୁ, ଖରିଫ ଧାନ କିଣା ସମୟରେ, ରାଜ୍ୟ ସରକାର ଗ୍ରେଡ୍ ଆନାଲାଇଜର ଲଗାଇଲେ। ଯାହା ଫଳରେ ଧାନ ପ୍ରତି କୁଇଣ୍ଟାଲରେ ପ୍ରାୟ ୧୦ରୁ ୧୫ କେଜି କଟ୍‌ନୀଛଟ୍‌ନୀ ହେଲା। ବିଜେପିର ବିନା କଟ୍‌ନୀଛଟ୍‌ନୀରେ ଧାନ କିଣା ଓ ଦଲାଲମୁକ୍ତ ଧାନ କିଣା ପ୍ରତିଶ୍ରୁତି ବାସ୍ତବରେ ଏକ ଧୂଆଁବାଣରେ ପରିଣତ ହୋଇଛି। ଅନ୍ୟପଟେ ନିର୍ବାଚନ ସମୟରେ ବିଜେପି ତରଫରୁ ସ୍ୱାମୀନାଥନ କମିସନଙ୍କ ସୁପାରିସ ଅନୁଯାୟୀ ଧାନର ସର୍ବନିମ୍ନ ମୂଲ୍ୟ କୁଇଣ୍ଟାଲ ପିଛା ୩୧୦୦ ଟଙ୍କା ପ୍ରଦାନ କରାଯିବ ବୋଲି ପ୍ରତିଶ୍ରୁତି ଦିଆଯାଇଥିଲା। ମାତ୍ର ଏହା କାହିଁକି ପ୍ରଦାନ କରାଯାଉ ନାହିଁ ବୋଲି ସଞ୍ଜୟ ଦାସବର୍ମା ପ୍ରଶ୍ନ କରିଛନ୍ତି। ସେ କହିଛନ୍ତି ଯେ ରାଜ୍ୟ ସରକାର ଇନପୁଟ୍ ସବ୍‌ସିଡି ନାମରେ ପ୍ରତି କୁଇଣ୍ଟାଲ ୮୦୦ ଟଙ୍କା ପ୍ରଦାନ କରୁଛନ୍ତି। କିନ୍ତୁ, ଖରିଫ ଓ ରବି ଧାନ କିଣା ସମୟରେ, ଟୋକନ ମିଳିଥିବା ଅଧିକାଂଶ ଚାଷୀମାନଙ୍କ ଧାନ ଉଠିପାରିଲା ନାହିଁ। ଯୋଗାଣ ବିଭାଗର ରିପୋର୍ଟ ଅନୁଯାୟୀ, ପ୍ରାୟ ୧ ଲକ୍ଷ ୫୩ ହଜାର ମେଟ୍ରିକ ଟନ୍ ଧାନ ସଂଗ୍ରହ ହୋଇ ପାରିନାହିଁ। ଯେଉଁଥିପାଇଁ ସମଗ୍ର ଓଡିଶାରେ ଚାଷୀମାନେ ହଇରାଣ ହରକତ ହେଉଛନ୍ତି। ସେହି ସମସ୍ୟା ସମାଧାନ ହୋଇ ନ ଥିବା ବେଳେ, ଏବେ ରାଜ୍ୟ ସରକାରଙ୍କ ଦ୍ୱାରା ଆରମ୍ଭ ହୋଇଥିବା ଖରିଫ ଧାନ ପାଇଁ ପଞ୍ଜୀକରଣ ସମ୍ପୂର୍ଣ୍ଣ ଭାବେ ତ୍ରୁଟିପୂର୍ଣ୍ଣ ଓ ଚାଷୀମାରଣ ପାଇଁ ଉଦ୍ଦିଷ୍ଟ ବୋଲି ସେ କହିଛନ୍ତି।

ପ୍ରସନ୍ନ ଆଚାର୍ଯ୍ୟଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ବରିଷ୍ଠ ଉପସଭାପତି ଦେବୀ ପ୍ରସାଦ ମିଶ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏଥିରେ ରାଜ୍ୟର ସମସ୍ତ ଜିଲ୍ଲାରୁ କୃଷକ ପ୍ରତିନିଧିମାନଙ୍କ ସହିତ ଦଳର ବରିଷ୍ଠ ନେତା ଚନ୍ଦ୍ରଶେଖର ସାହୁ, ପ୍ରଣବ ପ୍ରକାଶ ଦାସ, ସଞ୍ଜୟ କୁମାର ଦାସବର୍ମା, ଅରୁଣ ସାହୁ, ସୁଦାମ ମାରାଣ୍ଡି, ପ୍ରତାପ ଜେନା, ପ୍ରଣବ ବଳବନ୍ତରାୟ, ସ୍ନେହାଙ୍ଗିନୀ ଛୁରିଆ, ଟୁକୁନି ସାହୁ, ପ୍ରୀତିରଞ୍ଜନ ଘଡେଇ, ବଦ୍ରି ପାତ୍ର, ନିରଞ୍ଜନ ପୂଜାରୀ, ଅଶୋକ ପଣ୍ଡା, ପ୍ରଫୁଲ୍ଲ ସାମଲ, ଅମର ପଟ୍ଟନାୟକ, ଶର୍ମିଷ୍ଠା ସେଠୀ, ରାଜଶ୍ରୀ ମଲ୍ଲିକ, ରମେଶ ମାଝୀଙ୍କ ସହିତ ଦଳୀୟ ବିଧାୟକଗଣ ଓ ବିଭିନ୍ନ ଜିଲ୍ଲାର ସଭାପତିମାନେ ଅଂଶଗ୍ରହଣ କରିଥିଲେ।




ରାକ୍ଷୀ ପୂର୍ଣ୍ଣିମା ଉପଲକ୍ଷେ ପୁରୀ ବେଳାଭୂମିରେ ସୁଦର୍ଶନ ପଟ୍ଟନାୟକଙ୍କ ବାଲୁକା କଳା

## ଟୋଲ୍‌ଗେଟ୍‌ରେ ପୁଲିସର ଦାଦାଗିରି

# ଟ୍ରକ୍ ଚାଳକ ଓ ହେଲ୍‌ପରଙ୍କୁ ନିସ୍ତୁକ ମାଡ଼

ବୈଶିଙ୍ଗା, ୮।୮ (ସମିସ): ପୁଣି ପଦାକୁ ଆସିଲା ପୁଲିସ୍‌ର ବର୍ବରତା। ଟୋଲଗେଟ୍ ନିକଟରେ ଏକ ଟ୍ରକ୍‌କୁ ଅଟକାଇବା ସହ ଚାଳକ ଓ ହେଲପର୍‌ଙ୍କୁ ନିସ୍ତୁକ ମାଡ଼। ବୈଶିଙ୍ଗା ଥାନା ଅଧୀନ ୧୮ନଂ. ଜାତୀୟ ରାଜପଥର ଟୋଲଗେଟ୍ ନିକଟରେ ଗୁରୁବାର ବିଳମ୍ବିତ ରାତିରେ ଏପରି ଏକ ଘଟଣା ଘଟିଛି। ଏହାର ଏକ ଭିଡିଓ ଏବେ ସୋସିଆଲ ମିଡିଆରେ ଭାଇରାଲ ହେବାରେ ଲାଗିଛି। ଏହାକୁ ସାଧାରଣରେ ନାପସନ୍ଦ କରାଯିବା ସହ ସଂପୃକ୍ତ ଦୁଇ ପୁଲିସ୍ କର୍ମଚାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ଦାବି ହୋଇଛି। ତେବେ ଭିଡିଓଟି କେଉଁ ଦିନର ତାହା ଜଣାପଡ଼ିନାହିଁ।

ସୂଚନା ଅନୁସାରେ, ଗୁରୁବାର ବିଳମ୍ବିତ ରାତିରେ ଏକ ଦ୍ରୁତଗାମୀ ଟ୍ରକ୍ ଓଭରଲୋଡିଂ ନେଇ ଟୋଲଗେଟ୍ ନିକଟରେ ପହଞ୍ଚିଥିଲା। ପରେ ବିନା ୟୁନିଫର୍ମରେ ଥିବା ପୁଲିସ କର୍ମଚାରୀ ଓ ଚାଳକଙ୍କ ମଧ୍ୟରେ ବଚସା ଆରମ୍ଭ ହୋଇଥିଲା। ପୁଲିସ ପରେ ଚାଳକଙ୍କୁ ଆଲକହଲ ବ୍ରେଥ ଏନଲାଇଜରରେ ଚେକିଂ କରିବା ସହ ତାଙ୍କୁ ମାରପିଟ୍ କରୁଥିବାର ଦୃଶ୍ୟ ମଧ୍ୟ ଭିଡିଓରେ ଦେଖିବାକୁ ମିଳିଥିଲା। ଏପରିକି, ଜଣେ ପୁଲିସ ଏସଆଇ ଟ୍ରକ୍ ଭିତରେ ଜବରଦସ୍ତ ପଶି ଚାଳକଙ୍କୁ ମାଡ଼ ମାରିବାର ଦୃଶ୍ୟ ମଧ୍ୟ ଦେଖିବାକୁ ମିଳିଛି। ତେବେ ସାଦା ପୋଷାକରେ ବିଳମ୍ବିତ ରାତିରେ ପୁଲିସ ପାଟ୍ରୋଲିଂ ଓ ଗାଡ଼ି ଚେକିଂ ନେଇ ସାଧାରଣରେ ସନ୍ଦେହ ସୃଷ୍ଟି ହୋଇଛି।

# ହସ୍ତତନ୍ତ 'ଏକତା' ମେଳାରେ ସମ୍ବଲପୁରୀ ଶାଢ଼ିର ସ୍ଥାନ ନାହିଁ

ଭୁବନେଶ୍ୱର,୮।୮(ସମିସ): ଦେଶବିଦେଶରେ ସମ୍ବଲପୁରୀ ଶାଢ଼ିର ସୁନାମ ରହିଛି। ଭାରତ ବାହାରେ ଅନେକ ରାଷ୍ଟ୍ରରେ ସମ୍ବଲପୁରୀ ଶାଢ଼ିର ଚାହିଦା ବହୁତ ଅଧିକ ରହିଛି। ହେଲେ ରାଜ୍ୟ ସରକାରଙ୍କ ପକ୍ଷରୁ ଜନତା ମଇଦାନରେ ଆୟୋଜିତ ହସ୍ତତନ୍ତ 'ଏକତା' ମେଳାରେ ସମ୍ବଲପୁରୀ ଶାଢ଼ିକୁ ସମ୍ପୂର୍ଣ୍ଣ ଅଣଦେଖା କରାଯାଇଛି। ରାଜ୍ୟସ୍ତରୀୟ ହସ୍ତତନ୍ତ

## ପଶ୍ଚିମ ଓଡ଼ିଶାରେ ତୀବ୍ର ପ୍ରତିକ୍ରିୟା



ମେଳା ମାନଚିତ୍ରରେ ରାଜ୍ୟର ବିଭିନ୍ନ ଅଞ୍ଚଳର ପ୍ରସିଦ୍ଧ ଶାଢ଼ିର ନାମ ଓ ଚିତ୍ର ଉଲ୍ଲେଖ ଥିବା ବେଳେ ସମ୍ବଲପୁରୀ ଶାଢ଼ିକୁ ସ୍ଥାନ ମିଳିନାହିଁ। ଏହାକୁ ପଶ୍ଚିମଓଡ଼ିଶାବାସୀଙ୍କ ମଧ୍ୟରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି।

ଆୟୋଜିତ ମେଳା ପରିସରରେ ଏକ ଓଡ଼ିଶା ମାନଚିତ୍ର ହୋଇଛି। ଏହି ମାନଚିତ୍ରରେ ରାଜ୍ୟର ବିଭିନ୍ନ ଜିଲ୍ଲାରୁ ଉତ୍ପାଦିତ ହେଉଥିବା ହସ୍ତତନ୍ତ ବିଷୟରେ ସୂଚନା ଦିଆଯାଇଛି। ଟସର, ମାଣିଆବନ୍ଧ, କଟକୀ ଶାଢ଼ି, ଖଣ୍ଡୁଆପାଟ, ଡଙ୍ଗରିଆ ଶାଢ଼ି, ବମକାଇ ପସାପାଲି ଓ ହାବାସପୁରୀ ଭଳି ହସ୍ତତନ୍ତ ବିଷୟରେ ସୂଚନା ଦିଆଯାଇଛି। ମାତ୍ର ଏଠାରେ ସମ୍ବଲପୁରୀ ଶାଢ଼ି ବିଷୟରେ ବିନ୍ଦୁବିସର୍ଗ ନାହିଁ। ଏହାକୁ ନେଇ ସମ୍ବଲପୁରୀ ଶାଢ଼ି ପ୍ରତି ଶ୍ରଦ୍ଧା ରଖୁଥିବା ପ୍ରତି ଓଡ଼ିଆ କ୍ଷୋଭ ପ୍ରକାଶ କରିଛନ୍ତି। ବିଶେଷକରି ପଶ୍ଚିମ ଓଡ଼ିଶାର ବିଭିନ୍ନ ଶିଳ୍ପୀ ସଂଘ ପକ୍ଷରୁ ଏହାକୁ ନେଇ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି।

ଜାତୀୟ ହସ୍ତତନ୍ତ ଦିବସ ଅବସରରେ ୬ ତାରିଖରୁ ଜନତା ମଇଦାନରେ ଏହି ହସ୍ତତନ୍ତ ମେଳା ଆରମ୍ଭ ହୋଇଛି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏହି ମେଳାକୁ ଉଦ୍‌ଘାଟନ କରିଥିବା ବେଳେ ବିଶିଷ୍ଟ ସିନେ ଅଭିନେତ୍ରୀ ମାଧୁରୀ ଦୀକ୍ଷିତ ଏହି କାର୍ଯ୍ୟକ୍ରମରେ ଯୋଗଦେଇ ଏହାର ଶୋଭାବର୍ଦ୍ଧନ କରିଛନ୍ତି। ହସ୍ତତନ୍ତକୁ ନେଇ ଓଡ଼ିଶା ଯଦି ଦେଶ ବିଦେଶରେ ନିଜର ପରିଚୟ ଖୋଜେ, ତେବେ ଏଥିରେ ପ୍ରଥମେ ସମ୍ବଲପୁରୀ ଶାଢ଼ିର କଥା ଆସିବ। ହେଲେ ଆୟୋଜିତ ରାଜ୍ୟସ୍ତରୀୟ ମେଳାରେ କେଉଁ କାରଣରୁ ସମ୍ବଲପୁରୀ ଶାଢ଼ିକୁ ସମ୍ପୂର୍ଣ୍ଣ ଅଣଦେଖା କରାଯାଇଛି, ତାକୁ ନେଇ ଏବେ ପ୍ରଶ୍ନ ଉଠିଛି। ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ବିଭାଗ ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମ ୭ରୁ ୧୩ ତାରିଖ ପର୍ଯ୍ୟନ୍ତ ଜାରି ରହିବ। ଓଡ଼ିଶାର ସମୃଦ୍ଧ ବୟନ ଐତିହ୍ୟ ଓ ହସ୍ତଶିଳ୍ପ ପ୍ରଦର୍ଶନ ପାଇଁ ୬୦ଟି ଷ୍ଟଲ୍ ଆୟୋଜନ କରାଯାଇଛି। ଏହି କାର୍ଯ୍ୟକ୍ରମରେ ସମଗ୍ର ରାଜ୍ୟରୁ ୧୫୦୦ ରୁ ଅଧିକ ହସ୍ତତନ୍ତ ବୁଣାକାର ଅଂଶଗ୍ରହଣ କରିଛନ୍ତି।

## ହୋମ୍‌ଗାର୍ଡ ପରୀକ୍ଷା ବେଳେ ଅଘଟଣ

# ଦୌଡ଼ ବେଳେ ଟଳିପଡ଼ିଲେ ଆଶାୟୀ

ଖୋର୍ଦ୍ଧା,୮।୮(ସମିସ): ହୋମ୍‌ଗାର୍ଡ ପଦ ପାଇଁ ଶାରୀରିକ ପରୀକ୍ଷା ବେଳେ ଟଳି ପଡ଼ିଲେ ପରୀକ୍ଷାର୍ଥୀ। ଖୋର୍ଦ୍ଧା ଜିଲ୍ଲାରେ ଆଜି ଏପରି ଏକ ଅଘଟଣ ଘଟିଛି। ମୃତ ପରୀକ୍ଷାର୍ଥୀ ହେଲେ, ଖୋର୍ଦ୍ଧା ଉପକଣ୍ଠ କେରଙ୍ଗ ଗ୍ରାମର ଏମାଦୁଲା ହକ ଖାଁ (୪୨) ।

ଜିଲ୍ଲା ପୁଲିସ ପ୍ରଶାସନ ଅଧୀନରେ ହୋମ୍‌ଗାର୍ଡ ନିଯୁକ୍ତି ନିମନ୍ତେ ଜିଲ୍ଲାସ୍ତରରେ ଲିଖିତ ପରୀକ୍ଷା ଦେଇଥିବା ୨୪ଶହ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ୧୬ଶହ ପରୀକ୍ଷାର୍ଥୀ ଉତ୍ତୀର୍ଣ୍ଣ ହୋଇଥିଲେ। ସେମାନଙ୍କର ୪ଟି ଗ୍ରୁପ୍‌ରେ ଶାରୀରିକ ପରୀକ୍ଷା ଅନୁଷ୍ଠିତ ହେବାର ଥିଲା। ପୂର୍ବରୁ ୩ଟି ଗ୍ରୁପର ପରୀକ୍ଷାର୍ଥୀଙ୍କ ପରୀକ୍ଷା ଶେଷ ହୋଇଥିବା ବେଳେ ଆଜି ଶେଷ ଗ୍ରୁପର ପରୀକ୍ଷାର୍ଥୀଙ୍କ ପରୀକ୍ଷା ଖୋର୍ଦ୍ଧା ସହର ଉପକଣ୍ଠ ପୁଲିସ ରିଜର୍ଭ ପଡ଼ିଆଠାରେ ଅନୁଷ୍ଠିତ ହେଉଥିଲା। ୧୬ ଶହ ମିଟର ଦୌଡ଼ ପ୍ରତିଯୋଗିତାରେ ଦୌଡ଼ିବା ବେଳେ ଏମାଦୁଲା ହଠାତ ଗୁରୁତର ହୋଇ ତଳେ ପଡ଼ିଯାଇଥିଲେ। ତାଙ୍କୁ ଚିକିତ୍ସା ଲାଗି ନିକଟସ୍ଥ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ମାତ୍ର ସେଠାରେ ଅବସ୍ଥା ସଂକଟାପନ୍ନ ହେବାରୁ ତାଙ୍କୁ ଭୁବନେଶ୍ୱର ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଏକ ଘରୋଇ ହସ୍ପିଟାଲରେ



ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଯାଇଥିଲା। କ୍ୟାପିଟାଲ ହସ୍ପିଟାଲରେ ବ୍ୟବଚ୍ଛେଦ କରାଇବା ପରେ ଶବକୁ ପୁଲିସ୍ ତାଙ୍କ ପରିବାରଲୋକଙ୍କୁ ହସ୍ତାନ୍ତର କରିଛି। ଖବର ପାଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗଭୀର ଦୁଃଖ ପ୍ରକାଶ କରିବା ସହ ମୁଖ୍ୟମନ୍ତ୍ରୀ ରିଲିଫ୍ ପାଣ୍ଠିରୁ ତାଙ୍କୁ ନିକଟତମ ଆତ୍ମୀୟଙ୍କ ଲାଗି ୪ଲକ୍ଷ ଟଙ୍କାର ସହାୟତା ରାଶି ଘୋଷଣା କରିଛନ୍ତି।

ଏମାଦୁଲ୍ଲା କେରଙ୍ଗ ପଞ୍ଚାୟତ କାର୍ଯ୍ୟାଳୟର ଖାଦ୍ୟ ଓ ଯୋଗାଣ ବିଭାଗରେ କାର୍ଯ୍ୟ କରୁଥିଲେ। ସେ ତାଙ୍କ ପରିବାରର ଏକମାତ୍ର ରୋଜଗାରକ୍ଷମ ବ୍ୟକ୍ତି ଥିଲେ। ଘରେ ତାଙ୍କର ପତ୍ନୀ ସମେତ ୯ ବର୍ଷର ଏକ ଶିଶୁ ପୁତ୍ର ଏବଂ ୩ବର୍ଷର ଏକ ଶିଶୁ

## ୪ଲକ୍ଷ ଟଙ୍କାର କ୍ଷତିପୂରଣ ଘୋଷଣା କଲେ ମୁଖ୍ୟମନ୍ତ୍ରୀ

କନ୍ୟା ଅଛନ୍ତି। ତାଙ୍କ ମୃତ୍ୟୁ ପରେ ପରିବାରଲୋକ ଦୁଃଖରେ ଭାଙ୍ଗି ପଡ଼ିଛନ୍ତି। ପରିବାର ନିଃସ୍ୱ ହୋଇଯାଇଥିବା ବେଳେ ତାଙ୍କ ମୃତ୍ୟୁ ରେ ପରିବାର, ଆତ୍ମୀୟ, ଗାଁ ଲୋକଙ୍କ ମଧ୍ୟ ରେ ଦୁଃଖ ର ବାତାବରଣ ଖେଳି ଯାଇଥିଲା। ତେଣୁ ପରିବାର ପ୍ରତିପୋଷଣ ନିମନ୍ତେ ତାଙ୍କ ବିଧବା ପତ୍ନୀଙ୍କୁ ଚାକିରି ଏବଂ ୫୦ଲକ୍ଷ ଟଙ୍କା କ୍ଷତିପୂରଣ ଦେବା ପାଇଁ ଗ୍ରାମବାସୀଙ୍କ ସହ ପରିବାରଲୋକ ଆଜି ଜିଲ୍ଲା ଏସ୍‌ପି ସାଗରିକା ନାଥଙ୍କୁ ସାକ୍ଷାତ କରିଛନ୍ତି।

## ରାଜ୍ୟରେ କ୍ରମବର୍ଦ୍ଧିଷ୍ଣୁ ନାରୀ ନିର୍ଯାତନା ରୋକିବାକୁ ଆହ୍ୱାନ

# ଡିଜି ଅଫିସ୍ ଘେରିଲା କଂଗ୍ରେସ

କଟକ,୮।୮(ସମିସ): ରାଜ୍ୟରେ ନାରୀ ନିର୍ଯାତନା ବଢ଼ିଚାଲିଛି। ପ୍ରତ୍ୟେକ ଦିନ ଗଣଦୁଷ୍କର୍ମଠାରୁ ଆରମ୍ଭ କରି ମହିଳାଙ୍କ ଉପରେ ଅକଥନୀୟ ଅତ୍ୟାଚାର ବୃଦ୍ଧି ପାଇବାରେ ଲାଗିଛି। ରାଜ୍ୟ ସରକାର ଏହାକୁ ରୋକିବାରେ ସମ୍ପୂର୍ଣ୍ଣ ଭାବେ ବିଫଳ ହୋଇଛନ୍ତି। ଏଥିପାଇଁ ସରକାର ହିଁ ଦାୟୀ। ଓଡ଼ିଶା ପ୍ରଦେଶ କଂଗ୍ରେସ ପକ୍ଷରୁ ବକ୍ସିବଜାରସ୍ଥିତ ପୁଲିସ ମୁଖ୍ୟାଳୟ ସମ୍ମୁଖରେ ଆଜି ଆୟୋଜିତ ଧାରଣା ଓ ପ୍ରତିବାଦ ସଭାରେ କଂଗ୍ରେସ ନେତୃବୃନ୍ଦ ଏହି ଗୁରୁତର ଅଭିଯୋଗ ଆଣିଛନ୍ତି। କଂଗ୍ରେସ ନେତାମାନେ ଶାନ୍ତିପୂର୍ଣ୍ଣ ଧାରଣାରେ ବସି ରାଜ୍ୟର ବିପର୍ଯ୍ୟସ୍ତ ଆଇନଶୃଙ୍ଖଳା ପରିସ୍ଥିତିରେ ସୁଧାର ଆଣିବାକୁ ଦାବି କରିଥିଲେ। ପିସିସି ସଭାପତି ଭକ୍ତ ଚରଣ ଦାସ ଏହାର ନେତୃତ୍ୱ ନେଇଥିଲେ। ଏହି ଅବସରରେ କଂଗ୍ରେସର ଏକ ମହିଳା ପ୍ରତିନିଧିଦଳ ଡିଜିପିଙ୍କ ଉଦ୍ଦେଶ୍ୟରେ ଏକ ସ୍ମାରକପତ୍ର ପ୍ରଦାନ କରିଥିଲେ। ରାଜ୍ୟରେ କ୍ରମବର୍ଦ୍ଧିଷ୍ଣୁ ନାରୀ ନିର୍ଯାତନା ରୋକିବାକୁ କଂଗ୍ରେସ ପକ୍ଷରୁ ଆହ୍ୱାନ ଦିଆଯାଇଛି।

କଟକ ନଗର ଜିଲ୍ଲା କଂଗ୍ରେସ କମିଟି ସଂଯୋଜକ ତଥା ବାରବାଟୀ-କଟକ ବିଧାୟିକା ସୋଫିଆ ଫିରଦୋସ୍‌ଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଧାରଣା ଓ



## କାର୍ଯ୍ୟାନୁଷ୍ଠାନ ନନେଲେ ସବୁ ଥାନା ଆଗରେ ଧାରଣା ଚେତାବନୀ

ପ୍ରତିବାଦ ସଭାରେ ପୂର୍ବତନ ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକ, ଶରତ ପଟ୍ଟନାୟକ, ଜୟଦେବ ଜେନା, ପ୍ରସାଦ ହରିଚନ୍ଦନ, ପୂର୍ବତନ ଏମ୍‌ପି ରାମଚନ୍ଦ୍ର ଖୁଣ୍ଟିଆ, ଅନନ୍ତ ସେଠୀ ବରିଷ୍ଠ ନେତା ସୁରେଶ ରାଉତରାୟ, ପୂର୍ବତନ ବିଧାୟକ ଇଂ ମହମ୍ମଦ ମୋକିମ, ପୂର୍ବତନ ମନ୍ତ୍ରୀ ଜଗନ୍ନାଥ ପଟ୍ଟନାୟକ, ପୂର୍ବତନ ମନ୍ତ୍ରୀ ଶ୍ରୀକାନ୍ତ ଜେନା, କଂଗ୍ରେସ ବିଧାୟକ ଦଳ ଉପନେତା ଅଶୋକ ଦାଶ, ପୂର୍ବତନ ବିଧାୟକ ଦେବାଶିଷ ପଟ୍ଟନାୟକ, ରବି ମଲ୍ଲିକ, ଶିବାନନ୍ଦ ରାୟ, ଓଡିଶା ପ୍ରଦେଶ ମହିଳା ସଭାନେତ୍ରୀ ମୀନାକ୍ଷୀ ବାହିନୀପତି ଯୋଗ ଦେଇ ବିଜେପି ସରକାରର ବିଫଳତା ଓ ନାରୀ ସୁରକ୍ଷା ଦିଗରେ କଡ଼ା ପଦକ୍ଷେପ ଗ୍ରହଣ କରିବାକୁ ଦାବି କରିଛନ୍ତି।

ଏହି ଅବସରରେ ପିସିସି ସଭାପତି ଶ୍ରୀ ଦାସ କହିଛନ୍ତି ଯେ ରାଜ୍ୟରେ ସରକାରଙ୍କ ବିଫଳତା ସମ୍ପର୍କରେ ଅଭିଯାନ ଜାରି ରହିଛି। ଆଇନ ଶୃଙ୍ଖଳା ସମ୍ପୂର୍ଣ୍ଣ ବିଗିଡ଼ି ଯାଇଥିବା ବେଳେ ସରକାର କୌଣସି ପଦକ୍ଷେପ ନେଉନାହାନ୍ତି। ବଲାଙ୍ଗୀ ପୀଡିତାର ଅଭିଯୁକ୍ତଙ୍କୁ କାହିଁକି ଗିରଫ କରାଯାଉନାହିଁ? ପୁଲିସ କାହିଁକି ଏ ଦିଗରେ ଚୁପ୍ ହୋଇ ବସି ରହିଛି। ବିଜେପି ସରକାର ଅଭିଯୁକ୍ତଙ୍କୁ ଘଣ୍ଟ ଘୋଡାଇ ରଖୁଥିବା ସେ ଅଭିଯୋଗ ଆଣିବା ସହ ପୁଲିସ ଏଦିଗରେ ଶୀଘ୍ର କାର୍ଯ୍ୟାନୁଷ୍ଠାନ ଗ୍ରହଣ ନ କରେ ତେବେ ରାଜ୍ୟରେ ଥିବା ସମସ୍ତ ଥାନା ଆଗରେ ଧାରଣା ଦିଆଯିବ ବୋଲି ସେ କହିଛନ୍ତି।

ଏହି ଧାରଣାରେ ପୂର୍ବତନ ନଗର ସଭାପତି ଗିରିବାଳା ବେହେରା, ବନ୍ଦିତା ପରିଡା, ସସ୍ମିତା ବେହେରା, ମାନସ ଚୌଧୁରୀ, ଶୁଭେନ୍ଦୁ ମହାନ୍ତି, ଜିଲା କଂଗ୍ରେସ ଉପସଭାପତି ଶିଶିର ରଥ, ମନୋଜ ବିଶ୍ୱାଳ ଓ ରାଜେଶ ସ୍ୱାଇଁ, ବରିଷ୍ଠ ନେତା ରାମ ଚନ୍ଦ୍ର ଗୋଛାୟତ, କଟକ ନଗର(ଜିଲ୍ଲା) କଂଗ୍ରେସ ମୁଖ୍ୟ-ମୁଖପାତ୍ର ମାନସ ପରିଡା, କଟକ ନଗର ଯୁବ କଂଗ୍ରେସ ସଭାପତି ଡ. ବିପ୍ଳବ ଶିଳାଦିତ୍ୟଙ୍କ ସମେତ ଓଡିଶାର ଶତାଧିକ କଂଗ୍ରେସ କର୍ମୀ ଉପସ୍ଥିତ ଥିଲେ। ସଭାକୁ ବିଶ୍ୱଜିତ ଦାଶ ପରିଚାଳନା କରିଥିଲେ। କଂଗ୍ରେସର ଏହି ପ୍ରତିବାଦ ସଭା ପୂର୍ବରୁ ଏକ ବିଶାଳ ଶୋଭାଯାତ୍ରା ମାତାମଠରୁ ବାହାରି ପୁଲିସ ମୁଖ୍ୟାଳୟରେ ପହଞ୍ଚିଥିଲା।

# ରାଜପଥରେ ଜଳିଗଲା ଇଭି ସ୍କୁଟି ବୋଝେଇ ଟ୍ରକ୍

ଛତ୍ରପୁର,୮।୮(ସମିସ): ଛତ୍ରପୁର ଜାତୀୟ ରାଜପଥ ନିକଟରେ ଶୁକ୍ରବାର ଏକ ଇଭି ସ୍କୁଟି ବୋଝେଇ ଟ୍ରକ୍ ଜଳିଯାଇଛି। ଟ୍ରକ୍‌ରେ ୩୨ଟି ବିଦ୍ୟୁତ ସ୍କୁଟି ଥିବା ବେଳେ ସେଗୁଡ଼ିକ ଟ୍ରକ୍ ସହ ହୁ' ହୁ' ହୋଇ ଜଳିଥିଲା। ଦିଲ୍ଲୀରୁ ଆନ୍ଧ୍ରପ୍ରଦେଶର ସମପେଣ୍ଠାକୁ ଏହି ଟ୍ରକ୍ (ନଂ.ୟୁପି ୮୧ଇଟି -୦୪୮୬) ଇଭି ଗାଡ଼ିଗୁଡ଼ିକୁ ନେଇ ଯାଉଥିବାବେଳେ ଚାଳକ ଅଖିଳେଶ କୁମାର ତିୱାରୀ ଛତ୍ରପୁର ଜାତୀୟ ରାଜପଥ କଡ଼ରେ ଏକ ଢ଼ାବା ନିକଟରେ ରହିଥିଲେ। ସେଠାରେ ଥିବା ଏକ ଗ୍ୟାରେଜକୁ ୱେଲ୍‌ଡିଂ କରିବାକୁ କହିଥିଲେ। କିନ୍ତୁ ଗ୍ୟାରେଜର ପିଲା ମନା କରିଥିଲେ। ପରେ ଅଖିଳେଶ ସେଠାରେ ଥିବା ଦୋକାନରେ ଜଳଖିଆ ଖାଇ କ୍ୟାବିନ୍‌ରେ ଶୋଇ ପଡ଼ିଥିଲେ। ଏହି ସମୟରେ ସେଠାରେ ଉପସ୍ଥିତ ଥିବା ୱେଲ୍‌ଡିଂ ଦୋକାନୀ ସିଲୁ ମହାରଣା ଗାଡ଼ିରୁ ଧୂଆଁ ବାହାରୁଥିବାର ଦେଖି ଚାଳକଙ୍କୁ ଡାକିଥିଲେ। ଅଖିଳେଶ ତୁରନ୍ତ ଢ଼ାବା ନିକଟରେ ଥିବା ଗାଡ଼ି ସର୍ଭିସ୍ କେନ୍ଦ୍ରକୁ ନେଇ ଗାଡ଼ିରେ ପାଣି ପକାଇଥିଲେ ବି ନିଆଁ ଜୋର୍‌ରେ ବ୍ୟାପି ଯାଇଥିଲା। ଛତ୍ରପୁର ଦମକଳ ବାହିନୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ନିଆଁ ଲିଭାଇବା ବେଳକୁ ଗାଡ଼ିରେ ବୋଝେଇ ହୋଇଥିବା ସମସ୍ତ ଇଭି ସ୍କୁଟି ପୋଡ଼ି ଯାଇଥିଲା। ଏନ୍ଏଚ୍ଆଇ ପାଟ୍ରୋଲିଂ ଟିମ୍ ଓ ଛତ୍ରପୁର ପୁଲିସ ପହଞ୍ଚିଥିଲେ। ଘଟଣାର ତଦନ୍ତ ଜାରି ରଖିଛି ପୁଲିସ। ଆନୁମାନିକ ୩୨ ଲକ୍ଷ ଟଙ୍କାର ସ୍କୁଟି ପୋଡ଼ି ନଷ୍ଟ ହୋଇଥିବା ସୂଚନା ମିଳିଛି।



## ଆଗକୁ ଗଣେଶ ପୂଜା; ମୂର୍ତ୍ତି ନିର୍ମାଣରେ ବ୍ୟସ୍ତ କାରିଗର



ଚାରିଛକ,୮।୮ (ସମିସ): ଆସନ୍ତା ୨୭ ତାରିଖରେ ଅଗ୍ରପୂଜ୍ୟ ଶ୍ରୀ ଗଣେଶଙ୍କ ପୂଜା। ବିଭିନ୍ନ ସ୍କୁଲ, କଲେଜ, କ୍ଲବ୍ ସହ ଚାରିଛକ, ତୁଳସୀପୁର, ଅମରେଶ୍ୱର, ସାଇଲୋ, ତମ୍ପାଳ ପ୍ରଭୃତି ବଜାର ଓ ଦୋକାନମାନଙ୍କରେ ଗଣେଶ ପୂଜା ଅନୁଷ୍ଠିତ ହେବ। ଫଳରେ କାରିଗରମାନେ ମୂର୍ତ୍ତି ନିର୍ମାଣ କାମରେ ଲାଗି ପଡ଼ିଥିବା ଦେଖିବାକୁ ମିଳିଛି। ଏହି ଅଞ୍ଚଳର କାରିଗରମାନଙ୍କ ମୂର୍ତ୍ତି ନିର୍ମାଣ କରିବାରେ ଅଭିଜ୍ଞତା ଓ ସୁନାମ ରହିଛି। ଏମାନେ ବହୁ ଅନୁଷ୍ଠାନ, ବଜାର କମିଟି ଓ କ୍ଲବ୍ ପାଇଁ ଛୋଟ ବଡ଼ ମୂର୍ତ୍ତିମାନ ନିର୍ମାଣ କରି ଦେଇଥାନ୍ତି। ବର୍ତ୍ତମାନ ମାଟି, ରଙ୍ଗ, ବାଉଁଶ, କପଡ଼ା, ଚୁମ୍‌କି ଓ ଅଭ୍ର ପ୍ରଭୃତି ଦରବୃଦ୍ଧି ହୋଇଥିବାରୁ କମ୍ ଲାଭ ମିଳୁଛି ବୋଲି ନିକଟସ୍ଥ ଅମରେଶ୍ୱରର ମୂର୍ତ୍ତି କାରିଗର ବଂଶୀଧର ସେଠୀ, ବ୍ରହ୍ମକୁଣ୍ଡିର ଚକ୍ରଧର ମୁଦୁଲି, ପ୍ରକାଶ ମୁଦୁଲି ପ୍ରମୁଖ ପ୍ରକାଶ କରିଛନ୍ତି।

## ବାରମ୍ବାର ବିଦ୍ୟୁତ୍ ତାର ଚୋରି; ଗଡ଼ିଶାଗୋଦା ଅଞ୍ଚଳ ଅନ୍ଧାର

କଣାସ,୮।୮ (ସମିସ): କଣାସ ବ୍ଲକ୍‌ର ଗଡ଼ିଶାଗୋଦା ଅଞ୍ଚଳ ଚିଲିକା ଉପକୂଳରେ ଅବସ୍ଥାପିତ ହୋଇଥିବାବେଳେ କଣାସ ବିଦ୍ୟୁତ୍ ସବ୍‌ଷ୍ଟେସନରୁ ଗଡ଼ିଶାଗୋଦା ଅଞ୍ଚଳକୁ ବିଦ୍ୟୁତ୍ ଯୋଗାଣ କରାଯାଉଛି। ଖୋର୍ଦ୍ଧା ଗ୍ରୀଡ଼୍‌ରୁ ବିଦ୍ୟୁତ୍ କାଟ୍ ସମୟର ଖବର ପାଇ ବସନ୍ତପୁର ନିକଟରେ ଦୁର୍ବୃତ୍ତମାନେ ତାର କାଟି ନେଉଥିବାରୁ ଗଡ଼ିଶାଗୋଦା, ଯାମଳଗୋଦା, ଆଳିବାଡ଼, ଗୋପୀନାଥପୁର, କାଦୁଆ, ବଡାଲ ଗ୍ରାମପଞ୍ଚାୟତ ଦୀର୍ଘ ସମୟ ଧରି ଅନ୍ଧାର ହେଉଛି। ଗତ ଜୁଲାଇ ୧୬ ତାରିଖ ରାତିରେ ଦୁର୍ବୃତ୍ତମାନେ ୪ ସ୍ପାନ୍ ଦୁଇ ଫେଜ ତାର କାଟି ନେଇଥିବାବେଳେ ଗୁରୁବାର ବର୍ଷା ଓ ବଜ୍ରପାତ ହୋଇଥିଲା। ଫଳରେ ବିଦ୍ୟୁତ୍ ସରବରାହ ସନ୍ଧ୍ୟା ସମୟରେ ବନ୍ଦ ରହିଥିଲା। ଏହାର ସୁଯୋଗ ନେଇ ଚୋରମାନେ ଦୁଇ ସ୍ପାନ ଦୁଇ ଫେଜ୍ ତାର କାଟି ନେଇଛନ୍ତି। ସେହି ବାଟ ଦେଇ ଗଡ଼ିଶାଗୋଦା ଥାନା ଗାଡ଼ି ରାତିରେ ପାଟ୍ରୋଲିଂ କରୁଥିଲେ ମଧ୍ୟ ନିର୍ଭୟରେ ଚୋରମାନେ ତାର କାଟି ନେଉଥିବା ଅଭିଯୋଗ ହେଉଛି।


## ଅଟୋ ଓଲଟି ୫ ଆହତ



କଣାସ,୮।୮ (ସମିସ): ଶୁକ୍ରବାର ଦିନ ୧୨ଟା ସମୟରେ ନୂଆ ଜଗନ୍ନାଥ ସଡ଼କ ବରୁଣେଇ ଶଙ୍ଖ ନିକଟରେ ଏକ ଅଟୋ ରିକ୍ସା ଓଲଟି ୫ ଜଣ ଆହତ ହୋଇଛନ୍ତି। ପୁରୀରୁ ଜଗନ୍ନାଥ ଦର୍ଶନ ସାରି ବରାଳ ବାଲୁଙ୍କେଶ୍ୱର ମନ୍ଦିର ଦର୍ଶନ କରିସାରିବା ପରେ ଖଲ୍ଲିକୋଟ ନିକଟ ଲଙ୍ଗଳେଶ୍ୱର ଗ୍ରାମକୁ ଅଟୋ ଯୋଗେ ଏମାନେ ଫେରୁଥିବା ସମୟରେ ଡ୍ରାଇଭର ଭାରସାମ୍ୟ ହରାଇଥିଲେ। ଆହତଙ୍କୁ ପ୍ରଥମେ କଣାସ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଚିକିତ୍ସା ପାଇଁ ଅଣାଯାଇଥିଲା। ସେମାନଙ୍କ ମଧ୍ୟରୁ ୩ ଜଣଙ୍କର ଅବସ୍ଥା ଗୁରୁତର ହେବାରୁ ଭୁବନେଶ୍ୱର ସ୍ଥାନାନ୍ତର କରାଯାଇଛି। କଣାସ ପୁଲିସ ଘଟଣାସ୍ଥଳରେ ପହଞ୍ଚି ଅଟୋକୁ ଜବତ କରିବା ସହିତ ଡ୍ରାଇଭରକୁ ଅଟକ ରଖିଛି।

### ଭାରତୀୟ ନୌସେନା ତାଲିମ କେନ୍ଦ୍ର ଚିଲିକା

# ୨୦୧୦ ଅଗ୍ନିବୀରଙ୍କ ପାସିଂ ଆଉଟ୍ ପରେଡ୍



ବାଲୁଗାଁ,୮।୮ (ସମିସ):

ଭାରତୀୟ ନୌସେନା ତାଲିମ କେନ୍ଦ୍ର ଚିଲିକାରେ ଶୁକ୍ରବାର ଅପରାହ୍ନରେ ୧/୨୫ର ଷଷ୍ଠ ବ୍ୟାଚ୍‌ର ଅଗ୍ନିବୀରଙ୍କ ପାସିଂ ଆଉଟ୍ ପରେଡ୍ ଅନୁଷ୍ଠିତ ହୋଇଯାଇଛି। ଏହି ଷଷ୍ଠ ବ୍ୟାଚ୍‌ରେ ୩୦୯ ଜଣ ମହିଳା ନୌସେନା ଅଗ୍ନିବୀରଙ୍କ ସମେତ ସମୁଦାୟ ୨୦୧୦ ଜଣ ଅଗ୍ନିବୀର ଓ ୨୭୬ ଜଣ ନାବିକ ଜିଡିଏସ୍ ପ୍ରଶିକ୍ଷଣପ୍ରାପ୍ତ ନୌସେନା ତଟରକ୍ଷୀଙ୍କ ଦୀର୍ଘ ୧୬ ସପ୍ତାହ ଧରି କଠିନ ପରିଶ୍ରମ କରି ସଫଳତାର ସହ ପ୍ରଶିକ୍ଷଣ ସମାପ୍ତି ପରେ ପାସିଂ ଆଉଟ୍ ପରେଡ୍‌ରେ ସାମିଲ ହୋଇଥିଲେ। ଆୟୋଜିତ ପାସିଂ ଆଉଟ୍ ପରେଡ୍ ସମାରୋହରେ ମୁଖ୍ୟ ଅତିଥି ଭାବେ ଇଷ୍ଟର୍ଣ୍ଣ ନୌସେନା ଫ୍ଲାଗ୍ ଅଫିସର କମାଣ୍ଡିଂ ଇନ୍ ଚିଫ୍ ତଥା ଭାଇସ୍ ଆଡ୍‌ମିରାଲ ରାଜେଶ ପେନ୍ଧାରକର ଯୋଗଦେଇ ପରେଡ୍ ନିରୀକ୍ଷଣ କରିବା ସହ ଅଗ୍ନିବୀରଙ୍କଠାରୁ ଅଭିବାଦନ ଗ୍ରହଣ କରିଥିଲେ। ଆଡ୍‌ମିରାଲ ରାଜେଶ ଅଗ୍ନିବୀରଙ୍କୁ ସେମାନଙ୍କ କଠିନ ପ୍ରଶିକ୍ଷଣର କର୍ତ୍ତବ୍ୟବୋଧତାକୁ ପ୍ରଶଂସା କରି, ଜଣେ ଲେଖାଏଁ ବଳିଷ୍ଠ ସାମୁଦ୍ରିକ ଯୋଦ୍ଧା ଭାବେ ଦେଶର ସୁରକ୍ଷା ନିମନ୍ତେ ସଂକଳ୍ପବଦ୍ଧ ହେବା ପାଇଁ ଆହ୍ୱାନ ଦେବା ସହିତ ନୌସେନାର ଲକ୍ଷ୍ୟ ତଥା କର୍ତ୍ତବ୍ୟବୋଧତା, ଆଦର୍ଶ, ସମ୍ମାନ ଓ ସାହସିକତାକୁ ପ୍ରାଧାନ୍ୟ ଦେବା ପାଇଁ ପରାମର୍ଶ ଦେଇଥିଲେ। ଏହି ଭବ୍ୟ ସମାରୋହରେ ଦେଶ ସେବା ପାଇଁ ଯାତ୍ରା ଆରମ୍ଭ କରିଥିବା ଅଗ୍ନିବୀରମାନଙ୍କ ପିତା-ମାତାଙ୍କୁ ମଧ୍ୟ ମୁଖ୍ୟ ଅତିଥି କୃତଜ୍ଞତା ଜ୍ଞାପନ କରିଥିଲେ। ଉକ୍ତ ପାସିଂ ଆଉଟ୍ ପରେଡ୍ କାର୍ଯ୍ୟକ୍ରମକୁ ଚିଲିକା ନୌସେନା ମୁଖ୍ୟ କମୋଡର ବି.ଦୀପକ ଅନିଲ ପରିଚାଳନା କରିଥିବାବେଳେ ଏଥିରେ ସମ୍ମାନିତ ଅତିଥି ଭାବେ ବିଶିଷ୍ଟ କ୍ରୀଡ଼ା ବ୍ୟକ୍ତିତ୍ୱ, ବରିଷ୍ଠ ଅବସରପ୍ରାପ୍ତ ସେନା ଅଧିକାରୀ ଏବଂ ଭେଟେରାନମାନେ ସାମିଲ ହୋଇଥିଲେ। ଏହି ଅବସରରେ ଆଇଏନ୍ଏସ୍ ଚିଲିକାର ଦ୍ୱିଭାଷୀ ପତ୍ରିକା "ଅଙ୍କୁର' ସଂସ୍କରଣକୁ ମୁଖ୍ୟ ଅତିଥି ଉନ୍ମୋଚନ କରିଥିଲେ। ଏହି ଅବସରରେ ଶ୍ରେଷ୍ଠ ବିବେଚିତ ପୁରୁଷ ଅଗ୍ନିବୀରଙ୍କୁ ମୁଖ୍ୟ ଅତିଥିଙ୍କ ଦ୍ୱାରା ରୋଲିଂ ଟ୍ରଫି ସହ ସ୍ୱର୍ଣ୍ଣ ପଦକ ପ୍ରଦାନ କରାଯାଇଥିବାବେଳେ ଶ୍ରେଷ୍ଠ ମହିଳା ଅଗ୍ନିବୀରଙ୍କୁ ଜେନେରାଲ ବିପିନ ରାୱତ ରୋଲିଂ ଟ୍ରଫି ଏବଂ ଶ୍ରେଷ୍ଠ ତଟରକ୍ଷୀଙ୍କୁ ତଟରକ୍ଷା ଡିରେକ୍ଟର ଜେନେରାଲ ରୋଲିଂ ଟ୍ରଫି ସହ ସ୍ୱର୍ଣ୍ଣ ପଦକ ପ୍ରଦାନ କରି ସମ୍ମାନିତ କରାଯାଇଥିଲା। ବିଦାୟକାଳୀନ ସମାରୋହରେ ଶ୍ରେଷ୍ଠ ବିବେଚିତ ଗ୍ରୁପ୍‌କୁ ଚାମ୍ପିଅନସିପ୍ ଟ୍ରଫି ଏବଂ ଦ୍ୱିତୀୟ ସ୍ଥାନ ଅଧିକାର କରିଥିବା ଗ୍ରୁପ୍‌କୁ ରନର୍ସଅପ୍ ଟ୍ରଫି ପ୍ରଦାନ କରାଯାଇଥିଲା।

ସୂଚନା ଥାଉକି, ପ୍ରଥମ ବ୍ୟାଚ୍‌ରେ ୨୫୮୫ ଜଣ, ଦ୍ୱିତୀୟ ବ୍ୟାଚ୍‌ରେ ୨୮୯୫ ଜଣ, ତୃତୀୟ ବ୍ୟାଚ୍‌ରେ ୨୬୩୦ ଜଣ, ଚତୁର୍ଥ ବ୍ୟାଚ୍‌ରେ ୨୧୬ ଜଣ ମହିଳା ଅଗ୍ନିବୀରଙ୍କ ସମେତ ମୋଟ୍ ୧୩୮୯ ଜଣ ଓ ପଞ୍ଚମ ବ୍ୟାଚ୍‌ରେ ୪୦୨ ଜଣ ମହିଳା ନୌସେନା ଅଗ୍ନିବୀରଙ୍କ ସମେତ ୨୯୬୬ ଜଣ ଅଗ୍ନିବୀର ସଫଳତାର ସହ ପ୍ରଶିକ୍ଷଣ ଲାଭ କରି ଭାରତୀୟ ନୌସେନାରେ ଯୋଗଦେଇଛନ୍ତି।

## ଗରମ ସିରା କଡ଼େଇରେ ପଡ଼ି ପୂଜକ ଗୁରୁତର

ସାକ୍ଷୀଗୋପାଳ,୮।୮ (ସମିସ): ଗରମ ସିରା କଡ଼େଇରେ ପଡ଼ି ଜଣେ ପୂଜକ ଶୁକ୍ରବାର ଗୁରୁତର ଆହତ ହୋଇଛନ୍ତି। ସେ ହେଲେ ସଞ୍ଜୟ କୁମାର ପାଢ଼ୀ (୩୩)। ତାଙ୍କ ଘର ସତ୍ୟବାଦୀ ଥାନା ଶ୍ରୀରାମଚନ୍ଦ୍ରପୁର ବଣିଆ ସାହିରେ। ଅପରାହ୍ନରେ ସେ ସାରୁ ଗଡ଼ିଆ ଛକରେ ଏକ ମିଠା ଦୋକାନରେ ଠାକୁର ପୂଜା କରି ଧୂପ ଦେବା ସମୟରେ ଆକସ୍ମିକ ଭାବେ ନିକଟରେ ରହିଥିବା ଗରମ ସିରା କଡ଼େଇରେ ପଡ଼ିଯାଇଥିଲେ। ତାଙ୍କ ଶରୀରର ଅର୍ଦ୍ଧାଧିକ ଅଂଶ ସିଝିଯାଇଥିଲା। ତାଙ୍କୁ ସଙ୍ଗେ ସଙ୍ଗେ ସାକ୍ଷୀଗୋପାଳ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ପରେ ତାଙ୍କୁ କ୍ୟାପିଟାଲ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଛି। ପ୍ରତିଦିନ ସାକ୍ଷୀଗୋପାଳ ବଜାର ଅଞ୍ଚଳରେ ଦୋକାନ ଦୋକାନ ବୁଲି ସେ ପୂଜା କରନ୍ତି।

### ବିପର୍ଯ୍ୟସ୍ତ ଶିକ୍ଷା ବ୍ୟବସ୍ଥା ଓ ମଧ୍ୟାହ୍ନଭୋଜନରେ ଅନିୟମିତତା

## ୩ ଦିନ ମଧ୍ୟରେ ରିପୋର୍ଟ ଦେବାକୁ ଡିଇଓଙ୍କୁ ନିର୍ଦ୍ଦେଶ

'ସକାଳ' ପ୍ରଭାବ

ଗମ୍ଭାରୀପଦା,୮।୮ (ସମିସ): କାକଟପୁର ବ୍ଲକ୍ ଅଧୀନସ୍ଥ ୧୬ଟି ଗ୍ରାମପଞ୍ଚାୟତରେ ଥିବା ପ୍ରାଥମିକ ବିଦ୍ୟାଳୟ, ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ନୋଡାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଓ ଉଚ୍ଚ ବିଦ୍ୟାଳୟମାନଙ୍କରେ ଶିକ୍ଷା ବ୍ୟବସ୍ଥା ବିପର୍ଯ୍ୟସ୍ତ ହୋଇପଡ଼ିଥିବା ବେଳେ ମଧ୍ୟାହ୍ନ ଭୋଜନରେ ବ୍ୟାପକ ଅନିୟମିତତା କରାଯାଉଛି। ଏନେଇ ଦୈନିକ 'ସକାଳ'ରେ ପ୍ରକାଶିତ ଖବର ଆଧାରରେ ସାମାଜିକ କର୍ମୀ ଭାଗିରଥୀ ସ୍ୱାଇଁ ଗତ ୫ ତାରିଖରେ ଘଟଣାର ଉଚ୍ଚସ୍ତରୀୟ ତଦନ୍ତ କରିବା ପାଇଁ ମୁଖ୍ୟମନ୍ତ୍ରୀ, ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ, ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ, କେନ୍ଦ୍ର ଶିକ୍ଷାମନ୍ତ୍ରୀ, ବିଭାଗୀୟ ସଚିବ ଓ ପୁରୀ ଜିଲ୍ଲାପାଳ ପ୍ରମୁଖଙ୍କୁ 'ଏକ୍ସ' ମାଧ୍ୟମରେ ଅଭିଯୋଗ କରିଥିଲେ। ଏହି ଅଭିଯୋଗକୁ ଗୁରୁତ୍ୱାରୋପ କରି ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ କ୍ରମେ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଅଧୀନସ୍ଥ ରାଜ୍ୟ ପ୍ରକଳ୍ପ ପରିଚାଳନା ୟୁନିଟ୍ ପକ୍ଷରୁ ବିଭାଗୀୟ ଚିଠି ନଂ-୯୭୪, ତା.୦୭.୦୮.୨୦୨୫ ଆଧାରରେ ୩ ଦିନ ମଧ୍ୟରେ ଘଟଣାର ତଦନ୍ତ କରି ରିପୋର୍ଟ ପ୍ରଦାନ କରିବାକୁ ପୁରୀ ଜିଲ୍ଲା ଶିକ୍ଷା ଅଧିକାରୀ ଦୀପକ କୁମାର ପହିଙ୍କୁ ନିର୍ଦ୍ଦେଶ ଦିଆଯାଇଛି।

ପ୍ରକାଶ ଯେ, ବିପର୍ଯ୍ୟସ୍ତ ଶିକ୍ଷା ବ୍ୟବସ୍ଥା ଶୀର୍ଷକ ଖବର 'ସକାଳ'ରେ ପ୍ରକାଶିତ ହୋଇଥିଲା। କାକଟପୁର ବ୍ଲକ୍ ଶିକ୍ଷା ଅଧିକାରୀ ଏଭଳି ବେଆଇନ କାର୍ଯ୍ୟକଳାପକୁ ପ୍ରଶ୍ରୟ ଦେଇ କିଛି ଶିକ୍ଷକଙ୍କୁ ହାତ କରି ଏବିଇଓଙ୍କ ସଚ୍ଚୋଟ ପଣିଆକୁ ଚାପି ଦେଇ ବିଦ୍ୟାଳୟମାନଙ୍କରେ ମଧ୍ୟାହ୍ନ ଭୋଜନ ଅନିୟମିତତା ଓ ଶିକ୍ଷାର ମାନ ହ୍ରାସ କରିବା ପାଇଁ ଏକପ୍ରକାର ଚକ୍ରାନ୍ତ କରୁଛନ୍ତି ବୋଲି କାକଟପୁର ବ୍ଲକ୍‌ର ବୁଦ୍ଧିଜୀବୀ, ସଚେତନ ନାଗରିକ, ବରିଷ୍ଠ ନାଗରିକ ଓ ଜନସାଧାରଣଙ୍କ ମଧ୍ୟରେ ଚର୍ଚ୍ଚା ଜୋର୍‌ଦାର୍ ହେଉଛି। କାକଟପୁର ବ୍ଲକ୍‌ରେ ବିପର୍ଯ୍ୟସ୍ତ ଶିକ୍ଷା ବ୍ୟବସ୍ଥାରେ ସୁଧାର ଆଣିବା ଓ ମଧ୍ୟାହ୍ନଭୋଜନ ଅନିୟମିତତା ରୋକିବା ପାଇଁ ସାମାଜିକ କର୍ମୀ ଶ୍ରୀ ସ୍ୱାଇଁ ମୁଖ୍ୟମନ୍ତ୍ରୀଙ୍କୁ ନିବେଦନ କରିବା ପରେ ଏହାର ତଦନ୍ତ ନିର୍ଦ୍ଦେଶ ଦିଆଯାଇଛି। ଏହି ଘଟଣାକୁ ନେଇ କାକଟପୁର ବ୍ଲକ୍‌ର ବିଭିନ୍ନ ବିଦ୍ୟାଳୟର ଶିକ୍ଷକଶିକ୍ଷୟିତ୍ରୀଙ୍କ ମଧ୍ୟରେ ଏକ ପ୍ରକାର କୋକୁଆ ଭୟ ସୃଷ୍ଟି ହୋଇଥିବା ସାଧାରଣରେ ଆଲୋଚନା ହେଉଛି।

## 'ସମସ୍ତ ଭାଷାର ଜନନୀ ସଂସ୍କୃତ'

ସାକ୍ଷୀଗୋପାଳ,୮।୮ (ସମିସ): ସତ୍ୟବାଦୀ ଉଚ୍ଚ ବିଦ୍ୟାଳୟ, ସାକ୍ଷୀଗୋପାଳ ପରିସରରେ ଶୁକ୍ରବାର ବିଶ୍ୱ ସଂସ୍କୃତ ଦିବସ ପାଳିତ ହୋଇଯାଇଛି। ପ୍ରାରମ୍ଭରେ ଅତିଥିମାନେ ପୁଣ୍ୟାତ୍ମା ଗୋପବନ୍ଧୁଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ବିଦ୍ୟାଦାତା ଶ୍ରୀଗଣେଶଙ୍କ ଫଟୋଚିତ୍ରରେ ଫୁଲ, ଚନ୍ଦନ, ସିନ୍ଦୂର, ଧୂପ, ଦୀପ ଦେଇ ସଭାକାର୍ଯ୍ୟ ଆରମ୍ଭ ହୋଇଥିଲା। ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ଅମିତା ସେନାପତି ମୁଖ୍ୟଅତିଥି ଭାବେ ଯୋଗଦେଇ ସମସ୍ତ ଭାଷାର ଜନନୀ ହେଉଛି ସଂସ୍କୃତ ଭାଷା ବୋଲି କହିଥିଲେ। ବୈଦିକ ଯୁଗଠାରୁ ଆରମ୍ଭକରି ଆଜିର ଅତ୍ୟାଧୁନିକ ଯୁଗରେ ସଂସ୍କୃତ ଭାଷାର ଗୁରୁତ୍ୱ ରହିଛି ଓ ଭବିଷ୍ୟତରେ ମଧ୍ୟ ରହିବ ବୋଲି ସେ ମତବ୍ୟକ୍ତ କରିଥିଲେ। ମୁଖ୍ୟବକ୍ତାଭାବେ ମଠସାହି ଉଚ୍ଚ ବିଦ୍ୟାଳୟ ସଂସ୍କୃତ ଶିକ୍ଷକ ଯୁଧିଷ୍ଠିର ପ୍ରଧାନ ଯୋଗଦେଇ ସଂସ୍କୃତ ହେଉଛି ଦେବ ଭାଷା, ଆଗ କାଳରେ ସଂସ୍କୃତ ହିଁ ଗୋଟିଏ ଭାଷା ପ୍ରଚଳିତ ରହିଥିଲା ବୋଲି ସେ କହିଥିଲେ। ସମ୍ମାନିତ ଅତିଥି ଭାବେ ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଚକ୍ରଧର ମହାରଣା ଯୋଗଦେଇଥିଲେ। ସଂସ୍କୃତ ଶିକ୍ଷୟିତ୍ରୀ କ୍ରିଷ୍ଣା ପ୍ରିୟା ଦାଶ କାର୍ଯ୍ୟକ୍ରମ ସଂଯୋଜନା କରିଥିବାବେଳେ ଧନ୍ୟବାଦ ଦେଇଥିଲେ ଶିକ୍ଷୟିତ୍ରୀ ନିହାରିକା ସେନାପତି। ବିଦ୍ୟାଳୟର ସମସ୍ତ ଶିକ୍ଷକଶିକ୍ଷୟିତ୍ରୀ ସହଯୋଗ କରିଥିଲେ। ଏହି ଅବସରରେ ଛାତ୍ରୀମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ।

## ୟୁନିଫାଏଡ୍ ଅଟୋମେସନ ସିଷ୍ଟମ୍ ପ୍ରତ୍ୟାହାର ପାଇଁ ଦାବିପତ୍ର

ପିପିଲି,୮।୮ (ସମିସ): ସରକାରଙ୍କ ପକ୍ଷରୁ ରାଜ୍ୟରେ ପ୍ରାଥମିକ ଓ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ୟୁନିଫାଏଡ୍ ଅଟୋମେସନ ସିଷ୍ଟମ୍ (ୟୁଏସ୍) ପ୍ରଚଳନ ପାଇଁ ପ୍ରଶାସନିକ ଉଦ୍ୟମ ଆରମ୍ଭ ହୋଇଯାଇଛି। ଏହାକୁ ପ୍ରତ୍ୟାହାର ପାଇଁ ପିପିଲି ମିଳିତ ପ୍ରାଥମିକ ଶିକ୍ଷକ ସଂଘ ତରଫରୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ପିପିଲି ବିଇଓ ପୀତବାସ ସେଠୀଙ୍କୁ ପ୍ରଦାନ କରାଯାଇଛି। ତାଙ୍କ ସହ ଏବିଇଓ ସାହେବ ପାତ୍ର ଉପସ୍ଥିତ ଥିଲେ। ଶିକ୍ଷକମାନଙ୍କୁ ମୋବାଇଲ୍ ଫୋନ୍ ଏବଂ ଏଥିସହିତ ଆବଶ୍ୟକୀୟ ଡାଟା ପ୍ୟାକ୍ ଯୋଗାଇ ଦିଆ ନ ଯାଇ ଶିକ୍ଷକମାନଙ୍କ ବ୍ୟକ୍ତିଗତ ମୋବାଇଲ୍‌କୁ ଉକ୍ତ କାର୍ଯ୍ୟରେ ବ୍ୟବହାର କରାଯିବାକୁ ଶିକ୍ଷକମାନେ ସହଜରେ ଗ୍ରହଣ କରିପାରୁ ନାହାନ୍ତି। ତେଣୁ ଏହାକୁ କାର୍ଯ୍ୟକାରୀ କରିବା ପୂର୍ବରୁ ଭିତ୍ତିଭୂମି ପ୍ରସ୍ତୁତି ଯଥା-ଆବଶ୍ୟକୀୟ କିରାଣି, ଏହି କାର୍ଯ୍ୟ ସମ୍ପାଦନ ପାଇଁ ମୋବାଇଲ୍ ଡାଟା ଦେୟର କୌଣସି ବ୍ୟବସ୍ଥା ନାହିଁ। ଉକ୍ତ ବ୍ୟବସ୍ଥା ପ୍ରଚଳିତ ହେଲେ ଶ୍ରେଣୀ ଶିକ୍ଷକ ଓ ପ୍ରଧାନଶିକ୍ଷକମାନେ ଦିନତମାମ ଉକ୍ତ କାର୍ଯ୍ୟରେ ନିୟୋଜିତ ରହିବେ। ତେଣୁ ଶିକ୍ଷାଦାନ କାର୍ଯ୍ୟ ନିଶ୍ଚିତ ବାଧାପ୍ରାପ୍ତ ହେବ। ମିଳିତ ପ୍ରାଥମିକ ଶିକ୍ଷକ ସଂଘ ପକ୍ଷରୁ ସମ୍ପାଦକ ଲକ୍ଷ୍ମୀଧର ସାହୁ, ସଭାପତି ଜୟପ୍ରକାଶ ପ୍ରଧାନ, ରାଜ୍ୟ ସଂଘ ମହାସଚିବ ବିକ୍ରମ ରଥ, ସୁକାନ୍ତ ନାୟକ, କୃଷ୍ଣ ଚନ୍ଦ୍ର ସାହୁ, ଗୋପାଳ ମଲ୍ଲିକ, ଜିତେନ୍ଦ୍ର ନାୟକ, ଚିନ୍ତାମଣି ଓଝା, ବିଚ୍ଛନ୍ଦ ମହାପାତ୍ର, ଗଗନ ପାଣିଗ୍ରାହୀ, ନିରଞ୍ଜନ ବଢ଼େଇ, ଅଶୋକ ପରିଡ଼ା, ନୁଜାମୁଲ୍ ହୁଦା, ସରୋଜ ମାହୁନ୍ତ, ହରିଶ୍ଚନ୍ଦ୍ର ପତି, ଶକ୍ତି ପ୍ରସନ୍ନ ମହାନ୍ତି, ଗୌରାଙ୍ଗ ସାହୁ, ଶ୍ରୀଧର ସାହୁ, ନଗେନ୍ ସେଠୀ, ଦିଲ୍ଲୀପ ରଥ ପ୍ରମୁଖ ଦାବିପତ୍ର ପ୍ରଦାନ କରିଥିଲେ।

## ଗୋପ ବ୍ଲକ୍‌ରେ ୩୦ ନୂତନ ମତଦାନ କେନ୍ଦ୍ର ନିମନ୍ତେ ପ୍ରସ୍ତାବ



କୋଣାର୍କ,୮।୮ (ସମିସ): ବିଧାନସଭା ଓ ଲୋକସଭା ନିର୍ବାଚନ ନିମନ୍ତେ ସମ୍ପ୍ରତି ଗୋପ ବ୍ଲକ୍‌ରେ ୧୭୧ଟି ମତଦାନ କେନ୍ଦ୍ର ରହିଛି। ତେବେ ୧୧୦୦ରୁ ଅଧିକ ଭୋଟର ଥିବା ବୁଥ୍‌ଗୁଡ଼ିକୁ ବିଭାଜନ କରାଯାଇ ଆଉ ୩୦ଟି ନୂଆ ବୁଥ୍ ସୃଷ୍ଟି କରିବା ନିମନ୍ତେ ପୁରୀ ଜିଲ୍ଲା ନିର୍ବାଚନ ଅଧିକାରୀଙ୍କ ପକ୍ଷରୁ ରାଜ୍ୟ ନିର୍ବାଚନ ଆୟୋଗଙ୍କୁ ପ୍ରସ୍ତାବ ଦିଆଯାଇଛି। ବୁଥ୍‌ସ୍ତରୀୟ ଅଧିକାରୀଙ୍କଠାରୁ ସଂଗ୍ରହ କରାଯାଇଥିବା ତଥ୍ୟ ଅନୁଯାୟୀ, ଶୁକ୍ରବାର ପ୍ରସ୍ତାବିତ ନୂତନ ମତଦାନ କେନ୍ଦ୍ରଗୁଡ଼ିକର ଭିତ୍ତିଭୂମି ପରଖିଛନ୍ତି ଅତିରିକ୍ତ ଜିଲ୍ଲାପାଳ ଶରତ ଚନ୍ଦ୍ର ମହାପାତ୍ର। ଶ୍ରୀ ମହାପାତ୍ରଙ୍କ ସହିତ ଗୋପ ତହସିଲ୍‌ଦାର ଅନିଲ କୁମାର ମହାନ୍ତି, ଗୋପ ଏବିଡିଓ ତଥା ଏଇଆର୍‌ଓ ଦୀପକ କୁମାର ଜେନା ଗୋପ ବ୍ଲକ୍ ଓ କୋଣାର୍କ ଏନ୍ଏସିର ବିଭିନ୍ନ ୱାର୍ଡରେ ପ୍ରସ୍ତାବିତ ନୂତନ ମତଦାନ କେନ୍ଦ୍ର ପରିଦର୍ଶନ ସମୟରେ ପଞ୍ଚାୟତିରାଜ ପ୍ରତିନିଧି, ବରିଷ୍ଠ ନାଗରିକ ତଥା ବିଭିନ୍ନ ବର୍ଗର ଭୋଟରମାନଙ୍କ ସହିତ ଆଲୋଚନା କରିଥିଲେ। ସାରଡ଼ା ଓ ଜୁଣେଇଠାରେ ସିଆର୍‌ସିସି ରବୀନ୍ଦ୍ରନାଥ ବାହିନୀପତି, ପ୍ରଧାନଶିକ୍ଷକ ପ୍ରମୋଦ କୁମାର ଦାସ, ଶିକ୍ଷକ ରାଜେଶ ନାୟକ ଉପସ୍ଥିତ ରହି ପ୍ରଶାସନିକ ଅଧିକାରୀମାନଙ୍କୁ ସହଯୋଗ କରିଥିଲେ। ପ୍ରସ୍ତାବିତ ୩୦ଟି ନୂତନ ମତଦାନ କେନ୍ଦ୍ର ମଧ୍ୟରେ କାକଟପୁର ନିର୍ବାଚନମଣ୍ଡଳୀରେ ୨୦, ନିମାପଡ଼ା ନିର୍ବାଚନମଣ୍ଡଳୀରେ ୭ ଓ ପୁରୀ ନିର୍ବାଚନମଣ୍ଡଳୀରେ ୩ଟି ରହିଥିବା ଜଣାପଡ଼ିଛି।

## ଭାରତ ବିକାଶ ପରିଷଦ ପକ୍ଷରୁ ଅଗ୍ନିବିପନ୍ନଙ୍କୁ ସହାୟତା

ସାକ୍ଷୀଗୋପାଳ,୮।୮ (ସମିସ): ସତ୍ୟବାଦୀ ବ୍ଲକ୍ ଅନ୍ତର୍ଗତ ନରେନ୍ଦ୍ରପୁର ଗ୍ରାମ ପଞ୍ଚାୟତର ଘାସିଭବାନୀପୁର ଗ୍ରାମର ୧୦ ଅଗ୍ନିବିପନ୍ନ ପରିବାରଙ୍କୁ ଭାରତ ବିକାଶ ପରିଷଦ ସତ୍ୟବାଦୀ ଶାଖାର କର୍ମକର୍ତ୍ତାମାନେ ସମବେଦନା ଜଣାଇବା ସହ ଶୁଖିଲା ଖାଦ୍ୟ ସାମଗ୍ରୀ, ମହମବତି, ଦିଆସିଲି ପ୍ୟାକେଟ୍ ସହିତ ଶାଢ଼ି, ଲୁଙ୍ଗି ଓ ଗାମୁଛା ପ୍ରଦାନ କରିଛନ୍ତି। ପରିବାରଜନଙ୍କ ଅସୁବିଧା ସମୟରେ ପରିଷଦର ସଭ୍ୟମାନେ ପହଞ୍ଚିଥିବାରୁ ଗ୍ରାମବାସୀମାନେ ଖୁସିବ୍ୟକ୍ତ କରିଥିଲେ। ଏଥିରେ ଭାରତ ବିକାଶ ପରିଷଦ ସତ୍ୟବାଦୀ ଶାଖାର ସଭାପତି ପୂର୍ଣ୍ଣଚନ୍ଦ୍ର ମହାପାତ୍ର, ଶାଖା ସଚିବ ବିଜୟ କୁମାର ପରିଡ଼ା, ସମ୍ପର୍କ ସଚିବ ନବଘନ ଶତପଥୀ, ସେବା ସଚିବ ଦେବରାଜ ନାୟକ, ସଂସ୍କାର ସଚିବ ସୁନିଲ କୁମାର ବେହେରା, ପର୍ଯ୍ୟାବରଣ ସଚିବ ବିଭୁପ୍ରସାଦ ମହାପାତ୍ର, ସଭ୍ୟ ଭୁବନାନନ୍ଦ ଷଡ଼ଙ୍ଗୀ ଓ ଲିଙ୍ଗରାଜ ସାହୁ ଯୋଗଦେଇଥିଲେ।

## ଜନ୍ମଦିନରେ ରକ୍ତଦାନ ଶିବିର




ନିମାପଡ଼ା,୮।୮ (ସମିସ): ନିମାପଡ଼ା ନେକ୍ସସ୍ ଫାଉଣ୍ଡେସନର ମାର୍ଗଦର୍ଶକ ଦର୍ପନାରାୟଣ ସାହୁଙ୍କ ପୁତ୍ର ଆର୍ଯ୍ୟ ଦେବାଂଶୁ ସାହୁଙ୍କ ୪ର୍ଥ ଜନ୍ମଦିନ ଅବସରରେ ଶଗଡ଼ା ପଞ୍ଚାୟତରେ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଉକ୍ତ ଶିବିରକୁ ଅଧ୍ୟାପକ ସୁବ୍ରତ ମହାନ୍ତି ମୁଖ୍ୟ ଅତିଥିଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥିଭାବେ ସ୍ଥାନୀୟ ସରପଞ୍ଚ ମଧୁସ୍ମିତା ସାହୁ, ସମିତିସଭ୍ୟ ତପନ ପ୍ରଧାନ, ଫାଉଣ୍ଡେସନର ମାର୍ଗଦର୍ଶକ ସ୍ମୃତି ରଞ୍ଜନ ପ୍ରଧାନ, ସୁରେଶ ଚନ୍ଦ୍ର ବେହେରା, ସତ୍ୟ ନାରାୟଣ ସାହୁ, ସୋନାଲି ଦାସ, ବିଶ୍ୱଭୂଷଣ ବିଶ୍ୱାଳ, ମୁକେଶ ପଣ୍ଡା, ଦର୍ପନାରାୟଣ ସାହୁ ପ୍ରମୁଖ ଯୋଗଦେଇ ରକ୍ତଦାତାମାନଙ୍କୁ ଉତ୍ସାହିତ କରିଥିଲେ। ଫାଉଣ୍ଡେସନର ସଭାପତି ସୁବ୍ରତ ମଲ୍ଲିକ, ସଦସ୍ୟ ସର୍ବଜିତ୍ ମିଶ୍ର, ସଚ୍ଚିକାନ୍ତ ମୁଦୁଲି, ଦେବାଶିଷ ଦାସ, ସତ୍ୟ ପ୍ରସାଦ ବଡ଼ଜେନା, ଆଶୁତୋଷ ବେହେରା, ଶ୍ରୀକାନ୍ତ ସାହୁ, ସିଲୁ ପ୍ରଧାନ ପ୍ରମୁଖ କାର୍ଯ୍ୟକ୍ରମକୁ ପରିଚାଳନା କରୁଥିଲେ। ଏହି ଶିବିରରେ ୩୩ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଥିଲା।

## କୃମି ବଟିକା ବଣ୍ଟନ ସଚେତନତା କର୍ମଶାଳା

ଡେଲାଙ୍ଗ,୮।୮ (ସମିସ): ଡେଲାଙ୍ଗ ହାଟ ବଜାରସ୍ଥିତ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ପରିସରରେ ଜାତୀୟ କୃମିନାଶକ ଦିବସରେ କୃମି ବଟିକା ବଣ୍ଟନ ସଚେତନତା କର୍ମଶାଳା ଆୟୋଜିତ ହୋଇଯାଇଛି। ଡେଲାଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଆନୁକୂଲ୍ୟରେ ଆୟୋଜିତ କର୍ମଶାଳାରେ ବ୍ଲକ୍‌ର ସମସ୍ତ ବିଦ୍ୟାଳୟର ଶିକ୍ଷକଶିକ୍ଷୟିତ୍ରୀ ଅଂଶଗ୍ରହଣ କରିଥିଲେ। ଆସନ୍ତା ୧୨ ତାରିଖ ଜାତୀୟ କୃମିନାଶକ ଦିବସରେ ୧ରୁ ୧୯ ବର୍ଷ ବୟସ୍କ ସମସ୍ତ ଛାତ୍ରଛାତ୍ରୀଙ୍କୁ କୃମି ବଟିକା ସେବନର ବିଧି ଓ ସମସ୍ତେ ଯେପରି କୃମି ବଟିକା ସେବନ କରିବେ ତାହା ସମ୍ପର୍କରେ ଉପସ୍ଥିତ ଶିକ୍ଷକଶିକ୍ଷୟିତ୍ରୀଙ୍କୁ ଡେଲାଙ୍ଗ ଜନସ୍ୱାସ୍ଥ୍ୟ ସମ୍ପ୍ରସାରଣ ଅଧିକାରିଣୀ ସ୍ନେହାଞ୍ଜଳି ପଣ୍ଡା ସଚେତନ କରାଇଥିଲେ। ଏହି ଅବସରରେ ଡେଲାଙ୍ଗ ବ୍ଲକ୍ ଶିକ୍ଷାଧିକାରୀ ଶତ୍ରୁଘ୍ନ ବେହେରା, ସହ ଶିକ୍ଷାଧିକାରୀ ଲକ୍ଷ୍ମଣ ପ୍ରଧାନ, ସୁଷମା ଦାଶ, ଆୟୁଷ ଡାକ୍ତର ତପନ ଦାଶ, ଜୟଶ୍ରୀ ହରିଚନ୍ଦନ, ଦୀପିକା ସାହୁ, ପ୍ରଧାନଶିକ୍ଷୟିତ୍ରୀ ମୀନା ମଙ୍ଗରାଜ, ବିପିଏମ୍ ଦିଲ୍ଲୀପ ପରିଡ଼ା ପ୍ରମୁଖ ଯୋଗଦେଇଥିଲେ। ଯେଉଁ ଛାତ୍ରଛାତ୍ରୀମାନେ ୧୨ ତାରିଖରେ ବିଦ୍ୟାଳୟରେ ଅନୁପସ୍ଥିତ ଥିବେ ସେମାନେ ଆସନ୍ତା ୧୯ ତାରିଖରେ କୃମିନାଶକ ବଟିକା ସେବନ କରିପାରିବେ ବୋଲି ଉପସ୍ଥିତ ଅତିଥିମାନେ ପରାମର୍ଶ ଦେଇଥିଲେ। ସିଆର୍‌ସିସି ଅଭିମନ୍ୟୁ ପ୍ରଧାନ, ଶିକ୍ଷକ ରବୀନ୍ଦ୍ର ବେହେରା, ଅଭୟ ଚରଣ ସାହୁ, ପବିତ୍ର ଜେନା ପ୍ରମୁଖଙ୍କ ସମେତ ବିଭିନ୍ନ ବିଦ୍ୟାଳୟର ଶିକ୍ଷକଶିକ୍ଷୟିତ୍ରୀ ଓ ସିଆର୍‌ସିସିମାନେ ଏହି କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ। ଶେଷରେ ସିଆର୍‌ସିସି ତପନ କୁମାର ମଲ୍ଲିକ ଧନ୍ୟବାଦ ଜ୍ଞାପନ କରିଥିଲେ।

# ନଷ୍ଟ ହେଉଛି ପାନୀୟଜଳ; କର୍ତ୍ତୃପକ୍ଷ ନିରବ





କୁଶ୍ଳେଇ,୮।୮ (ସମିସ): ରାଜ୍ୟ ସରକାର ଗ୍ରାମ୍ୟ ପାନୀୟଜଳ ଯୋଗାଣ ପ୍ରକଳ୍ପ ମାଧ୍ୟମରେ ସମସ୍ତ ଗାଁକୁ ଭୂତଳ ପାଇପ୍ ଯୋଗେ ବିଶୁଦ୍ଧ ପାନୀୟଜଳ ଯୋଗାଇ ଦେଉଛନ୍ତି। ଏହି ପିଇବା ପାଣି ଲୋକମାନଙ୍କ ପାଖରେ ପହଞ୍ଚିବା ପାଇଁ ପ୍ରତ୍ୟେକ ଗାଁରେ ଭୂତଳ ପାଇପ୍ ବିଛାଯାଇଛି। କୁଶ୍ଳେଇ ପଞ୍ଚାୟତ ବାଜପୁର, କୃଷ୍ଣନଗର ପାଟଣା, ଶ୍ୟାମରାୟ ପାଟଣା, ରାଧାମାଧବ ପାଟଣା ପ୍ରମୁଖ ଗ୍ରାମରେ ବସୁଧା ପ୍ରକଳ୍ପ ଅନ୍ତର୍ଗତ ପାନୀୟଜଳ ଯୋଗାଣ ପାଇଁ ହୋଇଥିବା ଷ୍ଟାଣ୍ଡପୋଷ୍ଟ କେଉଁଠି ଭାଙ୍ଗି ଯାଇଥିବାବେଳେ ଆଉ କେଉଁଠି ଟ୍ୟାପ୍‌ଗୁଡ଼ିକ ସଠିକ୍ ଭାବେ କାର୍ଯ୍ୟ ନ କରିବାରୁ କେଉଁଠି ରାସ୍ତାରେ ପାଣି ଲହଡ଼ି ମାରୁଛି ତ ଆଉ କେଉଁଠି କାହା ବାଡ଼ି ଭିତରକୁ ପାଣି ବୋହିଯାଉଛି। କାହାରି କାମରେ ନ ଆସି ବହୁମାତ୍ରାରେ ପାନୀୟଜଳ ନଷ୍ଟ ହେଉଥିବା ନେଇ ସ୍ଥାନୀୟ ଲୋକେ ଅଭିଯୋଗ କଲା ପରେ ମଧ୍ୟ ଭାଙ୍ଗି ଯାଇଥିବା ଷ୍ଟାଣ୍ଡପୋଷ୍ଟଗୁଡ଼ିକୁ ମରାମତି କରାଯାଉ ନାହିଁ। ସ୍ଥାନୀୟ ଅଧିକାରୀ ସବୁ ଜାଣି ମଧ୍ୟ ନିରବ ରହୁଥିବାରୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ବିଭାଗୀୟ ଉଚ୍ଚକର୍ତ୍ତୃପକ୍ଷ ଏଥିପ୍ରତି ଦୃଷ୍ଟି ଦେବାକୁ ଦାବି ହେଉଛି।

● ପାନୀୟଜଳ ଯୋଗାଣ ବିଭାଗର ଦାୟିତ୍ୱହୀନତା

## ପାଇପ୍ ଯୋଗେ ଦିଆଯାଉଛି କଳା, ପଙ୍କୁଆ ପାଣି



ଅସ୍ତରଙ୍ଗ,୮।୮ (ସମିସ): ଅସ୍ତରଙ୍ଗ ଅଞ୍ଚଳର ଦୀର୍ଘ ଦିନର ବଡ଼ ସମସ୍ୟା ହେଲା ପିଇବାପାଣି। ଏହି ସମସ୍ୟାକୁ କିଛି ମାତ୍ରାରେ କାକଟପୁରରୁ ପାଇପ୍ ଯୋଗେ ଯୋଗାଇ ଦିଆଯାଉଛି। ଏହି ପାଣି ଉପରେ ଅଞ୍ଚଳବାସୀ ଏତେ ମାତ୍ରାରେ ନିର୍ଭର କରିଥା'ନ୍ତି ଯେ ଦିନେ ପାଣି ନ ଆସିଲେ ରୋଷେଇ, ପିଇବା ପାଇଁ ହନ୍ତସନ୍ତ ହୋଇ ପଡ଼ନ୍ତି। କିନ୍ତୁ ବିଭାଗର ଖାମଖିଆଲି ନୀତି ଯୋଗୁଁ କେତେବେଳେ ଦୁଇ ତିନି ଦିନ ପାଣି ଆସିବା ବନ୍ଦ ତ କେତେବେଳେ ଅନ୍ୟ କ'ଣ ଅସୁବିଧା ଦେଖାଇ ପାଣି ବନ୍ଦ କରିଥା'ନ୍ତି। କିନ୍ତୁ ଗତ ଦୁଇ ଦିନ ହେଲାଣି ସପ୍ଲାଇରେ ଏପରି ବିଷାକ୍ତ, କଳା, ପଙ୍କୁଆ ପାଣି ଆସୁଛି ଯାହାକୁ ପିଇବା କିମ୍ବା ରୋଷେଇ କରିବା ତ ଦୂରର କଥା ଶୌଚ ପାଇଁ ବି ବ୍ୟବହାର କରିହେଉନି। ଯାହାକୁ ବିଭାଗ ଜାଣି ମଧ୍ୟ ଆଖି ବୁଜିଦେଇଛି। ଅଞ୍ଚଳରେ ପାଣି ସମସ୍ୟା ଥିବା ବିଭାଗ ଜାଣି ମଧ୍ୟ କିପରି ଏପରି ଦାୟିତ୍ୱହୀନ କାର୍ଯ୍ୟ କରୁଛି ତାହା ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। କ'ଣ ପାଇଁ ଏପରି ବିଷାକ୍ତ ପାଣି ଯୋଗେଇ ଦିଆଯାଉଛି ସେ ବିଷୟରେ ଜାଣିବା ପାଇଁ ବିଭାଗୀୟ ଅଧିକାରୀ ସତ୍ୟସୁନ୍ଦର ମହାନ୍ତିଙ୍କୁ ଫୋନ୍ ଯୋଗେ ଯୋଗାଯୋଗ କରିବା ପାଇଁ ଚେଷ୍ଟା କରିଥିଲେ ମଧ୍ୟ ସେ ଫୋନ୍ ଉଠେଇ ନ ଥିଲେ। ତେଣୁ ଜିଲ୍ଲା ପ୍ରଶାସନ, ଜନପ୍ରତିନିଧି, ବିଭାଗୀୟ ମନ୍ତ୍ରୀ ଏହି ସମସ୍ୟା ସମାଧାନ ପାଇଁ ତୁରନ୍ତ ପଦକ୍ଷେପ ନେଇ ଅଞ୍ଚଳବାସୀଙ୍କୁ ନିର୍ମଳ ସ୍ୱଚ୍ଛ ପିଇବା ପାଣି ଯୋଗାଇଦେବା ପାଇଁ ଅଞ୍ଚଳବାସୀ ଦାବି କରିବା ସହିତ ଲୋକଙ୍କ ସମସ୍ୟାକୁ ଅଣଦେଖା କରୁଥିବା ସମ୍ପୃକ୍ତ ଅଧିକାରୀଙ୍କ ପ୍ରତି ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ବିଭାଗୀୟ ମନ୍ତ୍ରୀଙ୍କୁ ନିବେଦନ କରିଛନ୍ତି।



# ଶ୍ରୀକ୍ଷେତ୍ର ସିଟି

୮/୮/୨୦୨୫ (ଶୁକ୍ରବାର) ଶ୍ରୀଜଗନ୍ନାଥଙ୍କ ହୁଣ୍ଡିରେ ସମର୍ପଣ
ଟ. ୪,୫୩,୨୧୩/- ସୁନା: ୦୪.୬୫୦ ଗ୍ରାମ୍ ରୁପା: ୦୫.୭୫୦ ଗ୍ରାମ୍





## ଆଜି ଶ୍ରୀମନ୍ଦିରରେ ରାକ୍ଷୀ ଲାଗି, ବଳଭଦ୍ରଙ୍କ ଜନ୍ମ ନୀତି



ପୁରୀ,୮।୮ (ସମିସ): ଶନିବାର ଗହ୍ମାପୂର୍ଣ୍ଣିମା। ଏହି ପବିତ୍ର ତିଥିରେ ଶ୍ରୀମନ୍ଦିରରେ ରକ୍ଷାବନ୍ଧନ ଓ ବଳଭଦ୍ରଙ୍କ ଜନ୍ମ ନୀତି ଅନୁଷ୍ଠିତ ହେବ। ମହାପ୍ରଭୁ ଶ୍ରୀଜଗନ୍ନାଥ ଏବଂ ବଡ଼ଠାକୁର ଶ୍ରୀବଳଭଦ୍ରଙ୍କ ହାତରେ ରାକ୍ଷୀ ବାନ୍ଧିବେ ଭଉଣୀ ଦେବୀ ସୁଭଦ୍ରା। ଶ୍ରୀଜଗନ୍ନାଥ ଓ ଶ୍ରୀବଳଭଦ୍ର ୨ଟି ଲେଖାଏଁ ରାକ୍ଷୀ ଓ ୨ଟି ଲେଖାଏଁ ଗୁଆମାଳ ପରିଧାନ କରିବେ। ପାଟଣା ବିଶୋଇ ସେବକ ବାସୁଙ୍ଗା ପାଟରେ ରାକ୍ଷୀ ଏବଂ ଗୁଆମାଳ ପ୍ରସ୍ତୁତ କରିଛନ୍ତି। ମହାପ୍ରଭୁ ଶ୍ରୀଜଗନ୍ନାଥ ହଳଦିଆ ଏବଂ ନାଲି ରଙ୍ଗର ଗୁଆମାଳ, ଶ୍ରୀବଳଭଦ୍ର ବାଇଗଣି ଏବଂ ନୀଳ ରଙ୍ଗର ଗୁଆମାଳ ପରିଧାନ କରିବେ। ସେହିପରି ବଳଭଦ୍ରଙ୍କ ଜନ୍ମ ନୀତି ମଧ୍ୟ ଅନୁଷ୍ଠିତ ହେବ। ଏଥିପାଇଁ ଚକ୍ରରାଜ ଶ୍ରୀସୁଦର୍ଶନ ମାର୍କଣ୍ଡ ପୁଷ୍କରିଣୀକୁ ବିଜେ କରିବେ। ସେଠାରେ ଥିବା ମଣ୍ଡପରେ ସୁଦର୍ଶନଙ୍କୁ ବିଜେ କରାଯିବ। କୁମ୍ଭାର ବିଶୋଇ ଦେଇଥିବା ଚିକିଟା ମାଟିରେ ଶୁଦ୍ଧସୁଆର ବଳଭଦ୍ରଙ୍କ ମୂର୍ତ୍ତି ନିର୍ମାଣ କରିବେ। ପୂଜାପଣ୍ଡା ତାହାକୁ ଜୀବନ୍ୟାସ ଦେଇ ଜାତ କର୍ମ ସମ୍ପନ୍ନ କରିବେ।

## ସୁରକ୍ଷାକର୍ମୀଙ୍କ ବାଇକ୍ ନେଇଗଲେ ଲୁଟେରା

ପୁରୀ,୮।୮ (ସମିସ): ସୁରକ୍ଷାକର୍ମୀଙ୍କ ବାଇକ୍ ଲୁଟିନେଲେ ଦୁର୍ବୃତ୍ତ। ସ୍ୱର୍ଗଦ୍ୱାରରେ କାର୍ଯ୍ୟରତ ସୁରକ୍ଷାକର୍ମୀଙ୍କ ବାଇକ୍ ଲୁଟି ନେଇଛନ୍ତି ଦୁଇଜଣ ଦୁର୍ବୃତ୍ତ। ସ୍ୱର୍ଗଦ୍ୱାର ପାର୍କିଂରୁ ଦୁଇଜଣ ଦୁର୍ବୃତ୍ତ ବାଇକ୍ ନେଉଥିବାର ଭିଡିଓ ସିସିଟିଭିରେ କଏଦ ହୋଇଛି। ଲୁଟ୍‌ର ଶିକାର ହୋଇଥିବା ସୁରକ୍ଷକର୍ମୀ ହେଉଛନ୍ତି ପୁରୀ ମିଶ୍ର ସାହି ତ୍ରିଦେବ ନଗରର କିରଣ କୁମାର ମୁଖୀ। ଏ ନେଇ କିରଣ ସମୁଦ୍ର କୂଳ ଥାନାରେ ଲିଖିତ ଅଭିଯୋଗ କରିବା ସହ ପୁଲିସକୁ ସିସିଟିଭିରେ କଏଦ ହୋଇଥିବା ସମସ୍ତ ଭିଜୁଆଲ ପ୍ରଦାନ କରିଛନ୍ତି। ସୂଚନା ଅନୁଯାୟୀ, ସ୍ୱର୍ଗଦ୍ୱାରର ମୁଖ୍ୟ ଗେଟ୍ ନିକଟ ପାର୍କିଂରେ ଗତ ୨୯ ତାରିଖରେ କିରଣ ନିଜର ବାଇକ୍ ରଖିଥିଲେ। ଡ୍ୟୁଟି ସାରି ଘରକୁ ଯିବା ପାଇଁ ବାହାରି ଦେଖନ୍ତି ସେଠାରେ ତାଙ୍କର ବାଇକ୍ ନ ଥିଲା। ବହୁତ ଖୋଜାଖୋଜି କରିବା ପରେ ସିସିଟିଭି କ୍ୟାମେରା ଦେଖିବାରୁ ତାଙ୍କ ବାଇକ୍ ଦୁଇଜଣ ଦୁର୍ବୃତ୍ତ ଚୋରି କରି ନେଇଥିବା ଜାଣିଥିଲେ। ଏ ନେଇ ସମୁଦ୍ର କୂଳ ଥାନାରେ ଅଭିଯୋଗ କରିବା ପରେ ପୁଲିସ ଏକ ମାମଲା ରୁଜୁ କରି ତଦନ୍ତ ଜାରି ରଖିଛି। ଚୋରି ବାଇକ୍ ସହିତ ଲୁଟେରାଙ୍କୁ ପୁଲିସ ଧରିବାରେ ଏପର୍ଯ୍ୟନ୍ତ ସକ୍ଷମ ହୋଇନାହିଁ। ଅନ୍ୟପକ୍ଷରେ ଗତ କିଛିଦିନ ତଳେ ବଡ଼ଦାଣ୍ଡସ୍ଥିତ ଏକ ସପିଙ୍ଗ୍ ମଲ୍ ପାର୍କିଂରୁ ମଧ୍ୟ ଜଣେ ଗ୍ରାହକଙ୍କ ବାଇକ୍ ଦୁର୍ବୃତ୍ତ ଚୋରି କରିନେଇଥିଲେ। ପୁରୀ ସହରରେ ଦିନକୁ ଦିନ ଚୋରି, ଡକାୟତି, ଦାଦାବଟି ଏପରିକି ମରଣାନ୍ତକ ଆକ୍ରମଣ ଘଟଣା ବୃଦ୍ଧି ପାଇଥିବାବେଳେ ପୁଲିସର ନିଷ୍କ୍ରିୟତାକୁ ସାଧାରଣରେ ଦାୟୀ କରାଯାଇଛି।

### ୧୬ରୁ ଶ୍ରୀମନ୍ଦିରରେ ଶ୍ରୀକୃଷ୍ଣ ଲୀଳା

## ଶୃଙ୍ଖଳିତ ଭାବେ ପାଳନ ଉପରେ ଗୁରୁତ୍ୱ

ପୁରୀ,୮।୮ (ସମିସ)

ଶ୍ରୀମନ୍ଦିରରେ ଶ୍ରୀକୃଷ୍ଣ ଲୀଳାର ପରମ୍ପରା ବହୁ ପ୍ରାଚୀନ। କୃଷ୍ଣ ଜନ୍ମଠାରୁ କଂସ ବଧ ପର୍ଯ୍ୟନ୍ତ ମନ୍ଦିର ଭିତରେ ଓ ବାହାରେ ଏହି ନୀତି ଅନୁଷ୍ଠିତ ହୋଇଥାଏ। ଏବର୍ଷ ଆଠସାହି ଆଖଡ଼ା ମିଳିତ ସମନ୍ୱୟ ସମିତି ପକ୍ଷରୁ ଶ୍ରୀମନ୍ଦିର ପ୍ରଶାସନ ଓ ଜିଲ୍ଲା ପ୍ରଶାସନ ସହଯୋଗରେ ଏହା ପାଳିତ ହେବ। ଏଥିପାଇଁ ଏକ ପ୍ରସ୍ତୁତି ବୈଠକ ଶୁକ୍ରବାର ଜିଲ୍ଲାପାଳଙ୍କ ଆବାସିକ କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅଧ୍ୟକ୍ଷତା କରି ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡ଼ା ପରମ୍ପରା ଅନୁଯାୟୀ ଶ୍ରୀକୃଷ୍ଣ ଲୀଳାକୁ ଶୃଙ୍ଖଳା ଓ ପାରମ୍ପରିକ ରୀତିନୀତି ଅନୁସାରେ ପାଳନ ପାଇଁ ପରାମର୍ଶ ଦେଇଥିଲେ। ଆଇନ ଶୃଙ୍ଖଳା ରକ୍ଷା, ଟ୍ରାଫିକ୍ ନିୟନ୍ତ୍ରଣ, ରାସ୍ତାଘାଟ ମରାମତି, ପରିଷ୍କାର ପରିଚ୍ଛନ୍ନ, ଆଲୋକୀକରଣ ବ୍ୟବସ୍ଥା, ସାଂସ୍କୃତିକ କାର୍ଯ୍ୟକ୍ରମ ବ୍ୟବସ୍ଥା ଇତ୍ୟାଦି ସମ୍ପର୍କରେ ଆଲୋଚନା ହେବା ସହ ଏହାକୁ ସଠିକ୍ ଭାବେ ପରିଚାଳନା ପାଇଁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ।

କାର୍ଯ୍ୟସୂଚୀ ଅନୁସାରେ ଅଗଷ୍ଟ ୧୬ ତାରିଖ ଭାଦ୍ରବ କୃଷ୍ଣ ନବମୀ ତିଥିରେ ମାର୍କଣ୍ଡେଶ୍ୱର ସାହି ପକ୍ଷରୁ ପୁତନା ବଧ ଅନୁଷ୍ଠିତ ହେବ। ସେହିପରି ୧୭ରେ ବାଲିସାହି ପକ୍ଷରୁ ବକାସୁର ବଧ ଓ ହରଚଣ୍ଡୀ ସାହି ପକ୍ଷରୁ ଅର୍ଘାସୁର ବଧ, ୧୯ରେ କୁଣ୍ଢେଇବେଣ୍ଟ ସାହି ପକ୍ଷରୁ ଧେନୁକାସୁର ବଧ, ୨୦ରେ ଦୋଳମଣ୍ଡପ ସାହି ପକ୍ଷରୁ ପ୍ରଳମ୍ବାସୁର ବଧ, ୨୧ରେ ଗୌଡ଼ବାଡ଼ ସାହି ପକ୍ଷରୁ ଅନ୍ନ ପ୍ରଥା, ୨୩ରେ କାଳିକା ଦେବୀ ସାହି ପକ୍ଷରୁ ବସ୍ତ୍ରହରଣ, ୨୪ରେ ମାଟି ମଣ୍ଡପ ସାହି ପକ୍ଷରୁ ଦାବାଗ୍ନି, ୨୫ରେ ହରଚଣ୍ଡୀ ସାହି ପକ୍ଷରୁ ନିକୁଞ୍ଜ ଲୀଳା, ୨୬ରେ ହରଚଣ୍ଡୀ ସାହି ବାସେଳୀ ସାହି ପକ୍ଷରୁ ଅନ୍ଧ ମନ୍ଦିର ହାତୀ, ୨୮ରେ ଗୌଡ଼ବାଡ଼ ସାହି ପକ୍ଷରୁ ଦାହ ଲୀଳା, ୨୯ରେ ମାର୍କଣ୍ଡେଶ୍ୱର ସାହି ପକ୍ଷରୁ ବିମ୍ବାସୁର ବଧ, ୩୦ରେ କାଳିକାଦେବୀ ସାହି ପକ୍ଷରୁ କେକେଶୀ ବଧ, ସେପ୍ଟେମ୍ବର ୨ରେ ମାଟି ମଣ୍ଡପ ସାହି ପକ୍ଷରୁ ମଲ୍ଲ ଯୁଦ୍ଧ ଓ ବାଲି ସାହି ପକ୍ଷରୁ କଂସ ବଧ ଅନୁଷ୍ଠିତ ହେବ ବୋଲି ଆଠସାହି ଆଖଡ଼ା ପକ୍ଷରୁ ସୂଚନା ଦିଆଯାଇଛି।

ଏହି ବୈଠକରେ ନୀତି ପ୍ରଶାସକ ଜିତେନ୍ଦ୍ର କୁମାର ସାହୁ, ପୌରନିର୍ବାହୀ ଅଧିକାରୀ ଅଭିମନ୍ୟୁ ବେହେରା, ଉପଜିଲ୍ଲାପାଳ ରାଜ କିଶୋର ଜେନା, ସୂଚନା ଓ ଲୋକ ସମ୍ପର୍କ ଉପ ନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ, ଆଠସାହି ଆଖଡ଼ା ସଭାପତି ରବି ନାରାୟଣ ସେନାପତି, ପ୍ରଫୁଲ୍ଲ ଖୁଣ୍ଟିଆ, ସହ ସମ୍ପାଦକ ଚକ୍ରଧର ମହାପାତ୍ର, ପୁଅ ସୁଆର, ସଦସ୍ୟ ନାରାୟଣ ମହାସୁଆର, ନରେନ୍ଦ୍ର ମହାନ୍ତି, ରବି ଦାଶ, ରଘୁନାଥ ଖୁଣ୍ଟିଆ, ଦାମୋଦର ମହାପାତ୍ର, ବିଶ୍ୱଜିତ ସେନାପତି, ଶ୍ୟାମ ମହାପାତ୍ର ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ପ୍ରାରମ୍ଭରେ ଜିଲ୍ଲା ସଂସ୍କୃତି ଅଧିକାରୀ ହେମନ୍ତ ବେହେରା ସମସ୍ତଙ୍କୁ ସ୍ୱାଗତ କରିବା ସହ କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ଦେଇଥିଲେ। ଆଠସାହି ଆଖଡ଼ା ପକ୍ଷରୁ ଜିଲ୍ଲାପାଳଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

### ମୋହନ ସୁନ୍ଦର ଦେବ ଗୋସ୍ୱାମୀଙ୍କ ଜୟନ୍ତୀ ଉତ୍ସବ

## ଆକର୍ଷଣ ସାଜିଲା ନାଟକ ମା'ଙ୍କ ମାନଭଞ୍ଜନ

ପୁରୀ,୮।୮ (ସମିସ)

ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗ, ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ଭୁବନେଶ୍ୱର ଏବଂ ଅନୁଷ୍ଠାନ ଆମର ପୁରୀର ମିଳିତ ସହଯୋଗରେ ପ୍ରଭୁପାଦ ମୋହନ ସୁନ୍ଦର ଦେବ ଗୋସ୍ୱାମୀଙ୍କ ୧୩୩ତମ ଜୟନ୍ତୀ ଉତ୍ସବ ଅନ୍ନପୂର୍ଣ୍ଣା ରଙ୍ଗମଞ୍ଚ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅତିଥି ଭାବେ ପ୍ରାକ୍ତନ ଲୋକ ସମ୍ପର୍କ ଅଧିକାରୀ ପ୍ରଫୁଲ୍ଲ କୁମାର ସାମନ୍ତରାୟ, ପ୍ରାକ୍ତନ ଅତିରିକ୍ତ ଶାସନ ସଚିବ ବିନୋଦ କୁମାର ପଣ୍ଡା, ଅଲ୍ ଇଣ୍ଡିଆ ଖୋ ଖୋ ଫେଡେରେସନର ଉପସଭାପତି ପ୍ରଦ୍ୟୁମ୍ନ କୁମାର ମିଶ୍ର, ବରିଷ୍ଠ ନୃତ୍ୟ ଗୁରୁ ଗୋବିନ୍ଦ ଚନ୍ଦ୍ର ପାଲ୍, ବରିଷ୍ଠ ସେବାୟତ ମାଧବ ଚନ୍ଦ୍ର ପୂଜାପଣ୍ଡା, ବରିଷ୍ଠ ଅଭିନେତା ପ୍ରସନ୍ନ କୁମାର ମିଶ୍ର, ସୁଆର ମହାସୁଆର ନିଯୋଗ ସଭାପତି ପଦ୍ମନାଭ ମହାସୁଆର, ସଂଗଠକ ଚକ୍ରଧର ମହାପାତ୍ର, ଅନୁଷ୍ଠାନ ଆମରର ସଭାପତି ଭରତ କୁମାର ନାୟକ, ସମ୍ପାଦକ ଗୋବିନ୍ଦ ଚନ୍ଦ୍ର ମହାନ୍ତି ପ୍ରମୁଖ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। କଳାକୁ ବଞ୍ଚାଇ ରଖିବା ଆମର କର୍ତ୍ତବ୍ୟ। କଳାକୁ ବଞ୍ଚାଇବା ନିମନ୍ତେ ପୁରୀ ସହରରେ ଏକ ପ୍ରେକ୍ଷାଳୟର ଆବଶ୍ୟକତା ରହିଛି। ତେଣୁ ପ୍ରଶାସନକୁ ଅନୁରୋଧ ଏକ ନୂତନ ପ୍ରେକ୍ଷାଳୟ ତିଆରି କରାଗଲେ କଳା ଆଗକୁ ଯାଇପାରିବ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ।

ଏହାପରେ ସଙ୍ଗୀତଜ୍ଞ ଏବଂ ବେହେଲା ବାଦକ ଆର୍ତ୍ତତ୍ରାଣ ଶତପଥୀ ଏବଂ ସଚ୍ଚିଦାନନ୍ଦ ଦାସଙ୍କୁ ଅତିଥିମାନଙ୍କ ଦ୍ୱାରା ସମ୍ମାନିତ କରାଯାଇଥିଲା। ପରେ ଅନୁଷ୍ଠାନ ଆମର କଳାକାରଙ୍କ ଦ୍ୱାରା ପରିବେଷିତ ନାଟକ "ମା'ଙ୍କ ମାନଭଞ୍ଜନ" ପରିବେଷଣ କରାଯାଇଥିଲା। ଗୋବିନ୍ଦ ଚନ୍ଦ୍ର ମହାନ୍ତିଙ୍କ ପରିକଳ୍ପନା ଓ ନିର୍ଦ୍ଦେଶିତ ଏହି ନାଟକରେ ନୃତ୍ୟ ନିର୍ଦ୍ଦେଶନା ଦେଇଛନ୍ତି ସୁଚିସ୍ମିତା ମହାରଣା। ଏଥିରେ ଅଭିନୟ କରିଥିଲେ ସୁଚିସ୍ମିତା ମହାରଣା, ବିଷ୍ଣୁପ୍ରିୟା ରାଉତ, ସୋନାଲି ଦାସ, ରୂପାଲି ଦାସ, ଶୁଭଲକ୍ଷ୍ମୀ ସିଂ, ରଶ୍ମିରେଖା ପୃଷ୍ଟି, ସତ୍ୟପ୍ରିୟା ରାଉତ। ମଞ୍ଚ ପରିଚାଳନା କରିଥିଲେ ଭରତ ନାୟକ। ସମ୍ପାଦକ ଗୋବିନ୍ଦ ଚନ୍ଦ୍ର ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ।

## ନୂଆତୋଟା ଜାଗାରେ ବୋମାମାଡ଼

ପୁରୀ,୮।୮ (ସମିସ): ପୁରୀରେ ଉପରମୁହାଁ ହୋଇଛନ୍ତି ଅପରାଧୀ। ବେଆଇନ ନିଶା କାରବାର, ଦଦାବଟି, ରାହାଜାନି ବଢୁଥିବାବେଳେ ଜନଗହଳିପୂର୍ଣ୍ଣ ସ୍ଥାନରେ ଅପରାଧ ଘଟାଇବାକୁ ଭୟ କରୁନାହାନ୍ତି ଅପରାଧୀ। ନିକଟରେ ଏମିତି ଘଟଣା ଦେଖିବାକୁ ମିଳିଥିବାବେଳେ ଗୁରୁବାର ରାତିରେ ଟାଉନ ଥାନା ଅନ୍ତର୍ଗତ ମୋଚିସାହିସ୍ଥିତ ନୂଆତୋଟା ଜାଗାରେ ବୋମାମାଡ଼ ହୋଇଛି। ଖବର ପାଇ ଟାଉନ ଥାନା ପୁଲିସ ଓ ସିଟି ଡିଏସ୍‌ପି ଘଟଣାସ୍ଥଳରେ ପହଞ୍ଚି ସିସିଟିଭି ଫୁଟେଜ୍ ଦେଖିବା ସହ ଏହାର ଛାନ୍‌ଭିନ୍ କରିଛନ୍ତି। ଏହି ଘଟଣା ନେଇ ନୂଆତୋଟା ଜାଗା ପକ୍ଷରୁ ଆତଙ୍କ ଘଟାଇଥିବା ଦୁର୍ବୃତ୍ତମାନଙ୍କୁ ଯଥାଶୀଘ୍ର ଗିରଫ କରିବା ଲାଗି ଏସ୍‌ପିଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି।

ଏଥିରେ ଦର୍ଶାଯାଇଛି ଯେ, ନୂଆତୋଟା ଜାଗାରେ ପ୍ରତ୍ୟେକ ଦିନ ପିଲାମାନେ ଖେଳ କସରତ କରିଥା'ନ୍ତି। ଜାଗାର ମୁଖ୍ୟଦ୍ୱାର ନିକଟରେ ଏକ କାର୍ଯ୍ୟାଳୟ ମଧ୍ୟ ରହିଛି, ଯେଉଁଠି ଜାଗାର ପିଲାମାନେ ବସାଉଠା କରିଥା'ନ୍ତି। କିନ୍ତୁ ଗତ କିଛିଦିନ ହେବ କେତେକ ଅସାମାଜିକ ଯୁବକ କିଛି ନିର୍ଦ୍ଦିଷ୍ଟ ଲୋକଙ୍କ ସୁପାରୀକିଲର ଭାବେ କାର୍ଯ୍ୟ କରୁଛନ୍ତି। ସେମାନେ ହାତରେ ବୋମା, ବନ୍ଧୁକ ସହ ଅନ୍ୟାନ୍ୟ ମାରଣାସ୍ତ୍ର ଧରି ଅଞ୍ଚଳରେ ଭୟ ସୃଷ୍ଟି କରୁଛନ୍ତି। ଗୁରୁବାର ବିଳମ୍ବିତ ରାତିରେ ୩ ଜଣ ଯୁବକ ବାଇକ୍ ଯୋଗେ ଆସି ଜାଗା ମୁଖ୍ୟଦ୍ୱାରରେ ବୋମାମାଡ଼ କରି ଚମ୍ପଟ ମାରିଥିଲେ। ଏହାର ମାଷ୍ଟରମାଇଣ୍ଡ କିଏ, ବୋମାମାଡ଼ କରିଥିବା ୩ ଦୁର୍ବୃତ୍ତ ଏବଂ ସେମାନଙ୍କ ଉଦ୍ଦେଶ୍ୟ କ'ଣ ତାହାର ଖୋଳତାଡ଼ କରି ଅଭିଯୁକ୍ତଙ୍କୁ ଯଥାଶୀଘ୍ର ଗିରଫ କରିବା ଲାଗି ଦାବି କରାଯାଇଛି। ଏହି ବୋମାମାଡ଼କୁ ନେଇ ସାଧାରଣରେ ସମସ୍ତେ ଭୟଭୀତ ହୋଇପଡ଼ିଛନ୍ତି। ଯଥାଶୀଘ୍ର ଦୁର୍ବୃତ୍ତମାନଙ୍କୁ ଧରି ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯାଉ ବୋଲି ଦାବି କରିଛନ୍ତି ଜାଗାର କର୍ମକର୍ତ୍ତା।

## କଳିଙ୍ଗ ସ୍ମାର୍ଟ ସ୍କୁଲରେ ରକ୍ଷାବନ୍ଧନ



ପୁରୀ,୮।୮ (ସମିସ): ଭାଇ ଭଉଣୀର ଅତୁଟ ଭଲ ପାଇବାର ପର୍ବ ରକ୍ଷାବନ୍ଧନ। ଏହି ପବିତ୍ର ଦିବସରେ ଭଉଣୀ ଭାଇ ହାତରେ ରାକ୍ଷୀ ବାନ୍ଧିଥା'ନ୍ତି। ପ୍ରତିବଦଳରେ ଭଉଣୀକୁ ସୁରକ୍ଷା ଦେବାର ଏମିତି ଏକ ପରମ୍ପରା ରହିଆସିଛି। ଶନିବାର ରାକ୍ଷୀ ପୂର୍ଣ୍ଣିମା। ଏହାର ଅବ୍ୟବହିତ ପୂର୍ବରୁ ଶୁକ୍ରବାର କଳିଙ୍ଗ ସ୍ମାର୍ଟ ସ୍କୁଲରେ ରକ୍ଷାବନ୍ଧନ ପାଳିତ ହୋଇଯାଇଛି। ଏହି ଅବସରରେ ଛାତ୍ରଛାତ୍ରୀମାନଙ୍କୁ ନେଇ ରାକ୍ଷୀ କିପରି ତିଆରି କରାଯାଏ ତାହା ପିଲାଙ୍କୁ ଶିକ୍ଷା ଦିଆଯାଇଥିଲା। ପିଲାମାନେ ନିଜେ ନିଜେ ରାକ୍ଷୀ ତିଆରି କରି ପରସ୍ପର ହାତରେ ବାନ୍ଧି ଥିଲେ। ଏହି ରକ୍ଷାବନ୍ଧନ ଉତ୍ସବରେ ସମସ୍ତ ଶିକ୍ଷୟିତ୍ରୀ ଛାତ୍ରଛାତ୍ରୀଙ୍କୁ ରାକ୍ଷୀ ତିଆରି ଓ ପିନ୍ଧାଇବାରେ ସହଯୋଗ କରିଥିଲେ। ସ୍କୁଲର ଅଧ୍ୟକ୍ଷ ଲାୟନ ସଞ୍ଜୟ କୁମାର ପ୍ରଧାନ, ପ୍ରିନ୍ସିପାଲ ପ୍ରଜ୍ଞା ଶୁଭମିତା ପ୍ରତିହାରୀ, ଐଶ୍ୱର୍ଯ୍ୟା ମହାନ୍ତି, ଜ୍ଞାନ ଜ୍ୟୋତି ସିଂ, ପ୍ରିୟଙ୍କା ରଥ, ସାଗରିକା ପ୍ରଧାନ, ସନ୍ଧ୍ୟାରାଣୀ ବାରିକ, ବିଶ୍ୱଜିତା ମିଶ୍ର, ସନ୍ଧ୍ୟାରାଣୀ ମହାରଣା ଓ ପ୍ରଲ୍ଲବୀ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।

### ମିଳୁନି ଉପଯୁକ୍ତ ବେତନ

## ଜିଲ୍ଲାପାଳଙ୍କ ଅଫିସ ସମ୍ମୁଖରେ ପ୍ରତିବାଦ ସଭା



ପୁରୀ,୮।୮ (ସମିସ): ଓଡ଼ିଶା ସ୍କୁଲ କଲେଜ ଶିକ୍ଷକ ଓ କର୍ମଚାରୀ ସମନ୍ୱୟ ସମିତି ପକ୍ଷରୁ ୧୯୪ ବିଦ୍ୟାଳୟକୁ ଅନୁଦାନ ଓ ସମସ୍ତ ସ୍କୁଲ କଲେଜ ଶିକ୍ଷକ କର୍ମଚାରୀଙ୍କୁ ପେନ୍‌ସନ ପ୍ରଦାନ ପ୍ରମୁଖ ଦାବି ନେଇ ଆସନ୍ତା ୧୬ ତାରିଖରେ ଭୁବନେଶ୍ୱର ଗାନ୍ଧୀ ମାର୍ଗରେ ବିଶାଳ ସମାବେଶ ଓ ଅହୋରାତ୍ର ଗଣଧାରଣା ଅନୁଷ୍ଠିତ ହେବ। ଏହି ପରିପ୍ରେକ୍ଷୀରେ ଶୁକ୍ରବାର ରାଜ୍ୟର ୩୦ଟି ଜିଲ୍ଲାରେ ଜିଲ୍ଲାପାଳଙ୍କ ଅଫିସ ସମ୍ମୁଖରେ ପ୍ରତିବାଦ ସଭା ସହିତ ଜିଲ୍ଲାପାଳଙ୍କ ଜରିଆରେ ମୁଖ୍ୟମନ୍ତ୍ରୀ, ଆଇନ ମନ୍ତ୍ରୀ, ଗଣଶିକ୍ଷା ମନ୍ତ୍ରୀ ଓ ମୁଖ୍ୟ ଶାସନ ସଚିବଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ଓଷ୍ଟାର ସଭାପତି ବିଜୟ କୁମାର ବରାଳଙ୍କ ନେତୃତ୍ୱରେ ପୁରୀରେ ଶୋଭାଯାତ୍ରା ସହ ପ୍ରଥମେ ଜିଲ୍ଲା ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ଓ ପରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ପ୍ରତିବାଦ କରାଯାଇଥିଲା। ଶିକ୍ଷକ ଓ କର୍ମଚାରୀମାନେ ୩୦ ବର୍ଷରୁ ଉର୍ଦ୍ଧ୍ୱ ଚାକିରି କରିସାରିବା ପରେ କେତେକ ଶିକ୍ଷକ କର୍ମଚାରୀ ବିନା ବେତନରେ ଅବସର ନେଇ ସାରିଲେଣି। ସ୍ୱଳ୍ପ ବେତନରେ ଅନେକ ଅବସର ଗ୍ରହଣ କରି ଔଷଧ କିଣିବାକୁ ଟଙ୍କାଟିଏ ବି ପାଉନାହାନ୍ତି ବୋଲି ପୁରୀ ଜିଲ୍ଲା ଓଷ୍ଟା ପ୍ରାକ୍ତନ ସମ୍ପାଦକ ବିଚିତ୍ରା ନନ୍ଦ ପାତ୍ର, ସହକାରୀ ସଭାପତି ପବିତ୍ର ମୋହନ ଦାସ, ଉପସଭାପତି ଲକ୍ଷ୍ମୀଧର ଉପାଧ୍ୟାୟ, ତରୁଣ କୁମାର ନାୟକ, ବିବାସିନୀ ନାୟକ, ଶିକ୍ଷକ ନେତା ଜାମିନିକାନ୍ତ ନାୟକ, ସୁରେଶ ଚନ୍ଦ୍ର ଦାସ ପ୍ରମୁଖ ଜଣାଇଛନ୍ତି।

## ଜାତୀୟସ୍ତରରେ ଶ୍ରୀକ୍ଷେତ୍ରର ସାହିତ୍ୟିକ ସମ୍ମାନିତ



ପୁରୀ,୮।୮ (ସମିସ): ସମ୍ପ୍ରତି ନୂଆଦିଲ୍ଲୀଠାରେ ଚାଲିଥିବା ଆନ୍ତର୍ଜାତିକ ଦିଲ୍ଲୀ ପୁସ୍ତକ ମେଳା ଅବସରରେ ଭାରତୀୟ ସାହିତ୍ୟ ଓ ପ୍ରକାଶନ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ୧୦ଜଣ ପ୍ରବୀଣ ବ୍ୟକ୍ତିବିଶେଷଙ୍କୁ ସମ୍ମାନିତ କରାଯାଇଥିଲା। ଶ୍ରୀକ୍ଷେତ୍ରର ବିଶିଷ୍ଟ ସାହିତ୍ୟିକ ଓ ସମ୍ପାଦକ ମାନସ ରଞ୍ଜନ ମହାପାତ୍ର ଏମାନଙ୍କ ମଧ୍ୟରେ ଥିଲେ ଅନ୍ୟତମ। କେନ୍ଦ୍ର ମନ୍ତ୍ରୀ ହର୍ଷ ମାଲହୋତ୍ରା, ଜାତୀୟ ପ୍ରକାଶନ ସଂସ୍ଥାର ସଭାପତି ନବୀନ ଗୁପ୍ତା, ଭାରତୀୟ ରିପ୍ରୋଗ୍ରାଫିକ୍ ରାଇଟ୍‌ସ ସଂସ୍ଥାର ଅଧ୍ୟକ୍ଷ ଡ. ଅଶୋକ ଗୁପ୍ତା, ଅଥର୍ସ ଗିଲ୍ଡ ଅଫ୍ ଇଣ୍ଡିଆର ମହାସଚିବ ଡ. ଶିବଶଙ୍କର ଅବସ୍ଥି ଏବଂ ଭାରତୀୟ ପ୍ରକାଶକ ସଂଘର ସମ୍ପାଦକ ପ୍ରଣବ ଗୁପ୍ତାଙ୍କ ଉପସ୍ଥିତିରେ ଶ୍ରୀ ମହାପାତ୍ରଙ୍କୁ "ବାଗେଶ୍ୱରୀ ସମ୍ମାନ" ପ୍ରଦାନ କରାଯାଇଥିଲା। ଏହି ଅବସରରେ ନ୍ୟାସ୍‌ନାଲ ବୁକ୍ ଟ୍ରଷ୍ଟ, ଇଣ୍ଡିଆର ପ୍ରକାଶନ ତାଲିମ କାର୍ଯ୍ୟକ୍ରମର ନିର୍ଦ୍ଦେଶକ, ଉତ୍ତର ପୂର୍ବାଞ୍ଚଳ ପରିଷଦର ନିର୍ଦ୍ଦେଶକ ତଥା ଜାତୀୟ ଶିଶୁ ସାହିତ୍ୟ କେନ୍ଦ୍ରର ମୁଖ୍ୟ ଭାବେ କାର୍ଯ୍ୟ କରିଥିବା ଏଇ ପ୍ରତିଭାଧରଙ୍କୁ ବହୁ ବିଶିଷ୍ଟ ଲେଖକ ଓ ପ୍ରକାଶକ ଶୁଭେଚ୍ଛା ଜଣାଇଥିଲେ।

## ସିପିଆଇ (ଏମ୍)ର ବିକ୍ଷୋଭ

ପୁରୀ,୮।୮ (ସମିସ): ପୁରୀ ଜିଲ୍ଲା ସିପିଆଇ (ଏମ୍) ପକ୍ଷରୁ ଭାରତର ନିର୍ବାଚନ କମିଶନଙ୍କ ଭୋଟର ତଥା ଗଣତନ୍ତ୍ର ବିରୋଧୀ ଏଜେଣ୍ଡା ଭୋଟର ତାଲିକାର ସ୍ୱତନ୍ତ୍ର ଗଭୀର ନିରୀକ୍ଷଣକୁ ବିରୋଧ କରି ଶୁକ୍ରବାର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଏଥିସହ ଜିଲ୍ଲାପାଳଙ୍କୁ ଦାବିପତ୍ର ଦିଆଯାଇଛି। ବିକ୍ଷୋଭକାରୀମାନେ କହିଛନ୍ତି, ଭୋଟର ତାଲିକା ସଂଶୋଧନ ନାଁରେ ଭୋଟରମାନଙ୍କ ଅଧିକାର ଏନ୍‌ଆର୍‌ସି ବିରୋଧୀ ଏଜେଣ୍ଡା ଭୋଟର ତାଲିକାର ସ୍ୱତନ୍ତ୍ର ଗଭୀର ନିରୀକ୍ଷଣକୁ ଲାଗୁ କରି ବିହାରରେ ୬୫ ଲକ୍ଷ ଭୋଟରଙ୍କୁ କାଟିଲେ। ଆଧାର କାର୍ଡ ଓ ରାସନକାର୍ଡକୁ ନାଗରିକତାର ପ୍ରମାଣ ପତ୍ର ହେବନି ବୋଲି ନିର୍ବାଚନ କମିଶନ କହୁଛନ୍ତି। ଲୋକେ ଆଉ କି ପ୍ରମାଣପତ୍ର ଦେବେ? କେଉଁଠୁ ଆଣିବେ ଜନ୍ମ ପ୍ରମାଣପତ୍ର। ବିହାର ପରେ ସବୁ ରାଜ୍ୟରେ ଲାଗୁ କରି ଅଧିକାର ଛଡ଼ାଇ ନେବେ। ସେହିପରି ଭାରତର ବିଭିନ୍ନ ସ୍ଥାନରେ ହେଉଥିଲା ଭୋଟ୍ ଚୋରି। ମହାରାଷ୍ଟ୍ର, ଗୁଜରାଟ, ବିହାର ଭଳି ରାଜ୍ୟରେ ଗୋଟେ ଲୋକ କିପରି ବାରମ୍ବାର ଅଲଗା ଅଲଗା ଜାଗାରେ ଭୋଟ୍ ଦେଲେ ବୋଲି ପ୍ରଶ୍ନ କରି ଏହାର ତଦନ୍ତ ଦାବି କରିଛି ଦଳ। ଏଥିରେ ସମ୍ପାଦକ ଜଗନ୍ନାଥ ଦେଓ, ଶରତ ରାୟଗୁରୁ, ଭୀମସେନ ସ୍ୱାଇଁ, ଶ୍ରୀକାନ୍ତ ପରିଜା, ସୁରେନ୍ଦ୍ର ଜେନା, ପୀତବାସ ବେହେରା, ଦୀନବନ୍ଧୁ ପ୍ରଧାନ, ପବିତ୍ର ଦଳାଇ, ବନବାସିନୀ ମହାପାତ୍ର, ଟୁନା ନାୟକ, ମନୋରଞ୍ଜନ ମହାରଣା, ବାହନ ପରିଡ଼ା ପ୍ରମୁଖ ଉପସ୍ଥିତ ଥିଲେ।



## ନିଆରା କାର୍ଯ୍ୟକ୍ରମ 'ଆମ ପାଇଁ ଆମେ'

● ସାହାଯ୍ୟ ପାଇଁ ପରସ୍ପରକୁ ରାକ୍ଷୀ ବାନ୍ଧିଲେ ମହିଳା



ପୁରୀ,୮।୮ (ସମିସ): ଏକବିଂଶ ଶତାବ୍ଦୀରେ ମଧ୍ୟ ମହିଳାମାନେ ଆଜି ସୁରକ୍ଷିତ ନୁହନ୍ତି। ଘରେ ହେଉ କିମ୍ବା ବାହାରେ ଯୌନ ଓ ଅନେକ ପ୍ରକାର ଉତ୍ପୀଡ଼ନ, ଶୋଷଣର ଶିକାର ହେଉଛନ୍ତି। ଏଥିରେ ଅନେକ ସ୍ଥାନରେ ମହିଳାମାନଙ୍କ ସହଭାଗିତା ତତ୍‌ସହିତ ଅନ୍ୟ ମହିଳାମାନଙ୍କ ପ୍ରତି ସମବେଦନାହୀନତା, ନିଜ ଭିତରେ କନ୍ଦଳ ଇତ୍ୟାଦି ଏହାର କାରଣ। ତେଣୁ ପରସ୍ପର ପ୍ରତି ସମ୍ବେଦନଶୀଳ ହେବା, ପରସ୍ପରକୁ ସାହାଯ୍ୟ ଓ ରକ୍ଷା କରିବା ପାଇଁ ପ୍ରତିଶ୍ରୁତିବଦ୍ଧତାକୁ ପାଳନ କରିବା ଲାଗି ଦି ବେଲ୍ ଓମେନ୍ସ କ୍ଲବ୍ ତରଫରୁ ରାକ୍ଷୀ ପୂର୍ଣ୍ଣିମା ଉପଲକ୍ଷେ ନିଆରା ଢଙ୍ଗରେ ପାଳିତ ହୋଇଛି "ଆମ ପାଇଁ ଆମେ' କାର୍ଯ୍ୟକ୍ରମ। ଶୁକ୍ରବାର ବଳିଆପଣ୍ଡାସ୍ଥିତ ଏକଲବ୍ୟ ପାଠଶାଳାଠାରେ ଶ୍ରୀଜଗନ୍ନାଥ ଫାଉଣ୍ଡେସନ ଓ ଭାରତ ଯୋଗ କେନ୍ଦ୍ର ସହଯୋଗରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଶତାଧିକ ମହିଳା ଓ କିଶୋରୀ ଯୋଗଦେଇ ପରସ୍ପରକୁ ରାକ୍ଷୀ ବାନ୍ଧିବା ସହିତ ପରସ୍ପର ସୁରକ୍ଷା ପାଇଁ ପ୍ରତିଶ୍ରୁତି ଦେଇଥିଲେ। ବର୍ତ୍ତମାନ ସାମାଜିକ ସ୍ଥିତି ଏବଂ ମହିଳାମାନଙ୍କ ପ୍ରତି ହେଉଥିବା ଦୁର୍ବ୍ୟବହାରକୁ ରୋକିବାକୁ ହେଲେ ପୁରୁଷଙ୍କ ଅପେକ୍ଷା ନାରୀମାନଙ୍କ ସହଭାଗିତା ଅଧିକ ରହିବା ଆବଶ୍ୟକ। ତେଣୁ ଏହି କାର୍ଯ୍ୟକ୍ରମ ସମାଜକୁ ଏକ ନିଆରା ବାର୍ତ୍ତା ଦେବ ବୋଲି ଦ ବେଲ୍ ଅଧ୍ୟକ୍ଷ ସିଦ୍ଧାର୍ଥ ରାୟ କହିଛନ୍ତି। ଦ ବେଲ୍ ଓମେନ୍ସ କ୍ଲବ୍ ସଂଯୋଜିକା ସବିତା ହରିଚନ୍ଦନ ଓ ସହ ସଂଯୋଜିକା ସିଲି ସେଠୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏହି ଅବସରରେ ମହିଳାମାନଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା ଆୟୋଜିତ ହୋଇଥିଲା। ବନିତା ଦୀକ୍ଷିତ ଧନ୍ୟବାଦ ଅର୍ପଣ କରିଥିଲେ।

### ପୁଣି ଚର୍ଚ୍ଚାରେ ଯାତ୍ରା ଅଭିନେତ୍ରୀ ସୋନାଲି ପଣ୍ଡା

## ବାପାଙ୍କ ସୁରକ୍ଷା ଦାବିକଲା ନାବାଳକ ପୁଅ

ପୁରୀ,୮।୮ (ସମିସ)

ପୁଣି ଚର୍ଚ୍ଚାରେ ଯାତ୍ରା ଅଭିନେତ୍ରୀ ସୋନାଲି ପଣ୍ଡା ଓରଫ କାଗଜି ପଲାଇ ଏବଂ ଶ୍ରୀକ୍ଷେତ୍ର ପ୍ରସାଦ ସାମନ୍ତସିଂହାର ବିବାଦ। ଶିଶୁ ମଙ୍ଗଳ କମିଟି, ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ୍‌ଙ୍କ ବେଞ୍ଚରେ ହାଜର ହୋଇଛି ନାବାଳକ ପୁଅ। ପୁଅର ଭବିଷ୍ୟତ ଓ ସୁରକ୍ଷାକୁ ଦୃଷ୍ଟିରେ ରଖି ଶିଶୁଯତ୍ନ ଅନୁଷ୍ଠାନରେ ତାକୁ ରଖାଯାଇଥିବା ବେଳେ ଶିଶୁ ମଙ୍ଗଳ କମିଟି କରିଛି କାଉନ୍‌ସେଲିଂ। ବାପାକୁ ବଞ୍ଚାଇବା ପାଇଁ ଥାନାରେ ଅଭିଯୋଗ କରିଛି ନାବାଳକ ପୁଅ। ଅନ୍ୟପକ୍ଷରେ ସୋନାଲିଙ୍କ ବୟାନ ରେକର୍ଡ କରିଛି ପୁରୀ ପୁଲିସ। ସେହିପରି ଉଭୟ ସୋନାଲି ଏବଂ ଶ୍ରୀକ୍ଷେତ୍ର ପ୍ରସାଦଙ୍କର ମଧ୍ୟ କାଉନ୍‌ସେଲିଂ କରିବ ଶିଶୁ ମଙ୍ଗଳ କମିଟି।

କିଛିମାସ ତଳେ ସୋନାଲି ଓ ଶ୍ରୀକ୍ଷେତ୍ର ପ୍ରସାଦଙ୍କ ମଧ୍ୟରେ ଉପୁଜିଥିବା ବିବାଦ ଏବେ ପୁଣି କଡ଼ ଲେଉଟାଇଛି। ବାପାକୁ ଷଡ଼ଯନ୍ତ୍ରରୁ ବଞ୍ଚାଇବା ପାଇଁ କୃଷ୍ଣପ୍ରସାଦ ଥାନାରେ ଅଭିଯୋଗ କରିଛି ୧୨ ବର୍ଷୀୟ ନାବାଳକ ପୁଅ। ନିଜ ପରିଚୟ ପାଇଁ ଶିଶୁ ଅଧିକାରୀଙ୍କ ଉପରେ ଦାୟିତ୍ୱ ନ୍ୟସ୍ତ କରିବା ସହ ବାପା ଗିରଫ ହେଲେ ଇଚ୍ଛାମୃତ୍ୟୁ ଆବେଦନ କରିବି ବୋଲି ଅଭିଯୋଗରେ ଦର୍ଶାଇଛି। ଅନ୍ୟପକ୍ଷରେ ନାବାଳକ ଜଣକ ନିଜ ମାତୃତ୍ୱର ପରିଚୟ ପାଉନି। ବାପାଙ୍କ ପାଖରେ ଥିବା ଆଲବମ୍ ଫଟୋରୁ ସେ ଯାହା ମାଆକୁ ଜାଣିଛି। ହେଲେ ମାଆ ଷଡ଼ଯନ୍ତ୍ର କରୁଥିବା ପୁଅ ଅଭିଯୋଗ କରିଥିବାବେଳେ ବାପାଙ୍କ ସୁରକ୍ଷା ଦାବି କରିଛି। ଅନ୍ୟପକ୍ଷରେ ସୋନାଲିଙ୍କ ଅଭିଯୋଗ ଆଧାରରେ ଯାଜପୁର ବାଲିଚନ୍ଦ୍ରପୁର ଥାନାରେ ଚଳିତ ମାସ ୩ ତାରିଖରେ ଏଫ୍‌ଆଇଆର୍ ହୋଇଥିଲା। ସୋନାଲିଙ୍କ ପୈତୃକ ଗାଁ କୃଷ୍ଣପ୍ରସାଦ ହୋଇଥିବାରୁ ମାମଲାକୁ ପୁରୀ ପୁଲିସକୁ ହସ୍ତାନ୍ତର କରାଯାଇଛି। ସେଥିରେ ସୋନାଲି ଶ୍ରୀକ୍ଷେତ୍ର ସାମନ୍ତସିଂହାର ନାଁରେ ଅପହରଣ, ଜୋର୍‌ଜବରଦସ୍ତ ବିବାହ ଭଳି ଅଭିଯୋଗ ଆଣିଛନ୍ତି। ସେହି ଆଧାରରେ ଗୁରୁବାର ପୁରୀ ପୁଲିସ ୧୬୧, ୧୬୪ରେ ସୋନାଲିଙ୍କ ବୟାନ ରେକର୍ଡ କରିଛି। ଖୁବ୍‌ଶୀଘ୍ର ଶ୍ରୀକ୍ଷେତ୍ର ସାମନ୍ତସିଂହାରଙ୍କୁ ଆଣି ଜେରା କରାଯିବ। କେବେ ବିବାହ ହୋଇଥିଲା, ସୋନାଲି କେଉଁ ସ୍କୁଲରେ ପାଠ ପଢୁଥିଲେ, ଜନ୍ମ ପ୍ରମାଣପତ୍ର, ପୁଅର ସ୍କୁଲ ଆଦିର ପ୍ରାମାଣିକ ତଥ୍ୟ ବିଷୟରେ ଜେରା କରିବ ପୁଲିସ। ଏଥିସହିତ ଶିଶୁ ମଙ୍ଗଳ କମିଟି କାଉନ୍‌ସେଲିଂ କରିବ।

ଅନ୍ୟପଟେ ବାପା-ମାଆଙ୍କ ମଧ୍ୟରେ ବିବାଦ ଯୋଗୁଁ ପିଲାର ଭବିଷ୍ୟତ ବାଧାପ୍ରାପ୍ତ ହେବା ଆଶଙ୍କା କରିଛି ପୁଲିସ। ନାବାଳକ ପୁଅର ଅଭିଯୋଗ ଆଧାରରେ ଗୁରୁବାର ରାତିରୁ ତାକୁ କୃଷ୍ଣପ୍ରସାଦ ଥାନା ଆଣି ପୁରୀ ଶିଶୁଯତ୍ନ ଅନୁଷ୍ଠାନରେ ରଖିଥିଲା। ଶୁକ୍ରବାର ତାକୁ ଶିଶୁ ମଙ୍ଗଳ କମିଟିରେ ହାଜର କରାଇଛି। ଶିଶୁ ମଙ୍ଗଳ କମିଟି ସଦସ୍ୟ ତାକୁ କାଉନ୍‌ସେଲିଂ କରିଛନ୍ତି। ବାପା-ମାଆଙ୍କୁ କାଉନ୍‌ସେଲିଂ ପାଇଁ ପୁଲିସକୁ ଚିଠି ଯିବ। ପିଲାର ଭବିଷ୍ୟତ ପାଇଁ ମାମଲାକୁ ଫ୍ୟାମିଲି କୋର୍ଟକୁ ପଠାଯିବ। ପିଲାର ଉଜ୍ଜ୍ୱଳ ଭବିଷ୍ୟତ ପାଇଁ ଉତ୍ତମ ବାତାବରଣ ଶିଶୁ ମଙ୍ଗଳ କମିଟି ସ୍ଥିର କରିବ ବୋଲି କହିଛନ୍ତି ଶିଶୁ ମଙ୍ଗଳ କମିଟି ସଦସ୍ୟ ହିମାଂଶୁ ଦେବଯାନୀ।

ସକାଳ
THE SAKALA

# ସମ୍ପାଦକୀୟ



ବଡ଼ ସ୍ୱପ୍ନ, କଠିନ ପରିଶ୍ରମ, ବିନୟୀ, ସକାରାତ୍ମକ ଲୋକଙ୍କ ଗହଣ ହିଁ ସଫଳତାର ମନ୍ତ୍ର।
-ସୁନିତା ୱିଲିୟମସ୍

## ସନ୍ଧିକ୍ଷଣରେ ଭାରତ

ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଭାରତୀୟ ଉତ୍ପାଦ ଉପରେ ପ୍ରଥମ ଦଫାରେ ୨୫% ଶୁଳ୍କ ଲାଗୁ କରିଥିବା ବେଳେ ଦ୍ୱିତୀୟ ଦଫାରେ ଆଉ ୨୫% ଏପରି ୫୦% ଶୁଳ୍କ ଲାଗୁ କରିଛନ୍ତି। ଏହିକ୍ରମରେ ବିଶ୍ୱ ବାଣିଜ୍ୟରେ ଆମେରିକା ଦ୍ୱାରା ସର୍ବାଧିକ ଶୁଳ୍କ ଧାର୍ଯ୍ୟ କରାଯାଇଥିବା ରାଷ୍ଟ୍ର ଭାବେ ଭାରତ ଏକ ଅଲୋଡ଼ା ରେକର୍ଡ ସୃଷ୍ଟି କରିଛି। ଭାରତ ଉପରେ ଶୁଳ୍କ ପ୍ରହାର ପଛରେ ଟ୍ରମ୍ପ ଦୁଇଟି କାରଣ ଦର୍ଶାଇଛନ୍ତି। ପ୍ରଥମତଃ, ରୁଷରୁ ତୈଳ ଆମଦାନୀ ଏବଂ ଦ୍ୱିତୀୟତଃ, ଆମେରିକୀୟ କୃଷି ଉତ୍ପାଦ ପାଇଁ ଭାରତୀୟ ବଜାରରେ କଟକଣା। ଭାରତ ଏହି ଦୁଇଟିରେ କୋହଳ ନୀତି ନ ଆପଣେଇଲେ ଭବିଷ୍ୟତରେ ଆହୁରି ଅଧିକ ଶୁଳ୍କ ଧାର୍ଯ୍ୟ କରାଯିବ ବୋଲି ଟ୍ରମ୍ପ ଧମକ ଦେଇଛନ୍ତି। ହୁଏତ ଚପଳମତି ଟ୍ରମ୍ପ ଶୁଳ୍କ ନୀତିକୁ ପ୍ରତ୍ୟାହାର କରିପାରନ୍ତି, ଯାହା ଦ୍ୱିପାକ୍ଷିକ ଆଲୋଚନା ଏବଂ ଭାରତର କୂଟନୈତିକ ବିଚକ୍ଷଣତା ଉପରେ ନିର୍ଭର କରୁଛି। ଯଦି ଟ୍ରମ୍ପଙ୍କ ସାମ୍ପ୍ରତିକ ଶୁଳ୍କ ନୀତି ବଳବତ୍ତର ରହେ ତେବେ ଭାରତୀୟ ଅର୍ଥନୀତି ପ୍ରଭୂତ କ୍ଷତି ସହିବ ବୋଲି ଅର୍ଥନୀତିଜ୍ଞମାନେ ମତ ଦେଇଛନ୍ତି। ଭାରତୀୟ ଅଭିବୃଦ୍ଧି ହାର ୦.୬% ହ୍ରାସ ପାଇବ ବୋଲି ଗୋଲ୍ଡମ୍ୟାନ୍ ସାଚେଟ୍ ଆକଳନ କରିଛି।

ଆକଳନ ସଂଖ୍ୟାରେ ଫରକ୍ ରହିଲେ ମଧ୍ୟ ଭାରତୀୟ ଅର୍ଥନୀତି ଯେ ପ୍ରଭାବିତ ହେବ ତାହା ନିଶ୍ଚିତ। ଏଥିସହିତ ବିଶ୍ୱରେ ତୃତୀୟ ବୃହତ୍ ଅର୍ଥନୀତି ହେବାର ସ୍ୱପ୍ନ ମଧ୍ୟ ମଉଳି ଯିବ, ଯାହାର ପ୍ରଭାବ ବିଶ୍ୱରେ ଭାରତର ସ୍ଥିତି, ସାମର୍ଥ୍ୟ, ଗୁରୁତ୍ୱ ଓ ମର୍ଯ୍ୟାଦାକୁ ହାନିପହଞ୍ଚାଇବ। ଏହାଦ୍ୱାରା ମଧ୍ୟ ବିଶ୍ୱରେ ଭାରତର କୂଟନୈତିକ ପ୍ରଭାବ କେତେକାଂଶରେ ହ୍ରାସ ପାଇ ଏସିଆର ଭୂରାଜନୈତିକ ସମୀକରଣକୁ ଓଲଟପାଲଟ କରିଦେବ ବୋଲି ଏବେଠାରୁ ଅନୁମାନ କରାଗଲାଣି। ଆମେରିକା ବଜାରରେ ଭାରତର ସ୍ଥାନ ଅବିଳମ୍ବେ ପୂରଣ ପାଇଁ ଚୀନ ଆଦୌ ଅବହେଳା କରିବ ନାହିଁ। ଅପରପକ୍ଷରେ ଭାରତ-ଆମେରିକା ଦୂରତ୍ୱ ବଢ଼ିଲେ ତାହାର ଫାଇଦା ପାକିସ୍ତାନ ଉଠାଇବା ଅସମ୍ଭବ ନୁହେଁ। ତେଣୁ ଭାରତ ପାଇଁ କୂଟନୈତିକ ସ୍ତରରେ ୧୯୬୦ ଦଶକର ସ୍ଥିତିର ପୁନରାବୃତ୍ତି ହେବାକୁ ଯାଉଛି ବୋଲି କହିଲେ ଭୁଲ୍ ହେବ ନାହିଁ। ସେତେବେଳେ ହିନ୍ଦୀ-ଚୀନୀ ଭାଇ ଭାଇ ନାରା ଦେଇ ଚୀନ୍ ଭାରତ ଉପରେ ଆକ୍ରମଣ କରିଥିଲା ଏବଂ ଏବେ ଟ୍ରମ୍ପ ଭାରତକୁ ବନ୍ଧୁ ବୋଲି ସମ୍ବୋଧନ କରି ଦାଉ ସାଧିଛନ୍ତି। ସେତେବେଳର ଗୁଳିଗୋଳା ଆକ୍ରମଣ ଏବେ କେବଳ ଯାହା ବାଣିଜ୍ୟ ଶୁଳ୍କରେ ରୂପାନ୍ତରିତ ହୋଇଛି।

ଭାରତ ଏବେ ଏଭଳି ଏକ ସନ୍ଧିକ୍ଷଣରେ ଉପନୀତ, ଯେଉଁଠି ଆଭ୍ୟନ୍ତରୀଣ ସ୍ୱାର୍ଥର ସୁରକ୍ଷା ଏବଂ ଆନ୍ତର୍ଜାତିକ ସମ୍ପର୍କ - ଏ ଦୁଇଟି ମଧ୍ୟରୁ ଗୋଟିକୁ ବାଛିବାକୁ ପଡ଼ିବ। ଯଦି ଆମେରିକାର ସର୍ତ୍ତରେ ଭାରତ ରାଜି ହୁଏ ତେବେ ବାଣିଜ୍ୟ ଅର୍ଥନୀତିରେ ସୁଧାର ଆସିବ ସତ, କିନ୍ତୁ ଦେଶର ଗରିବ କୃଷକ, ମତ୍ସ୍ୟଜୀବୀ, ଖାଉଟିଙ୍କ ସ୍ୱାର୍ଥ ବଳି ପଡ଼ିବ। ଯଦି ଦେଶବାସୀଙ୍କ ସ୍ୱାର୍ଥକୁ ସୁରକ୍ଷା ଦେବାକୁ ଭାରତ ସରକାର ବଦ୍ଧ ପରିକର ହୁଅନ୍ତି ତେବେ ଆମେରିକା ଅପମାନିତ ହୋଇ ଆହୁରି ଅଧିକ ଦାଉ ସାଧିବ। ଏପରିକି ଏବେ ରୁଷ ଓ ଇରାନ୍ ଉପରେ ଯେଭଳି କଟକଣା ଲାଗୁ ହୋଇଛି ସେଭଳି କଟକଣା ଭାରତ ଉପରେ ଲାଗୁ ହେବା ବିଚିତ୍ର ନୁହେଁ। ରୁଷ୍ ଓ ଇରାନ୍ ସେମାନଙ୍କର ଆର୍ଥିକ, ରାଜନୈତିକ, ଭୌଗୋଳିକ ସ୍ଥିତି ଦୃଷ୍ଟିରୁ ଆମେରିକା କଟକଣା ଝଡ଼କୁ ସମ୍ଭାଳି ନେବାର କ୍ଷମତା ରଖିଛନ୍ତି। କିନ୍ତୁ ଆମେରିକୀୟ କଟକଣା ଲାଗିଲେ ଭାରତର ବିକାଶ ପଛକୁ ଚାଲିଯିବ। ଭାରତ ଏବେ କୃଷି ଓ ଅର୍ଥନୀତିରେ ସ୍ୱାବଲମ୍ବନଶୀଳ ହୋଇସାରିଥିବାରୁ ସେ ଦିଗରେ ବିଶେଷ କ୍ଷତିଗ୍ରସ୍ତ ହେବ ନାହିଁ। କିନ୍ତୁ ସେମିକଣ୍ଡକ୍ଟର, ଏଆଇ, କ୍ୱାଣ୍ଟମ୍ କମ୍ପ୍ୟୁଟିଂ ପରି କ୍ଷେତ୍ରରେ ଗୁରୁତର ପ୍ରଭାବିତ ହେବ। ଭାରତ ମୁଖ୍ୟତଃ ସେବା ଓ ବୈଷୟିକ ଜ୍ଞାନକୌଶଳକୁ ପାଥେୟ କରି ବିଶ୍ୱର ତୃତୀୟ ବୃହତ୍ ଅର୍ଥନୀତି ହେବାର ଯୋଜନା କରିଥିବାରୁ ଉପରୋକ୍ତ କ୍ଷେତ୍ର ପ୍ରଭାବିତ ହେଲେ ଭାରତର ବିକାଶ ଓ ଅର୍ଥନୀତି ନିମ୍ନଗାମୀ ହେବା ସୁନିଶ୍ଚିତ।

ଏଭଳି ଏକ ସନ୍ଧିକ୍ଷଣରେ ଭାରତ କ'ଣ କରିବା ଉଚିତ ଓ ଅନୁଚିତ ସେ ସମ୍ପର୍କରେ ବିଶେଷଜ୍ଞମାନେ ପରାମର୍ଶ ଓ ମତାମତ ଦେଉଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ମଧ୍ୟ ଆମେରିକାର ଚାପ ଆଗରେ ଭାରତ ନଇଁବ ନାହିଁ ଏବଂ ଭାରତୀୟ କୃଷି ଓ କୃଷକଙ୍କ ସ୍ୱାର୍ଥର ସୁରକ୍ଷାକୁ ଅଗ୍ରାଧିକାର ଦିଆଯିବ ବୋଲି ଦୃଢ଼ୋକ୍ତି କରିଛନ୍ତି। ଏହି ପୃଷ୍ଠଭୂମିରେ ଭାରତ ପାଇଁ ଏକମାତ୍ର ଭରସା ହେଉଛି 'ବ୍ରିକ୍ସ'। ଇତିମଧ୍ୟରେ ରୁଷ୍ ଓ ଚୀନ୍ ଆମେରିକାର ଭାରତବିରୋଧୀ ବାଣିଜ୍ୟ ଆଭିମୁଖ୍ୟକୁ ନିନ୍ଦା କରିଛନ୍ତି। ପ୍ରଧାନମନ୍ତ୍ରୀ ଶ୍ରୀମୋଦୀ ରୁଷ୍ ରାଷ୍ଟ୍ରପତି ଭ୍ଲାଦିମାର ପୁଟିନ୍‌ଙ୍କ ସହିତ କଥାବାର୍ତ୍ତା କରିଛନ୍ତି। ପୁଟିନ୍ ଚଳିତ ବର୍ଷ ଶେଷ ଭାଗରେ ଭାରତ ଗସ୍ତ କରିବାର କାର୍ଯ୍ୟକ୍ରମ ରହିଛି। ଆଗାମୀ 'ଏସ୍‌ସିଓ' ବୈଠକରେ ଏ ସମ୍ପର୍କରେ ବିସ୍ତୃତ ଆଲୋଚନା ଓ ରଣନୀତି ପ୍ରସ୍ତୁତ ହେବ ବୋଲି ଆଶା। ବିଶେଷକରି 'ବ୍ରିକ୍ସ'ର କାୟାବିସ୍ତାର ହେବାର ସମ୍ଭାବନା ଉଜ୍ଜ୍ୱଳ ହେଉଥିବାରୁ ସଦସ୍ୟ ରାଷ୍ଟ୍ରଙ୍କ ସହଯୋଗ ଦୃଢ଼ ରହିଲେ ଭାରତ ଆମେରିକା ଶୁଳ୍କ ଝଡ଼କୁ ସଫଳତାର ସହ ମୁକାବିଲା କରିପାରିବ। କିନ୍ତୁ ଯୁଦ୍ଧରେ ଲିପ୍ତ ରୁଷ୍ ଭାରତକୁ କେବଳ ରିହାତି ତୈଳ ଦେବା ଛଡ଼ା ଅନ୍ୟ କ୍ଷେତ୍ରରେ କେତେ ସହାୟତା କରିପାରିବ ତାହାକୁ ନେଇ ପ୍ରଶ୍ନ ଉଠୁଛି। ଦକ୍ଷିଣ ଆଫ୍ରିକା ଓ ବ୍ରାଜିଲ୍‌ର ଆମେରିକାର ନାଲିଆଖିକୁ ମୁକାବିଲା ଶକ୍ତି ଉପରେ ଭରସା କରିହେବ ନାହିଁ। ଯଦି ପାରମ୍ପରିକ ପ୍ରତିଦ୍ୱନ୍ଦ୍ୱୀ ଚୀନ୍ ମନରେ ଭାରତକୁ ଅର୍ଥନୀତିର ଦୌଡ଼ରେ ବହୁପଛରେ ଛାଡ଼ିବା ଚିନ୍ତା ଆସେ ତେବେ 'ବ୍ରିକ୍ସ' ନୀତି ଓ ସଂକଳ୍ପ ସମାନ୍ତରାଳରେ ଚୀନ୍ ଆମେରିକା ସହିତ ସାଲିସ୍ କରିବା ବିଚିତ୍ର ନୁହେଁ। ଯେଭଳି ଭାବେ ଜାପାନ୍, ୟୁରୋପ, ୟୁକେ, ଦକ୍ଷିଣ କୋରିଆ, ପାକିସ୍ତାନ, ଭିଏତ୍‌ନାମ ଆଦି ବୃହତ୍ ଓ କ୍ଷୁଦ୍ର ଅର୍ଥନୀତି ଦେଶମାନେ ଆମେରିକା ପାଖରେ ନିଜ ଦେଶର ସ୍ୱାର୍ଥ ପାଇଁ ଏକପ୍ରକାର ଆତ୍ମସମର୍ପଣ କରିବା ଭଳି ବାଣିଜ୍ୟ ଚୁକ୍ତି କରିଛନ୍ତି ସେହି ପୃଷ୍ଠଭୂମିରେ ଭାରତ ଏତେ ଶୀଘ୍ର ଭରସାଯୋଗ୍ୟ ବାଣିଜ୍ୟ-ବନ୍ଧୁ ପାଇବା କଷ୍ଟକର।

ଟ୍ରମ୍ପଙ୍କ ଶୁଳ୍କ ପ୍ରହାର କେବଳ ଭାରତୀୟ ବାଣିଜ୍ୟ ଓ ଅର୍ଥନୀତି ଉପରେ ନୁହେଁ, ବରଂ ରାଜନୀତିକୁ ମଧ୍ୟ ପ୍ରଭାବିତ କରିବାକୁ ଯାଉଥିବା ବିଶେଷଜ୍ଞମାନେ ମତ ଦେଇଛନ୍ତି। ଯଦି ଆମେରିକା ସହିତ ଭାରତ ସରକାର ସାଲିସ୍ କରନ୍ତି ତେବେ ତାହା ଦେଶ ଓ ଦେଶବାସୀଙ୍କ ସ୍ୱାର୍ଥର ପରିପନ୍ଥୀ ହେବ ବୋଲି ବ୍ୟାଖ୍ୟାନ ସୃଷ୍ଟି ହେବ। ଅପରପକ୍ଷରେ ଯଦି ଆମେରିକା ଅଧିକ ଦାଉ ସାଧେ ତେବେ ସରକାରଙ୍କ କୂଟନୀତିକୁ ନେଇ ପ୍ରଶ୍ନ ଉଠିବ। ତେଣୁ ଆମେରିକା ଭାରତର ଅର୍ଥନୀତି, ରାଜନୀତି ଓ କୂଟନୀତି ଉପରେ ପ୍ରହାର କରିବା ପାଇଁ ସୁଚିନ୍ତିତ ଯୋଜନାରେ ଶୁଳ୍କ ଭଳି ଅସ୍ତ୍ରକୁ ବାଛିଛି, ଏହାକୁ ଅସ୍ୱୀକାର କରାଯାଇପାରିବ ନାହିଁ। ତେଣୁ ଆଗକୁ ଭାରତ ଯେଉଁ ପଥୁରିତ ଓ କଣ୍ଟକିତ ରାସ୍ତାରେ ଚାଲିବାକୁ ଯାଉଛି, ତାକୁ କିପରି ସାବଲୀଳକ୍ରମେ ଅତିକ୍ରମ କରିବା କିମ୍ବା ଏଡ଼ାଇ ଯାଇ ବିକଳ୍ପ ରାସ୍ତା ଆବିଷ୍କାର କରିପାରିବ ତାହା ଉପରେ ଭାରତର ଭବିଷ୍ୟତ ନିର୍ଭର କରୁଛି।

# କାହିଁକି ହେଉଛି ଆତ୍ମାହୁତିର ଅନୁକରଣ ?

**ଡକ୍ଟର ଅବଶ ପରିଡ଼ା**

ଏଫ୍‌ଏମ୍ କଲେଜ ଛାତ୍ରୀ ଆତ୍ମାହୁତିର ଦୁଃଖଦ ଘଟଣା ପରେ ଓଡ଼ିଶାର ଆଉ କିଛି ସ୍ଥାନରେ ଆତ୍ମାହୁତି ବା ଆତ୍ମହତ୍ୟା ଉଦ୍ୟମ ଦେଖିବାକୁ ଓ ଶୁଣିବାକୁ ମିଳିଛି। ଏହିସବୁ ଆତ୍ମହତ୍ୟା ପାଇଁ ସରକାରୀ, ଅଣସରକାରୀ, ରାଜନୈତିକ, ସ୍ଥାନୀୟ ଓ ସାମାଜିକ ସ୍ତରରେ ଅନେକ କାରଣ ଦର୍ଶାଯାଇଛି। ବିଳମ୍ବିତ ନ୍ୟାୟ, ଆଇନର ଦୁର୍ବଳ ରୂପାୟନ, ସାଙ୍ଗସାଥୀଙ୍କ ଚାପ, ମାନସିକ ଦୁର୍ବଳତା ଓ ଅବସାଦ, ଉପଯୁକ୍ତ ପରାମର୍ଶର ଅଭାବ ଇତ୍ୟାଦିକୁ ଆତ୍ମହତ୍ୟା ପଛର କାରଣ ଭାବେ ବର୍ତ୍ତମାନ ପର୍ଯ୍ୟନ୍ତ ବର୍ଣ୍ଣିତ। ସାମାଜିକ ମହାମାରୀ ରୂପେ କାୟା ବିସ୍ତାର କରୁଥିବା ଆତ୍ମହତ୍ୟାର ପ୍ରାୟ ସମସ୍ତ ଦିଗକୁ ନେଇ ଅସଂଖ୍ୟ ପ୍ରବନ୍ଧ, ପ୍ରକାଶନ ଓ ଗବେଷଣା କରାଯାଇଛି। ତେଣୁ ଆଜିର ବିଶ୍ଳେଷଣ ଆତ୍ମହତ୍ୟାର କାରଣ ଓ ନିରାକାରଣ ନୁହେଁ, ବରଂ ଏକ ଅଣୁବୀକ୍ଷଣିକ ବିନ୍ଦୁ ଉପରେ ଆଧାରିତ। ତାହା ହେଉଛି 'ପୀଡ଼ିତ/ପୀଡ଼ିତାମାନେ ଆତ୍ମହତ୍ୟା ପାଇଁ କାହିଁକି ଆତ୍ମାହୁତି ଭଳି ସମାନ ପ୍ରକ୍ରିୟା ବାଛିଲେ?'

ଅନୁକରଣୀୟ ଆତ୍ମହତ୍ୟାରେ ଦୁଇଟି ଦିଗ ଅଛି। ପ୍ରଥମ, ଆତ୍ମହତ୍ୟା ଯେଉଁଠି ପରିଣାମ ଘାତକ ଏବଂ ବ୍ୟକ୍ତିର ମୃତ୍ୟୁ ସୁନିଶ୍ଚିତ। ଅନ୍ୟଟି ହେଉଛି ପେରା-ଆତ୍ମହତ୍ୟା, ଯେଉଁଠାରେ ବ୍ୟକ୍ତି ମରିବାକୁ ଚାହେଁନାହିଁ, କିନ୍ତୁ ଜାଣିଶୁଣି ହିସାବ କରି ନିଜକୁ କ୍ଷତି ପହଞ୍ଚାଇଥାଏ କିମ୍ବା ସମ୍ଭାବ୍ୟ ଘାତକ ଆଚରଣରେ ଲିପ୍ତ ହୁଏ। ଏହା ପ୍ରାୟତଃ ସାହାଯ୍ୟ ପାଇଁ ଚିତ୍କାର, ସମସ୍ୟା ମୁକାବିଲା କରିବାର ଏକ ପଦ୍ଧତି କିମ୍ବା ମାନସିକ ଯନ୍ତ୍ରଣା ପ୍ରକାଶ କରିବାର ଏକ ମାଧ୍ୟମ। କିନ୍ତୁ ଅନେକ ସମୟରେ ନିଜ ଭୁଲ ପାଇଁ ପୀଡ଼ିତଙ୍କ ଅନିଚ୍ଛାକୃତ ମୃତ୍ୟୁ ହୋଇଯାଏ। ସମାଜଶାସ୍ତ୍ରୀଙ୍କ ମତରେ ମୌଖିକ ଯୋଗାଯୋଗ ବିଫଳତା ହିଁ ପେରା-ଆତ୍ମହତ୍ୟାର ଉତ୍ପତ୍ତି। ଏକ ରିପୋର୍ଟ ଅନୁଯାୟୀ ୬୦% ରୁ ଅଧିକ କିଶୋରୀ ଓ ଛାତ୍ରୀ ପେରା-ଆତ୍ମହତ୍ୟାର ଶିକାର।

କୁହାଯାଏ 'ସମାଜ ଅନୁକରଣ ଉପରେ ଆଧାରିତ ଏବଂ ଅନୁକରଣ ହେଉଛି ଏକପ୍ରକାରର ସାମାଜିକ ସଂକ୍ରମଣ।' ଏଠାରେ ଏକ ଉଦାହରଣ ନେବା। ମାଇକ୍ରୋନେସିଆ ଏକ ଦ୍ୱୀପପୁଞ୍ଜର ଦେଶ। ଉଣେଇଶ ଅଶୀଦଶକରେ ଦୁନିଆର ଅନ୍ୟଦେଶମାନଙ୍କ ଅପେକ୍ଷା ମାଇକ୍ରୋନେସିଆରେ ମୁଣ୍ଡପିଛା ଆତ୍ମହତ୍ୟାର ସଂଖ୍ୟା ସାତଗୁଣ ବୃଦ୍ଧି ପାଇଥିଲା। ସମସ୍ତ ପୀଡ଼ିତ ଓ ମୃତକ ଥିଲେ କିଶୋର ବର୍ଗର। ଛୋଟଛୋଟ କଥାରେ, ଯେମିତିକି ବାପାଙ୍କ ଗାଳି ସହି ନ ପାରି କିମ୍ବା ପକେଟ ଖର୍ଚ୍ଚ ପାଇଁ ଅତିରିକ୍ତ ଟଙ୍କା ନମିଳିବାରୁ କିଶୋରମାନେ ଆତ୍ମହତ୍ୟା କରୁଥିଲେ। ଏ ଘଟଣାସବୁ ଯେତିକି ବିଚିତ୍ର ଓ ଅସାମାନ୍ୟ ଲାଗୁଥିଲେ, ତା'ଠାରୁ ଅଧିକ ଆଶ୍ଚର୍ଯ୍ୟ କରୁଥିଲା ସେସବୁ ଆତ୍ମହତ୍ୟାର ଉପାୟ ଓ ପ୍ରଣାଳୀ। କାରଣ ସମସ୍ତ ଆତ୍ମହତ୍ୟାର ଢାଞ୍ଚା ଓ 'ସୁଇସାଇଡ ନୋଟ' ଅପାତତଃ ସମାନ ଥିଲା। ମାଇକ୍ରୋନେସିଆର ଆତ୍ମହତ୍ୟାର ଘଟଣା ଥିଲା ଆତ୍ମବିନାଶର ଏକ ସଂକ୍ରାମକ ମହାମାରୀ। ସେଠାରେ ଆତ୍ମବିନାଶ କିଶୋରଙ୍କ ପାଇଁ ସାଜିଥିଲା ଆତ୍ମପ୍ରକାଶର ଏକ ମାଧ୍ୟମ। ଏହି ଅଘଟଣଗୁଡ଼ିକର ଉତ୍ତରରେ ସମାଜଶାସ୍ତ୍ରୀ ଡାଭିଡ ଫିଲିପ୍‌ସ ମତ ରଖନ୍ତି ଯେ ଆତ୍ମହତ୍ୟା କାହାଣୀ ଏକପ୍ରକାର ପ୍ରାକୃତିକ ବିଜ୍ଞାପନ, ଯାହା ଏକ ନିର୍ଦ୍ଦିଷ୍ଟ ସମସ୍ୟାର ନିର୍ଦ୍ଦିଷ୍ଟ ପ୍ରତିକ୍ରିୟା ବୋଲି ବିବେଚନା କରଯାଏ ଏବଂ ଏହାକୁ ଅନୁକରଣ କରଯାଏ। ଏହା ପ୍ରତୀକାତ୍ମକ ପାରସ୍ପରିକ କ୍ରିୟାର ତତ୍ତ୍ୱ ଉପରେ ପର୍ଯ୍ୟବସିତ। ସରଳରେ କହିବାକୁ ଗଲେ ଆତ୍ମହତ୍ୟାକୁ କିଛି ସକାରାତ୍ମକ ଓ ନକାରାତ୍ମକ ସାମାଜିକ ବ୍ୟାଖ୍ୟା ମିଳେ ଏବଂ ସାଧାରଣ ବ୍ୟକ୍ତି ଏହାକୁ ବିଭିନ୍ନ ଅର୍ଥରେ ପ୍ରୟୋଗ କରନ୍ତି। ଆତ୍ମହତ୍ୟା ପଳାତକର କାର୍ଯ୍ୟ, ବିଦ୍ରୋହର ଭାଷା, ଏହା ହେଉଛି ଦୁର୍ବଳର ଶେଷ ନିଷ୍ପତ୍ତି, ଅବହେଳିତ ସ୍ୱର ଶୁଣିବା ପାଇଁ ଏକ ବାଟ ଏବଂ ଆତ୍ମହତ୍ୟା ସମସ୍ତ ସମାଧାନର ଏକ ରୂପ ଇତ୍ୟାଦି ହେଉଛି କିଛି ସାମାଜିକ ବ୍ୟାଖ୍ୟା। ଅନ୍ୟପଟେ ଦୁର୍ବଳ ମାନସିକତା ଓ ଦୁର୍ବଳ ସାମାଜିକ ବନ୍ଧନ ଥିବା ବ୍ୟକ୍ତିବିଶେଷ ପାଇଁ ଏହା ହୋଇଯାଏ ଏକ ସାଙ୍କେତିକ ଅର୍ଥ। ଦୁର୍ଭାଗ୍ୟବଶତଃ ପରବର୍ତ୍ତୀ ସମୟରେ ଏହି ଭୁଲ ବ୍ୟାଖ୍ୟାର ସାମାଜିକ ଅନୁକରଣ ହୋଇଥାଏ। ଉଦାହରଣ ସ୍ୱରୂପ, ଦିଲ୍ଲୀ ମେଟ୍ରୋ ଷ୍ଟେସନରେ ଆତ୍ମହତ୍ୟାର ସମାନ ସ୍ଥାନ ଓ ସମାନ ପଦ୍ଧତି ବାରମ୍ବାର ବ୍ୟବହୃତ ହେଉଛି। ଏହାର ଦୁଇଟି କାରଣ ହେଉଛି ମିଡିଆରେ ଦୃଶ୍ୟମାନତା ଓ ପ୍ରତୀକାତ୍ମକ ଚିହ୍ନଟକରଣ।

ରାଜସ୍ଥାନର କୋଟାରେ ପ୍ରତିବର୍ଷ ଘଟୁଥିବା ଅନୁକରଣୀୟ ଆତ୍ମହତ୍ୟା ଦେଶ ପାଇଁ ଏକ ଚିନ୍ତାର ବିଷୟ। ସୂଚନା ଅନୁଯାୟୀ ଘଟିଥିବା ସମସ୍ତ ଆତ୍ମହତ୍ୟାର ସୁଇସାଇଡ ନୋଟ ଏବଂ ଆତ୍ମହତ୍ୟାର ଧାରା(ପ୍ୟାଟର୍ନ)ରେ ପ୍ରାୟତଃ ସାମଞ୍ଜସ୍ୟତା ଅଛି। 'ଟାଟା ଇନଷ୍ଟିଚ୍ୟୁଟ୍ ଅଫ୍ ସୋସିଆଲ ସାଇନ୍ସେସ୍'ର ଏକ ସାମାଜିକ-ମନସ୍ତାତ୍ତ୍ୱିକ ଗବେଷଣାରେ ଉଲ୍ଲେଖ କରାଯାଇଛି ଯେ 'ଗୋଟିଏ ଆତ୍ମହତ୍ୟା ଅନ୍ୟ ଏକ ଆତ୍ମହତ୍ୟାକୁ ପ୍ରେରିତ କରିଥାଏ।' କୋଟା ଆତ୍ମହତ୍ୟା ମାମଲା ହେଉଛି ଶିକ୍ଷାଗତ ଚାପ ଏବଂ ପୂର୍ବ ମାମଲାଗୁଡ଼ିକର ଅନୁକରଣ। ସମାଜଶାସ୍ତ୍ରୀଙ୍କ ମତରେ ଏହା ଆଚରଣ ମଡେଲିଂ ବା ଏକପ୍ରକାରର ସାମାଜିକ ଶିକ୍ଷଣ। ସେହିପରି ୨୦୧୭ ମସିହାରେ ତାମିଲନାଡୁର ୧୭ ବର୍ଷୀୟା ଅନିତାଙ୍କ ନିଟ୍ ବିରୋଧରେ ଆବେଦନକୁ ସର୍ବୋଚ୍ଚ ନ୍ୟାୟାଳୟ ଖାରଜ କରିବା ପରେ ସେ ଆତ୍ମହତ୍ୟା କରିଥିଲେ ଏବଂ ତାଙ୍କର ମୃତ୍ୟୁ ପରେ ଅନେକ ଅନୁକରଣୀୟ ଆତ୍ମହତ୍ୟା ରାଜ୍ୟରେ ଘଟିଥିଲା। ଏହାର ସମାଜତାତ୍ତ୍ୱିକ ଅନ୍ତର୍ଦୃଷ୍ଟି କୁହେ ଯେ ପାଠ ଓ ପରିବାରର ଚାପରେ ଥିବା ନିଟ୍ ଆଶାୟୀଙ୍କ ପାଇଁ ସଂଘର୍ଷର ଏକ ପ୍ରତୀକାତ୍ମକ ମଡେଲ ହୋଇଗଲେ ଅନିତା ଏବଂ ତାଙ୍କ ଆତ୍ମହତ୍ୟା ପାଲଟିଗଲା ବୀର ସହିଦଙ୍କ ଭଳି ସାମାଜିକ କାହାଣୀ। ପ୍ରଚାରିତ କାହାଣୀ, ପୀଡ଼ିତଙ୍କ ସହ ପରିଚୟ ସହିତ ସମାନ ପରିସ୍ଥିତିରେ ଥିବା ଛାତ୍ରମାନଙ୍କ ପାଇଁ ଆତ୍ମହତ୍ୟା ଥିଲା ଏକ ପ୍ରରୋଚନାକାରୀ ଉପାଦାନ। ତେଣୁ ସାମାଜିକ ବିଭ୍ରାଟ ଏବଂ ନିୟନ୍ତ୍ରଣର ଅଭାବ ସମାନ ଗୋଷ୍ଠୀରେ ଆତ୍ମହତ୍ୟାର ପୁନରାବୃତ୍ତି ସୃଷ୍ଟି କରେ।

ସମାଜବିଜ୍ଞାନୀ ଷ୍ଟିଭେନ୍ ଷ୍ଟାକ୍‌ଙ୍କ ଏକ ଉଲ୍ଲେଖନୀୟ ଅଧ୍ୟୟନ ହେଉଛି 'ୱେର୍ଥର୍ ପ୍ରଭାବ'। କୌଣସି ସେଲିବ୍ରିଟି ଆତ୍ମହତ୍ୟାର ଗଣମାଧ୍ୟମ ପ୍ରସାରଣ ହେଉ କିମ୍ବା କୌଣସି ଆତ୍ମହତ୍ୟାର ନିରନ୍ତର ଏବଂ ଅତିରଞ୍ଜିତ ପ୍ରଚାର ପରେ ଆତ୍ମହତ୍ୟା କାର୍ଯ୍ୟକଳାପର ସାଂଖ୍ୟିକ ଭାବରେ ବୃଦ୍ଧି ପାଏ ବୋଲି ଷ୍ଟାକ୍‌ଙ୍କ ଏହି ଅଧ୍ୟୟନରେ ପ୍ରକାଶିତ ହୋଇଛି। ଚିନ୍ତାର ବିଷୟ ଯେ ଏହାଦ୍ୱାରା କିଶୋର ଓ ଯୁବବର୍ଗ ଅତ୍ୟନ୍ତ ପ୍ରଭାବିତ। ଅଧ୍ୟୟନରେ ଗୁରୁତ୍ୱାରୋପ କରାଯାଇଥିଲା ଯେ ବିସ୍ତୃତ ଓ ଭାବପ୍ରବଣ ମିଡିଆ ପ୍ରଚାରରେ ଆତ୍ମହତ୍ୟାର ପଦ୍ଧତି (ଆତ୍ମାହୁତି) ନାଟକୀୟ ଶିରୋନାମା (ନ୍ୟାୟର ଲଢ଼େଇରେ ହାରିଗଲେ, କେବେ ମିଳିବ ନ୍ୟାୟ, ଅବହେଳିତର କରୁଣ ବାର୍ତ୍ତା) ଏବଂ ବ୍ୟକ୍ତିଗତ ପୃଷ୍ଠଭୂମି(ବିଦ୍ୟାର୍ଥୀ, ବେରୋଜଗାର) ସମେତ ଆତ୍ମ-ଧ୍ୱଂସାତ୍ମକ ଆଚରଣର ରୋମାନିକରଣ (ରୋମାନିଟିସାଇଜଡ) କିମ୍ବା ସାଧାରଣ କରିବାର ଚେଷ୍ଟା ହିଁ ଅନୁକରଣୀୟ ଆତ୍ମହତ୍ୟା ପାଇଁ ଦାୟୀ। ତେଣୁ ଭାବପ୍ରବଣ, କଷ୍ଟ କିମ୍ବା ପରିଚୟ ସଙ୍କଟରେ ଥିବା ବ୍ୟକ୍ତିମାନେ ଗଣମାଧ୍ୟମର ଚକିତ ଓ ରୋମାଞ୍ଚକର ବିଷୟବସ୍ତୁକୁ ଆତ୍ମହତ୍ୟାର ବୈଧ ପ୍ରତିକ୍ରିୟା ଭାବରେ ଦେଖିପାରନ୍ତି। ସଂକ୍ଷେପରେ, ଷ୍ଟାକ୍‌ଙ୍କ ଅଧ୍ୟୟନରେ ଉଲ୍ଲେଖ ଅଛି ଯେ ଗଣମାଧ୍ୟମ ସାମାଜିକ ଆଚରଣକୁ ପ୍ରଭାବିତ କରିବା ସହିତ ଏକ ବ୍ୟକ୍ତିଗତ ଦୁଃଖଦ ଘଟଣାବଳୀକୁ ଏକ ସାର୍ବଜନୀନ ସ୍ୱାସ୍ଥ୍ୟ ବିପଦରେ ପରିଣତ କରିପାରେ।

ଗଣମାଧ୍ୟମ ଓ ଆତ୍ମହତ୍ୟା ଉପରେ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନର ଏକ ରିପୋର୍ଟରେ ପ୍ରକାଶ ପାଇଛି ଯେ ଏସିଆ ଓ ୟୁରୋପରେ ଚାଞ୍ଚଲ୍ୟକର 'ମିଡିଆ ରିପୋର୍ଟିଂ' ଏବଂ ଆତ୍ମହତ୍ୟା ବୃଦ୍ଧି ମଧ୍ୟରେ ପ୍ରତ୍ୟକ୍ଷ ସମ୍ପର୍କ ଅଛି। ବ୍ୟକ୍ତିର ଆଚରଣ ହେଉଛି ପାରିପାର୍ଶ୍ୱିକ ପର୍ଯ୍ୟବେକ୍ଷଣର ଫଳାଫଳ। ଆତ୍ମହତ୍ୟା ପରେ ଗଣମାଧ୍ୟମରେ ମିଳୁଥିବା ଅତ୍ୟଧିକ ସହାନୁଭୂତି ଏବଂ ଗଣମାଧ୍ୟମର ଅତ୍ୟଧିକ ଧ୍ୟାନ କିଛି ଦୁର୍ବଳ/ ଅବସାଦ ମନରେ ଏପରି କାର୍ଯ୍ୟ କରିବା ପାଇଁ ପ୍ରରୋଚିତ କରିପାରେ। 'ଯଦି ଅନ୍ୟମାନେ ଏହା କରିପାରୁଛନ୍ତି ଏବଂ ସେମାନଙ୍କ ଅଭିଯୋଗ ଶୁଣାଯାଇପାରୁଛି, ତେବେ ହୁଏତ ମୁଁ ମଧ୍ୟ ଏମିତି କରିପାରିବି'ର ମାନସିକତା ଏବେ ବୃଦ୍ଧି ପାଉଛି। ଏହାକୁ ଆତ୍ମହତ୍ୟାର ସାଂକେତିକ ବୈଧତା କୁହାଯାଏ। ସମାଜବିଜ୍ଞାନୀଙ୍କ ମତରେ ଏହି ମାନସିକତାର ଧାରା ନିକଟ ଭବିଷ୍ୟତରେ ଜାରି ରହିବ।

କ୍ରମବର୍ଦ୍ଧିଷ୍ଣୁ କିଶୋର ଆତ୍ମହତ୍ୟାକୁ ନେଇ କେରଳର ମାନସିକ ସ୍ୱାସ୍ଥ୍ୟ ପ୍ରାଧିକରଣର ବିଶ୍ଳେଷଣରୁ ଜଣାପଡ଼ିଛି ଯେ ସମ୍ବାଦପତ୍ରର ରିପୋର୍ଟ ଏବଂ ସମକକ୍ଷ ଆତ୍ମହତ୍ୟା ସହିତ ସାମାଜିକ ଗଣମାଧ୍ୟମରେ ମିଳୁଥିବା ପ୍ରବଳ ଶ୍ରଦ୍ଧାଞ୍ଜଳି ହେଉଛି ଅନିଚ୍ଛାକୃତ ଅନୁକରଣୀୟ ଆତ୍ମହତ୍ୟା ପାଇଁ ଦାୟୀ। ସମାଜବିଜ୍ଞାନୀ ଷ୍ଟାନଲି କୋହେନଙ୍କ 'ନୈତିକ ଆତଙ୍କ' ତତ୍ତ୍ୱ ବ୍ୟାଖ୍ୟା କରେ ଯେ ଅତିରଞ୍ଜିତ ମିଡିଆ ରିପୋର୍ଟିଂ ଏକ ଗୋଷ୍ଠୀ ମଧ୍ୟରେ ଉଭୟ ଆତଙ୍କ ଓ ଅନୁକରଣ ସୃଷ୍ଟି କରିପାରେ। ଅଷ୍ଟ୍ରିଆ ଓ ଜର୍ମାନୀ ଭଳି ଦେଶରେ, ଆତ୍ମହତ୍ୟା ରିପୋର୍ଟିଂ ଉପରେ କଠୋର ନିର୍ଦ୍ଦେଶାବଳୀ ଲାଗୁ ହେବା ପରେ ଯୁବ ଓ କିଶୋର ଆତ୍ମହତ୍ୟା ହାର ହ୍ରାସ ପାଇଛି। ଏହି ପରିପ୍ରେକ୍ଷୀରେ ମହାତ୍ମା ଗାନ୍ଧୀ କହିଥିଲେ 'ଆତ୍ମହତ୍ୟା ଓ ଆତ୍ମଦାହ କୌଣସି ପ୍ରକାରର ଯଥାର୍ଥ ନୈତିକ କାର୍ଯ୍ୟ ନୁହେଁ। ଯେତେ ବି ଅନ୍ୟାୟ ହେଉ ମନୁଷ୍ୟ ଜୀବନ ପବିତ୍ର। ଜୀବନ୍ତ ବ୍ୟକ୍ତି ପରିବର୍ତ୍ତନ ଆଣିପାରିବ, ମୃତ୍ୟୁ ନୁହେଁ। ବ୍ୟକ୍ତିଗତ ଯନ୍ତ୍ରଣା ଓ ଦୁଃଖକୁ ଆତ୍ମହତ୍ୟାରେ ନୁହେଁ, ସେବାରେ ପରିଣତ କରିବା ଉଚିତ।' ଗାନ୍ଧୀଙ୍କ ମତରେ, 'ଆତ୍ମଦାହ ନିଜ ଶରୀର ବିରୁଦ୍ଧରେ ଏକପ୍ରକାର ହିଂସା। ଏହା ନୈତିକ ଓ ଆଧ୍ୟାତ୍ମିକ ଭାବରେ ଅଗ୍ରାହ୍ୟ। ଶରୀରର ବିନାଶ ସତ୍ୟର ପଥ ନୁହେଁ।'

ଭୁବନେଶ୍ୱର, ମୋ: ୮୪୫୬୮୭୯୫୨୨

# ପରିବେଶ ଓ ଜୀବନରେ ବିପର୍ଯ୍ୟୟର ଛାୟା

**ହୃଷୀକେଶ ପାଣଗ୍ରାହୀ**

ଜଳବାୟୁ ପରିବର୍ତ୍ତନ ଏବଂ ମାନବୀୟ ଅବହେଳା ଆଜି ଆମ ପରିବେଶ ଓ ଜୀବନ ପାଇଁ ଏକ ମୁଖ୍ୟ ସମସ୍ୟା ଭାବେ ଉଭା ହୋଇଛି। ନିକଟରେ ଉତ୍ତରାଖଣ୍ଡର ଉତ୍ତରକାଶୀ ଜିଲ୍ଲାରେ ବାଦଲଫଟା ବର୍ଷା ଯୋଗୁଁ କ୍ଷୀର ଗଙ୍ଗାରେ ଆକସ୍ମିକ ପାହାଡ଼ୀ ବନ୍ୟା ଘଟିଛି, ଯାହା ଧରାଲିର ହରସିଲ ଅଞ୍ଚଳରେ ବ୍ୟାପକ କ୍ଷୟକ୍ଷତି ଘଟାଇଛି। ଏହି ବନ୍ୟାରେ ଅନେକ ଘରଦ୍ୱାର, ହୋଟେଲ ଓ ଅନ୍ୟାନ୍ୟ କୋଠା ମଧ୍ୟ ଧୋଇ ହୋଇଯାଇଛି। ଏହି ଦୁର୍ଘଟଣାରେ ୪ ଜଣଙ୍କର ମୃତ୍ୟୁ ହୋଇଥିବା ବେଳେ ୫୦ରୁ ଅଧିକ ଲୋକ ନିଖୋଜ ହୋଇଛନ୍ତି। ଏହି ଘଟଣା କେବଳ ଏକ ପ୍ରାକୃତିକ ବିପର୍ଯ୍ୟୟ ନୁହେଁ, ବରଂ ମାନବୀୟ ଅବହେଳା ଏବଂ ଜଳବାୟୁ ପରିବର୍ତ୍ତନର ମିଳିତ ପରିଣାମ।

ଜଳବାୟୁ ପରିବର୍ତ୍ତନ ହିମାଳୟ ଭଳି ସମ୍ବେଦନଶୀଳ ଅଞ୍ଚଳରେ ଅତିବୃଷ୍ଟି, ବାଦଲଫଟା ଓ ଆକସ୍ମିକ ବନ୍ୟା ଭଳି ପ୍ରାକୃତିକ ବିପର୍ଯ୍ୟୟକୁ ତୀବ୍ର କରୁଛି। ବୈଜ୍ଞାନିକ ଅନୁସନ୍ଧାନ ଅନୁଯାୟୀ, ପ୍ରତି ୧ ଡିଗ୍ରୀ ସେଲସିୟସ ତାପମାତ୍ରା ବୃଦ୍ଧି ସହିତ ବାୟୁମଣ୍ଡଳରେ ଜଳୀୟବାଷ୍ପର ପରିମାଣ ୭% ବୃଦ୍ଧି ପାଉଛି, ଯାହା ବାଦଲଫଟା ବର୍ଷା ଭଳି ଘଟଣାକୁ ଅଧିକ ଘନ ଓ ତୀବ୍ର କରୁଛି। ଉତ୍ତରାଖଣ୍ଡରେ ୨୦୧୩ ମସିହାରେ ଘଟିଥିବା ବିନାଶକାରୀ ବନ୍ୟା, ଯାହା ୬,୦୦୦ରୁ ଅଧିକ ଲୋକଙ୍କ ଜୀବନ ନେଇଥିଲା ଏବଂ ୨୦୨୧ ଓ ୨୦୨୫ରେ ଘଟିଥିବା ବାଦଲଫଟା ବର୍ଷା ଓ ବନ୍ୟା ଘଟଣାଗୁଡ଼ିକ ଏହାର ଜ୍ୱଳନ୍ତ ଉଦାହରଣ।

ଜଳବାୟୁ ପରିବର୍ତ୍ତନ ଏକ ପ୍ରମୁଖ କାରଣ ହେଲେ ମଧ୍ୟ ମାନବୀୟ କାର୍ଯ୍ୟକଳାପ ଏହି ବିପର୍ଯ୍ୟୟକୁ ଆହୁରି ଜଟିଳ କରୁଛି। ଉତ୍ତରାଖଣ୍ଡରେ ଅନିୟନ୍ତ୍ରିତ ନିର୍ମାଣ, ଜଳବିଦ୍ୟୁତ ପ୍ରକଳ୍ପ, ଅତ୍ୟଧିକ ପର୍ଯ୍ୟଟନ ଓ ବନାଞ୍ଚଳ ନଷ୍ଟ ହେବା ପରିବେଶର ସମ୍ବେଦନଶୀଳତାକୁ ବୃଦ୍ଧି କରୁଛି। ୨୦୧୩ ବନ୍ୟା ପରେ ସୁପ୍ରିମକୋର୍ଟ ଅନୁଯାୟୀ ୨୩ଟି ଜଳବିଦ୍ୟୁତ ପ୍ରକଳ୍ପ ବନ୍ଦ କରିବାକୁ ପରାମର୍ଶ ଦିଆଯାଇଥିଲା, କିନ୍ତୁ ଏବେ ମଧ୍ୟ ନୂତନ ପ୍ରକଳ୍ପ ପାଇଁ ଆବେଦନ ଜାରି ରହିଛି। ଅନିୟନ୍ତ୍ରିତ ରାସ୍ତା ନିର୍ମାଣ, ବନ ଉଜାଡ଼ିକରଣ ଓ ନଦୀକୂଳରେ ଅବୈଧ ନିର୍ମାଣ ପାହାଡ଼ୀ ଅଞ୍ଚଳରେ ମାଟିଧସିବା ସହ ବନ୍ୟା ପରିସ୍ଥିତି ବୃଦ୍ଧି କରୁଛି। ଏହାସହିତ ପୂର୍ବ ସୂଚନା ବ୍ୟବସ୍ଥା ଓ ବିପର୍ଯ୍ୟୟ ପରିଚାଳନାରେ ଅସମର୍ଥତା ମଧ୍ୟ କ୍ଷୟକ୍ଷତିକୁ ବୃଦ୍ଧି କରୁଛି। ୨୦୧୩ରେ ଭାରତୀୟ ପାଣିପାଗ ବିଭାଗ ପୂର୍ବ ସୂଚନା ଦେଇଥିଲେ ମଧ୍ୟ ରାଜ୍ୟ ସରକାରଙ୍କ ପ୍ରତିକ୍ରିୟା ଅପର୍ଯ୍ୟାପ୍ତ ଥିଲା, ଯାହା ବିପର୍ଯ୍ୟୟର ପରିମାଣକୁ ବୃଦ୍ଧି କରିଥିଲା। ଏହି ବିପର୍ଯ୍ୟୟ କେବଳ ପରିବେଶକୁ ନଷ୍ଟ କରୁନାହିଁ, ବରଂ ମାନବ ଜୀବନ ଓ ଅର୍ଥନୀତି ଉପରେ ମଧ୍ୟ ଗଭୀର ପ୍ରଭାବ ପକାଉଛି। ଉତ୍ତରକାଶୀରେ ଘଟିଥିବା ସାମ୍ପ୍ରତିକ ବନ୍ୟା ଯୋଗୁଁ ଅନେକ ପରିବାର ନିଃସ୍ୱ ହୋଇଯାଇଛନ୍ତି, ପର୍ଯ୍ୟଟନ ଶିଳ୍ପ ପ୍ରଭାବିତ ହୋଇଛି ଏବଂ କୃଷି ଓ କୋଠାମାନ ନଷ୍ଟ ହୋଇଛି। ଏହା ସହିତ, ପରିବେଶରେ ଅତ୍ୟଧିକ ମାଟିଧସିବା ଓ ଜଙ୍ଗଲ ନଷ୍ଟ ହେବା ଜୈବବିବିଧତା ଓ ପରିବେଶ ସନ୍ତୁଳନକୁ ଆହୁରି ଦୁର୍ବଳ କରୁଛି। ଏହା ଦୀର୍ଘକାଳୀନ ଭାବେ ଜଳ ସଙ୍କଟ, ଖାଦ୍ୟ ଅଭାବ ଓ ଜୀବନଧାରଣରେ ଅସୁବିଧା ସୃଷ୍ଟି କରୁଛି।

ଏହି ସମସ୍ୟାର ସ୍ଥାୟୀ ସମାଧାନ ଓ ନକାରାତ୍ମକ ପ୍ରଭାବ ହ୍ରାସ ପାଇଁ ବନ ଓ ଜଳାଶୟ ସଂରକ୍ଷଣ ମାଧ୍ୟମରେ ପାହାଡ଼ୀ ଅଞ୍ଚଳରେ ମାଟିଧସିବା ଓ ବନ୍ୟା ପରିସ୍ଥିତିକୁ ହ୍ରାସ କରାଯାଇ ପାରିବ। ବୃକ୍ଷରୋପଣ ଓ ବନାଞ୍ଚଳ ପୁନରୁଦ୍ଧାର କାର୍ଯ୍ୟକ୍ରମକୁ ତ୍ୱରାନ୍ୱିତ କରିବା ଭଳି ପଦକ୍ଷେପ ଗ୍ରହଣ କରାଯାଇପାରେ। ଅନିୟନ୍ତ୍ରିତ ଜଳବିଦ୍ୟୁତ ପ୍ରକଳ୍ପ ଓ କୋଠା ନିର୍ମାଣ ଉପରେ କଡ଼ା ନିୟମ ଲାଗୁ କରିବା, ପର୍ଯ୍ୟଟନକୁ ପରିବେଶ ସହ ସମନ୍ୱୟ ରଖି ପରିଚାଳନା, ହିମାଳୟ ଅଞ୍ଚଳରେ ଅଧିକ ସଂଖ୍ୟକ ସ୍ୱୟଂଚାଳିତ ପାଣିପାଗ କେନ୍ଦ୍ର ଏବଂ ଉପଗ୍ରହ ଆଧାରିତ ପର୍ଯ୍ୟବେକ୍ଷଣ ବ୍ୟବସ୍ଥା ସ୍ଥାପନ କରାଯିବା ଆବଶ୍ୟକ। ଏହା ସଠିକ ସମୟରେ ପୂର୍ବ ସୂଚନା ପ୍ରଦାନ କରି ଜୀବନ ଓ ସମ୍ପତ୍ତିର କ୍ଷୟକ୍ଷତି ହ୍ରାସ କରିବ। ସ୍ଥାନୀୟ ଜନସାଧାରଣଙ୍କୁ ବିପର୍ଯ୍ୟୟ ପରିଚାଳନା ତାଲିମ ପ୍ରଦାନ କରିବା ଏବଂ ସେମାନଙ୍କର ପାରମ୍ପରିକ ଜ୍ଞାନକୁ ପୂର୍ବ ସୂଚନା ବ୍ୟବସ୍ଥା ସହ ସଂଯୋଜନ କହିବା ଭଳି ପଦକ୍ଷେପ ନେବାକୁ ପଡ଼ିବ। ଏହାଦ୍ୱାରା ସ୍ଥାନୀୟ ସ୍ତରରେ ତୁରନ୍ତ ପ୍ରତିକ୍ରିୟା ସମ୍ଭବ ହେବ। ଜଳବାୟୁ ପରିବର୍ତ୍ତନ ଅନୁକୂଳନକୁ ଶିକ୍ଷା, ଶୁଷ୍କ ନିର୍ମାଣ ଓ ବିପର୍ଯ୍ୟୟ ପ୍ରଶମନ ନୀତିରେ ସାମିଲ କରାଯାଇ ପ୍ରାକୃତିକ ଜଳ ସଂରକ୍ଷଣ କ୍ଷେତ୍ର ଯଥା ଜଳାଶୟ ଓ ମାଙ୍ଗ୍ରୋଭ ପୁନରୁଦ୍ଧାର କରାଯାଇପାରିବ।

ଉତ୍ତରାଖଣ୍ଡରେ ଘଟୁଥିବା ବାଦଲଫଟା ଓ ବନ୍ୟା ଭଳି ଘଟଣା ଆମକୁ ଜଳବାୟୁ ପରିବର୍ତ୍ତନ ଓ ମାନବୀୟ ଅବହେଳାର ଗମ୍ଭୀର ପରିଣାମ ସମ୍ପର୍କରେ ସତର୍କ କରୁଛି। ଏହା କେବଳ ଉତ୍ତରାଖଣ୍ଡ କିମ୍ବା ହିମାଳୟରେ ସୀମିତ ନୁହେଁ, ବରଂ ସାରା ବିଶ୍ୱରେ ପରିବେଶ ସଂରକ୍ଷଣ ଓ ସ୍ଥାୟୀ ବିକାଶର ଆବଶ୍ୟକତାକୁ ଆଲୋକପାତ କରୁଛି। ସଠିକ ନୀତି, ସାମୁଦାୟିକ ସହଯୋଗ ଓ ବୈଜ୍ଞାନିକ ପଦକ୍ଷେପ ମାଧ୍ୟମରେ ଆମେ ଏହି ନକାରାତ୍ମକ ପ୍ରଭାବକୁ ହ୍ରାସ କରି ଆମ ପରିବେଶ ଓ ଜୀବନକୁ ସୁରକ୍ଷିତ କରିପାରିବା। ଏହା ଆମ ସମସ୍ତଙ୍କର ଦାୟିତ୍ୱ, ଯାହା ଆଜିର କାର୍ଯ୍ୟ ଦ୍ୱାରା ଆମ ଭବିଷ୍ୟତ ପିଢ଼ିଙ୍କ ପାଇଁ ଏକ ସୁସ୍ଥ ପୃଥିବୀ ସୁନିଶ୍ଚିତ କରିବ।

(ସହକାରୀ ପ୍ରାଧ୍ୟାପକ, ଧରଣୀଧର ବିଶ୍ୱବିଦ୍ୟାଳୟ)
କେନ୍ଦୁଝର, ମୋ: ୮୨୪୯୫୮୬୨୦୭

# ପଦ୍ମସମ୍ଭବ, ମନ୍ଦରଭା ଓ ୟେଶେ

**ପ୍ରବୀର କୁମାର ପଟ୍ଟନାୟକ**

## ଦ୍ୱିତୀୟ-ବୁଦ୍ଧ କଥା

ଗୁରୁ ପଦ୍ମସମ୍ଭବଙ୍କ ଜୀବନ ଓ ତାଙ୍କ ଧର୍ମ ପ୍ରଚାର କାର୍ଯ୍ୟ ଉଭୟ କ୍ଷେତ୍ରରେ ଦୁଇଜଣ ମହିଳାଙ୍କର ଗୁରୁତ୍ୱପୂର୍ଣ୍ଣ ତଥା ମହତ୍ତ୍ୱପୂର୍ଣ୍ଣ ଅବଦାନ ରହିଛି। ଜଣେ ହେଲେ ତାଙ୍କର ଦ୍ୱିତୀୟ ଧର୍ମପତ୍ନୀ ତଥା ତାଙ୍କର ମୁଖ୍ୟ ସହଯୋଗୀ, ସହକର୍ମୀ, ବନ୍ଧୁ ତଥା ପରମ ଶୁଭାକାଂକ୍ଷୀ ଆଚାର୍ଯ୍ୟ ଶାନ୍ତରକ୍ଷିତଙ୍କ ଭଗିନୀ ମନ୍ଦରଭା। ତାଙ୍କର ପ୍ରଥମ ପତ୍ନୀ ଭାସଧାରାଙ୍କୁ ସେ ସମ୍ଭଳରେ ରାଜପ୍ରାସାଦରେ ରଖି ରାଜ୍ୟ ତ୍ୟାଗ କରି ପଳାଇ ଆସିଥିଲେ। ଅନ୍ୟ ସହଚରୀ ଜଣକ ହେଲେ ୟେଶେ ସୋଗ୍ୟାଲ୍। ତିବ୍ବତରେ ପହଞ୍ଚିବା ପରଠାରୁ ଓ ତିବ୍ବତ ପରିତ୍ୟାଗ କରିବା ପର୍ଯ୍ୟନ୍ତ ୟେଶେ ପଦ୍ମସମ୍ଭବଙ୍କ ଜୀବନରେ ଓ କର୍ମକ୍ଷେତ୍ରରେ ଅତ୍ୟନ୍ତ ମହତ୍ତ୍ୱପୂର୍ଣ୍ଣ ସହଯୋଗୀ ଭାବେ ତାଙ୍କ ସହ ସବୁବେଳେ ସବୁକାର୍ଯ୍ୟରେ ଲାଗି ରହିଥିଲେ।

ମନ୍ଦରଭା: ସହୋର ନାମକ ଦେଶର ରାଜା ଥିଲେ ଆର୍ଷଧର। ତାଙ୍କ ରାଣୀ ଥିଲେ ହାଉକୀ। ତାଙ୍କର କନ୍ୟାଟି ଦେବଦେବୀଙ୍କ କୃପାରୁ ଜନ୍ମ ଲାଭ କରିଥିଲା। ପିଲାଦିନେ କନ୍ୟାଟିକୁ ଦେଖି ଜଣେ ଯୋଗୀ ତାଙ୍କ ନିକଟରେ ଭଗବାନ ବୁଦ୍ଧଙ୍କର ବତ୍ରିଶ ଗୋଟି ଶୁଭ-ଲକ୍ଷଣମାନ ଥିବାରୁ ଭବିଷ୍ୟବାଣୀ କରିଥିଲେ ଯେ 'କନ୍ୟାଟି ଦେବକନ୍ୟା। ଏଣୁ ତାଙ୍କୁ ବିବାହ ବନ୍ଧନରେ ରଖାଯାଇ ପାରିବ ନାହିଁ। କନ୍ୟାଟି ନିଶ୍ଚିତ ଭାବେ ଯୋଗିନୀଟିଏ ହେବେ।' କନ୍ୟାର ନାମ ମଧ୍ୟ 'ଯୋଗୀ ମନ୍ଦରଭା' ରଖିଲେ। ସେ ତେର ବର୍ଷ ବୟସର ହେଲା ବେଳକୁ ବାସ୍ତବରେ ଜଣେ ଦେବକନ୍ୟା ଭଳି ଦେଖାଗଲେ। ଚୀନର ରାଜକୁମାର, ହିନ୍ଦୁ, ମୁସଲମାନ ଓ ପାରସ୍ୟର ରାଜା ଆଦି ଚାଳିଶ ଜଣ ରାଜବଂଶୀୟ ମନ୍ଦରଭାଙ୍କୁ ବିବାହ ପାଇଁ ପ୍ରସ୍ତାବ ଦେଇଥିଲେ। କିନ୍ତୁ ମନ୍ଦରଭା ସମସ୍ତଙ୍କୁ ଅଗ୍ରାହ୍ୟ କରି ସେ ଧର୍ମ (ବୌଦ୍ଧ ଧର୍ମ) ର କାର୍ଯ୍ୟରେ ନିଜକୁ ନିୟୋଜିତ କରିବେ ବୋଲି କହିଲେ। ରାଜା ଯେତେ ବାଧ କଲେ ମଧ୍ୟ ମନ୍ଦରଭା ନିଜ ନିଷ୍ପତ୍ତିରେ ଦୃଢ଼ ରହିଲେ। ଫଳରେ ରାଜା ରାଗି ଯାଇ ପାଞ୍ଚଶହ ସେବକ ନିୟୋଜିତ କରି ସ୍ୱତନ୍ତ୍ର ପ୍ରାସାଦରେ ମନ୍ଦରଭାଙ୍କୁ ଏକପ୍ରକାର ବନ୍ଦୀ ଭଳି ରଖାଇଲେ।

ପଦ୍ମସମ୍ଭବ ରତ୍ନଗିରି ବିଶ୍ୱବିଦ୍ୟାଳୟରେ ଯୋଗ-ତନ୍ତ୍ର ଶିକ୍ଷା ସାରି ବିଭିନ୍ନ ପ୍ରକାର ଜ୍ଞାନ ଆହରଣ ପାଇଁ ସମଗ୍ରଦେଶ ଭ୍ରମଣ କରୁଥିବା ବେଳେ ମନ୍ଦରଭାଙ୍କ ସ୍ଥାନରେ ପହଞ୍ଚିଲେ। ସେଠାରେ ତାଙ୍କ ଗୁଣାବଳୀ ଜାଣିପାରି ମନ୍ଦରଭା ଓ ତାଙ୍କ ସେବକ ସମସ୍ତେ ତାଙ୍କୁ ପ୍ରାସାଦ ମଧ୍ୟକୁ ଡକାଇ ତାଙ୍କଠାରୁ ବୌଦ୍ଧଧର୍ମ ଗ୍ରହଣ ପୂର୍ବକ ଦୀକ୍ଷିତ ହେଲେ। ପ୍ରାସାଦ ମଧ୍ୟକୁ ପଦ୍ମସମ୍ଭବ ପ୍ରବେଶ କରିଥିବା ଖବର ଜଣେ ଗାଈ ଜଗୁଆଳୀ ରାଜାଙ୍କୁ ଜଣାଇ ଦେଇଥିଲା। ରାଜା ଏଥିରେ କ୍ରୋଧ ଜର୍ଜରିତ ହୋଇ ସେମାନଙ୍କ ନିକଟକୁ ଆସି ପଦ୍ମସମ୍ଭବଙ୍କୁ ମନ୍ଦରଭା ନିକଟରେ ଦେଖିବା ପରେ ରାଜକର୍ମଚାରୀଙ୍କୁ ଆଦେଶ ଦେଲେ ପଦ୍ମସମ୍ଭବଙ୍କୁ କାଠ ଓ ତିଳ ତେଲରେ ଅଗ୍ନି ନିକ୍ଷେପ କରି ଜାଳି ଭସ୍ମ କରିଦେବାକୁ। ଏହାସହ ମନ୍ଦରଭାଙ୍କୁ ବିବସ୍ତ୍ର କରି ଗାତ ଖୋଳି ସେଥିରେ କଣ୍ଟା ପୂରାଇ ପକାଇ ଦେବାକୁ ଆଦେଶ ଦେଲେ। ପଦ୍ମସମ୍ଭବଙ୍କୁ ହତ୍ୟା ନିମିତ୍ତ ଯେଉଁ ଅଗ୍ନି ପ୍ରସ୍ତୁତ ହୋଇଥିଲା ତାହା ଜୋରରେ ଜଳି ଚାରିଆଡ଼େ ଧୂଆଁମୟ ହୋଇଗଲା ଏବଂ ସେଥିମଧ୍ୟରୁ ପ୍ରଚଣ୍ଡ ଶବ୍ଦ ଶୁଣାଗଲା। ସାତ ଦିନ ପର୍ଯ୍ୟନ୍ତ ନିଆଁ ନ ଲିଭି ଅଧିକରୁ ଅଧିକ ଜଳି ଉଠୁଥିବାର ଦେଖି ରାଜା ତନଖି ପାଇଁ ମନ୍ତ୍ରୀଙ୍କୁ ପଠାଇଲେ। ମନ୍ତ୍ରୀ ଦେଖିଲେ ଯେ ସେଠାରେ ଗୋଟିଏ ଇନ୍ଦ୍ରଧନୁକୁ ଘେରିଥିବା ହ୍ରଦଟିଏ ରହିଛି ଏବଂ ତା' ମଧ୍ୟରେ ପଦ୍ମଫୁଲ ଉପରେ ବାଳକଟିଏ ବସିରହିଛି। ଏହା ଶୁଣି ରାଜା ନିଜେ ସେହି ହ୍ରଦ ନିକଟକୁ ଯିବାରୁ ବାଳକଟି ପାଟିକରି ଅନ୍ୟାୟରେ ବିନା କାରଣରେ ଜଣେ ବିଖ୍ୟାତ ବୌଦ୍ଧଗୁରୁଙ୍କୁ ଦଣ୍ଡ ଦେଇଥିବା ରାଜାଙ୍କୁ କହିଲେ। ରାଜା ସେହି ବାଳକ ମଧ୍ୟରେ ବୁଦ୍ଧ ବିରାଜମାନ କରିଥିବା ବୋଧ କରି ନିଜ ଭୁଲ ବୁଝିପାରି ପ୍ରାୟଶ୍ଚିତ ସ୍ୱରୂପ ପଦ୍ମସମ୍ଭବ ଓ ତାଙ୍କ କନ୍ୟାଙ୍କୁ ଉଦ୍ଧାର କରି ରାଜପ୍ରାସାଦକୁ ନେଇଗଲେ। ପଦ୍ମସମ୍ଭବଙ୍କୁ ନିଜ ରାଜ୍ୟ ସହ ମନ୍ଦରଭାଙ୍କୁ ଅର୍ପଣ କଲେ। ଏହିଭଳି ଦୈବୀଯୋଗ କ୍ରମେ ମନ୍ଦରଭାଙ୍କୁ ପଦ୍ମସମ୍ଭବ ବିବାହ କଲେ। ସାରା ଜୀବନ ଛାଇ ପରି ମନ୍ଦରଭା ପଦ୍ମସମ୍ଭବଙ୍କ ସାଙ୍ଗରେ ପତ୍ନୀ, ସହକର୍ମୀ, ସହଚରୀ, ସର୍ବୋପରି ସାଧନା ସଙ୍ଗିନୀ ରୂପେ ରହିଥିଲେ। (କ୍ରମଶଃ...)

ଭୁବନେଶ୍ୱର, ମୋ: ୭୨୦୫୦୨୨୭୯୦

ସକାଳ
THE SAKALA
ଯୋଗାଯୋଗ ଠିକଣା
NEWS & INFO
news@thesakala.com
CIRCULATION
circulation@thesakala.com
ADVERTISEMENT
advt@thesakala.com
THE SAKALA
(A Unit of Nandighosha Network Pvt. Ltd.)
At: IDCO Plot No. 90 & 91, Bhagabanpur I/E, BBSR-751019
Ph.: 0674-2954342 | 2955342



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

**ନର୍ସିଂହୋମ୍ ଅବହେଳାରୁ ମା' ଓ ନବଜାତକ ମୃତ୍ୟୁ ଘଟଣା**


## ସାହାରା ନର୍ସିଂହୋମ୍ ସିଲ୍

ସାନଖେମୁଣ୍ଡି,୮।୮(ସମିସ): ଗଞ୍ଜାମ ଜିଲ୍ଲା ସାନଖେମୁଣ୍ଡି ବ୍ଲକ ଡେଙ୍ଗାଉସ୍ତାରେ ଥିବା ଘରୋଇ ନର୍ସିଂହୋମକୁ ସିଲ୍ କରିଛି ସ୍ୱାସ୍ଥ୍ୟ ବିଭାଗ। ସୂଚନା ମୁତାବକ ଶୁକ୍ରବାର ଅପରାହ୍ଣରେ ସାନଖେମୁଣ୍ଡି ତହସିଲଦାର ତଥା ଏକ୍‌ଜିକ୍ୟୁଟିଭ ମାଜିଷ୍ଟ୍ରେଟ୍ ରାମଚନ୍ଦ୍ର ପଟ୍ଟନାୟକ ଜିଲ୍ଲା ସ୍ୱାସ୍ଥ୍ୟବିଭାଗ, ଡ୍ରଗସ ଇନ୍ସପେକ୍ଟର ଓ ଦିଗପହଣ୍ଡି ପୁଲିସ ସାହାରା ନର୍ସିଂହୋମ୍‌ରେ ପହଞ୍ଚି ତଦନ୍ତ କରିଥିଲେ। ପରେ ଉକ୍ତ ଘରୋଇ ନର୍ସିଂହୋମକୁ ପ୍ରଶାସନ ପକ୍ଷରୁ ସିଲ୍ କରାଯାଇଛି। ଗତ ମେ' ୧୩ରେ କରାଖଣ୍ଡି ଗ୍ରାମର ଜଣେ ପ୍ରସୂତି ମହିଳା ରୋଜି ନାୟକ ପ୍ରସବ ପାଇଁ ସାହାରା ନର୍ସିଂ ହୋମ୍‌ରେ ଭର୍ତ୍ତି ହୋଇଥିଲେ। ପ୍ରସବ ସମୟରେ ଉଭୟ ମା' ଓ ନବଜାତ ଶିଶୁର ମୃତ୍ୟୁ ଘଟିଥିଲା। ପରେ ନର୍ସିଂ ହୋମ୍‌ର ଅବହେଳା, ଅଣସ୍ୱୀକୃତିପ୍ରାପ୍ତ କର୍ମଚାରୀଙ୍କ ହାତରେ ପ୍ରସବ ଯୋଗୁ ତାଙ୍କ ପତ୍ନୀଙ୍କର ମୃତ୍ୟୁ ଘଟିଥିବା ମହିଳାଙ୍କ ସ୍ୱାମୀ ବାବୁ ନାୟକ ଦିଗପହଣ୍ଡି ଥାନା, ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ ଏବଂ ଜିଲ୍ଲାପାଳଙ୍କୁ ଲିଖିତ ଅଭିଯୋଗ କରିଥିଲେ। ପୁଲିସ ଘଟଣାର ତଦନ୍ତ କରିବା ସହ ଏକ ମାମଲା ରୁଜୁ କରି ଏଥିରେ ସମ୍ପୃକ୍ତ ସରକାରୀ ଏଏନ୍‌ଏମ ମଧୁସ୍ମିତା ପଟ୍ଟନାୟକଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିଲା। ଅନ୍ୟପଟେ ନର୍ସିଂ ହୋମ୍ ମାଲିକ ଫେରାର୍ ଥିବାରୁ ନର୍ସିଂହୋମ୍ ବନ୍ଦ ରହିଥିଲା। ତେବେ ଆଗୁଆ ଜାମିନ ଆଣି ପୁଣିଥରେ ସେ ନର୍ସିଂହୋମ୍ ଚଳାଇଥିଲେ। ଶୁକ୍ରବାର ଅପରାହ୍ଣରେ ଏକ୍‌ଜିକ୍ୟୁଟିଭ ମାଜିଷ୍ଟ୍ରେଟ ଓ ପୁଲିସ ଉପସ୍ଥିତିରେ ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗର ଏକ ଟିମ୍ କାଗଜ ପତ୍ର ଯାଞ୍ଚ କରିବା ପରେ ନର୍ସିଂହୋମ୍‌କୁ ସିଲ୍ କରିଛି। କିଭଳି ବିନା କାଗଜପତ୍ରରେ ନର୍ସିଂହୋମ୍ ଏତେଦିନ ଧରି ଚାଲିଥିଲା ତାକୁ ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

## ବାଟ ମଝିରେ ଶୋଇପଡ଼ିଲେ ମଦ୍ୟପ ଆମ୍ବୁଲାନ୍ସ ଚାଳକ

ମୋହନା,୮।୮(ସମିସ): ଅଧ ରାତିରେ ବାଟ ମଝିରେ ଶୋଇପଡ଼ିଲା ଆମ୍ବୁଲାନ୍ସ ଚାଳକ। ଯେତେ ଡାକିଲେ ବି ଆଉ ଉଠିଲାନି। ତେଣୁ ବାଧ ହୋଇ ପରିବାରଲୋକ ଅନ୍ୟ ଏକ ଗାଡ଼ିରେ ଗର୍ଭବତୀଙ୍କୁ ବ୍ରହ୍ମପୁର ବଡ଼ ମେଡ଼ିକାଲ ନେଲେ। ଗଜପତି ଜିଲ୍ଲାରେ ଘଟିଥିବା ଏଭଳି ଏକ ଅଭାବନୀୟ ଘଟଣା ଜିଲ୍ଲାବ୍ୟାପୀ ଚର୍ଚ୍ଚାର ବିଷୟ ହୋଇଛି। ଆମ୍ବୁଲାନ୍ସ ଚାଳକଜଣଙ୍କ ମଦ ପିଇବା ପରେ ଏପରି କାଣ୍ଡ ଘଟାଇଥିବା କୁହାଯାଉଛି।

ସୂଚନାନୁସାରେ, ଚନ୍ଦ୍ରଗିରି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରୁ ଏକ ଆମ୍ବୁଲାନ୍ସ କାନିକିପଦର ଗ୍ରାମର ଗର୍ଭବତୀ ମହିଳା ବିଜୟ ରଇତଙ୍କ ପତ୍ନୀ ନନ୍ଦିନୀ ରଇତଙ୍କୁ ନେଇ ଗୁରୁବାର ରାତିରେ ବ୍ରହ୍ମପୁର ଯାଉଥିଲା। ହେଲେ ଅଧା ରାସ୍ତାରେ ଚାଳକ କୌଣସି କାମ ଲାଗି କିଛି ସମୟ ଓହ୍ଲାଇଥିଲେ। ସେଠାରୁ କିଛି କିଲୋମିଟର ଯିବା ପରେ ଡ୍ରାଇଭରଙ୍କ ହାବଭାବ ବଦଳି ଯାଇଥିଲା। ସେ ଆଉ



ଠିକ୍‌ରେ ଗାଡ଼ି ଚଳାଇ ନପାରି ଗାଡ଼ିକୁ ରାସ୍ତାକଡ଼ରେ ସାଇଡ୍ କରି ଶୋଇପଡ଼ିଥିଲେ। ଗାଡ଼ିରେ ଥିବା ଗର୍ଭବତୀଙ୍କ ପରିବାରଲୋକେ ଯେତେ ଉଠାଇଥିଲେ ମଧ ଚାଳକ ଆଉ ଉଠିନଥିଲେ। ସେପଟେ ମହିଳାଙ୍କ ଅବସ୍ଥା ସଂକଟାପନ୍ନ ହେବାରୁ ସମ୍ପର୍କୀୟମାନେ ଅନ୍ୟ ଏକ ଗାଡ଼ି ଡାକି ବ୍ରହ୍ମପୁର ନେଇଥିଲେ। ସରକାର କୋଟିକୋଟି ଟଙ୍କା ଖର୍ଚ୍ଚ କରି ଲୋକଙ୍କ ସେବାରେ ୧୦୨/୧୦୮

**ଘରୋଇ ଗାଡ଼ି ଡାକି ଗର୍ଭବତୀଙ୍କୁ ନେଲେ ପରିବାରଲୋକ**

ଆମ୍ବୁଲାନ୍ସ ଯୋଗାଉଛନ୍ତି। କିନ୍ତୁ କିଛି ଅସାଧୁ ମଦ୍ୟପ ଚାଳକଙ୍କ ଲାଗି ଏହି ସେବାରୁ ବଞ୍ଚିତ ହେଉଛନ୍ତି ରୋଗୀ। ଏହି ମଦ୍ୟପ ଚାଳକଙ୍କ ଉପରେ ସ୍ୱାସ୍ଥ୍ୟ ବିଭାଗ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି ହେଉଛି।


## ଆଜି ମିଳିବ 'ସୁଭଦ୍ରା'ର ତୃତୀୟ କିସ୍ତି ଟଙ୍କା

ଭୁବନେଶ୍ୱର,୮।୮(ସମିସ): ଆସନ୍ତାକାଲି ରାକ୍ଷୀ ପୂର୍ଣ୍ଣିମାରେ ରାଜ୍ୟ ସରକାର 'ସୁଭଦ୍ରା' ଯୋଜନାର ୩ୟ କିସ୍ତି ଅର୍ଥ ପ୍ରଦାନ କରିବେ। କୋଟିଆରେ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଜରିଆରେ କୋଟିଆ ବାସିନ୍ଦାଙ୍କୁ ସୁଭଦ୍ରା କିସ୍ତି ଟଙ୍କା ବଣ୍ଟାଯିବ ବୋଲି ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ସୂଚନା ଦେଇଛନ୍ତି। ଯାହା ପାଖରେ ଯେଉଁ ଆଧାର କାର୍ଡ ରହିଥିଲେ ବି ସେମାନଙ୍କ ଆର୍ଥିକ ସ୍ଥିତିକୁ ଦେଖି ହିତାଧିକାରୀ ପାଇଁ ଯେଉଁମାନେ ଯୋଗ୍ୟ, ସେମାନଙ୍କୁ ସୁଭଦ୍ରା ଟଙ୍କା ଦିଆଯିବ ବୋଲି ଉପମୁଖ୍ୟମନ୍ତ୍ରୀ କହିଛନ୍ତି। କୋଟିଆ ପଞ୍ଚାୟତରେ ୨୦୭୮ ଜଣ ମହିଳା ସୁଭଦ୍ରା ଯୋଜନା ପାଇଁ ଆବେଦନ କରିଥିବା ବେଳେ ୧୭୯୫ ଜଣ ଯୋଜନାରେ ସାମିଲ ହୋଇଛନ୍ତି। ସେହିପରି ୧୭୪ ଜଣଙ୍କ ଆବେଦନ ପ୍ରୋସେସିଂରେ ରହିଥିବା ବେଳେ ୧୦୯ଜଣ ହିତାଧିକାରୀଙ୍କ ଆବେଦନ ଖାରଜ ହୋଇଥିବା ଜଣାପଡ଼ିଛି। ଏଠାକାର ୨୧ ଖଣ୍ଡ ବିବାଦୀୟ ଗ୍ରାମର ସମସ୍ତ ମହିଳାଙ୍କୁ ସୁଭଦ୍ରା ଯୋଜନାରେ ଅନ୍ତର୍ଭୁକ୍ତ କରିବାକୁ କୋରାପୁଟର ପୂର୍ବତନ ସାଂସଦ ଜୟରାମ ପାଙ୍ଗୀ ସରକାରଙ୍କୁ ନିବେଦନ କରିଛନ୍ତି। ସୂଚନା ଅନୁସାରେ, ଅଗଷ୍ଟ ୯ ତାରିଖ ଅର୍ଥାତ୍ ଆସନ୍ତାକାଲି ଖୋଲିବ ସୁଭଦ୍ରା ପୋର୍ଟାଲ। ବାଦ୍ ପଡ଼ିଥିବା ହିତାଧିକାରୀଙ୍କୁ ଯୋଡ଼ିବାକୁ ସର୍ଭେ କରାଯିବା ସହ ୨୧ ବର୍ଷ ହୋଇଥିବା ଯୁବତୀ ଓ ମହିଳା ଆବେଦନ କରିବେ।

**ରାକ୍ଷୀ ପୂର୍ଣ୍ଣିମାରେ କୋଟିଆରେ ସ୍ୱତନ୍ତ୍ର କାର୍ଯ୍ୟକ୍ରମ**

## ଶାନ୍ତନୁ ସ୍ୱାଇଁ ସିକ୍କିମ୍ ବିଶ୍ୱବିଦ୍ୟାଳୟର ନୂତନ କୁଳପତି

ଭୁବନେଶ୍ୱର, ୮।୮(ସମିସ): ପ୍ରଫେସର ଶାନ୍ତନୁ କୁମାର ସ୍ୱାଇଁ ସିକ୍କିମ ବିଶ୍ୱବିଦ୍ୟାଳୟର ନୂତନ କୁଳପତି ଭାବେ ନିଯୁକ୍ତ ହୋଇଛନ୍ତି। ପୁରୀ ଜିଲା ରଷିପଡ଼ା ଗ୍ରାମ ନିବାସୀ ପ୍ରଫେସର ସ୍ୱାଇଁ ଆସନ୍ତା ୫ ବର୍ଷ ପର୍ଯ୍ୟନ୍ତ ସେ କୁଳପତି ଦାୟିତ୍ୱ ତୁଲାଇବେ। ରାଷ୍ଟ୍ରପତି ତାଙ୍କୁ ନିଯୁକ୍ତି ଦେଇଥିବା କେନ୍ଦ୍ର ଶିକ୍ଷା ମନ୍ତ୍ରାଳୟ ପକ୍ଷରୁ ଶୁକ୍ରବାର ବିଜ୍ଞପ୍ତି ପ୍ରକାଶ ପାଇଛି।



ଶିକ୍ଷା କ୍ଷେତ୍ରରେ ପ୍ରଫେସର ସ୍ୱାଇଁଙ୍କର ୪୩ ବର୍ଷର ଅଭିଜ୍ଞତା ରହିଛି। ପୂର୍ବରୁ ସେ ବନାରସ ହିନ୍ଦୁ ବିଶ୍ୱବିଦ୍ୟାଳୟ (ବିଏଚ୍‌ୟୁ) ଶିକ୍ଷା ବିଭାଗର ଡିନ୍ ଭାବରେ କାର୍ଯ୍ୟ କରିଛନ୍ତି। ଏହାସହ ବିଭିନ୍ନ ଶୈକ୍ଷିକ କାର୍ଯ୍ୟକ୍ରମରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନେଇଛନ୍ତି। ଓଡ଼ିଶା କୋରାପୁଟସ୍ଥିତ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟର ଶିକ୍ଷା ପରିଷଦର ସଦସ୍ୟ ଭାବେ ମଧ ସେ କାର୍ଯ୍ୟ କରିଛନ୍ତି। ତାଙ୍କ ଅଧୀନରେ ୬୭ରୁ ଅଧିକ ଗବେଷକ ପିଏଚ୍‌ଡି ଡିଗ୍ରୀ ହାସଲ କରିଛନ୍ତି।

## ୧୨ରୁ ରାଜ୍ୟବ୍ୟାପୀ ଭିଟାମିନ୍-ଏ ସପ୍ଲିମେଣ୍ଟେସନ୍

ଭୁବନେଶ୍ୱର,୮।୮(ସମିସ): ଶିଶୁ ସ୍ୱାସ୍ଥ୍ୟରେ ଉନ୍ନତି, ରକ୍ତହୀନତା ନିରାକରଣ ଏବଂ ପରଜୀବୀ କୃମି ସଂକ୍ରମଣରୁ ମୁକ୍ତି ପାଇଁ ପରିବାର କଲ୍ୟାଣ ନିର୍ଦ୍ଦେଶାଳୟ ଓ ୟୁନିସେଫ୍ ସହଭାଗିତାରେ ଆସନ୍ତା ୧୨ ତାରିଖରେ ରାଜ୍ୟରେ ଜାତୀୟ କୃମିନାଶକ ଦିବସ (ଏନ୍‌ଡିଡି) ଏବଂ

**■ ଉପକୃତ ହେବେ ୧.୭ କୋଟିରୁ ଅଧିକ ହିତାଧିକାରୀ**
**■ ୧୨ ଜିଲ୍ଲାରେ ପ୍ରଦାନ କରାଯିବ କୃମି ନାଶକ ଔଷଧ**

ଭିଟାମିନ୍-ଏ ସପ୍ଲିମେଣ୍ଟେସନ୍ (ଭିଏଏସ୍) କାର୍ଯ୍ୟକ୍ରମ ଆରମ୍ଭ ହେବ। ଏହି କାର୍ଯ୍ୟକ୍ରମ ସହ ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶାଳୟ ପକ୍ଷରୁ ଚୟନ ଜିଲ୍ଲାଗୁଡ଼ିକରେ ଲିମ୍ଫାଟିକ୍ ଫାଇଲେରିଆସିସ୍-ମାସ୍ ଡ୍ରଗ୍ ଆଡ଼ମିନିଷ୍ଟ୍ରେସନ୍ (ଏଲ୍‌ଏଫ୍-ଏମ୍‌ଡିଏ) କାର୍ଯ୍ୟକ୍ରମ କାର୍ଯ୍ୟକାରୀ କରିବା ସହ ଏକ ବ୍ୟାପକ ଜନସ୍ୱାସ୍ଥ୍ୟ ଆଭିମୁଖ୍ୟ ସୁନିଶ୍ଚିତ କରିବ। ଏନ୍‌ଡିଡି କାର୍ଯ୍ୟକ୍ରମ ଅଧୀନରେ ୩୦ଟି ଜିଲ୍ଲାରେ ୧ରୁ ୧୯ ବର୍ଷ ବୟସର ୧.୨୬ କୋଟିରୁ ଅଧିକ ଶିଶୁ ଏବଂ ୨୦ରୁ ୨୪ ବର୍ଷ ବୟସର ୧୫ ଲକ୍ଷରୁ ଅଧିକ ପ୍ରଜନନ ବୟସର ମହିଳାଙ୍କୁ ଆଲ୍‌ବେଣ୍ଡାଜୋଲ୍ ଔଷଧ ପ୍ରଦାନ କରାଯିବ। ସେହିପରି ୧୨ଟି ଜିଲ୍ଲାରେ ଏଲ୍‌ଏଫ୍-ଏମ୍‌ଡିଏ ୧ରୁ୨ ବର୍ଷ ବୟସର ୪ଲକ୍ଷ ୧୦୮୧ ଶିଶୁ, ଏନ୍‌ଡିଡି ଜିଲ୍ଲାଗୁଡ଼ିକର ୧ରୁ୫ ବର୍ଷ ବୟସର ୨୩ଲକ୍ଷ ୩୯ହଜାର ୧୦୨ ଶିଶୁ, ଏବଂ ୬ରୁ୧୯ ବର୍ଷ ବୟସର ୯୯ଲକ୍ଷ ୬୪୩୩ ଶିଶୁ ଏନ୍‌ଡିଡି କାର୍ଯ୍ୟକ୍ରମ ଅଧୀନରେ କୃମିନାଶକ ଔଷଧ ପାଇବେ। ତେବେ ବାର୍ଷିକ ଦୁଇଥର ଅନୁଷ୍ଠିତ ହେଉଥିବା ଏହି ଭିଏଏସ୍ କାର୍ଯ୍ୟକ୍ରମ ୯ ମାସରୁ ୬୦ ମାସ ବୟସର ଆନୁମାନିକ ୩୨ ଲକ୍ଷ ଶିଶୁଙ୍କ ପାଖରେ ପହଞ୍ଚିବ। ଯାହା ରୋଗ ପ୍ରତିରୋଧ କ୍ଷମତା ବୃଦ୍ଧି ସହ ଶିଶୁ ମୃତ୍ୟୁହାର ଏବଂ ଅସୁସ୍ଥତା ହ୍ରାସ କରିବ ବୋଲି ଶୁକ୍ରବାର ସ୍ୱାସ୍ଥ୍ୟ ଓ ପରିବାର ନିର୍ଦ୍ଦେଶାଳୟ କନଫରେନ୍ସ ହଲ୍‌ଠାରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ପରିବାର କଲ୍ୟାଣ ନିର୍ଦ୍ଦେଶିକା ଡ. ରାଜ୍ୟଶ୍ରୀ ପଟ୍ଟନାୟକ ସୂଚନା ଦେଇଛନ୍ତି। କାର୍ଯ୍ୟକ୍ରମରେ ୟୁନିସେଫ୍‌ର ପୋଷଣ ବିଶେଷଜ୍ଞ ସୌରଭ ଭଟ୍ଟାଚାର୍ଯ୍ୟ ଭିଟାମିନ୍-ଏ ସପ୍ଲିମେଣ୍ଟେସନ୍ ସହିତ କୃମିନାଶକକୁ ମିଶ୍ରଣ କରିବା ସରକାରଙ୍କ ଦ୍ୱାରା ଅପପୁଷ୍ଟି ବିରୁଦ୍ଧରେ ଲଢ଼ିବା ଏବଂ ପିଲାମାନଙ୍କ ମଧ୍ୟରେ ଉତ୍ତମ ମସ୍ତିଷ୍କ ବିକାଶକୁ ସମର୍ଥନ କରିବା ପାଇଁ ଏକ ଦୃଢ଼ପଦକ୍ଷେପ ବୋଲି କହିଥିଲେ। କାର୍ଯ୍ୟକ୍ରମ ସମ୍ବନ୍ଧୀୟ କୌଣସି ପ୍ରଶ୍ନ ପାଇଁ ସାରା ରାଜ୍ୟରେ ହେଲ୍ପଲାଇନ୍ ନମ୍ବର ୦୬୭୪-୨୩୯୧୯୪୪ ଜାରି କରାଯାଇଥିବା ସେ ସୂଚନା ଦେଇଥିଲେ। ଶିକ୍ଷକ, ଅଙ୍ଗନବାଡ଼ି କର୍ମୀ ଏବଂ ଆଶା କର୍ମୀମାନେ ଔଷଧ ବଣ୍ଟନରେ ସକ୍ରିୟ ଅଂଶଗ୍ରହଣ କରିବେ ବୋଲି ପୋଷଣ ଯୁଗ୍ମ ନିର୍ଦ୍ଦେଶକ ଡ. ସ୍ମୃତିଜିତ୍ ପଟ୍ଟନାୟକ କହିଥିଲେ। ୟୁନିସେଫ୍‌ର ପୋଷଣ ଅଧିକାରୀ ଡ. ସଂଜୟ କୁମାର ସାହୁ ସାମ୍ବାଦିକ ସମ୍ମିଳନୀରେ ଉପସ୍ଥିତ ଥିଲେ।

## ଏସ୍‌ପି ପାହ୍ୟାକୁ ପଦୋନ୍ନତି ପାଇଲେ ୫ ଅଧିକାରୀ

ଭୁବନେଶ୍ୱର,୮।୮(ସମିସ): ରାଜ୍ୟ ପୁଲିସ ବିଭାଗରେ କାର୍ଯ୍ୟରତ ୫ ଜଣ ଅତିରିକ୍ତ ଏସ୍‌ପି ପାହ୍ୟାର ଅଧିକାରୀଙ୍କର ପଦୋନ୍ନତି ହୋଇଛି। ସେମାନଙ୍କର ଏସପି ପାହ୍ୟାକୁ ପଦୋନ୍ନତି ହୋଇଥିବା ନେଇ ଆଜି ଗୃହ ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି। ଭିଜିଲାନ୍ସର ଅତିରିକ୍ତ ଏସ୍‌ପି ସତ୍ୟବାନ ମହାନନ୍ଦ, କେନ୍ଦ୍ରାପଡ଼ା ଆଇୟୁସିଏଡବ୍ଲୁର ଦେବାଶିଷ ଧଳ, ରାଜ୍ୟ ପୁଲିସ ମୁଖ୍ୟାଳୟର ପ୍ରଭାଶଙ୍କର ନାୟକ, କମିସନରେଟ୍ ପୁଲିସର ଅତିରିକ୍ତ ଡିସିପି ଦେବଦତ୍ତ କର ଓ ରେଳବାଇ ଓ ଉପକୂଳ ସୁରକ୍ଷାର ସତ୍ୟଜିତ ମିଶ୍ରଙ୍କୁ ଏସପି ପାହ୍ୟାକୁ ପଦୋନ୍ନତି ହୋଇଛି। ପରବର୍ତ୍ତୀ ନିର୍ଦ୍ଦେଶନାମା ପର୍ଯ୍ୟନ୍ତ ସେହିଠାରେ କାମ କରିବାକୁ ନିର୍ଦ୍ଦେଶ ଦିଆଯାଇଛି।


**AFFIDAVIT**
By virtue of an affidavit sworn before Notary Public Titilagarh, dated 29.07.2025 I, Bhikari Rana , Address At/Po-Badbahal, Ps- Tusura, Dist-Balangir, Odisha, Pin- 767067 declare that I have changed my name from Rikari Rana to Bhikari Rana. Henceforth, I shall be known as Bhikari Rana for all purposes.
**Bhikari Rana**

**AFFIDAVIT**
I, Jyotika Ramachandra Behera, D/o-Ramachandra Behera, resident of Flat no-E/1102, Jalvayu Tower, Niladri Vihar, Po-Sailashree Vihar , Dist-Khurda PIN-751021, Odisha declared by this affidavit No-638, dtd-08/08/2025 that now onwards I shall be known as **JYOTIKA BEHERA** for all future purposes.

**AFFIDAVIT**
By virtue of an affidavit before the Executive Magistrate, Umerkote, Dist.- Nabarangpur, I, Amit Das Kurey, S/o- Babulal Kuray resident of Vill./Po.-Adhikariguda, Ps.- Umerkote, Dist.- Nabarangpur state that, my son's actual name is **Tanish Kuray** but in his Birth certificate his name has been wrongly mentioned as Tanish Kureay. Both the names **Tanish Kureay** and **Tanish Kuray** are of single and same person. Hence he will be known as **Tanish Kuray** for all future purposes.

**AFFIDAVIT**
By virtue of an affidavit before The Notary Public, Titilagarh, on dated-06/08/2025. I, **Shashibhusan Bhoe** (Applicant name), S/O-Gokula Bhoe, Permanent resident of At- Dharapgarh, P.O. Goelbhadi, P.S. Saintala, Dist- Balangir, (Odisha), PIN- 767033, now residing at the same place affirm that I have changed my minor son's name from **Sahil Bhue** (old name) to **Sahil Bhoe** (new name). Henceforth in all records, deeds and writing in all proceeding, dealing and transaction private as well as public and upon all occasion he will be known as **Sahil Bhoe** (new name).
**Shashibhusan Bhoe**

**AFFIDAVIT**
I, Ramachandra Sanyasi Behera, S/o- Sanyasi Behera, resident of Flat No- E/1102, Jalvayu Tower, Niladri Vihar, Po-Sailashree Vihar, Dist-Khurda, PIN-751021, Odisha declared by this affidavit No-637, dtd- 08/08/2025 that now onwards I shall be known as **RAMA CHANDRA BEHERA** for all future purposes.

**AFFIDAVIT**
By virtue of an affidavit (CF No. 21, date- 07/08/2025) sworn before The Notary Public, Padampur. I, **Himanshu Agrawal,** S/o Anil Kumar Agrawal, resident of Vill- Padampur W.No.8, PO- Rajborasambar, Ps-Padampur, Dist- Bargarh, Odisha declare that I have changed my name from **Himanshu Agarwal** (old name) to **Himanshu Agrawal** (new name) in Bank Pass book vide A/C No. 367805001996 of ICICI Bank, Bheunria Branch. Henceforth, I shall be known as **Himanshu Agrawal** for all future purposes.
**Himanshu Agrawal**

**AFFIDAVIT**
By virtue of an affidavit sworn before Notary Public Titilagarh, dated 06.08.2025 I, Debraj Harpal, Adress At- Samiapada, Diatan Po- Parasara, Ps-Sindhekela, Dist- Balangir, Odisha, Pin- 767035 declare that I have changed my daughter's name from Suneli Harpal to Santoshini Harpal. Henceforth, she shall be known as Santoshini Harpal for all purposes.
**Debraj Harpal**

**AFFIDAVIT**
By virtue of an affidavit sworn before Executive Magistrate, Bhubaneswar, dated: 04.08.2025, I, Tanmayee Sahoo, resident of At/Po-Kusupur, Ps-Mahanga, Cuttack, Odisha-754205 declare that I have changed my minor Son's name from Aayansh Mohapatra to Aayansh Sahoo. Henceforth he shall be known as **Aayansh Sahoo** for all purposes.

**AFFIDAVIT**
By the virtue of an affidavit sworn before the Court of the Executive Magistrate, Aska, I Nivedita Panda, aged about 57 Years, D/O - Radhagobind Panda ( Farther ) and Smt Binodini Choudhury ( Mother ) permanent resident of Sunam Sahi , Aska , PO /PS - Aska , Dist - Ganjam , Odisha, PIN - 761110, do hereby declare that, I have changed my name from Nivedita Nayak to Nivedita Panda ! Hence I shall be known as **Nivedita Panda** for all purposes !

**AFFIDAVIT**
I, Aditya Shivraj Subarno, aged about 25 years, S/o- Rajesh Subarno, resident of Quarter No.01, Type-VI, SIB Colony, Bidyut Marg, Unit-V, Capital PS, Bhubaneswar, District Khordha, Odisha, PIN-751001 do hereby declare by this affidavit No.280, dated 08.08.2025 that, now onwards I shall be known as ADITYA SUBARNO for all future purposes.
**Sd/- Aditya Subarno**

**AFFIDAVIT**
I, Namrata Nivedita Behera, D/o-Chandan Behera, resident of Flat No-E/302, Phase-3, Metro Satelity City, Hanspal, Po-Balianta, Dist- Khurda PIN-752101, Odisha declared by this affidavit No-636, dtd- 08/08/2025 that now onwards I shall be known as **NAMRATA NIBEDITA BEHERA** for all future purposes.

**AFFIDAVIT**
By virtue of an affidavit sworn before the Executive Magistrate, Jajpur no 7627 dated 06/08/2025 declare that Myself Sk Jabir , S/o- Sk Bakabul of Sayedpur, Binjharpur, Jajpur have changed my old name from sk Jahid to Sk Jabir (new name). So I will be known as Sk. Jabir for all purposes.
**Sd/-Sk Jabir**

**LOST**
**I, Mrs. Nirupama Jena,** aged about 50 years, W/o: Mr. Sunil Kumar Jena, R/o: Plot No.: 172/1041, Sikharpur, Near BPCL Depot, Nadikula, Cuttack Sadar, Cuttack, Odisha - 753003 do hereby solemnly affirm that I am the absolute owner in respect of the land and building thereon situated at Dist.: Cuttack, DSRO: Cuttack, Thana: Chauliaganj No.: 2, Tahasil: Cuttack, Mouza: Unit No. 26, Sikharpur, Khata No.: 660/251, Plot No.: 172/1041, Area: Ac. 0.0520 Dec., Classified as Homestead having right title interest in and possession thereon. I hereby declare that the following original link deed are lost somewhere in transit and inspite of my best efforts I could not trace it out. The following deeds are not in my possession: **(A)** Registered Sale Deed No.: 1389 dated 21.03.2001 is not in my possession, **(B)** Original mutation ROR in respect of Khata No.: 660/251 of Mouza: Cuttack Sahar Unit No.: 26 Sikharpur**(C)** Registered Sale Deed No.: 2306 dated 10.05.2004. I have not deposited the said deed as security by way of equitable mortgage or otherwise with anybody nor I have given it to anybody for any purpose. If somebody found and misuse the said deed, I shall not be held responsible for that.
If any one found the above deed, is in possession or have any claim on the same please contact Advocate **Mr. A Pattnaik, Mob No.: 9338451066** within **7 days** of this publication. If no claim received during this period the validity of above mentioned original deeds is null and void.

**AFFIDAVIT**
By virtue of an affidavit CF No.2381, dtd. 06.08.2025 sworn before the Executive Magistrate, Sambalpur, I, Simran Binet, residing at Hospital Campus, PO-Modipada, PS-Sadar, Dist-Sambalpur, Odisha-768002 changed my name from Sriman Binet to Simran Binet. Henceforth I shall be known as **Simran Binet** for all purposes.
**Sd/- Simran Binet**

**TO WHOM IT MAY CONCERN**
Kind Attn:
Mr. Lokesh Dash of Cuttack
(Address not known)
We are hereby informed you that the undersigned has no power to register the flats (flat no.407,408 & 409) as per the certificate Case no.23/2025 issued on Dt.21.03.2025. We had informed you through the other Director, who has booked the flat during his tenure of Managing the company. We are unable to deposit the required amount of approx. Rupees Forty Lakhs penalties levied on the company of the promoter by Hon'ble Adjudicating Officer vide case no. AOCC No.22 of 2023 and execution case no.06 of 2024 in the matter of Saroj Kumar Sahu Vs. Mahodadhi Devlopers Pvt Ltd. So we informed through this notice by odia daily for information and refund of of your deposits of Rs.18,00,000/- for flat no 407, 408 and 409 of Tulasi Vihar, Phase-II, Puri. If any other claim, other Director will settle the issue at his end.
Managing Director,
Mahodadhi Devlopers Pvt. Ltd.
Bhubaneswar.

**AFFIDAVIT**
I, Ranjeeta Ramachandra Behera, W/o-Ramachandra Behera, resident of D/202, Sector-7,CDA,Markat Nagar, Cuttack Sadar, Dist-Cuttack PIN-753014, Odisha declared by this affidavit No-635, dtd-08/08/2025 that now onwards I shall be known as **RANJEETA BEHERA** for all future purposes.


## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ଚାଷୀଙ୍କୁ ଅଡୁଆ...

ସେହିପରି ବାପା, ଜେଜେବାପାଙ୍କ ନାମ ଥିବା ପଟ୍ଟା ଜମିରେ ଚାଷ କରି ସେମାନେ ନିଜ ପରିବାର ଚଳାଇ ଆସୁଛନ୍ତି। ମାତ୍ର ଏବେ ଚାଷୀ ପଞ୍ଜିକରଣ ବେଳେ ପଟ୍ଟା ସଂଶୋଧନ ଜରୁରୀ ହୋଇ ପଡୁଛି। ଗୋଟିଏପଟେ ସରକାର ଧାନର ସର୍ବନିମ୍ନ ସହାୟକ ମୂଲ୍ୟ ସହ ରିହାତି ଦେଉଛନ୍ତି। ଚାଷୀଙ୍କୁ ଅଧିକ ଚାଷ କରିବାକୁ ସରକାର କହୁଛନ୍ତି। ମାତ୍ର ଧାନ ଚାଷ କରିବା ପରେ ଏହା କିପରି ସହଜରେ ବିକ୍ରିହେବ ସେଥିପାଇଁ ବ୍ୟବସ୍ଥା କରୁନାହାନ୍ତି। ଧାନ ବିକ୍ରି ନିମନ୍ତେ ଚାଷୀ ପଞ୍ଜିକରଣ ନିମନ୍ତେ କଠୋର ବ୍ୟବସ୍ଥା ଚାଷୀଙ୍କୁ ଚାଷ ଛାଡ଼ିବାକୁ ବାଧ କରୁଥିବା ଅଭିଯୋଗ ହୋଇଛି ।

ଭୁବନେଶ୍ୱର ଉପକଣ୍ଠ ନଁପୁଟ ସମବାୟ ସମିତିର ଚାଷୀ ବିଶ୍ୱରଞ୍ଜନ ଦଳେଇ କହିଛନ୍ତି ଯେ ତାଙ୍କର ସବୁ ଜମି ଜେଜେବାପାଙ୍କ ନାମରେ ରହିଛି। ବଡ଼ବାପା ଓ ଦାଦାମାନେ ସବୁ ଚାକିରି ଓ କାମ ଧନ୍ଦା ପାଇଁ ଦୀର୍ଘଦିନ ଧରି ରାଜ୍ୟ ବାହାରେ ରହୁଛନ୍ତି। ତାଙ୍କ ଭାଗ ଜମି ପଡ଼ିଆ ପଡ଼ିଛି; ମୋ ବାପା ବୁଢ଼ା ହୋଇ ଯାଇଥିବାରୁ ଏବେ ଚାଷ କାମ ମୁଁ ନିଜେ ବୁଝୁଛି। ବାପାଙ୍କ ବାର୍ଦ୍ଧକ୍ୟ ଯୋଗୁଁ ମୁଁ ମୋ ନାମରେ ପଞ୍ଜିକରଣ କରିବାକୁ ଚାହୁଁଥିଲେ ବି ତାହା ସମ୍ଭବ ହୋଇ ପାରିଲା ନାହିଁ। ସରକାରଙ୍କ ନିୟମ ଯୋଗୁଁ ଅତି କଷ୍ଟରେ ବୁଢ଼ା ବାପାଙ୍କୁ ଟେକି ଟେକି ସମବାୟ ସମିତିକୁ ନେବାକୁ ପଡ଼ିଲା। ପୁଣି ବୃଦ୍ଧ ଲୋକ ତାଙ୍କ ହାତ ଥରୁଛି, ଆଖିରୁ ଭଲ ଭାବେ ଦେଖାଯାଉନି। ତେଣୁ ଇ-କେୱାଇସି କରିବାରେ ସମସ୍ୟା ହେଲା ବୋଲି ବିଶ୍ୱରଞ୍ଜନ କହିଛନ୍ତି। କେବଳ ବିଶ୍ୱରଞ୍ଜନ ଜଣେ ନୁହନ୍ତି, ନଁପୁଟ ସମବାୟ ସମିତି ଅଧୀନରେ ପଞ୍ଜିକରଣ କରୁଥିବା ପାଖାପାଖି ଦେଢ଼ ଶହରୁ ଦୁଇ ଶହ ଲୋକ ଏଭଳି ଅସୁବିଧାର ସମ୍ମୁଖୀନ ହୋଇଥିବା ଅଭିଯୋଗ ହୋଇଛି। ପଞ୍ଜିକରଣ ଅବଧି ଶେଷ ହେବାକୁ ଆଉ ମାତ୍ର ୧୪ ଦିନ ଥିବାବେଳେ ଏପର୍ଯ୍ୟନ୍ତ ଅଧା ଚାଷୀ ବି ପଞ୍ଜିକରଣ କରିପାରିନାହାନ୍ତି। ତେଣୁ ଗତବର୍ଷ ଯେତିକି ଚାଷୀ ସରକାରଙ୍କ ଧାନ ବିକ୍ରି କରିଥିଲେ, ଏ ବର୍ଷ ସେତିକି ଚାଷୀ ଧାନ ବିକ୍ରି କରିପାରିବେ ନାହିଁ ବୋଲି କୃଷକ ନେତା ନିରାକାର ସାହୁ କହିଛନ୍ତି।

### ଏମ୍‌ସ ନିଯୁକ୍ତି ଜାଲିଆତି...

ଜଣାଇଥିଲେ। ତଦନ୍ତରୁ ଘଟଣାର ସତ୍ୟାସତ ଥିବା ଜାଣିବା ପରେ ସିବିଆଇ କୋଲଥିଆ ହାଉସିଂବୋର୍ଡ କଲୋନୀ ଏମ୍‌ଆଇଜି-୩ରେ ରହୁଥିବା ରାଜଶ୍ରୀ ପଣ୍ଡା, ରାହାମା, ପଙ୍କପାଳରେ ରହୁଥିବା ସଂଗ୍ରାମ ମିଶ୍ର, କୋଲଥିଆର ସାଇ ସାଗର କର, ପଙ୍କପାଳରେ ରହୁଥିବା ସମ୍ବିତ ମିଶ୍ର, ହାଉସିଂବୋର୍ଡ କଲୋନୀର ଶ୍ରୁତି ସାଗର କର ଏବଂ ଏମ୍ସର ରିକ୍ରୁଟ୍‌ମେଣ୍ଟ ସେଲ୍ ତଥା ସହକାରୀ ପ୍ରଶାସନିକ ଅଧିକାରୀ ସୁଧିର କୁମାର ପ୍ରଧାନଙ୍କ ନାମରେ ମାମଲା ରୁଜୁ କରିଛି। ଜାଲ୍ ସାର୍ଟିଫିକେଟ ଦେଇ ଗୋଟିଏ ପରିବାରର ୪ ଜଣ ଚାକିରି କରିଥିବା ପିଟିସନ୍ ପଢ଼ିବା ପରେ ତଦନ୍ତ ଆରମ୍ଭ କରିଥିଲା ସିବିଆଇ। ଏହାର ସତ୍ୟାସତ ମିଳିବା ପରେ ସିବିଆଇ ନିଜ ଆଡୁ ମାମଲା ରୁଜୁ କରିଛି। ଏମ୍‌ସକୁ କର୍ମଚାରୀ ଯୋଗାଉଥିବା ଠିକା ସଂସ୍ଥା ବମ୍ବେ ଇଣ୍ଟେଲିଜେନ୍ସ ସିକ୍ୟୁରିଟି (ବିଆଇଏସ୍)ର ମ୍ୟାନେଜର ସ୍ମୃତି ସାଗର କର ହିଁ ଘୋଟାଲାର ମାଷ୍ଟରମାଇଣ୍ଡ ବୋଲି ପ୍ରାଥମିକ ଅନୁସନ୍ଧାନରୁ ସିବିଆଇ ଜାଣିବାକୁ ପାଇଛି। ଏହି ଠିକା ସଂସ୍ଥା ବିଆଇଏସ୍ ଏମ୍‌ସ ଭୁବନେଶ୍ୱରକୁ କର୍ମଚାରୀ ଯୋଗାଉଥିବା ବେଳେ ସ୍ମୃତି ସାଗର କର ସଂସ୍ଥାର ମ୍ୟାନେଜର ଭାବେ କାମ କରୁଛନ୍ତି। ସ୍ମୃତିଙ୍କ ୪ ଜଣ ସମ୍ପର୍କୀୟ ମଧ ଏହି ସଂସ୍ଥା ଅଧୀନରେ ଏମ୍‌ସରେ ଚାକିରି କରୁଥିଲେ। ୨୦୨୩ ମସିହା ଜୁଲାଇ ୧ ତାରିଖ ଦିନ ସାନିଟାରୀ ଇନ୍ସପେକ୍ଟର, ମେଡିକାଲ ରେକର୍ଡ ଆସିଷ୍ଟାଣ୍ଟ ଭଳି ସର୍ବଭାରତୀୟ ସ୍ତରରେ ମୋଟ ୭୭୫ ପଦବୀ ପୂରଣ ନେଇ ବିଜ୍ଞପ୍ତି ପ୍ରକାଶ ପାଇଥିଲା। ଓଡ଼ିଶାର ଅନେକ ଆଶାୟୀ ଏଥିପାଇଁ ଆବେଦନ କରିଥିଲେ। ବିଆଇଏସ୍ ଅଧୀନରେ ଏମ୍‌ସରେ ଚାକିରି କରିଥିବା ସ୍ମୃତିଙ୍କ ୪ ଜଣ ସମ୍ପର୍କୀୟଙ୍କୁ ସ୍ଥାୟୀ ନିଯୁକ୍ତି ମିଳିଥିଲା। ସ୍ମୃତିଙ୍କ ଭାଇ ସାଇ ସାଗର କର, ସମ୍ପର୍କୀୟ ଭାଇ ସମ୍ବିତ ମିଶ୍ର, ସଂଗ୍ରାମ ମିଶ୍ର ଓ ରାଜଶ୍ରୀ ପଣ୍ଡାଙ୍କୁ ସାନିଟାରୀ ଇନ୍ସପେକ୍ଟର ଓ ମେଡିକାଲ ରେକର୍ଡ ଆସିଷ୍ଟାଣ୍ଟ ପଦବୀରେ ନିଯୁକ୍ତି ମିଳିଥିଲା। ସ୍ମୃତିଙ୍କ ସମ୍ପର୍କୀୟମାନେ ଚାକିରି କରିବା ସମୟରେ ଗୋରଖପୁରର ଏକ ଶିକ୍ଷାନୁଷ୍ଠାନର ସାର୍ଟିଫିକେଟ ଦାଖଲ କରିଥିଲେ। ସିବିଆଇ ଯାଞ୍ଚ କରିବା ପରେ ସେଠାରେ କେହି ପାଠ ପଢ଼ି ନ ଥିବା ସ୍ପଷ୍ଟ ହୋଇଥିଲା। ପୂର୍ବରୁ ଠିକା ସଂସ୍ଥା ଅଧୀନରେ ଥିବା କର୍ମଚାରୀ ହଠାତ୍ କିପରି ସ୍ଥାୟୀ ନିଯୁକ୍ତି ପାଇଲେ ତା'କୁ ନେଇ ପ୍ରଶ୍ନ ଉଠିଥିଲା। ପିଟିସନ ଆଧାରରେ ତଦନ୍ତ ଆରମ୍ଭ କରିଥିଲା ସିବିଆଇ। ଶ୍ରୁତି ସାଗର ସହ ମିଶି ଏମ୍‌ସ ସହାୟକ ପ୍ରଶାସନିକ ଅଧିକାରୀ ସୁଧିର କୁମାର ପ୍ରଧାନ ଏହି ଚାକିରି ଜାଲିଆତି କରିଥିଲେ। କେବଳ ଏହି ୪ଜଣ ନୁହଁନ୍ତି; ମୋଟା ରକମର ଟଙ୍କା ନେଇ ସେମାନେ ଏକାଧିକ ବ୍ୟକ୍ତିଙ୍କୁ ଚାକିରି ଦେଇଥିବା ସିବିଆଇ ତଦନ୍ତରୁ ଜାଣିବାକୁ ପାଇଛି।

### ସ୍କିମାଟିକ୍ ଶିକ୍ଷକଙ୍କୁ...

ରହି ନଥିଲା। ଗଣଶିକ୍ଷା ବିଭାଗର ୱେବସାଇଟ୍‌ରେ ଅପଲୋଡ୍ ହୋଇଥିବା ଏହି ପ୍ରସ୍ତାବକୁ ମାତ୍ର ୨ଦିନ ପରେ ଡିଲିଟ୍ କରିଦିଆଗଲା। ଫଳରେ ସରକାରଙ୍କ ଆଭିମୁଖ୍ୟ ନେଇ ଆଶଙ୍କା ବଢ଼ିଥିଲା। ଗୁରୁବାର ଏହି ପ୍ରସ୍ତାବକୁ ଆନୁଷ୍ଠାନିକ ଭାବେ ପ୍ରତ୍ୟାହାର କରାଯାଇଥିବା ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି। ପ୍ରସ୍ତାବଟି ଏପର୍ଯ୍ୟନ୍ତ ଉପଯୁକ୍ତ ସ୍ତରରେ ଅନୁମୋଦିତ ହୋଇ ନ ଥିବା ଦର୍ଶାଯାଇଛି।

ପ୍ରସ୍ତାବ ପ୍ରତ୍ୟାହୃତ ହେବା ପରେ ସ୍କିମାଟିକ୍ ଶିକ୍ଷକ ପଦ ଉଚ୍ଛେଦ ସମେତ ଅନେକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତିର ଭାଗ୍ୟ ଭବିଷ୍ୟତ ଅନ୍ଧକାର ଭିତରକୁ ଚାଲିଯାଇଛି। ଶିକ୍ଷକ ଓ ଅଭିଭାବକଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ଦେଖାଦେଇଛି। କାହିଁକି ପ୍ରସ୍ତାବକୁ ସାର୍ବଜନୀନ କରାଗଲା ଏବଂ ପୁଣି ପ୍ରତ୍ୟାହାର କରାଗଲା ବୋଲି ପ୍ରଶ୍ନବାଚୀ ସୃଷ୍ଟି କରିଛି। ପ୍ରାଥମିକ ବିଦ୍ୟାଳୟ ଶିକ୍ଷକ ସଂଘ ସଭାପତି ବ୍ରହ୍ମାନନ୍ଦ ମହାରଣା କହିଛନ୍ତି ଯେ, ଶିକ୍ଷକଙ୍କୁ ଠକିବାରେ ସରକାର ଧୂରନ୍ଧର। ବିଭିନ୍ନ ଶିକ୍ଷକ ସଂଘ ସହ ଆଲୋଚନା କରି ପ୍ରସ୍ତାବ ନେଲେ, ତାକୁ କାର୍ଯ୍ୟକାରୀ କରିବାକୁ ପ୍ରସ୍ତାବ ଦେଲେ। ହେଲେ ପ୍ରସ୍ତାବ କାର୍ଯ୍ୟକାରୀ କରିବା ପରିବର୍ତ୍ତେ ତାକୁ ପ୍ରତ୍ୟାହାର କରିନେବା ଅତ୍ୟନ୍ତ ନିନ୍ଦନୀୟ ଓ ଦୁର୍ଭାଗ୍ୟଜନକ। ବିଧାନସଭା ଅଧିବେଶନ ପୂର୍ବରୁ ସମସ୍ତ ପ୍ରସ୍ତାବକୁ କାର୍ଯ୍ୟକାରୀ କରା ନ ଗଲେ ବିରାଟ ଶିକ୍ଷକ ଆନ୍ଦୋଳନ ହେବ ବୋଲି ସେ ଚେତାବନୀ ଦେଇଛନ୍ତି।

ଅପରପକ୍ଷରେ ମନ୍ତ୍ରୀଙ୍କୁ ଅନ୍ଧାରରେ ରଖି ପ୍ରସ୍ତାବ ସାର୍ବଜନୀନ କରିବାର ଏହା ପାର୍ଶ୍ୱପ୍ରତିକ୍ରିୟା ବୋଲି କ୍ଷମତା କରିଡରରେ ଆଲୋଚନା ଜୋର ଧରିଛି। ଶିକ୍ଷକଙ୍କ ଅସନ୍ତୋଷ ବିଧାନସଭା ସମୟରେ ସରକାରଙ୍କୁ ଅଡ଼ୁଆରେ ପକାଇପାରେ ବୋଲି ମଧ ଶିକ୍ଷାବିତ୍‌ମାନେ ଆଶଙ୍କା ବ୍ୟକ୍ତ କରିଛନ୍ତି। ରାଜ୍ୟ ସରକାରଙ୍କ ଏପରି ନିଷ୍ପତ୍ତି ଦୋମୁହାଁ ନୀତିର ପ୍ରତିଫଳନ ବୋଲି ଅଭିଯୋଗ କରିଛି ଓଡ଼ିଶା ସରକାରୀ କର୍ମଚାରୀ ମହାସଂଘ। ସରକାରଙ୍କ ଏପରି କାର୍ଯ୍ୟକୁ ସମାଲୋଚନା କରିବା ସହ ତୁରନ୍ତ ନିଷ୍ପତ୍ତି କାର୍ଯ୍ୟକାରୀ କରିବାକୁ ଦାବି ସଂଘର ସଭାପତି ବିଜୟ ମଲ୍ଲ ଦାବି କରିଛନ୍ତି।

### ନିଅଣ୍ଟିଆ ବର୍ଷା...

ସମୟରେ ଲଘୁଚାପ ହେବ ଓ ଏହା ପ୍ରଭାବରେ ରାଜ୍ୟରେ ବର୍ଷା ବଢ଼ିବ। ଗତ କିଛି ଦିନ ମଧ୍ୟରେ ବର୍ଷାର ସୁଷମ ବଣ୍ଟନ ହୋଇ ନ ଥିବାରୁ ଅନେକ ସ୍ଥାନରେ ରୁଆ ହୋଇପାରି ନାହିଁ। ଏଥିପାଇଁ ଅତି କମ୍‌ରେ ୧୦୦ ମିମି ବର୍ଷା ଆବଶ୍ୟକ ହେଉଛି। ତେବେ ସମ୍ଭାବ୍ୟ ଲଘୁଚାପ ଯୋଗୁଁ ଅବିଭକ୍ତ କୋରାପୁଟ, କଳାହାଣ୍ଡି ଓ ନୂଆପଡ଼ାରେ ରଆ ବେଉଷା ପାଇଁ ଆବଶ୍ୟକ ବର୍ଷାର ସମ୍ଭାବନା ଅଧିକ। ଦକ୍ଷିଣ ଉପକୂଳରେ ମଧ ୮୦-୧୦୦ ମିମି ବର୍ଷା ହେଲେ ଧାନ ଚାଷ ଆଗେଇବ। ମାତ୍ର ଏହି ଲଘୁଚାପ ଯୋଗୁଁ କୌଣସି ସ୍ଥାନରେ ଭାରି ବର୍ଷା ସମ୍ଭାବନା ନ ଥିଲେ ମଧ ୫-୬ ଦିନ ସ୍ୱଳ୍ପରୁ ମଧ୍ୟମ ବର୍ଷା ହେତୁ ପାଣି ଉଠିପାରେ। ଅଗଷ୍ଟ ମାସରେ ରାଜ୍ୟରେ ଦିନକୁ ହାରାହାରି ବର୍ଷା ୧୧ ମିମି ଆବଶ୍ୟକ। ଏଣୁ ଅଗଷ୍ଟ ୨୦ ପର୍ଯ୍ୟନ୍ତ ୧୪୫-୧୫୦ ମିମି ବର୍ଷା ହେବା କଥା। ମଡେଲ୍ କହୁଛି ଏହି ଲଘୁଚାପ ଯୋଗୁଁ ଏତେ ବର୍ଷା ହୋଇ ନ ପାରେ। ଫଳତଃ ଉତ୍ତର ଆଭ୍ୟନ୍ତରୀଣ ଜିଲ୍ଲାରେ ବର୍ତ୍ତମାନ ସୁଦ୍ଧା ବର୍ଷା ସ୍ୱାଭାବିକ ବା ଅଧିକ ରହିଥିଲେ ମଧ ୨୦ ବେଳକୁ କେତେକ ଜିଲ୍ଲାରେ ନିଅଣ୍ଟିଆ ପରିସ୍ଥିତି ଉପୁଜିପାରେ। ରୁଆ ବେଉଷା ପାଇଁ ସମୟ ଅଛି ସତ, ଧାନ ତଳି ମରି ନାହିଁ। ଏଣୁ ଲଘୁଚାପ ବର୍ଷା ଯୋଗୁଁ ରୁଆ ବେଳେ ସାରାର ପର୍ଯ୍ୟାପ୍ତ ଉପଲବ୍ଧି ହେବା ଦରକାର। ଯଦି ବର୍ତ୍ତମାନର ନିଅଣ୍ଟିଆ କମିବ ନାହିଁ କିମ୍ବା ଅନ୍ୟ ଜିଲ୍ଲାରେ (ବିଶେଷକରି ଉତ୍ତର ଆଭ୍ୟନ୍ତରୀଣ ଓ ପଶ୍ଚିମ ଓଡ଼ିଶା) ନିଅଣ୍ଟିଆ ବର୍ଷା ସୃଷ୍ଟି ହୁଏ, ତା'ର ଜରୁରୀକାଳୀନ ପଦକ୍ଷେପ ବର୍ତ୍ତମାନଠାରୁ ଠିକ୍ କରିବା ଆବଶ୍ୟକ ବୋଲି ପ୍ରଫେସର ପଶୁପାଳକ ପରାମର୍ଶ ଦେଇଛନ୍ତି।

ସୂଚନା ଥାଉ କି, ବର୍ତ୍ତମାନ ସାମଗ୍ରିକ ଭାବେ ରାଜ୍ୟରେ ୨ ପ୍ରତିଶତ୍ ନିଅଣ୍ଟିଆ ବର୍ଷା ରହିଛି। ଜିଲ୍ଲାୱାରୀ ଦେଖିଲେ ଏବେ ୯ଟି ଜିଲ୍ଲାରେ ସ୍ୱାଭାବିକ ତୁଳନାରେ କମ୍ ବର୍ଷା ହୋଇଛି। ଖୋର୍ଦ୍ଧା, ପୁରୀ ସମେତ ଗଞ୍ଜାମ, ଗଜପତି, ରାୟଗଡ଼ା, କଳାହାଣ୍ଡି, ନବରଙ୍ଗପୁର, ବଲାଙ୍ଗିର ଓ ନୂଆପଡ଼ାରେ ନିଅଣ୍ଟିଆ ପରିମାଣ ୨୧ ପ୍ରତିଶତରୁ ଆରମ୍ଭ କରି ୪୦ ପ୍ରତିଶତ ପର୍ଯ୍ୟନ୍ତ ରହିଛି। ୧୩ ତାରିଖ ସୁଦ୍ଧା ବର୍ଷା ହେବା ପର୍ଯ୍ୟନ୍ତ ନିଅଣ୍ଟିଆର ପରିମାଣ ଆହୁରି ବଢ଼ିବାର ଆଶଙ୍କା କରାଯାଉଛି।

### ବିସ୍ଫୋରଣରେ ଥରିଲା...

ରମେଶ ଗତକାଲି ଅପରାହ୍ଣରେ ନିଜ ଘରେ ବୋମା ଭିଡୁଥିଲେ। ଏହି ସମୟରେ ଗୋଟିଏ ବୋମା ବିସ୍ଫୋରଣ ହୋଇଥିଲା। ଏଥିରେ ତାଙ୍କ ଶରୀର ଜଳି ପୋଡ଼ି ଯିବା ସହ ସେ ଗୁରୁତର ଆହତ ହୋଇଥିଲେ। ସୌଭାଗ୍ୟବସତଃ ଏହି ସମୟରେ ରମେଶଙ୍କ ଦୁଇ ସନ୍ତାନ ସ୍କୁଲକୁ ଯାଇଥିବା ବେଳେ ପତ୍ନୀ କୌଣସି କାମରେ ବାଡ଼ି ପଟକୁ ଯାଇଥିବାରୁ ସେମାନେ ଦୁର୍ଘଟଣାରୁ ବର୍ତ୍ତି ଯାଇଛନ୍ତି। ଗୁରୁତର ରମେଶଙ୍କୁ ଗ୍ରାମବାସୀମାନେ ଭୁବନେଶ୍ୱର ଏମ୍ସ ହସ୍ପିଟାଲରେ ଭର୍ତ୍ତି କରାଇଥିଲେ। କିନ୍ତୁ ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଯାଇଥିଲା। ଖବର ପାଇ ଘଟଣାସ୍ଥଳରେ ନିରାକାରପୁର ପୁଲିସ ପହଞ୍ଚି ତଦନ୍ତ କରିଛି।

### ଜିଲ୍ଲାରେ ବିପର୍ଯ୍ୟସ୍ତ ଶିକ୍ଷା ବ୍ୟବସ୍ଥା

# ସ୍ୱାର୍ଥ ପାଇଁ ଚାପ ପକାଉଛନ୍ତି ଶିକ୍ଷକ ନେତା

ନୟାଗଡ଼, ୮।୮ (ସମିସ)

ନୟାଗଡ଼ ଜିଲ୍ଲାରେ ବିପର୍ଯ୍ୟସ୍ତ ହେଲାଣି ଶିକ୍ଷା ବ୍ୟବସ୍ଥା । କେଉଁଠି ମାଳ ମାଳ ଶିକ୍ଷକ, କେଉଁଠି ଶତାଧିକ ପିଲାଙ୍କୁ ଜଣେ ଶିକ୍ଷକ । ଏଭଳି ବିପର୍ଯ୍ୟସ୍ତ ବ୍ୟବସ୍ଥାକୁ ସୁଧାରିବାରେ ଜିଲ୍ଲା ଶିକ୍ଷା ଅଧିକାରୀ ଆଦୌ ଦୃଷ୍ଟି ଦେଉନଥିବା ବେଳେ ନୟାଗଡ଼ ଜିଲ୍ଲାରେ ଆଲୋଡ଼ନ ସ୍ଥିତି ସୃଷ୍ଟି ହୋଇଛି । କିଛି ଶିକ୍ଷକ ନେତା ନିଜ ସ୍ୱାର୍ଥ ପାଇଁ ଚାପ ମଧ୍ୟ ସୃଷ୍ଟି କରୁଛନ୍ତି । ନୟାଗଡ଼ ଜିଲ୍ଲାରେ ସୃଷ୍ଟି ହୋଇଥିବା ଏହି ସମସ୍ୟାକୁ ଦୂରିଭୂତ କରିବା ପାଇଁ ଜିଲ୍ଲାରେ ଖାଲି ଥିବା ଶିକ୍ଷକ ପଦବୀ ପୂରଣ କରିବା ଆବଶ୍ୟକ । ବିଗତ ଦିନରେ ଶିକ୍ଷକ ନିଯୁକ୍ତି କମ ସଂଖ୍ୟକ ହେବା ଏହାର ମୁଖ୍ୟ କାରଣ ହୋଇଛି । ଯାହା ଫଳରେ ଶିକ୍ଷାଦାନ କରିବାକୁ ଆବଶ୍ୟକ ଶିକ୍ଷକ ଜିଲ୍ଲାରେ ନଥିବା ଜଣାପଡ଼ିଛି । ଜିଲ୍ଲାରେ ଶତାଧିକ ବିଦ୍ୟାଳୟରେ ପ୍ରଧାନଶିକ୍ଷକ ମଧ୍ୟ ନାହାନ୍ତି । ଯେଉଁଥି ପାଇଁ କାମଚଳା ପ୍ରଧାନଶିକ୍ଷକରେ ବିଦ୍ୟାଳୟ କାର୍ଯ୍ୟ ସମାପନ କରାଯାଉଛି । ଅନେକ ସ୍ଥାନରେ ଗଣଶିକ୍ଷକଙ୍କୁ ପ୍ରଧାନଶିକ୍ଷକ ଦାୟିତ୍ୱ ଦିଆଯାଇଥିବା ଦେଖାଯାଇଛି ।

## କିଏ ୧୦, କିଏ ୨୫

**ଗଣିଆ:** ସରକାରୀ ନୀତିନିୟମକୁ ପାଦରେ ଦଳି ନିଜ ମନପସନ୍ଦର ବିଦ୍ୟାଳୟକୁ ଜାବୁଡ଼ି ଧରିଛନ୍ତି । ସେ ପୁଣି ବର୍ଷେ କି ଦୁଇ ବର୍ଷ ନୁହେଁ ଏକାଥରକେ ୨୫ ବର୍ଷରୁ ଅଧିକ ସମୟ। କିଛି ରାଜନେତାଙ୍କ ଛତ୍ରଛାୟା ତଳେ ନିଜର କାୟାବିସ୍ତାର କରି କିଏ ୧୦ ବର୍ଷ ତ ପୁଣି କିଏ ୨୫ ବର୍ଷ ଗୋଟିଏ ସ୍ଥାନରେ କାର୍ଯ୍ୟ କରୁଛନ୍ତି । ନୟାଗଡ଼ ଜିଲ୍ଲା ଗଣିଆ ବ୍ଲକରେ ଏଭଳି ମାଳ ମାଳ ଗାଦିମଡା ଶିକ୍ଷକ ରହିଥିବା ବେଳେ ତାଙ୍କ ପ୍ରତି ବିଭାଗୀୟ କାର୍ଯ୍ୟାନୁଷ୍ଠାନ ହେଉନଥିବା ଅଭିଯୋଗ ହେଉଛି । ଏପରିକି ନିଜ ମନ ପସନ୍ଦର ଯାଗା ନହେଲେ ଅଧିକାରୀଙ୍କୁ ହାତକରି ଡେପୁଟେସନରେ ବର୍ଷ ବର୍ଷ ଧରି ବହୁ ଶିକ୍ଷକ ରହିଛନ୍ତି । ଘରପାଖ ଓ ନିଜ ମନ ପସନ୍ଦର ବିଦ୍ୟାଳୟ ଛାଡ଼ିବାକୁ କୁଣ୍ଠୁକୁଣ୍ଠୁ ହେଉଛନ୍ତି ଶିକ୍ଷକ ମାନେ । ବିଭାଗୀୟ ସୂଚନା ଅନୁସାରେ ଶିଖରଗୋଛା ପ୍ରାଥମିକ ବିଦ୍ୟାଳୟରେ ବିଜୟ କୁମାର ନାୟକ ଭାରପ୍ରାପ୍ତ ପ୍ରଧାନଶିକ୍ଷକ ଭାବେ ୦୧-୦୯-୨୦୦୫ ମସିହାରୁ ଦୀର୍ଘ ୨୦ ବର୍ଷ ଧରି କାର୍ଯ୍ୟ କରି ଆସୁଛନ୍ତି । ସେହିପରି ଉମାଘାଟି ପ୍ରାଥମିକ ବିଦ୍ୟାଳୟର ବସନ୍ତ ଜାନି ୧୮-୧୧-୨୦୦୬ ମସିହାରୁ ୧୯ ବର୍ଷ, କେନ୍ଦୁଆବିଡା ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ରବୀନ୍ଦ୍ର କୁମାର ଦାଶ ୦୬-୦୮-୨୦୦୮ ମସିହାରୁ ୧୭ ବର୍ଷ, ରାଉତପଡ଼ା ଉଚ୍ଚ ପ୍ରାଥମିକ ବିଦ୍ୟାଳୟର କମଳ ଲୋଚନ ରଣା ୨୦-୦୫-୨୦୦୮ ମସିହାରୁ ୧୭ ବର୍ଷ, ବେଣ୍ଟପଡ଼ା ପ୍ରାଥମିକ ବିଦ୍ୟାଳୟର ସାନୁଜ ସାମଲ ୧୧-୦୭-୨୦୦୮ ମସିହାରୁ ୧୭ ବର୍ଷ, କୁମ୍ଭୀରଖଣି ପ୍ରାଥମିକ ବିଦ୍ୟାଳୟର ଚିତ୍ତରଞ୍ଜନ ରାଉତ ୨୨-୧୨-୨୦୦୬ ମସିହାରୁ ୧୮ ବର୍ଷ, କୁଞ୍ଜବିହାରୀ ନୋଡାଲ ବିଦ୍ୟାପୀଠ, ଛାମୁଣ୍ଡିଆର ନରେନ୍ଦ୍ର ସାହୁ ୧୧-୦୭-୨୦୦୮ ମସିହାରୁ ୧୭ ବର୍ଷ, ଛାଡମୂଳ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ସାରଥ ନାୟକ ୧୧-୦୭-୨୦୦୮ ମସିହାରୁ ୧୭ ବର୍ଷ, କାଦୁଆ ହଟିଆପଲ୍ଲୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ମଞ୍ଜୁଲତା ଦେଇ ୧୫-୧୨-୨୦୦୭ ମସିହାରୁ ୧୮ ବର୍ଷ ଧରି ଗୋଟିଏ ବିଦ୍ୟାଳୟରେ ରହି ଆସୁଛନ୍ତି । ମିଳିଥିବା ତଥ୍ୟ ଠାରୁ ଆହୁରି ଅନେକ ଶିକ୍ଷକ ଶିକ୍ଷୟିତ୍ରୀ ଏଭଳି ଗାଦି ମାଡି ବର୍ଷ ବର୍ଷ ଧରି ଗୋଟିଏ ସ୍ଥାନରେ ରହି ଆସୁଥିବା ବେଳେ ସେମାନଙ୍କ ପ୍ରତି ବିଭାଗୀୟ ଉଦାସୀନତା ନା ଅର୍ଥ କାରବାର ତାହା ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । ବର୍ଷ ବର୍ଷ ଧରି ରହିବା ଫଳରେ ଏମାନେ ପାଠପଢ଼ା କମ୍ କିନ୍ତୁ ରାଜନୀତି ଅଧିକ କରୁଛନ୍ତି ବୋଲି ଅଭିଯୋଗ ଶୁଣିବାକୁ ମିଳୁଛି । ତୁରନ୍ତ ଏସବୁ ଗାଦିମଡା ଶିକ୍ଷକଙ୍କୁ ବଦଳି କରିବା ସହିତ ଡେପୁଟେସନରେ ଥିବା ଶିକ୍ଷକଙ୍କୁ ନିଜ ମୂଳ ବିଦ୍ୟାଳୟକୁ ଆଣିବାକୁ ବୁଦ୍ଧିଜୀବୀ ମହଲରେ ଦାବି ହେଉଛି ।

### ଗର୍ଜିଲା ବିଜୁ ଯୁବ ଓ ଛାତ୍ର ଜନତା ଦଳ

# ଗୋଲେଇ ଛକରେ ମୁଖ୍ୟମନ୍ତ୍ରୀଙ୍କ କୁଶପୁତ୍ତଳିକା ଦାହ



ନୟାଗଡ଼, ୮।୮ (ସମିସ): ରାଜ୍ୟରେ ବିପର୍ଯ୍ୟସ୍ତ ଆଇନଶୃଙ୍ଖଳା ପରିସ୍ଥିତି ପାଇଁ ବିଜେପି ସରକାରକୁ ଦାୟୀ କରିଛି ନୟାଗଡ଼ ଜିଲ୍ଲା ବିଜୁ ଯୁବ ଓ ଛାତ୍ର ଜନତା ଦଳ । ନୟାଗଡ଼ ବିଧାୟକ ଡ. ଅରୁଣ କୁମାର ସାହୁ ଏବଂ ବିଜେଡି ଜିଲ୍ଲା ସଭାପତି ରମେଶ ଚନ୍ଦ୍ର ବେହେରାଙ୍କ ପରାମର୍ଶ କ୍ରମେ ଆଜି ଦଳ ପକ୍ଷରୁ ଏକ ଶୋଭାଯାତ୍ରା ସହର ପରିକ୍ରମା କରିବା ସହ ସରକାର ବିରୁଦ୍ଧରେ ନାରାବାଜି କରାଯାଇଛି । ରାଜ୍ୟରେ ଛାତ୍ର ଓ ନାରୀ ଅସୁରକ୍ଷିତ । ଦିନକୁ ଦିନ ଛାତ୍ରୀ ଓ ନାରୀ ନିର୍ଯାତନା ବୃଦ୍ଧି ପାଉଛି । ଯାହାକୁ ନେଇ ନୟାଗଡ଼ ପୂର୍ତ୍ତ ବିଭାଗ ଡାକବଙ୍ଗଳା ପରିସରରୁ ଏକ ଶୋଭାଯାତ୍ରା ବାହାରି ନୟାଗଡ଼ ଟାଉନଥାନାଠାରେ ନୟାଗଡ଼ ଏସ୍‌ଡିପିଓ ଜ୍ୟୋତିରଞ୍ଜନ ସାମନ୍ତରାୟ ଓ ଥାନା ଅଧିକାରୀ ବିଜୟା ସାହୁଙ୍କୁ ସ୍ମାରକପତ୍ର ପ୍ରଦାନ କରାଯାଇଛି । ସେଠାରୁ ବିକ୍ଷୋଭକାରୀ ଯୁବ ଓ ଛାତ୍ରମାନେ ନୟାଗଡ଼ ଗୋଲେଇ ଛକଠାରେ ପହଞ୍ଚି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଓ ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜଙ୍କ କୁଶ ପୁତ୍ତଳିକା ଦାହ କରିଛନ୍ତି । ପରେ ପରେ ବିଜୁ ଯୁବ ଛାତ୍ର ଜନତା ଦଳ କର୍ମକର୍ତ୍ତାମାନେ ନୟାଗଡ଼ ଆରକ୍ଷୀ ଅଧିକ୍ଷକଙ୍କ କାର୍ଯ୍ୟାଳୟରେ ପହଞ୍ଚି ପୁଲିସ ମହାନିର୍ଦ୍ଦେଶକଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରିଛନ୍ତି । ଏହି କାର୍ଯ୍ୟକ୍ରମରେ ନୟାଗଡ଼ ଜିଲ୍ଲା ବିଜୁ ଯୁବ ଜନତା ଦଳ ସଭାପତି ଦୁର୍ଯ୍ୟୋଧନ ବେହେରା, ବିଜୁ ଛାତ୍ର ଜନତା ଦଳ ସଭାପତି ନୀଳମାଧବ ପଣ୍ଡା, ରବୀନ୍ଦ୍ର କୁମାର ଜେନା, ଅନୱାଲ ଅଲ୍ଲୀ, ଅମୁଲ୍ୟ ସାହୁ, ସଞ୍ଜିବ ମିଶ୍ର, ପ୍ରଶାନ୍ତ ପରିଡ଼ା, ନୀରଞ୍ଜନ ବେହେରା, ଉମେଶ ମାର୍ଥା, ସରୋଜ ବିଶ୍ୱାଳ, ବଂଶୀଧର ପରିଡ଼ା, ପ୍ରତାପ ପ୍ରଧାନ, ଜ୍ୟୋତି ଶଙ୍କର ମିଶ୍ର ପ୍ରମୁଖ ନେତୃତ୍ୱ ନେଇଥିଲେ ।

# ବିଦ୍ୟାର୍ଥୀଙ୍କୁ ୨ ଶହ ଚାରା ବଣ୍ଟନ



ଓଡ଼ଗାଁ, ୮।୮ (ସମିସ): ନୟାଗଡ଼ ଜିଲ୍ଲା ଓଡ଼ଗାଁ ବ୍ଲକ ପଣ୍ଡିଖାରୀ ଗ୍ରାମପଞ୍ଚାୟତ ମଶାବାରୀ ଗାୟତ୍ରୀ ବିଦ୍ୟାମନ୍ଦିରେ 'ମୋ ପାଇଁ ଗଛଟିଏ' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ବିଦ୍ୟାମନ୍ଦିର ପ୍ରତିଷ୍ଠାତା ସଭାପତି ଅଶୋକ କୁମାର ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ 'ବୃକ୍ଷ ହିଁ ଜୀବର ବନ୍ଧୁ' ଆଲୋଚନାରେ ଓଡ଼ଗାଁ ବନାଞ୍ଚଳ ଓଡ଼ଗାଁ ସେକ୍ସନ ବନପାଳ ସରିତା ବରାଳ କାର୍ଯ୍ୟକ୍ରମରେ ଯୋଗଦେଇଥିଲେ । ବର୍ଷା ପ୍ରିୟଦର୍ଶିନୀ ଏବଂ ଲକ୍ଷ୍ମୀପ୍ରିୟା ମହାପାତ୍ରଙ୍କ 'ମୋ ପାଇଁ ଗଛଟିଏ' ବିଷୟ ଭିତ୍ତିକ ଉପସ୍ଥାପନା ଏବଂ ଦଳଗତ ନୃତ୍ୟ ପରିବେଷଣ କରାଯାଇଥିଲା । ଏଥିରେ ବିଦ୍ୟାମନ୍ଦିର ଅଧ୍ୟକ୍ଷ ବୀରେନ୍ଦ୍ର ସାହୁ, ଭେଙ୍କଟସ୍ୱାମୀ ପାଣିଗ୍ରାହୀ, ନାରାୟଣ ପ୍ରଧାନ, ଦିବ୍ୟ ଲୋଚନ ପଣ୍ଡା, ଅମିତା ଦାଶ, ପ୍ରଭାତୀ ତ୍ରିପାଠୀ, ସଞ୍ଜୁଲତା ମିଶ୍ର, ସସ୍ମିତା ପାଣିଗ୍ରାହୀ, ସନ୍ତୋଷିନୀ ସାହୁ, ପ୍ରଭାତୀ ଖଣ୍ଡା, ଝରଣା ସେଠୀ ପ୍ରମୁଖ ଯୋଗଦେଇଥିଲେ ।

# ପିଏମ୍ ବିଶ୍ୱକର୍ମା ଯୋଜନାରୁ ବଞ୍ଚିତ କଂସା-ପିତ୍ତଳ ଶିଳ୍ପୀ

କଣ୍ଟିଲୋ, ୮।୮ (ସମିସ): ସରକାର ବିଭିନ୍ନ କୁଶଳୀ କାରିଗରଙ୍କୁ ସ୍ୱାବଲମ୍ବୀ କରିବା ପାଇଁ ପ୍ରଧାନମନ୍ତ୍ରୀ ବିଶ୍ୱକର୍ମା ଯୋଜନା ପ୍ରଣୟନ କରିଛନ୍ତି ମାତ୍ର ଉକ୍ତ ଯୋଜନା ରେ କଂସା ପିତ୍ତଳ କାରିଗରଙ୍କୁ ଅଣଦେଖା କରାଯାଇଥିବା ଅଭିଯୋଗ ହେଉଛି । ଉକ୍ତ ଯୋଜନାରେ କାରିଗରଙ୍କୁ ପରିଚୟ ପତ୍ର ପ୍ରଦାନ ଓ ବିନା ଗ୍ୟାରେଣ୍ଟିରେ ୧ ଲକ୍ଷ ଟଙ୍କା ଲୋନ ବାର୍ଷିକ ୫ ପ୍ରତିଶତ ସୁଧରେ ଯୋଗାଇ ଦିଆ ଯାଉଛି । ମାତ୍ର କଂସା ବାସନ ଶିଳ୍ପକୁ ସାମିଲ କରାଯାଇନଥିବାରୁ ବହୁ କାରିଗର ଏହି ଯୋଜନା ଲାଭରୁ ବଞ୍ଚିତ ହେଉଛନ୍ତି । କଣ୍ଟିଲୋ କଂସା ବାସନ ଶିଳ୍ପ ବେଶ ପ୍ରସିଦ୍ଧ । ଗ୍ରାମରେ ପ୍ରାୟ ୧ ହଜାରରୁ ଉର୍ଦ୍ଧ୍ୱ କଂସାରୀ ପରିବାର ବାସ କରୁଛନ୍ତି । ଏହି ଗ୍ରାମକୁ ମଧ୍ୟ ମିଳିଛି ଐତିହ୍ୟ ଗ୍ରାମ ମାନ୍ୟତା । କୁଶଳୀ କାରିଗରଙ୍କୁ ପ୍ରଦାନ କରାଯାଉଥିବା ବିଶ୍ୱକର୍ମା ଯୋଜନାରେ କଂସା ବାସନ ଶିଳ୍ପୀଙ୍କୁ ସାମିଲ କରାଗଲେ ହଜାର ହଜାର କାରିଗର ଉପକୃତ ହୋଇପାରନ୍ତେ ବୋଲି କାରିଗର ମାନେ ଦାବି କରିଛନ୍ତି ।

### ପଞ୍ଚାୟତ ଶୁଣୁନି; ବ୍ଲକ ଆଖିକୁ ଦିଶୁନି

# ଅନ୍ଧାରରେ ଆଲୋକ ଖୋଜୁଛି ଗଣିଆ ବଜାର

ଗଣିଆ, ୮।୮ (ସମିସ): ନୟାଗଡ଼ ଜିଲ୍ଲା ଗଣିଆ ବ୍ଲକରେ ସାଧାରଣ ଲୋକଙ୍କୁ ମୌଳିକ ସୁବିଧା ଯୋଗାଇବାରେ ପଞ୍ଚାୟତ ଓ ବ୍ଲକ କର୍ତ୍ତୃପକ୍ଷଙ୍କ ହେୟଜ୍ଞାନ ମନବୃତ୍ତି ଏବଂ ସ୍ଥାନୀୟ ନେତୃତ୍ୱଙ୍କ ପାତର ଅନ୍ତର ନୀତି ପ୍ରତିପାଦିତ ହେଉଛି । ଯାହା ଫଳରେ ଗଣିଆ ବଜାର ଅନ୍ଧାର ଭିତରରେ ଆଲୋକ ଖୋଜୁଛି । ଆଲୋକୀକରଣ ଯୋଜନାରେ ସରକାର ଖର୍ଚ୍ଚ କରୁଛନ୍ତି କୋଟି କୋଟି ଟଙ୍କା । ଛକ, ବଜାର, ହାଟ, ସାହି ରାସ୍ତା ଗୁଡିକରେ ଷ୍ଟ୍ରିଟଲାଇଟ୍ ଲଗାଇ ଜନସାଧାରଣଙ୍କ ଯାତାୟତ ସୁବିଧା ହୋଇପାରୁଛି । କିନ୍ତୁ ଦୀର୍ଘ ଦିନ ହେବ ଗଣିଆ ବଜାର କିଟିକିଟି ଅନ୍ଧାରରେ ଥିବା ଦେଖିବାକୁ ମିଳିଛି । ବଜାର ପରିସରରେ ଲାଗିଥିବା ଷ୍ଟ୍ରିଟଲାଇଟ୍ ଗୁଡିକ ଦୀର୍ଘ ଦିନ ହେବ ଅଚଳ ହୋଇ ଗଲାଣି । ଫଳରେ ସନ୍ଧ୍ୟା ହେଲେ ସମ୍ପୂର୍ଣ୍ଣ ବଜାର ପରିସର ଅନ୍ଧକାର ପାଲଟି ଯାଉଛି । ବ୍ୟବସାୟୀଙ୍କ ସମେତ ସାଧାରଣ ଲୋକେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ରାତିରେ ଯାତାୟତରେ ଅସୁବିଧା ହେବା ସହିତ ଚୋରି ବୃଦ୍ଧି ହେବାର ଆଶଙ୍କା ଦେଖାଦେଇଛି । ଗଣିଆ ବଜାର ରାସ୍ତା ଖୋର୍ଦ୍ଧା-ବଲାଙ୍ଗିର ରାଜ୍ୟ ରାଜପଥ ସହିତ ସଂଯୋଗ ହୋଇଥିବାରୁ ରାତିରେ ଅନେକ ବସ୍ ଟ୍ରକ୍ ଯାତାୟାତ କରୁଛି । ବଜାର ପରିସର ଅନ୍ଧାର ରହୁଥିବା ବେଳେ ମଝି ବଜାରରେ ଏକ ବଡ଼ ବୁଲାଣି ରହିଛି । କେତେବେଳେ ଯେ ଦୁର୍ଘଟଣା ନଘଟିବ କହିହେବ ନାହିଁ । ଅଚଳ ଲାଇଟ୍ ଗୁଡିକ ମରାମତି କରିବାକୁ ବାରମ୍ବାର ଦାବି କରାଯାଉଥିଲେ ମଧ୍ୟ ଏଥିପ୍ରତି କେହି ବି ଦୃଷ୍ଟି ଦେଉନାହାନ୍ତି । ବିଶେଷକରି ମହିଳା ଏବଂ ଛାତ୍ରୀମାନେ ସନ୍ଧ୍ୟା ହେଲେ ବଜାରକୁ ଆସିବାକୁ ସୁରକ୍ଷିତ ମଣୁନାହାନ୍ତି । ଏହି ବଜାର ଉପରେ ଗଣିଆ ବ୍ଲକ ସହିତ ପଡ଼ୋଶୀ ଖଣ୍ଡପଡ଼ା, ନରସିଂହପୁର ଅଞ୍ଚଳର ବ୍ୟବସାୟୀଙ୍କ ଠାରୁ ଆରମ୍ଭ କରି ଜନସାଧାରଣ ନିର୍ଭର କରୁଥିବାରୁ ଜିଲ୍ଲା ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେବାକୁ ବୁଦ୍ଧିଜୀବୀ ମହଲରେ ଦାବି ହେଉଛି । ଗଣିଆରେ ନେତା ମାଳ ମାଳ କାମ ଦୁର୍ବଳ ବୋଲି ସାଧାରଣ ଲୋକେ ଅଭିଯୋଗ କରୁଛନ୍ତି । ଯାହା ଫଳରେ ଗଣିଆ ବଜାରରେ ସାମାନ୍ୟତମ ସମସ୍ୟା ଦୂର କରିବାରେ ପଞ୍ଚାୟତ ଓ ବ୍ଲକ ପ୍ରଶାସନ ବିଫଳ ବୋଲି ଆଲୋଚନା ହେଉଛି ।

# ଓଡ଼ିଆରେ ନାମଫଳକ ଲେଖିବାକୁ ନିର୍ଦ୍ଦେଶ

ଓଡ଼ଗାଁ, ୮।୮ (ସମିସ): ନୟାଗଡ଼ ଜିଲ୍ଲା ଓଡ଼ଗାଁ ବିଜ୍ଞାପିତ ଅଞ୍ଚଳ ପରିଷଦ ଅଞ୍ଚଳର ବ୍ୟବସାୟିକ ପ୍ରତିଷ୍ଠାନମାନେ ଓଡ଼ିଆ ନାମଫଳକ ସହିତ ଟ୍ରେଡ୍ ଲାଇସେନ୍ସ କରିବା ପାଇଁ ୫ ପ୍ରତିଶତ ରିହାତି ଘୋଷଣା କରିଛନ୍ତି । ଓଡ଼ିଶା ସରକାରଙ୍କ ନିର୍ଦ୍ଦେଶ ଅନୁଯାୟୀ ଓଡ଼ଗାଁ ବିଜ୍ଞାପିତ ଅଞ୍ଚଳ ପରିଷଦ ଅଧୀନସ୍ଥ ସମସ୍ତ ବ୍ୟବସାୟିକ ପ୍ରତିଷ୍ଠାନ ତଥା ଦୋକାନ, ବଜାରର ଗୁଡ଼ିକର ଫଳକ ସବୁକୁ ଶୁଦ୍ଧ ଓଡ଼ିଆରେ ପ୍ରଦର୍ଶିତ କରିବା ସହିତ ଆଗାମୀ ୧୫ ଦିନ ମଧ୍ୟରେ ଟ୍ରେଡ୍ ଲାଇସେନ୍ସ କରାଇବା ପାଇଁ ଘୋଷଣା କରିଛନ୍ତି । ଶୀଘ୍ର ନାମଫଳକ ଓ ଲାଇସେନ୍ସ କାର୍ଯ୍ୟ ସାରିବା ପାଇଁ ୫ ପ୍ରତିଶତ ଛାଡ଼ ଘୋଷଣା କରିଛନ୍ତି । ପ୍ରତ୍ୟେକ ବ୍ୟବସାୟିକ ପ୍ରତିଷ୍ଠାନ ଆଗାମୀ ୧୫ଦିନ ମଧ୍ୟରେ ବିଜ୍ଞାପିତ ଅଞ୍ଚଳ ପରିଷଦରୁ ସେମାନଙ୍କ ଟ୍ରେଡ୍ ଲାଇସେନ୍ସ ମଞ୍ଜୁର କରାଇନେବେ । ଏଥି ନିମନ୍ତେ କାର୍ଯ୍ୟାଳୟରେ ସ୍ୱତନ୍ତ୍ର ସେଲର ସୁବିଧା ରହିବ । ତେବେ ଯେଉଁ ପ୍ରତିଷ୍ଠାନ ବିନା ଲାଇସେନ୍ସରେ ବ୍ୟବସାୟ କରିବେ ତାଙ୍କ ଠାରୁ ଜରିମାନା ଆଦାୟ ହେବ । ଏଥିସହିତ ସହରକୁ ଆବର୍ଜନା ମୁକ୍ତ ଓ ସରସ ସୁନ୍ଦର ରଖିବା ପାଇଁ ପ୍ରତ୍ୟେକ ସଚେତନ ନାଗରିକଙ୍କୁ ପ୍ଲାଷ୍ଟିକ ବ୍ୟବହାର ବର୍ଜନ ପାଇଁ ଆହ୍ୱାନ ଦେଇଛନ୍ତି । ଟ୍ରାଫିକ ସମସ୍ୟା ଓ ଦୁର୍ଘଟଣା ପାଇଁ ବୁଲା ଗାଈ, କୁକୁର ଏକ ପ୍ରମୁଖ ଭାବେ ଦାୟୀ । ପ୍ରତ୍ୟେକ ଲୋକ ନିଜ ନିଜର ଗୃହପାଳିତ ପଶୁଙ୍କୁ ରାସ୍ତାରେ ବାନ୍ଧନ୍ତୁ ନାହିଁ କିମ୍ବା ରାସ୍ତାରେ ଛାଡନ୍ତୁ ନାହିଁ । ଏହାକୁ ଅବମାନନା କଲେ ଆଇନ ଅନୁଯାୟୀ ଦଣ୍ଡିତ ହେବେ । ଆଗାମୀ ୩୧ ତାରିଖ ସ୍ୱାୟତ ଶାସନ ଦିବସ ପର୍ଯ୍ୟନ୍ତ ବିଜ୍ଞାପିତ ଅଞ୍ଚଳ ପରିଷଦରେ ଚାଲିଥିବା ସଚେତନ ଧର୍ମୀ ସ୍ୱତନ୍ତ୍ର ସଫେଇ କାର୍ଯ୍ୟକ୍ରମକୁ ପ୍ରତ୍ୟେକ ଓଡ଼ଗାଁବାସୀ ସହଯୋଗ କରନ୍ତୁ ବୋଲି ନିର୍ବାହୀ ଅଧିକାରୀ ନିହାର ରଞ୍ଜନ ବେହେରାଙ୍କ ଜଣାଇଛନ୍ତି ।

## ପୋଖରୀରେ ବୁଡ଼ି ବୃଦ୍ଧାଙ୍କ ମୃତ୍ୟୁ

ଭାପୁର, ୮।୮ (ସମିସ): ଭାପୁର ପଞ୍ଚାୟତ ଜହରକୋଟ ଗ୍ରାମରେ ଜଣେ ୭୫ ବର୍ଷୀୟ ବୃଦ୍ଧା ପୋଖରୀରେ ବୁଡି ଯିବାରୁ ତାଙ୍କର ମୃତ୍ୟୁ ହୋଇଯାଇଛି । ମୃତକ ହେଲେ ସ୍ୱର୍ଗତ ଯୁଗଳ ବିହାରୀଙ୍କ ପତ୍ନୀ ହାର ବିହାରୀ । ସେ ଶୁକ୍ରବାର ଅପରାହ୍ନରେ ଗ୍ରାମ ନିକଟ ପୋଖରୀକୁ ନିତ୍ୟକର୍ମ ସାରିବାକୁ ଯାଇଥିବା ସମୟରେ ପାଣିରେ ବୁଡିଯାଇଥିଲେ । ଭାପୁର ଦମକଳ ବାହିନୀ ସହାୟତାରେ ତାଙ୍କୁ ଉଦ୍ଧାର କରାଯାଇ ଭାପୁର ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା ବେଳେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ତାଙ୍କର ଦୁଇପୁଅ ଓ ଦୁଇ ଝିଅ ଅଛନ୍ତି । ଆସନ୍ତାକାଲି ତାଙ୍କର ଶବ ବ୍ୟବଚ୍ଛେଦ ହେବ ବୋଲି ପରିବାର ସୂତ୍ରରୁ ଜଣାପଡ଼ିଛି ।

## ୱାନ୍ ଷ୍ଟପ କେନ୍ଦ୍ର ଉଦ୍‌ଘାଟିତ

ନୟାଗଡ଼, ୮।୮ (ସମିସ): ନୟାଗଡ଼ ଜିଲ୍ଲାପାଳ ଅକ୍ଷୟ ସୁନୀଲ ଅଗ୍ରୱାଲ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ପରିସରରେ ନୂତନ ୱାନ ଷ୍ଟପ କେନ୍ଦ୍ରକୁ ଆନୁଷ୍ଠାନିକ ଉଦଘାଟନ କରିଥିଲେ । ଏଥରେ ସ୍ୱାସ୍ଥ୍ୟ ବିଭାଗ ଓ ଜିଲ୍ଲା ସ୍ତରୀୟ ଅଧିକାରୀମାନେ ଉପସ୍ଥିତ ଥିଲେ । ପ୍ରଶାସନ ପୁଲିସ, ଜିଲ୍ଲା ସମାଜ ମଙ୍ଗଳ ଓ ଜିଲ୍ଲା ଶିଶୁ ସୁରକ୍ଷା ଓ ଏନଜିଓଙ୍କ ମିଳିତ ସହଯୋଗରେ ଏହି କେନ୍ଦ୍ର ଦୀର୍ଘ ପାଞ୍ଚ ବର୍ଷ ହେଲା ହସ୍ପିଟାଲରେ ଚାଲୁଥିଲା । ଆଜିଠାରୁ ଏହାର ନିଜସ୍ୱ ଗୃହ ଉଦଘାଟନ ହେବା ସହ ସମସ୍ତ ପରାମର୍ଶ ଓ ଅନ୍ୟାନ୍ୟ ସେବା ଗୁଡିକ ସୁବିଧାରେ ଚାଲି ପାରିବ ବୋଲି ଜିଲ୍ଲାପାଳ ପ୍ରକାଶ କରିଥିଲେ । ପରିଶେଷରେ ସମ୍ପାଦିକା ଧନ୍ୟବାଦ ଅର୍ପଣ ଦେଇଥିଲେ ।

## ସ୍ୱାଧୀନତା ଦିବସ ପ୍ରସ୍ତୁତି ବୈଠକ

ଓଡ଼ଗାଁ, ୮।୮ (ସମିସ): ନୟାଗଡ଼ ଜିଲ୍ଲା ଓଡ଼ଗାଁ ପଞ୍ଚାୟତ ସମିତି ସମ୍ମିଳନୀ କକ୍ଷରେ ଆଜି ଅତିରିକ୍ତ ମଣ୍ଡଳ ଅଧିକାରୀ କବିତା ପ୍ରଧାନଙ୍କ ଅଧ୍ୟକ୍ଷତାରେ ଓଡ଼ଗାଁ ବିଜ୍ଞାପିତ ଅଞ୍ଚଳ ପରିଷଦ ଅନ୍ତର୍ଗତ ସମସ୍ତ ଶିକ୍ଷାନୁଷ୍ଠାନର ଶିକ୍ଷକ ଶିକ୍ଷୟିତ୍ରୀ ଓ ଅନ୍ୟ ସରକାରୀ କାର୍ଯ୍ୟାଳୟ ଅଧିକାରୀଙ୍କ ଉପସ୍ଥିତିରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ଆଗାମୀ ୭୯ ତମ ସ୍ୱାଧୀନତା ଦିବସକୁ କିପରି ସୁରୁଖୁରୁରେ ଓ ଶୃଙ୍ଖଳାର ସହିତ ପାଳନ କରାଯିବ ସେ ସମ୍ପର୍କରେ ଆଲୋଚନା କରାଯାଇଥିଲା । କାର୍ଯ୍ୟକ୍ରମରେ ଶୃଙ୍ଖଳା ରକ୍ଷା ପାଇଁ ଆଦର୍ଶ ଥାନାଧିକାରୀଙ୍କୁ ଦାୟିତ୍ୱ ପ୍ରଦାନ କରାଯାଇଥିବା ବେଳେ ଓଡ଼ଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଚିକିତ୍ସା ଅଧିକାରୀଙ୍କୁ ଦାୟିତ୍ୱ ପ୍ରଦାନ କରାଯାଇଥିଲା ।

# ପଞ୍ଚଭୂତରେ ଲୀନହେଲେ ଖଣ୍ଡପଡ଼ା ରାଜା



ଖଣ୍ଡପଡ଼ା, ୮।୮ (ସମିସ)

ଓଡ଼ିଶା ବିଧାନସଭାର ପୂର୍ବତନ ଉପବାଚସ୍ପତି, ପୂର୍ବତନ ମନ୍ତ୍ରୀ ତଥା ଖଣ୍ଡପଡ଼ା ରାଜା ବିଭୂତି ଭୂଷଣ ସିଂହ ମର୍ଦ୍ଦରାଜଙ୍କର ଗତକାଲି ପରଲୋକ ହୋଇଯାଇଛି । ବହୁ ଦିନରୁ ଅସୁସ୍ଥ ଥିବା ରାଜା ସାହେବଙ୍କ ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲରେ ଦେହାନ୍ତ ହୋଇଥିଲା । ଶେଷ ସମୟରେ ପତ୍ନୀ ରାଣୀ ଦେବକୀ ଦେବୀ କୁମାରୀ, ପୁଅ ଯୁବରାଜ ପୂର୍ବତନ ବିଧାୟକ ସିଦ୍ଧାର୍ଥ ଶେଖର ସିଂହ ଓ ଝିଅ ରାଜକୁମାରୀ ଆରାଧନା ଉପସ୍ଥିତ ଥିଲେ । ଗତକାଲି ସକାଳେ ତାଙ୍କ ପାର୍ଥିବ ଶରୀରକୁ ଓଡ଼ିଶା ବିଧାନସଭାକୁ ଅଣାଯାଇ ସେଠାରେ ବାଚସ୍ପତି ସୁରମା ପାଢ଼ୀ, ଉପବାଚସ୍ପତି ଭବାନୀ ଶଙ୍କର ଭୋଇ, ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା, ସ୍ୱାସ୍ଥ୍ୟ ଓ ସଂସଦୀୟ ବ୍ୟାପାର ମନ୍ତ୍ରୀ ମୁକେଶ ମହାଲିଙ୍ଗଙ୍କ ଉପସ୍ଥିତିରେ ଗାର୍ଡ ଅଫ୍ ଅନର୍ ଦିଆଯାଇଥିଲା । ସ୍ୱର୍ଗତ ମର୍ଦ୍ଦରାଜଙ୍କ ପରଲୋକ ଖବର ପାଇବା ପରେ ବହୁ ରାଜନୈତିକ ନେତା ଓ ସାମାଜିକ କର୍ମୀ ତାଙ୍କ ବାସଭବନକୁ ଯାଇ ଶେଷ ଶ୍ରଦ୍ଧାଞ୍ଜଳି ଜଣାଇଥିଲେ । ସେହିପରି ଆଜି ସକାଳୁ ରାଜ ପରିବାର ବହୁ ରୀତିନୀତି ସମ୍ପନ୍ନ ହେବା ପରେ ରାଜାଙ୍କ ପାର୍ଥିବ ଶରୀରକୁ ବିଦାୟ ଦେବା ପାଇଁ ରାଜ୍ୟର ବିଭିନ୍ନ ଗଡ଼ଜାତର ରାଜ ପରିବାର ସଦସ୍ୟ ମାନେ ଉପସ୍ଥିତ ରହି ଶୋକ ପ୍ରକାଶ କରିଥିଲେ । ଯୁବରାଜ ସିଦ୍ଧାର୍ଥ ଶେଖର ସିଂହ ରାଜାଭିଷେକ ହେବାପରେ ଶବ ସତ୍କାର କରିବା ପାଇଁ ଉପସ୍ଥିତ ଥିବା ଜନସାଧାରଣ ଓ ଶୁଭେଚ୍ଛୁଙ୍କୁ ବିନମ୍ରତା ସହ ନିବେଦନ କରିଥିଲେ । ରାଜାଙ୍କଠାରୁ ନିର୍ଦ୍ଦେଶ ପାଇବା ପରେ ପୂର୍ବରୁ ପ୍ରସ୍ତୁତି ହୋଇ ରହିଥିବା ଏକ ସୁସଜ୍ଜିତ ଗାଡ଼ିରେ ରାଜବାଟି ପରିସରରୁ ଏକ ବିଶାଳ ଶୋଭାଯାତ୍ରାରେ ଖଣ୍ଡପଡ଼ା ସହର ପରିକ୍ରମା କରଯାଇଥିଲା । ଏ ଅବସରରେ ଖଣ୍ଡପଡ଼ା, ଭାପୁର ଅଞ୍ଚଳରୁ ୫ହଜାରରୁ ଉର୍ଦ୍ଧ୍ୱ ଜନସାଧାରଣ ଯୋଗ ଦେଇଥିଲେ । ସହର ପରିକ୍ରମା କରାଯିବା ପରେ ଖଣ୍ଡପଡ଼ା ନିକଟସ୍ଥ ନନ୍ଦନ ବନରେ ଥିବା ରାଜ ପରିବାର ଶ୍ମଶାନରେ ଶେଷକୃତ୍ୟ ସମ୍ପନ୍ନ ହୋଇଥିଲା । ରାଜ ପରିବାରର ନିୟମ ଅନୁଯାୟୀ ତାଙ୍କର ଧର୍ମ ପୁଅ ପୁରୋହିତ ଫକୀର ମୋହନ ଦାସ ମୁଖଗ୍ନି ଦେଇଥିଲେ । ଏଅବସରରେ ସ୍ୱର୍ଗତ ମର୍ଦ୍ଦରାଜଙ୍କ ନାତି ଜୟବର୍ଦ୍ଧନ ସିଂହ, ନାତୁଣୀ ଆଦ୍ରିଜା କୁମାରୀ, ଜୟପୁର ରାଜ ପରିବାରର ଶଡ଼ୁ ମେଜର ଜେନେରାଲ ମହାବୀର ସିଂହ, ଦେଢ଼ଶାଶୂ ବିଳାଶା କୁମାରୀ, ଯୁବରାଜ କର୍ଣ୍ଣେଲ ଅର୍ଜୁନ ସିଂହ, ଆଠମଲ୍ଲିକ ରଜା ତଥା ସ୍ୱର୍ଗତ ମର୍ଦ୍ଦରାଜଙ୍କ ଭଣଜା ପରେଶ ଦେଓ, ଜ୍ୱାଇଁ ଶକ୍ତିସିଂହ ରାଠୋର (ରାଜସ୍ଥାନ), ଦଶପଲ୍ଲା ରାଜା ଜିତେନ୍ଦ୍ର ସିଂହ, ରାଣୀ ପ୍ରିୟା ଦେଓ ଭଞ୍ଜ, ନୟାଗଡ଼ ରାଜା ଗଜେନ୍ଦ୍ର ସିଂହଙ୍କ ସମେତ ପୂର୍ବତନ ବିଧାୟକ ସୌମ୍ୟରଞ୍ଜନ ପଟ୍ଟନାୟକ, ବିଧାୟକ ଇଂ. ଦୁଷ୍ମନ୍ତ କୁମାର ସ୍ୱାଇଁ, ବ୍ଲକ ଅଧ୍ୟକ୍ଷା ଉପମା ବେହେରା ପ୍ରମୁଖ ରାଜ ଶ୍ମଶାନରେ ଉପସ୍ଥିତ ରହି ସ୍ୱର୍ଗତ ରାଜାଙ୍କୁ ଅଶ୍ରୁଳ ବିଦାୟ ଦେଇଥିଲେ ।

୧୯୫୫ ଜାନୁଆରୀ ୪ ତାରିଖରେ ଜନ୍ମଗ୍ରହଣ କରିଥିବା ଶ୍ରୀ ମର୍ଦ୍ଦରାଜ ଭୁବନେଶ୍ୱର ବିଜେବି କଲେଜରେ ଶିକ୍ଷା ଗ୍ରହଣ କରିବା ପରେ ୧୯୮୦ରେ ଖଣ୍ଡପଡ଼ା ନିର୍ବାଚନ ମଣ୍ଡଳୀରୁ ସ୍ୱାଧୀନ ପ୍ରାର୍ଥୀ ଭାବେ ପ୍ରଥମଥର ପାଇଁ ବିଧାନସଭାକୁ ନିର୍ବାଚିତ ହୋଇଥିଲେ । ପରେ ସେ କଂଗ୍ରେସ (ଆଇ)ରେ ଯୋଗ ଦେଇଥିଲେ ଏବଂ ୧୯୮୧ରୁ ୧୯୮୪ ପର୍ଯ୍ୟନ୍ତ ପୁରୀ ଜିଲ୍ଲା ଯୁବ କଂଗ୍ରେସର ସଭାପତି ଭାବରେ କାର୍ଯ୍ୟ କରିଥିଲେ । ଶ୍ରୀ ମର୍ଦ୍ଦରାଜ ୧୯୮୫ ଓ ୧୯୯୫ରେ କଂଗ୍ରେସ ପ୍ରାର୍ଥୀ ଭାବରେ ପୁନଃ ବିଧାନସଭାକୁ ନିର୍ବାଚିତ ହୋଇଥିଲେ । ହେମାନନ୍ଦ ବିଶ୍ୱାଳଙ୍କ ମନ୍ତ୍ରୀମଣ୍ଡଳରେ (୧୯୮୯) ରାଷ୍ଟ୍ରମନ୍ତ୍ରୀ (ସ୍ୱାଧୀନ ଦାୟିତ୍ୱ) ସହ ପର୍ଯ୍ୟଟନ, ସଂସ୍କୃତି, ଯୋଜନା ଏବଂ ସମନ୍ୱୟ ବିଭାଗ ଭଳି ଗୁରୁ ଦାୟିତ୍ୱ ସମ୍ଭାଳିଥିଲେ । ୧୯୯୬ରେ ସେ ଓଡ଼ିଶା ବିଧାନସଭା ଉପବାଚସ୍ପତି ଭାବେ ନିର୍ବାଚିତ ହୋଇଥିଲେ ଏବଂ ଚାରି ବର୍ଷ ପାଇଁ ଏହି ପଦରେ ରହିଥିଲେ ।

## ସିଦ୍ଧାର୍ଥ ଶେଖରଙ୍କ ରାଜ୍ୟାଭିଷେକ

ଖଣ୍ଡପଡ଼ା: ଉତ୍ତରାଧିକାରୀ ପାଇଁ ଆଜି ସକାଳୁ ରାଜ ପରିବାରର ରୀତିନୀତି ଅନୁଯାୟୀ ଯୁବରାଜ ସିଦ୍ଧାର୍ଥ ଶେଖର ସିଂହଙ୍କ ରାଜ୍ୟାଭିଷେକ ନିମନ୍ତେ ସମସ୍ତ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ରାଜ ପୁରୋହିତ ପ୍ରଫୁଲ୍ଲ କୁମାର ମିଶ୍ରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ସକାଳ ୮ଟାରେ ରାଣୀ ମହଲରେ ପୂଜାନୀତି ଆରମ୍ଭ ହୋଇଥିଲା । ପରେ ଯୁବରାଜ ଶ୍ରୀ ସିଂହ ରାଣୀମହଲରୁ ବାହାରକୁ ଆସି ରାଜ ଦରବାରକୁ ପ୍ରବେଶ କରିଥିଲେ । ସେଠାରେ ରାଜ ପୁରୋହିତଙ୍କ ଦ୍ୱାରା ବେଦ ପାଠ କରାଯାଇ ରାଜ୍ୟାଭିଷେକ କରଯାଇଥିଲା । ପରମ୍ପରା ଅନୁଯାୟୀ ନୂତନ ରାଜାଙ୍କ ନିମନ୍ତେ ପ୍ରସ୍ତୁତ ହୋଇଥିବା ସୁବର୍ଣ୍ଣ ଓ ହୀରା ଖଚିତ ରାଜମୁକୁଟ ଶ୍ରୀ ସିଂହଙ୍କୁ ପିନ୍ଧା ଯିବା ସହିତ ହାତରେ ରୂପାର ଏକ ଖଡ୍ଗ ଧାରଣ କରାଯାଇଥିଲା । ଶ୍ରୀ ସିଂହ ଖଣ୍ଡପଡ଼ାର ୧୭ତମ ରଜା ଘୋଷିତ ହୋଇଥିବା ବେଳେ ତାଙ୍କର ନୂତନ ନାମ ଶ୍ରୀନୀଳକଣ୍ଠ ସିଂହ ମର୍ଦ୍ଦରାଜ ଭ୍ରମରବର ରାୟ ଭାବେ ରାଜପୁରୋହିତ ଘୋଷଣା କରିଥିଲେ । ଏ ଅବସରରେ ଶ୍ରୀ ସିଂହ ତାଙ୍କ ପିତାଙ୍କ ସ୍ମୃତି ଉଦ୍ଦେଶ୍ୟରେ ଆଖିରୁ ଲୁହ ଝରାଇଥିଲେ । ଏହାପରେ ଘଣ୍ଟ, କାହାଳି, ମୃଦଙ୍ଗ ସହ ଚାମର, ଛତ୍ରୀ ସୁସଜିତ ପାରମ୍ପରିକ ରୀତିନୀତି ଅନୁଯାୟୀ ରାଜା ଶ୍ରୀ ସିଂହ ଉପସ୍ଥିତ ସର୍ବସାଧାରଣଙ୍କୁ ଦର୍ଶନ ଦେବା ସହ ଇଷ୍ଟଦେବୀ ମା' ଦୁର୍ଗା, ବାଉରୀ ଠାକୁରାଣୀ ଓ ଶ୍ରୀଜଗନ୍ନାଥଙ୍କୁ ଦର୍ଶନ କରିଥିଲେ । ଏହାପରେ ପିତାଙ୍କ ପାର୍ଥିବ ଶରୀରକୁ ସପରିବାର ଅନ୍ତିମ ଦର୍ଶନ କରିବା ସହ ଉପସ୍ଥିତ ଜନସାଧାରଣଙ୍କୁ ପିତାଙ୍କ ପାର୍ଥିବ ଶରୀରକୁ ଉଠାଇବାକୁ ନିର୍ଦ୍ଦେଶ ଦେଇଥିଲେ ।



## ଭାପୁରରେ ଶୋକସଭା

ଭାପୁର: ଖଣ୍ଡପଡ଼ା ରାଜାସାହେବ ବିଭୂତି ଭୂଷଣ ସିଂହ ମର୍ଦ୍ଦରାଜଙ୍କ ବିୟୋଗରେ ଭାପୁର କ୍ରିୟାନୁଷ୍ଠାନ କମିଟି ଓ ବରିଷ୍ଠ ନାଗରିକ ସଂଘ ପକ୍ଷରୁ ଭାପୁର ଜଗନ୍ନାଥ ମନ୍ଦିର ପରିସରରେ ଏକ ଶୋକସଭା ଆୟୋଜିତ ହୋଇଯାଇଛି । କ୍ରିୟାନୁଷ୍ଠାନ କମିଟିର ସଭାପତି ରବୀନ୍ଦ୍ର କୁମାର ପଟ୍ଟନାୟକ, ସମ୍ପାଦକ ପ୍ରଭାକର ସାହୁ, ବରିଷ୍ଠ ନାଗରିକ ସଂଘର ସଭାପତି ଲକ୍ଷ୍ମୀଧର ସାମନ୍ତରାୟ, ପୂର୍ବତନ ବ୍ଲକ ଅଧ୍ୟକ୍ଷ ଶିବପ୍ରସାଦ ଷଡ଼ଙ୍ଗୀ, ବରିଷ୍ଠ ରାଜନେତା ମଧୁସୂଦନ ରଥ, ସମାଜସେବୀ ଜିତେନ୍ଦ୍ର କୁମାର ରଣସିଂହ, କଇଁଫୁଲିଆ ପଞ୍ଚାୟତ ସରପଞ୍ଚ ରମେଶ ପ୍ରସାଦ ରାଉତ, ରାକମା ପଞ୍ଚାୟତ ସମିତିସଭ୍ୟ ବାଳଗୋପାଳ ଷଡ଼ଙ୍ଗୀ ଓ ସରପଞ୍ଚ ପ୍ରତିନିଧି ମାଧବ ବେହେରା, ଶିକ୍ଷକ ନେତା ଲକ୍ଷ୍ମୀଧର ମହାପାତ୍ର, ସାମ୍ବାଦିକ ସଂଗ୍ରାମ କେଶରୀ ପଟ୍ଟନାୟକ, ଜ୍ଞାନରଞ୍ଜନ ଷଡ଼ଙ୍ଗୀ, ରମେଶ ଚନ୍ଦ୍ର ବରାଡ, ବଜାର କମିଟିର ପୂର୍ବତନ ସଭାପତି ଗଙ୍ଗାଧର ବାରିକ, ଅଧ୍ୟାପକ ସୁମନ୍ତ କୁମାର ଜେନା, ପୂର୍ବତନ ବ୍ଲକ ଶିକ୍ଷା ଅଧିକାରୀ ଗଙ୍ଗାଧର ପଣ୍ଡା ଅଞ୍ଚଳର ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଯୋଗଦେଇ ସ୍ୱର୍ଗତ ରାଜାସାହେବଙ୍କ ଗୁଣଗାନ କରିଥିଲେ ।

# ଆଜି ରକ୍ଷା ବନ୍ଧନ; ମିଠା ଦୋକାନରେ ଭିଡ଼

ଖୋର୍ଦ୍ଧା, ୮।୮ (ସମିସ)



ଶନିବାର ପବିତ୍ର ରକ୍ଷା ବନ୍ଧନ। ଦୂରଦୂରାନ୍ତରେ ରହୁଥିବା ଭାଇମାନଙ୍କ ପାଖକୁ ପଠାଇବା ଲାଗି ଭଉଣୀମାନେ ଆଗରୁ ରାକ୍ଷୀ କିଣିଥିଲେ। ରାକ୍ଷୀ ସିଲେକ୍ସନ ପ୍ରଭୃତି ଏକପ୍ରକାର ଶେଷ ହୋଇଥିଲେ ହେଁ ଶୁକ୍ରବାର ଖୋର୍ଦ୍ଧା ଓ ଏହାର ଆଖପାଖ ବଜାର ସିଜିନ ସେଣ୍ଟରରେ ପ୍ରବଳ ଭିଡ଼ ଦେଖିବାକୁ ମିଳିଥିଲା। ସେହିପରି ସହରର ବିଭିନ୍ନ ମିଠା ଦୋକାନରେ ମଧ୍ୟ ଭିଡ଼ ବେଶ୍ ପରିଲକ୍ଷିତ ହୋଇଥିଲା। ଏହାବ୍ୟତୀତ ଭଉଣୀମାନଙ୍କୁ ଉପହାର ଦେବା ଲାଗି ଭାଇମାନେ ଗିଫ୍ଟ ଦୋକାନ ଓ ଆର୍ଟିସ୍ ସେଣ୍ଟରରୁ ବିଭିନ୍ନ ଆଇଟମ୍ କିଣୁଥିବା ଦେଖାଯାଉଛି।

ରାକ୍ଷୀ ପୂର୍ଣ୍ଣମୀ ପାଇଁ ବିଭିନ୍ନ ଭେରାଇଟି ମିଠାର ବେଶ୍ ଚାହିଦା ରହିଥାଏ। ଏହାକୁ ଦୃଷ୍ଟିରେ ରଖି ମିଠା ଦୋକାନୀମାନେ ମଧ୍ୟ ବିଭିନ୍ନ ପ୍ରକାର ଦେଶୀ ଓ ବିଦେଶୀ ମିଠାର ପସରା ଖୋଲି ବସିଛନ୍ତି। ବଡ଼ ବଡ଼ ମିଠା ଦୋକାନରେ ରାକ୍ଷୀ ସ୍ପେଶାଲ ମିଠା ଉପଲବ୍ଧ ହୋଇଥିବା ଦେଖାଯାଇଛି। କାଜୁ ମିଠା, କାଜୁ ପାନ, ମିଲ୍କ କେକ୍, ରାଜଭୋଗ, ମାୱା, ଷ୍ଟବେରୀ, ରସଗୋଲା, ଛେନାଝିଲି, ଗୋଲାପଜାମୁନ୍, ବେସନ ଲଡୁ, ମୋତିଚୁର ଲଡୁ, ରାଜୀ ଚମଚମ, ଫ୍ରୁଟ୍‌ଲାଇ ରୋଲ, କାଜୁ ବରଫି, କ୍ରିମ୍‌କେକ୍, ରସାଳକା ପ୍ରଭୃତି ବିଭିନ୍ନ ପ୍ରକାର ମିଠା ବଜାରରେ ଉପଲବ୍ଧ ହେଉଛି। ମିଠାର ଦର ୭୦୦ରୁ ଆରମ୍ଭ କରି ୧ହଜାର ଟଙ୍କା ପର୍ଯ୍ୟନ୍ତ ରହିଛି। ଏଥିସହିତ କେତେକ ମିଠା ଦୋକାନରେ ରାକ୍ଷୀ ସ୍ପେଶାଲ ମିଠା ପ୍ୟାକେଟ୍ ପ୍ରସ୍ତୁତ କରାଯାଇଛି। ପ୍ୟାକେଟ୍ ଉପରେ ରାକ୍ଷୀର ଶୁଭେଚ୍ଛା ସହ ନିଜ ବ୍ୟବସାୟିକ ପ୍ରତିଷ୍ଠାନର ଲୋଗୋ ଲଗାଯାଇଥିବା ଦେଖାଯାଇଛି। ଉକ୍ତ ପ୍ୟାକେଟ୍ ମଧ୍ୟରେ ୧କେଜି ଓଜନର ମିଠା ରଖାଯାଇଥିବା ବେଳେ ୭୨୦ ଟଙ୍କାରୁ ୮ଶହ ଟଙ୍କା ପର୍ଯ୍ୟନ୍ତ ଏହାକୁ ବିକ୍ରି କରୁଥିବା ବ୍ୟବସାୟୀ ପ୍ରକାଶ କରିଛନ୍ତି। ପଲିଥିନରେ ମିଠାକୁ ବାନ୍ଧି କାଗଜ ପୁଡ଼ିଆରେ ନେବା ଅପେକ୍ଷା ଗ୍ରାହକମାନେ ରାକ୍ଷୀ ସ୍ପେଶାଲ ମିଠା ପ୍ୟାକେଟ୍ ନେବାକୁ ବେଶି ଆଗ୍ରହ ଦେଖାଉଥିବା ମିଠା ବ୍ୟବସାୟୀ ବିଚିତ୍ରାନନ୍ଦ ବେହେରା ପ୍ରକାଶ କରିଛନ୍ତି। ଏହାବ୍ୟତୀତ ରକ୍ଷାବନ୍ଧନ ଯୋଗୁଁ ମିଠା ସହ କିଛି ସ୍ନାକ୍ସ ଆଇଟମ୍‌କୁ ନେଇ ସୋଲ ପ୍ୟାକେଟ୍ ମଧ୍ୟ କରାଯାଇଛି। ଯାହାର ଦାମ୍ ଦେଢ଼ଶହ ଟଙ୍କାରୁ ଆରମ୍ଭ କରି ୫ଶହ ଟଙ୍କା ପର୍ଯ୍ୟନ୍ତ ରହିଛି। ଗ୍ରାହକ ମିଠା ନେବା ସହ ସୋଲ ପ୍ୟାକେଟ୍‌କୁ ନେଉଥିବା ଦେଖାଯାଉଛି। କଣ୍ଡା ଛକର ମିଠା ବ୍ୟବସାୟୀ ପବିତ୍ର ମୋହନ ବେହେରାଙ୍କ କହିବା କଥା ପ୍ରତି ବର୍ଷ ଏହି ଦିନ ଆମେ ସ୍ପେଶାଲ ମିଠା ପ୍ରସ୍ତୁତ କରିଥାଉ। ଚଳିତବର୍ଷ ମଧ୍ୟ କରିଛୁ। ଦୋକାନରୁ ମିଠା ନେବା ଲାଗି ଲୋକ ଆସୁଛନ୍ତି, ଆଶା କରୁଛୁ ଚଳିତ ବର୍ଷ ଭଲ ବ୍ୟବସାୟ ହେବ।

# ଦେଶ ପାଇଁ ଗୌରବ ଆଣିଲେ ଓଡ଼ିଆ ପୁଅ ଶ୍ରୀରାମ



**ଖୋର୍ଦ୍ଧା, ୮।୮ (ସମିସ):** ଇଣ୍ଡୋନେସିଆର ଜକର୍ତ୍ତାଠାରେ ଗତ ୨ ଓ ୩ ତାରିଖ ଦୁଇଦିନ ଧରି ଅନୁଷ୍ଠିତ ହୋଇଥିବା ବିଶ୍ୱସ୍ତରୀୟ ଇଣ୍ଡୋ ଇଣ୍ଡୋନେସିଆ ଓପନ କିକ୍ ବକ୍ସିଂ ଚାମ୍ପିଅନସିପ୍‌ରେ ଓଡ଼ିଆ ପୁଅ ଶ୍ରୀରାମ ତ୍ରିପାଠୀ (ରିୟାନ) ଭାରତ ପାଇଁ ଗୌରବ ଆଣିଛନ୍ତି। ୧୦୦ କେଜି ସିନିଅର କିକ୍ ବକ୍ସିଂରେ ବ୍ରୋଞ୍ଜ ପଦକ ଜିତି ଶ୍ରୀରାମ ଭାରତ ତଥା ଓଡ଼ିଶା ପାଇଁ ଗୌରବ ଆଣିଛନ୍ତି। ୨୮ଟି ଦେଶରୁ ୪୫୦ ଜଣ ପ୍ରତିଯୋଗୀ ଏହି ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ।

ସୂଚନାଯୋଗ୍ୟ, ଶ୍ରୀରାମ ହେଉଛନ୍ତି ଓଡ଼ିଶାର ବରିଷ୍ଠ ଚର୍ମରୋଗ ବିଶେଷଜ୍ଞ ଖୋର୍ଦ୍ଧା ମୁଖ୍ୟ ଚିକିତ୍ସାଳୟର କର୍ଯ୍ୟରତ ଡାକ୍ତର ହରପ୍ରସନ୍ନ ତ୍ରିପାଠୀ ତଥା ଉଚ୍ଚ ନ୍ୟାୟାଳୟର ଜଣଶୁଣା ମହିଳା ଆଇନଜୀବୀ ରାକ୍ଷୀ ମିଶ୍ରଙ୍କ ଏକମାତ୍ର ପୁଅ। ରିୟାନଙ୍କ ଏହି ସଫଳତା ପାଇଁ ତାଙ୍କୁ ଶୁଭେଚ୍ଛାର ସୁଅ ଛୁଟିଛି। ରିୟାନଙ୍କ ଅଜା ଯୁଧିଷ୍ଠିର ମିଶ୍ର, ଆଈ ପଦ୍ମିନୀ ମିଶ୍ରଙ୍କ ସମେତ ଖୋର୍ଦ୍ଧା ଜିଲ୍ଲା ପ୍ରେସ୍ କ୍ଲବ୍ ସଭାପତି ଶୁଭାଂଶୁ ରଞ୍ଜନ ସାମନ୍ତରାୟ, ସମ୍ପାଦକ ଦିଲ୍ଲୀପ ପଟ୍ଟନାୟକ, ଓୟୁଡବ୍ଲ୍ୟୁଜେର ଖୋର୍ଦ୍ଧା ଜିଲ୍ଲା ସଭାପତି ପ୍ରକାଶ ଦାଶ, ଓୟୁଜେର ଖୋର୍ଦ୍ଧା ସଭାପତି ତପନ ନାୟକ, ଉତ୍କଳ ସାମ୍ବାଦିକ ସଂଘର ଖୋର୍ଦ୍ଧା ସଭାପତି ଅବଦ୍ଦୁଲ ରହିମ ଖାନ, ଜିଲ୍ଲା ପ୍ରେସ୍ କ୍ଲବ୍ ଉପସଭାପତି ଲଳିତ ମୋହନ ମହାପାତ୍ର, ସାମ୍ବାଦିକ ରଞ୍ଜିତ ସାମନ୍ତରାୟ, ପ୍ରଭାତ ପାଣିଗ୍ରାହୀ, ପ୍ରଣବ ଭଞ୍ଜ, ଶୁଭକାନ୍ତ ମହାପାତ୍ର, ରାମ ନାରାୟଣ ଦାଶ, ଆଇନଜୀବୀ ଶିଶିର ପରିଡ଼ା, ଖୋର୍ଦ୍ଧା ବାର୍ ସଂଘ ସଭାପତି ଜୀବନଜ୍ୟୋତି ମିଶ୍ର ପ୍ରମୁଖ ରିୟାନଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ସେହିପରି ରିୟାନଙ୍କ ଜେଜେବାପା ରାହସ ବିହାରୀ ତ୍ରିପାଠୀ, ଜେଜେମା' ବିଷ୍ଣୁପ୍ରିୟା ତ୍ରିପାଠୀ ନାତିର ସଫଳତା ପାଇଁ ମା' ସମଲେଇଙ୍କୁ ଆରାଧନା କରିଛନ୍ତି।

# ଅସରାଏ ବର୍ଷାରେ ଚାଷୀ ଆଶ୍ୱସ୍ତି



**ବାଲୁଗାଁ, ୮।୮ (ସମିସ):** ଧାରା ଶ୍ରାବଣରେ ରାଜ୍ୟର ପ୍ରାୟତଃ ଜିଲ୍ଲାରେ କ୍ରମାଗତ ବର୍ଷା ହେବା ଫଳରେ ବନ୍ୟା ପରିସ୍ଥିତି ଦେଖାଦେଇଥିବା ବେଳେ ଖୋର୍ଦ୍ଧା ଜିଲ୍ଲାର ଚିଲିକା ଓ ବାଣପୁର ବ୍ଲକ ଅଞ୍ଚଳରେ ବର୍ଷା କୁଆଡ଼େ ଉଭେଇ ଯାଇଛି। ଅଞ୍ଚଳରେ ଜୁଲାଇ ୧୨ ତାରିଖ ରାତିରେ ଅସରାଏ ଭଲ ବର୍ଷା ହୋଇଥିବାବେଳେ ଆଜକୁ ୨୫ ଦିନ ଧରି ବର୍ଷା ହଜି ଯାଇଥିଲା। ଫଳରେ ଚାଷ ଜମିରେ ପାଣି ଅଭାବରୁ ଧାନ ଚାଷ ଲାଗି ଚାଷୀ ତଳି ରୋଇବା ପାଇଁ ଜମିକୁ କାଦୁଅ କରି ନ ପାରି ଚିନ୍ତାରେ ବର୍ଷାକୁ ଚାତକ ପରି ଚାହିଁ ବସିଥିବାବେଳେ ନିଅଣ୍ଟିଆ ବର୍ଷା ଯୋଗୁଁ ଚାଷ ଜମି ସବୁ ଫାଟି ଆଁ କରିଦେଇଥିବାରୁ ଧାନକ୍ଷେତ ଉଜୁଡ଼ି ମରୁଡ଼ିର ସମ୍ଭାବନା ଉପୁଜିଥିଲା। ମାତ୍ର ମୌସୁମୀର ଦ୍ୱିତୀୟ ବର୍ଷା ବିଳମ୍ବରେ ହେଉପଛେ ଗୁରୁବାର ଅପରାହ୍ଣରେ ଅସରାଏ ଭଲ ବର୍ଷା ହୋଇଥିବାରୁ ମରୁଡ଼ିରୁ ମୁକ୍ତି ପାଇ ଚାଷୀକୂଳ ସାମାନ୍ୟ ଆଶ୍ୱସ୍ତିଲାଭ କରିଛନ୍ତି। ଏପରି ଆଉ ଦିନେ ଦୁଇଦିନ ଭଲ ବର୍ଷା ହେଲେ ଚଳିତ ବର୍ଷ ଭଲ ଧାନ ଚାଷ ହେବ ବୋଲି ଚାଷୀମାନେ ଆଶାପ୍ରକଟ କରିଛନ୍ତି। ଅଞ୍ଚଳବାସୀ ଗରମରେ ଡହଳବିକଳ ହେଉଥିବାବେଳେ ପ୍ରାୟ ୧ ଘଣ୍ଟା ଧରି ପ୍ରବଳ ବର୍ଷା ହୋଇଥିବାରୁ ଲୋକେ ସାମାନ୍ୟ ଆଶ୍ୱସ୍ତିଲାଭ କରିଥିଲେ। ଏହି ବର୍ଷା ଯୋଗୁଁ ବାଲୁଗାଁ ଓ ବାଣପୁରର ବହୁ ଅଞ୍ଚଳରେ ବର୍ଷାଜଳ ସଠିକ୍ ଭାବେ ନିଷ୍କାସନ ହୋଇପାରୁ ନ ଥିବାରୁ ଅନେକ ସ୍ଥାନ ଓ ରାସ୍ତାରେ ବର୍ଷାଜଳ ଜମିବା ସହିତ ପାଣି କାଦୁଅରେ ରାସ୍ତାଘାଟ ବେହାଲ ହୋଇପଡ଼ିବାରେ ଗମନାଗମନରେ ବହୁ ସମସ୍ୟା ଉପୁଜିଥିବା ଦେଖାଦେଇଛି। ବିଶେଷକରି ୫ନଂ ଜାତୀୟ ରାଜପଥର ବାଲୁଗାଁ ମୁଖ୍ୟ ବଜାର ଅଞ୍ଚଳରେ ରାସ୍ତା ପ୍ରଶସ୍ତୀକରଣ କାର୍ଯ୍ୟ ମନ୍ଥର ଗତିରେ ଚାଲିଥିବାରୁ ରାସ୍ତାସାରା ଭାଙ୍ଗିରୁଜି ଗର୍ତ୍ତମାନ ସୃଷ୍ଟି ହୋଇଥିବାବେଳେ ଏହି ବର୍ଷା ଯୋଗୁଁ ବଜାର ରାସ୍ତା ସାରା ପାଣି କାଦୁଅରେ ପରିପୂର୍ଣ୍ଣ ହୋଇ ବହୁବିଧ ସମସ୍ୟା ସୃଷ୍ଟି ହୋଇଛି।

# ସମାଜସେବୀ ଗୋଦାବରୀଶ ମହାପାତ୍ରଙ୍କ ଜୟନ୍ତୀ

**ଚିଲିକା, ୮।୮ (ସମିସ):** ଚିଲିକା-ବାଣପୁର ଅଞ୍ଚଳରେ ତୃତୀୟ ଗୋଦାବରୀଶ ଭାବେ ପରିଚିତ ତଥା ନାଚୁଣୀ ଏମ୍.ଇ ସ୍କୁଲ ଓ ହାଇସ୍କୁଲର ପ୍ରତିଷ୍ଠାତା ସ୍ୱର୍ଗତଃ ଗୋଦାବରୀଶ ମହାପାତ୍ରଙ୍କ ୧୨୭ତମ ଜୟନ୍ତୀ ଗୋଦାବରୀଶ ହାଇସ୍କୁଲ ପରିସରରେ ପାଳିତ ହୋଇଯାଇଛି। ପ୍ରାରମ୍ଭରେ ଅତିଥିମାନେ ସ୍ୱର୍ଗତ ଗୋଦାବରୀଶଙ୍କ ତୈଳଚିତ୍ରରେ ଧୂପପୁଷ୍ପ ଅର୍ପଣ ପୂର୍ବକ ପ୍ରଦୀପ ପ୍ରଜ୍ୱଳନ କରି ସଭାକାର୍ଯ୍ୟ ଆରମ୍ଭ କରିଥିଲେ। ଗୋଦାବରୀଶ ହାଇସ୍କୁଲର ପ୍ରଧାନଶିକ୍ଷକ ବସନ୍ତ ଶବରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ଭାବେ ଚିଲିକାର ପୂର୍ବତନ ବିଧାୟକ ଡ. ବିଭୂତି ଭୂଷଣ ହରିଚନ୍ଦନ, ସମ୍ମାନିତ ଅତିଥି ଭାବେ ନାଚୁଣୀ ଗୋଦାବରୀଶ ହାଇସ୍କୁଲର ପ୍ରାକ୍ତନ ପ୍ରଧାନଶିକ୍ଷକ ପ୍ରଫୁଲ୍ଲ କୁମାର ସାମନ୍ତସିଂହାର, ଗୋପବନ୍ଧୁ ଆୟୁର୍ବେଦ ମହାବିଦ୍ୟାଳୟର ପ୍ରାକ୍ତନ ଅଧ୍ୟକ୍ଷ ଡାକ୍ତର କୈଳାସ ଭୂଷଣ ମହାପାତ୍ର, ଟାଙ୍ଗୀ ଚିଲିକା କଲେଜର ପୂର୍ବତନ ଅଧ୍ୟକ୍ଷ ପ୍ରସନ୍ନ କୁମାର ଶତପଥୀ, କାଳିଜାଇ କଲେଜର ପୂର୍ବତନ ଅଧ୍ୟକ୍ଷ ଗଙ୍ଗାଧର ପ୍ରଧାନ, ବିଜେବି କଲେଜର ଅବସରପ୍ରାପ୍ତ ଗ୍ରନ୍ଥାଗରିକ ଫକୀର ମୋହନ ଷଡ଼ଙ୍ଗୀ, ଗାୟକ ଦକ୍ଷିଣ କେଶରୀ ରାମଚନ୍ଦ୍ର କର, ସ୍ଥାନୀୟ ସରପଞ୍ଚ ସ୍ୱପ୍ନାଞ୍ଜଳି ପଲାଇ, ପ୍ରତିଷ୍ଠାତାଙ୍କ ସୁପୁତ୍ର ସନ୍ତୋଷ କୁମାର ମହାପାତ୍ର ଓ ଆଲୁମ୍ନି କମିଟିର ସଭାପତି ବସନ୍ତ କୁମାର ସାହୁ ପ୍ରମୁଖ ଯୋଗଦେଇ ଗୋଦାବରୀଶ ମହାପାତ୍ରଙ୍କ ତ୍ୟାଗ, ତିତିକ୍ଷା, ସମାଜସେବା ଓ ଶିକ୍ଷା ଜଗତକୁ ତାଙ୍କର ଅବଦାନ ଉପରେ ଆଲୋକପାତ କରିଥିଲେ। ଉକ୍ତ ସଭାକୁ ସଂଯୋଜନା କରିଥିଲେ ଶିକ୍ଷୟିତ୍ରୀ ସ୍ୱାଗତିକା ସ୍ୱାଇଁ। ଏହି ସଭାରେ ତାଙ୍କ ସୁପୁତ୍ର ଅଶ୍ୱିନୀ କୁମାର ମହାପାତ୍ର ଓ ନିର୍ମଳ କୁମାର ମହାପାତ୍ର ଉପସ୍ଥିତ ଥିଲେ।

# ଏସ୍‌ବିଆଇ ପକ୍ଷରୁ ଜନସୁରକ୍ଷା ପରିପୂର୍ତ୍ତି ସମାବେଶ



**ନିରାକାରପୁର/ଟାଙ୍ଗୀ, ୮।୮ (ସମିସ):** ଶୁକ୍ରବାର ପୂର୍ବାହ୍ଣରେ ଖୋର୍ଦ୍ଧା ଜିଲ୍ଲା ଟାଙ୍ଗୀ ବ୍ଲକ ଓଳସିଂହ ଗ୍ରାମ ପଞ୍ଚାୟତ ଏବଂ ବଡ଼ପୋଖରିଆ ଗ୍ରାମ ପଞ୍ଚାୟତଠାରେ ଭାରତୀୟ ଷ୍ଟେଟ୍ ବ୍ୟାଙ୍କ ପକ୍ଷରୁ ଜନସୁରକ୍ଷା ପରିପୂର୍ତ୍ତି ସମାବେଶ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ଶିରିଶ ଚନ୍ଦ୍ର ମୁର୍ମୁ, କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଆର୍‌ବିଆଇ, ଡ. ସାରଦା ପ୍ରସନ୍ନ ମହାନ୍ତି, କ୍ଷେତ୍ରୀୟ ନିର୍ଦ୍ଦେଶକ, ଆର୍‌ବିଆଇ, ଭୁବନେଶ୍ୱର, ଏ.ଡି. ରତ୍ନ ତେଜା, ମୁଖ୍ୟ ମହାପ୍ରବନ୍ଧକ, ସ୍ଥାନୀୟ ମୁଖ୍ୟ କାର୍ଯ୍ୟାଳୟ, ଷ୍ଟେଟ୍ ବ୍ୟାଙ୍କ ଅଫ ଇଣ୍ଡିଆ, ଭୁବନେଶ୍ୱର, ଗୌତମ ପାତ୍ର, ମୁଖ୍ୟ ମହାପ୍ରବନ୍ଧକ, ୟୁକୋ ବ୍ୟାଙ୍କ, ଓଡ଼ିଶା, ଅନିତା ପଟ୍ଟନାୟକ, ମହାପ୍ରବନ୍ଧକ ଆର୍‌ବିଆଇ, ଭୁବନେଶ୍ୱର, ବଡ଼ପୋଖରିଆ ସରପଞ୍ଚ ରେଣୁ ସେଠୀ ଏବଂ ଓଳସିଂହ ସରପଞ୍ଚ ଶୁଭଦର୍ଶିନୀ ଭୋଳ ମଞ୍ଚାସୀନ ଥିଲେ। ଏହି ସମାବେଶରେ ସାମାଜିକ ସୁରକ୍ଷା ଯୋଜନାଗୁଡ଼ିକ ଉପରେ ବିସ୍ତୃତ ଆଲୋଚନା କରାଯାଇଥିଲା। ପୁରୁଣା ବ୍ୟାଙ୍କ ଖାତାରେ କିପରି ଇ-କେୱାଇସି କରିବେ, ଅଚଳ ଖାତାକୁ ପୁନଃବ୍ୟବହାର କରିବା, ଅଦାବି ଥିବା ଜମାରାଶି କିଭଳି ପାଇବେ ଏବଂ ସାଇବର ଠକେଇରୁ କିଭଳି ସୁରକ୍ଷା ପାଇବେ ସେ ସମ୍ବନ୍ଧରେ ପୁଙ୍ଖାନୁପୁଙ୍ଖ ଜନସାଧାରଣଙ୍କୁ ଅବଗତ କରାଯାଇଥିଲା। ଏହି ସମାବେଶରେ ଭଗତ ବେହେରା, କ୍ଷେତ୍ରୀୟ ପ୍ରବନ୍ଧକ, ଭାରତୀୟ ଷ୍ଟେଟ ବ୍ୟାଙ୍କ, ଖୋର୍ଦ୍ଧା ଯୋଗଦେଇ ନିଜ ନିଜ ବକ୍ତବ୍ୟ ପ୍ରଦାନ କରିଥିଲେ। ହରିଶଙ୍କର ତ୍ରିପାଠୀ ସଭା ସଂଯୋଜନା ଓ ପରିଚାଳନା କରିଥିଲେ।

**ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଆଗରେ ସ୍କୁଲ କଲେଜ ଶିକ୍ଷକ କର୍ମଚାରୀ ମିଳିତ ମଞ୍ଚର ପ୍ରତିବାଦ**

# ୧୬ରେ ଭୁବନେଶ୍ୱରରେ ବିଶାଳ ସମାବେଶ



**ଖୋର୍ଦ୍ଧା, ୮।୮ (ସମିସ):** ଓଡ଼ିଶା ସ୍କୁଲ କଲେଜ ଶିକ୍ଷକ କର୍ମଚାରୀ ମିଳିତ ମଞ୍ଚ ଖୋର୍ଦ୍ଧା ଜିଲ୍ଲା ଆହ୍ୱାନରେ ଶତାଧିକ ଶିକ୍ଷକଶିକ୍ଷୟିତ୍ରୀ ବିଭିନ୍ନ ଦାବିରେ ସ୍ଥାନୀୟ ନୂଆ ବସ୍‌ଷ୍ଟାଣ୍ଡରୁ ଏକ ବିଶାଳ ଶୋଭାଯାତ୍ରା ବାହାରି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟଠାରେ ପହଞ୍ଚି ପ୍ରତିବାଦ କରିଥିଲେ। ପରେ ଏକ ପ୍ରତିନିଧି ମଣ୍ଡଳୀ ଜିଲ୍ଲାପାଳଙ୍କ ଅନୁପସ୍ଥିତିରେ ଅତିରିକ୍ତ ଜିଲ୍ଲାପାଳ ପ୍ରତାପ ଚନ୍ଦ୍ର ବେଉରାଙ୍କୁ ଭେଟି ମୁଖ୍ୟମନ୍ତ୍ରୀ, ଗଣଶିକ୍ଷାମନ୍ତ୍ରୀ, ଉଚ୍ଚଶିକ୍ଷା ମନ୍ତ୍ରୀ, ମୁଖ୍ୟ ଶାସନ ସଚିବ ଓ ଗଣଶିକ୍ଷା ଶାସନ ସଚିବଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରିଥିଲେ। ସମସ୍ତ ଯୋଗ୍ୟ ବିବେଚିତ ବିଦ୍ୟାଳୟ ଓ ମହାବିଦ୍ୟାଳୟଗୁଡ଼ିକୁ ଅନୁଦାନ ପ୍ରଦାନ, ସମସ୍ତ ନୂତନ ଅନୁଦାନପ୍ରାପ୍ତ ବିଦ୍ୟାଳୟ ଓ ମହାବିଦ୍ୟାଳୟଗୁଡ଼ିକରୁ ଅବସର ନେଇଥିବା ଓ ଅବସର ନେବାକୁ ଥିବା ଶିକ୍ଷକ ଓ ଶିକ୍ଷା କର୍ମଚାରୀଙ୍କୁ ଚାକିରି ସର୍ତ୍ତାବଳୀ, ପେନ୍‌ସନ୍ ଓ ଅବସରକାଳୀନ ସୁବିଧାସୁଯୋଗ ପ୍ରଦାନ ଆଦି ବିଭିନ୍ନ ଦାବିରେ ମଞ୍ଚ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଆଗରେ ବିକ୍ଷୋଭ ପ୍ରଦର୍ଶନ କରିଥିବାବେଳେ ଆସନ୍ତା ୧୬ ତାରିଖରେ ଭୁବନେଶ୍ୱର ଗାନ୍ଧୀମାର୍ଗରେ ବିଶାଳ ସମାବେଶ କରିବ ବୋଲି ଓଷ୍ଟାର ଜିଲ୍ଲା ସମ୍ପାଦକ ତଥା ଆବାହକ ସୁଧାକର ମହାପାତ୍ର ପ୍ରକାଶ କରିଛନ୍ତି। ଏହି ପ୍ରତିବାଦରେ ଓଷ୍ଟା ଜିଲ୍ଲା ସଭାପତି ଯୋଗେଶ ଚନ୍ଦ୍ର ସାମନ୍ତସିଂହାର, ଓଷ୍ଟାର ସାଧାରଣ ସମ୍ପାଦକ ରଞ୍ଜନ ଦାଶ, ସମ୍ପାଦକ ରମାକାନ୍ତ ମହାପାତ୍ର, ରାଜ୍ୟ କାର୍ଯ୍ୟକାରୀ ସଭ୍ୟ ମଧୁସୂଦନ ଦେ, ଶିଶିର ଦାସ, ଜିଲ୍ଲା କାର୍ଯ୍ୟକାରୀ ସଭାପତି ପ୍ରକାଶ କୁମାର ପଲାଇ, ଉପସଭାପତି ଶ୍ରୀହରି ମାଳୀ, ରମେଶ ଚନ୍ଦ୍ର ପ୍ରଧାନ, ସ୍ୱର୍ଣ୍ଣପ୍ରଭା ଦେଇ, ଜିଲ୍ଲା ସମ୍ପାଦକ ସୁଧାକର ମହାପାତ୍ର, ଜିଲ୍ଲା ଯୁଗ୍ମ ସମ୍ପାଦକ ଘନଶ୍ୟାମ ସ୍ୱାଇଁ, ରତିକାନ୍ତ କହଳସିଂ, ଜିଲ୍ଲା କାର୍ଯ୍ୟକାରୀ କମିଟି ସଭ୍ୟ ସୁନୀଲ ପଣ୍ଡା, କିଶୋର ସୁବୁଦ୍ଧି, ସନ୍ତୋଷ ସାହୁ, ମୃତ୍ୟୁଞ୍ଜୟ ରଥ ପ୍ରମୁଖ ସାମିଲ ହୋଇଥିଲେ।

# ଖୋର୍ଦ୍ଧା କେନ୍ଦ୍ର ସମବାୟ ବ୍ୟାଙ୍କର ବାର୍ଷିକ ସାଧାରଣ ସଭା




**ଖୋର୍ଦ୍ଧା, ୮।୮ (ସମିସ):** ସ୍ଥାନୀୟ ଜୟୀ ରାଜଗୁରୁ ଟାଉନ ହଲ୍ ପରିସରରେ ଖୋର୍ଦ୍ଧା କେନ୍ଦ୍ର ସମବାୟ ବ୍ୟାଙ୍କର ୧୦୯ତମ ବାର୍ଷିକ ସାଧାରଣ ସଭା ବ୍ୟାଙ୍କର ସଭାପତି ଅଭିଷେକ ସିଂହସାମନ୍ତଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ସଭାରେ ଯୁଗ୍ମ ନିବନ୍ଧକ ସମବାୟ ସମିତି ସମୂହ କୃଷ୍ଣଚନ୍ଦ୍ର ଦାସ ସଭାରେ ଉପସ୍ଥିତ ରହି ଚାଷୀ ତଥା ସମିତିମାନଙ୍କ ପାଇଁ ଓଡ଼ିଶା ସରକାରଙ୍କ ଦ୍ୱାରା ହେଉଥିବା ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ଓ ଯୋଜନା ବିଷୟରେ ବକ୍ତବ୍ୟ ପ୍ରଦାନ କରିଥିଲେ। ଖୋର୍ଦ୍ଧା ଜିଲ୍ଲାର ସମସ୍ତ ସମବାୟ ବିଭାଗର ଅଧିକାରୀଗଣ ଉପସ୍ଥିତ ଥିଲେ। ସମବାୟ ସମିତି ସମୂହ ଉପନିବନ୍ଧକ ଅଳକାନନ୍ଦା ଜେନା ଉପସ୍ଥିତ ହୋଇ ସମବାୟ ସମିତି ବିଷୟରେ ଆଲୋକପାତ କରିଥିଲେ। ସହକାରୀ ନିବନ୍ଧକ ସମବାୟ ସମିତି ସମୂହ ଖୋର୍ଦ୍ଧା ମଣ୍ଡଳ ଭାଗମତ ମାରାଣ୍ଡି ବକ୍ତବ୍ୟ ମାଧ୍ୟମରେ ସମସ୍ତ ସମିତି କର୍ମଚାରୀଙ୍କ ସହଯୋଗରେ ସମବାୟକୁ ଅଗ୍ରସର କରିବା ଉପରେ ଗୁରୁତ୍ୱାରୋପ କରିଥିଲେ। ବ୍ୟାଙ୍କର ସଭାପତି ନିଜର ବ୍ୟାଙ୍କରେ କରାଯାଇଥିବା ବିଭିନ୍ନ ଉନ୍ନୟନମୂଳକ କାମର ଚିଠା ଉପସ୍ଥାପନ କରିଥିଲେ ଓ ପରିଚାଳନା ପରିଷଦର ନିଷ୍ପତ୍ତି ଅନୁସାରେ ଏହି ୩ ବର୍ଷ ଭିତରେ ବ୍ୟାଙ୍କର ବ୍ୟବସାୟର ଦ୍ରୁତତମ ଅଭିବୃଦ୍ଧିର ଏକ ତୁଳନାତ୍ମକ ଚିଠା ଉପସ୍ଥାପନା କରିଥିଲେ। ବାକି ରହିଥିବା କାମକୁ ଅତିଶୀଘ୍ର ସମାପନ କରାଯିବା ପାଇଁ ପ୍ରତିଶ୍ରୁତି ଦେଇଥିଲେ। ବ୍ୟାଙ୍କର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ସାରଥୀ ଶତପଥୀ ୨୦୨୪-୨୫ ଆର୍ଥିକ ବର୍ଷର ବାର୍ଷିକ ବିବରଣୀ ପାଠ କରିଥିଲେ। ନିର୍ଦ୍ଦେଶକ ସୁଧାଂଶୁ ଶେଖର ବଡ଼ଜେନା, ପ୍ରକାଶ ରାଉତରାୟ ଓ ବିପିନ ବିହାରୀ ପାତ୍ର ନିଜର ବକ୍ତବ୍ୟ ରଖିଥିଲେ। ଜ୍ୟୋତିରଞ୍ଜନ ରାଉତରାୟ ସଭା ସଞ୍ଚାଳନା କରିଥିଲେ। ଶେଷରେ ଉପସଭାପତି ଜୟଶ୍ରୀ ଗଡ଼ନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

## ପ୍ରଧାନଶିକ୍ଷକଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା

**ବେଗୁନିଆ, ୮।୮ (ସମିସ):** ବାଙ୍କୀ ଉପଖଣ୍ଡ ଅନ୍ତର୍ଗତ କିଆପଲା ନୂଆଗାଁ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷକ ରାଜ କିଶୋର ସାହୁଙ୍କ ଅବସରକାଳୀନ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଛି। ବିଦ୍ୟାଳୟର ପ୍ରତିଷ୍ଠାତା ସଭାପତି କେଶବ ଚନ୍ଦ୍ର ଗୁମାନସିଂହଙ୍କ ଅଧ୍ୟକ୍ଷତା, କବି ଭାସ୍କର ମହାନ୍ତିଙ୍କ ସଂଯୋଜନାରେ ସମାଜସେବୀ ଚକ୍ରଧର ସାହୁ ମୁଖ୍ୟଅତିଥି, ପ୍ରାଧ୍ୟାପକ ରବି ନାରାୟଣ ପଣ୍ଡା ମୁଖ୍ୟବକ୍ତା, ରତ୍ନାକର ମହାପାତ୍ର, ଗ୍ରାମ୍ୟ କମିଟି ସଭାପତି ଗଗନ ବିହାରୀ ରାଉତ, ସମ୍ପାଦକ ଯଦୁମଣି ରାଉତ, ପ୍ରାଥମିକ ବିଦ୍ୟାଳୟ ଶିକ୍ଷା କମିଟି ସଭାପତି ଶ୍ରୀନିବାସ ରାଉତ ଓ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଶିକ୍ଷା କମିଟି ସଭାପତି ଗଣେଶ୍ୱର ପାଲଟାସିଂହ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ବିଦାୟୀ ପ୍ରଧାନଶିକ୍ଷକଙ୍କ ଗୁଣଗାନ କରିବା ସହ ଗ୍ରାମ୍ୟ ପରିକ୍ରମା କରାଯାଇଥିଲା। ପ୍ରାରମ୍ଭରେ ଶିକ୍ଷକ ପ୍ରମୋଦ କୁମାର ଘଡ଼େଇ ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ପୁରାତନ ଛାତ୍ର ପ୍ରକାଶ ଚନ୍ଦ୍ର ନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

# ଉଗ୍ରତାରାଙ୍କ ମନ୍ଦିରରୁ ଲୁଟ୍ ଉଦ୍ୟମ ବିଫଳ

**ଟାଙ୍ଗୀ/ନିରାକାରପୁର, ୮।୮ (ସମିସ):** ରାଜ୍ୟର ଅନ୍ୟତମ ପ୍ରମୁଖ ଶକ୍ତିପୀଠ ଖୋର୍ଦ୍ଧା ଜିଲ୍ଲା ଟାଙ୍ଗୀ ଥାନା ଅଧୀନସ୍ଥ ଭୂଷଣ୍ଡପୁର ମୂଳିଝରଗଡ଼ସ୍ଥିତ ମା' ଉଗ୍ରତାରା ଠାକୁରାଣୀଙ୍କ ମନ୍ଦିରରୁ ଗୁରୁବାର ବିଳମ୍ବିତ ରାତିରେ ଲୁଟେରାଙ୍କ ଲୁଟ୍ ଉଦ୍ୟମ ବିଫଳ ହୋଇଥିବା ଜଣାପଡ଼ିଛି। ପ୍ରବେଶ ଫାଟକ ଚାବି ଭାଙ୍ଗିବା ପରେ ମନ୍ଦିର ପରିସରରେ ପଶି ସିସି କ୍ୟାମେରାର ତାର କାଟି ଦେଇଥିବା ଦେଖିବାକୁ ମିଳିଛି। ରାତି ୨ଟା ୬ରେ ଦୁଇଜଣଯାକ ସୁରକ୍ଷାକର୍ମୀ ନିଘୋଡ଼ ନିଦରେ ଶୋଇଥିଲେ। ତେବେ ଲୁଟେରାମାନେ କୌଣସି କାରଣରୁ ଲୁଟ୍ କରିବାକୁ ସଫଳ ହୋଇପାରି ନ ଥିଲେ। ସକାଳୁ ଏପରି ଘଟଣା ଦେଖିବାକୁ ମିଳିଥିଲା। ମନ୍ଦିର ସହିତ ଜଡ଼ିତ କେହି ଦୁର୍ବୃତ୍ତ ଏପରି କରିଥିବା ସନ୍ଦେହ କରାଯାଉଛି। ଘଟଣା ସମ୍ପର୍କରେ ମନ୍ଦିର କର୍ମଚାରୀ ଟାଙ୍ଗୀ ତହସିଲଦାର ନିଷ୍ଠା ମହାପାତ୍ରଙ୍କୁ ଅବଗତ କରାଇଥିଲେ। ଏନେଇ ପୁଲିସରେ ଅଭିଯୋଗ କରାଯାଇ ନ ଥିବା ସୂଚନା ମିଳିଛି। ସମସ୍ତ ନିରାପତ୍ତା ବ୍ୟବସ୍ଥା ଥିବା ସତ୍ତ୍ୱେ ଏପରି ଦୁଃସାହସ କିପରି କଲେ ଲୁଟେରା ବୋଲି ଭକ୍ତମାନଙ୍କ ଗଭୀର ଉଦ୍‌ବେଗ ପ୍ରକାଶ ପାଇଛି। ମନ୍ଦିର ପରିଚାଳନା କର୍ତ୍ତୃପକ୍ଷ ଏହାକୁ ଗୁରୁତ୍ୱ ଦେଇ କାର୍ଯ୍ୟ କରିବାକୁ ଅଞ୍ଚଳବାସୀଙ୍କ ତରଫରୁ ଦାବି କରାଯାଇଛି।

# ସିଗ୍‌ମା ପବ୍ଲିକ୍ ସ୍କୁଲରେ ରକ୍ଷା ବନ୍ଧନ ଉତ୍ସବ



**ଖୋର୍ଦ୍ଧା, ୮।୮ (ସମିସ):** ରକ୍ଷାବନ୍ଧନ ଏକ ସ୍ନେହ ବନ୍ଧନର ପ୍ରତୀକ। ଭଉଣୀ ତା'ର ଭାଇ ହାତରେ ରାକ୍ଷୀଟିଏ ବାନ୍ଧି ଶୁଭ ମନାସିବା ସହ ସାରା ଜୀବନ ସୁରକ୍ଷା ମାଗିଥାଏ। ଏହି ପରମ୍ପରାକୁ ଭିତ୍ତିକରି ଖୋର୍ଦ୍ଧାର ବିଡିଏ କଲୋନୀସ୍ଥିତ ଅଗ୍ରଣୀ ଶିକ୍ଷାନୁଷ୍ଠାନ ସିଗ୍‌ମା ପବ୍ଲିକ୍ ସ୍କୁଲ୍‌ରେ ରକ୍ଷାବନ୍ଧନ ଉତ୍ସବ ପାଳିତ ହୋଇଯାଇଛି। ଶିକ୍ଷୟିତ୍ରୀ ସୁମିତ୍ରା ତ୍ରିପାଠୀ ଏବଂ ଶୁଭଦର୍ଶିନୀ ଦାସଙ୍କ ସଂଯୋଜନାରେ ଆୟୋଜିତ ଉତ୍ସବରେ ସମସ୍ତ ଛାତ୍ରୀ ଏକାଠି ହୋଇ ନିଜ ହାତରେ ରାକ୍ଷୀ ପ୍ରସ୍ତୁତ କରିଥିଲେ। ନିଜ ହାତରେ ପ୍ରସ୍ତୁତ ରାକ୍ଷୀକୁ ଶ୍ରେଣୀ ସହପାଠୀ ଭାଇମାନଙ୍କ ହାତରେ ବାନ୍ଧିଥିଲେ। ଭାଇମାନଙ୍କୁ ଫୁଲ, ଚନ୍ଦନ, ସିନ୍ଦୂର, ଅରୁଆ ଚାଉଳ ପିନ୍ଧାଇ ମହାପ୍ରଭୁଙ୍କ ପାଖରେ ଶୁଭ ମନାସି ଥିଲେ। ସ୍କୁଲର ଅଧ୍ୟକ୍ଷା ମମତାଞ୍ଜଳି ପଟ୍ଟନାୟକ ଉତ୍ସବରେ ଯୋଗଦେଇ ରକ୍ଷାବନ୍ଧନ ମହତ୍ୱ, ପୌରାଣିକ ତଥ୍ୟ ଉପରେ ଛାତ୍ରଛାତ୍ରୀମାନଙ୍କୁ ଉଦ୍‌ବୋଧନ ଦେଇଥିଲେ।

# ନିରାକାରପୁର ଓ ତାପଙ୍ଗ ଷ୍ଟେସନରେ ଟିକଟ୍ ଯାଞ୍ଚ ଅଭିଯାନ



**ନିରାକାରପୁର, ୮।୮ (ସମିସ):** ଟ୍ରେନ୍‌ରେ ଟିକଟ୍‌ବିହୀନ ଏବଂ ଅନିୟମିତ ଟିକଟ୍ ଯାତ୍ରାକୁ ରୋକିବା ପାଇଁ ଖୋର୍ଦ୍ଧା ରୋଡ୍ ରେଳ ମଣ୍ଡଳ ଦ୍ୱାରା ନିରାକାରପୁର ଓ ତାପଙ୍ଗ ରେଳ ଷ୍ଟେସନରେ ଏକ ସ୍ୱତନ୍ତ୍ର ଟିକଟ୍ ଯାଞ୍ଚ କରାଯାଇଛି। ସିନିୟର ଡିଭିଜନାଲ କମର୍ସିଆଲ ମ୍ୟାନେଜର ଅନିଲ ଏସ୍‌ଙ୍କ ନିର୍ଦ୍ଦେଶରେ ଓ ଅଭିକ କୁମାର ଗେନ ଆସିଷ୍ଟାଣ୍ଟ କମର୍ସିଆଲ ମ୍ୟାନେଜରଙ୍କ ନେତୃତ୍ୱରେ ୧୪ ଜଣ ଟିକଟ ଯାଞ୍ଚ କର୍ମଚାରୀ ଏବଂ ରେଳ ସୁରକ୍ଷା ବଳଙ୍କୁ ନେଇ ଏକ ଟିମ୍ ନିରାକାରପୁର ଓ ତାପଙ୍ଗ ରେଳବାଇ ଷ୍ଟେସନରେ ଓ ସେହି ଷ୍ଟେସନ ଦେଇ ଯାଉଥିବା ଟ୍ରେନ୍‌ରେ ଅଚାନକ ଟିକଟ୍ ଯାଞ୍ଚ ଅଭିଯାନ କରିଥିଲେ। ଉକ୍ତ ଟିକଟ୍ ଯାଞ୍ଚ ଅଭିଯାନ ସମୟରେ ୧୦୦ଟି ବିନା ଟିକଟ୍ ଯାତ୍ରୀ ଚିହ୍ନଟ ହେଇଥିଲେ। ଏହି ଯାତ୍ରୀମାନଙ୍କଠାରୁ ଭଡ଼ା ସହିତ ଜରିମାନା ଆକାରରେ ୨୭ ହଜାର ୫୬୦ ଟଙ୍କା ସଂଗ୍ରହ କରାଯାଇଥିଲା।

# ଜିଲ୍ଲାସ୍ତରୀୟ ବିପର୍ଯ୍ୟୟ ପ୍ରଶମନ ହ୍ରାସ କର୍ମଶାଳା

ଖୋର୍ଦ୍ଧା, ୮।୮ (ସମିସ)



ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ବିପର୍ଯ୍ୟୟ ପ୍ରଶମନ ହ୍ରାସ ଜନିତ କର୍ମଶାଳା ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ସାଫଲ୍ୟ ମଣ୍ଡିତ ପ୍ରଧାନ ଏଥିରେ ଅଧ୍ୟକ୍ଷତା କରିଥିଲେ। ଉକ୍ତ କର୍ମଶାଳାରେ ଜିଲ୍ଲା ପରିଷଦ ସଭାପତି ରୂପଶ୍ରୀରାଣୀ ଗୁମାନ୍ ସିଂହ, ଜିଲ୍ଲା ପରିଷଦ ଉପସଭାପତି ଗୋପୀନାଥ ମହାରଣା, ଓଡ଼ିଶା ରାଜ୍ୟ ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷ ମୁଖ୍ୟ ସାଧାରଣ ପରିଚାଳକ ସୁବୋଧ ଚନ୍ଦ୍ର ଆଚାର୍ଯ୍ୟ, ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ଅନାଦି ଚରଣ ସେଠୀ, ଜେଣ୍ଡର ବିଶେଷଜ୍ଞ ଆରଣ୍ୟକ ମିଶ୍ର, ସଂଯୁକ୍ତ ରାଷ୍ଟ୍ର ଜନସଂଖ୍ୟା ଡେପୁଟି କଲେକ୍ଟର (ଜରୁରୀ) ଶ୍ରୀତପା ମିଶ୍ର ପ୍ରମୁଖ ଯୋଗଦେଇ ସମାଜର ସମ୍ବେଦନଶୀଳ (ଲିଙ୍ଗଭିତ୍ତିକ ଲୋକମାନଙ୍କୁ) କିଭଳି ବିପର୍ଯ୍ୟୟ ସମୟରେ ସୁରକ୍ଷା ପ୍ରଦାନ କରାଯାଇପାରିବ। ସେମାନଙ୍କ ନିମନ୍ତେ ବିପର୍ଯ୍ୟୟ ପ୍ରଶମନ ହ୍ରାସ ପାଇଁ ତୃଣମୂଳସ୍ତରରୁ ପ୍ରାକ୍ ପ୍ରସ୍ତୁତି ଯୋଜନା କରି ଶୂନ୍ ମୃତ୍ୟୁହାର ବଜାୟ ରହିବ ସେ ଦିଗରେ ବିସ୍ତୃତ ଭାବେ ଆଲୋଚନା କରାଯାଇଥିଲା। ବିଡିଓମାନଙ୍କ ଦାୟିତ୍ୱ ଏ ଦିଗରେ ସର୍ବାଧିକ ଥିବାରୁ ତୃଣମୂଳସ୍ତରରୁ ଲିଙ୍ଗଗତ ଭାବରେ ଅନୁଧ୍ୟାନ, ପର୍ଯ୍ୟବେକ୍ଷଣ କରି ପ୍ରାକୃତିକ ଓ କୃତ୍ରିମ ବିପର୍ଯ୍ୟୟ ପରିଚାଳନା ସୂଚାରୁରୂପେ ସମ୍ପାଦନ ପାଇଁ ଖସଡ଼ା ପ୍ରସ୍ତୁତ କରିବାକୁ ଅଧ୍ୟକ୍ଷ ଶ୍ରୀ ପ୍ରଧାନ ନିର୍ଦ୍ଦେଶ ଦେଇଥିଲେ।

ସେହିପରି ସିଜିଏମ୍ ସୁବୋଧ ଚନ୍ଦ୍ର ଆଚାର୍ଯ୍ୟ, ଲିଙ୍ଗଭିତ୍ତିକ ତଥା ତୃତୀୟ ଲିଙ୍ଗ, ମହିଳା, ଦିବ୍ୟାଙ୍ଗ, ବିଭିନ୍ନ ଗୋଷ୍ଠୀ, ସର୍ବୋପରି ଅଗ୍ରାଧିକାର ଭିତ୍ତିରେ ପ୍ରାଧାନ୍ୟ ଦେଇ ନୂତନ ବିପର୍ଯ୍ୟୟ ପରିଚାଳନାକୁ ସଠିକ୍ ଢଙ୍ଗରେ ପରିଚାଳନା ଦିଗରେ ଅବଗତ କରାଇଥିଲେ। ପାୱାରପଏଣ୍ଟ ଦ୍ୱାରା ଅରଣ୍ୟକ ମିଶ୍ର ବିଗତ ୧୯୯୯ ମହାବାତ୍ୟାଠାରୁ ଅଦ୍ୟାବଧି ଓଡ଼ିଶାକୁ ଯାହା ବିପର୍ଯ୍ୟୟ ଆସିଛି ସେଗୁଡ଼ିକର ତଥ୍ୟ ଦେଇ କିପରି ବିପର୍ଯ୍ୟୟକୁ ପ୍ରଶମନ କରାଯାଇପାରିବ ବୁଝାଇଥିଲେ। ଶେଷରେ ଡେପୁଟି କଲେକ୍ଟର (ଜରୁରୀ) ଶ୍ରୀତପା ମିଶ୍ର ଧନ୍ୟବାଦ ଦେଇଥିଲେ। ବୈଠକରେ ଅତିରିକ୍ତ ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ କସ୍ତୁରୀବାଳା ଜେନା, ଜିଲ୍ଲା ମଙ୍ଗଳ ଅଧିକାରୀ ଡ. ଗୀତାଂଶୁ ଦାଶ, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଲକ୍ଷ୍ମଣ କୁମାର ବେହେରା, ବିଭିନ୍ନ ବିଭାଗୀୟ ଅଧିକାରୀ, ସମସ୍ତ ବ୍ଲକର ବିଡିଓ ଏବଂ ଲାଇନ୍ ଡିପାର୍ଟମେଣ୍ଟ ଅଧିକାରୀ ଯୋଗଦେଇଥିଲେ।

# ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ଜ୍ଞାନବିଜ୍ଞାନ ମେଳା

**ବାଲୁଗାଁ, ୮।୮ (ସମିସ):** ବାଲୁଗାଁ ଏନ୍‌ଏସି ଅନ୍ତର୍ଗତ ଶ୍ରୀରାମ ବିହାରସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ଗୁରୁବାର ଜ୍ଞାନ ବିଜ୍ଞାନ ମେଳା ଅନୁଷ୍ଠିତ ହୋଇଯାଇଛି। ଆୟୋଜିତ ମେଳାରେ ପ୍ରଥମ ପର୍ଯ୍ୟାୟରେ ବିଦ୍ୟାଳୟର ପ୍ରଥମ ଓ ଦ୍ୱିତୀୟ ଶ୍ରେଣୀର ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିବାବେଳେ ଦ୍ୱିତୀୟ ପର୍ଯ୍ୟାୟରେ ତୃତୀୟରୁ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ଛାତ୍ରଛାତ୍ରୀଙ୍କ ଦ୍ୱାରା ପ୍ରସ୍ତୁତ କରାଯାଇଥିବା ସମୁଦାୟ ୪୩୨ଟି ବିଭିନ୍ନ ପ୍ରକାର ପ୍ରକଳ୍ପ ପ୍ରଦର୍ଶନ କରାଯାଇଥିଲା। କୁନିକୁନି ଛାତ୍ରଛାତ୍ରୀଙ୍କ ଦ୍ୱାରା ପ୍ରଦର୍ଶିତ ବିଭିନ୍ନ ଚିତ୍ରକଳା ସହ ଜ୍ଞାନ ବିଜ୍ଞାନ ପ୍ରକଳ୍ପଗୁଡ଼ିକ ବେଶ୍ ଉତ୍କୃଷ୍ଟଧରଣର ହୋଇଥିଲା। ବିଦ୍ୟାଳୟର ପ୍ରଧାନଆଚାର୍ଯ୍ୟ ପ୍ରହଲ୍ଲାଦ ଦାସଙ୍କ ତତ୍ତ୍ୱାବଧାନରେ ଆୟୋଜିତ ବିଜ୍ଞାନ ମେଳାରେ ଅତିଥିଭାବେ ଚିଲିକା ବ୍ଲକ ଏବିଇଓ ଗଗନ ବେହେରା ଓ ନୀଳାଦ୍ରି ଭୂଷଣ ଦାଶ ଯୋଗଦେଇ ଉଦ୍‌ଘାଟନ କରିଥିବାବେଳେ ଶିକ୍ଷକ ଗୋପୀନାଥ ପ୍ରଧାନ ଓ ଲକ୍ଷ୍ମୀଧର ବାରିକ ବିଚାରକ ଭାବେ ଯୋଗଦେଇ ଶ୍ରେଷ୍ଠ ପ୍ରକଳ୍ପ ଚୟନ କରିଥିଲେ। ବିଦ୍ୟାଳୟର ସମସ୍ତ ଶିକ୍ଷକଶିକ୍ଷୟିତ୍ରୀ, କର୍ମଚାରୀ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିବାବେଳେ ସମସ୍ତ ଛାତ୍ରଛାତ୍ରୀ ଓ ଅଭିଭାବକ ସାମିଲ ହୋଇଥିଲେ।

## ମୁଦ୍ରା ବିନିମୟ ମୂଲ୍ୟ



ମୁଦ୍ରା ବିନିମୟ ମୂଲ୍ୟ (ଟଙ୍କାରେ)

- ଡଲାର ୮୭.୬୬ ● ପାଉଣ୍ଡ ୧୧୭.୦୨
- ୟୁରୋ ୧୦୨.୩୫ ● ୟେନ୍ ୦.୫୯

## ସୁନା, ରୁପା ଦର (ଟଙ୍କାରେ)



୧୦ ଗ୍ରାମ ପିଛା (୨୨ କ୍ୟାରେଟ୍)

- ସୁନା: ୯୪,୭୦୦ (ନୂଆଦିଲ୍ଲୀ)
- ରୁପା : ୧,୨୦,୨୦୦ (କେଜି)



## ଷ୍ଟକ୍ ମାର୍କେଟ୍

ବଜାର କାରବାର (ପଏଣ୍ଟରେ)

- ସେନ୍‌ସେକ୍ସ ୭୯,୮୫୭.୦୦
- ନିଫ୍ଟି ୨୪,୩୬୩.୦୦



## ପେଟ୍ରୋଲ-ଡିଜେଲ୍

ଲିଟର ପିଛା (ଟଙ୍କାରେ)

- ପେଟ୍ରୋଲ୍- ୧୦୧.୨୯ (ଭୁବନେଶ୍ୱର)
- ଡିଜେଲ୍ - ୯୨.୮୦



**ଶୁଳ୍କ ବଢ଼ାଇବା ପରେ ପୁଣି ରାଗିଲେ ଟ୍ରମ୍ପ୍**

# ଆଉ କୌଣସି ଆଲୋଚନା ହେବନି

ୱାଶିଂଟନ,୮।୮ (ଏଜେନ୍ସି)




### ୨୫ରେ ଭାରତ ଆସିବେନି ଆମେରିକୀୟ ପ୍ରତିନିଧି ଦଳ

ବାଣିଜ୍ୟ ଶୁଳ୍କ କ୍ଷେତ୍ରରେ ଟ୍ରମ୍ପ୍ ପ୍ରଶାସନର ହିଟ୍ ଲିଷ୍ଟରେ ଥିବା ଭାରତ ଉପରେ ପୁଣି ରାଗିଛନ୍ତି ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ। ଭାରତ ଉପରେ ସର୍ବାଧିକ ୫୦% ଶୁଳ୍କ ଲାଗୁ କରିବା ପରେ ଆଉ ଏକ ବଡ଼ ପଦକ୍ଷେପ ନେଇଛନ୍ତି ଆମେରିକା ରାଷ୍ଟ୍ରପତି। ଭାରତ ସହିତ ଆଉ କୌଣସି ପ୍ରକାର ବାଣିଜ୍ୟ ଚୁକ୍ତି ନେଇ ଆଲୋଚନା କରାଯିବନାହିଁ ବୋଲି ଆଜି ରୋକ୍‌ଠୋକ୍ ଶୁଣାଇଦେଇଛନ୍ତି ଟ୍ରମ୍ପ୍। ଟ୍ରମ୍ପ୍‌ଙ୍କ ଏହି ଘୋଷଣା ପରେ ବାଣିଜ୍ୟ ଚୁକ୍ତି ପାଇଁ ଚଳିତମାସ ୨୫ରେ ଭାରତ ଆସିବାକୁ ଥିବା ଆମେରିକୀୟ ପ୍ରତିନିଧି ଦଳର ଗସ୍ତ ମଧ୍ୟ ବନ୍ଦ ହୋଇଯାଇଛି। ଓଭାଲ୍ କାର୍ଯ୍ୟାଳୟଠାରେ ଗଣମାଧ୍ୟମକୁ ପ୍ରତିକ୍ରିୟା ଦେବାବେଳେ ଟ୍ରମ୍ପ ଭାରତ ବିରୁଦ୍ଧରେ ଏପରି ମନ୍ତବ୍ୟ ଦେଇଥିଲେ।

ଜୋରିମାନା ବାବଦ ଅତିରିକ୍ତ ଶୁଳ୍କ ଲାଗୁ କରିବା ପରେ ଭାରତ ସହିତ ଆଉ ଆଲୋଚନା କରିବାର ସମ୍ଭାବନା ରହିଛି କି ବୋଲି ପଚରାଯାଇଥିବା ଏକ ପ୍ରଶ୍ନର ଉତ୍ତରରେ ଟ୍ରମ୍ପ କହିଲେ ଯେ ପର୍ଯ୍ୟନ୍ତ ଆମେ ଏହାର ସମାଧାନ କରିନାହୁଁ ସେ ପର୍ଯ୍ୟନ୍ତ ନୁହେଁ। ରୁଷ ସହ ବାଣିଜ୍ୟ କରିବା ନେଇ ଟ୍ରମ୍ପ୍ ଭାରତକୁ ଏକପାଖିଆ ଟାର୍ଗେଟ୍ କରିବା ଜାରି ରଖିଛନ୍ତି। ନିଜେ ଆମେରିକା, ୟୁରୋପୀୟ ସଂଘ (ଇୟୁ) ଓ ଅନ୍ୟମାନେ ଋଷ ସହ ବାଣିଜ୍ୟ କରୁଥିବାବେଳେ କେବଳ ଭାରତକୁ ଟାର୍ଗେଟ୍ କରାଯାଉଛି। ଅନ୍ୟମାନଙ୍କ ଅପେକ୍ଷା ଭାରତ ବିରୁଦ୍ଧରେ ଆମେରିକା ସର୍ବାଧିକ ଶୁଳ୍କ ଲାଗୁ କରିଛି। ଭାରତର ପଡ଼ୋଶୀ ପାକିସ୍ତାନ ଉପରେ ୧୯ ପ୍ରତିଶତ, ବାଂଲାଦେଶ ଉପରେ ୧୯ ପ୍ରତିଶତ ଏମିତିକ ଚୀନ ବିରୁଦ୍ଧରେ ୩୦ ପ୍ରତିଶତ ଶୁଳ୍କ ଲାଗୁ କରିଥିଲେ, ଭାରତ ଉପରେ ୫୦ ପ୍ରତିଶତ ଶୁଳ୍କ ଲଗାଇଛନ୍ତି ଟ୍ରମ୍ପ। ଦୁଇଟି ପର୍ଯ୍ୟାୟରେ ସେ ୨୫-୨୫ ପ୍ରତିଶତ ଶୁଳ୍କ ଲାଗୁ କରିଛନ୍ତି। ପ୍ରଥମ ପର୍ଯ୍ୟାୟ ୨୫ ଶୁଳ୍କ ଗତକାଲିଠାରୁ ଲାଗୁ ହୋଇଯାଇଥିବାବେଳେ ଦ୍ୱିତୀୟ ପର୍ଯ୍ୟାୟ ଶୁଳ୍କ ଅଗଷ୍ଟ ୨୭ରେ ଲାଗୁ ହେବ।

ସେପଟେ ଭାରତ ଉପରେ ଶୁଳ୍କ ଲାଗ କରିବାକୁ ବିରୋଧ କରିଛନ୍ତି ଋଷ, ଚୀନ, ବ୍ରାଜିଲ ଭଳି ଦେଶ। ଅନ୍ୟପଟେ ଭାରତ ଆମେରିକାର ଦୋମୁହାଁ ନୀତିକୁ ସମାଲୋଚନା କରିଥିବାବେଳେ ସାମ୍ନାରେ ମୁଣ୍ଡ ନଇଁବ ନାହିଁ ବୋଲି ରୋକଠୋକ୍ ଶୁଣାଇ ଦେଇଛି। ହେଲେ ଟ୍ରମ୍ପଙ୍କର ଏହି ଘୋଷଣା ପରେ ଆମେରିକାର କୌଣସି ଟିମ୍ ଆଲୋଚନା ପାଇଁ ଭାରତ ଆସି ନ ପାରନ୍ତି। ଟ୍ରମ୍ପଙ୍କର ଏହି ନିଷ୍ପତ୍ତି ପରେ ଦୁଇ ଦଶନ୍ଧୀରେ ଭାରତ ଓ ଆମେରିକା ମଧ୍ୟରେ ସମ୍ପର୍କ ଅତି ନିମ୍ନ ସ୍ତରକୁ ଚାଲିଯାଇଛି।

**କମିଲା ପନିପରିବା ଦର**

# ଜୁନ୍‌ରେ କମିଲା ଶାକାହାରୀ ଥାଳି ମୂଲ୍ୟ

ନୂଆଦିଲ୍ଲୀ,୮।୮ (ଏଜେନ୍ସି): ଜୁଲାଇ ମାସରେ ପନିପରିବା ମୂଲ୍ୟରେ କିଛି ହ୍ରାସ ଯୋଗୁଁ ଘରେ ରନ୍ଧା ନିରାମିଷ ଏବଂ ନିରାମିଷ ଖାଦ୍ୟର ହାରାହାରି ମୂଲ୍ୟ ହ୍ରାସ ଘଟିଛି। ଗୁରୁବାର ପ୍ରକାଶିତ ଏକ ରିପୋର୍ଟରେ ଏହି ସୂଚନା ଦିଆଯାଇଛି। କ୍ରିସିଲ୍ ଇଣ୍ଟେଲିଜେନ୍ସର ରୋଟି-ଚାୱଲ୍ ରେଟ୍ ରିପୋର୍ଟ ଅନୁଯାୟୀ, ନିରାମିଷ ଥାଳିର ମୂଲ୍ୟ ବର୍ଷସାରା ୧୪ ପ୍ରତିଶତ ହ୍ରାସ ପାଇ ୨୮.୧ ଟଙ୍କା ହୋଇଛି ଯାହା ପୂର୍ବରୁ ୩୨.୬ ଟଙ୍କା ଥିଲା। ତଥାପି, ଏହା ମାସିକ ଆଧାରରେ ଚାରି ପ୍ରତିଶତ ବୃଦ୍ଧି ପାଇଛି, ଯେତେବେଳେ ଜୁନ୍ ମାସରେ ଏହା ୨୭.୧ ଟଙ୍କା ଥିଲା। ନିରାମିଷ ଖାଦ୍ୟର ମୂଲ୍ୟ ବର୍ଷସାରା ୧୩ ପ୍ରତିଶତ ଏବଂ ମାସିକ ଆଧାରରେ ଦୁଇ ପ୍ରତିଶତ ହ୍ରାସ ପାଇ ପ୍ରତି ଥାଳି ପିଛା ୫୩.୫ ଟଙ୍କା ହୋଇଛି। ଏହାର ନିର୍ଦ୍ଦେଶକ ପୁଷଣ ଶର୍ମା କହିଛନ୍ତି ଯେ ନିକଟ ଭବିଷ୍ୟତରେ, ଟମାଟୋ ମୂଲ୍ୟର ଉଚ୍ଚ ଆଧାର ଯୋଗୁଁ ଥାଳି ମୂଲ୍ୟ ବର୍ଷସାରା କମ୍ ରହିବ ବୋଲି ଆଶା କରାଯାଉଛି। ଡାଲିର ଆନୁମାନିକ ଅଧିକ ଉତ୍ପାଦନ ମଧ୍ୟ ମୂଲ୍ୟକୁ କମ କରିବାର ସମ୍ଭାବନା ଅଛି। ତଥାପି, ଶର୍ମା କହିଛନ୍ତି ଯେ ଆଳୁ ଏବଂ ପିଆଜ ମୂଲ୍ୟ ଆଗକୁ ସ୍ଥିର ରହିବା ଆଶା କରାଯାଉଥିବାରୁ ଏହି ହ୍ରାସ ସୀମିତ ହୋଇପାରେ। ରିପୋର୍ଟରେ କୁହାଯାଇଛି ଯେ ଟମାଟୋ, ପିଆଜ ଏବଂ ଆଳୁର ମୂଲ୍ୟରେ ତୀବ୍ର ହ୍ରାସ ଯୋଗୁଁ ନିରାମିଷ ଥାଳିର ମୂଲ୍ୟ ହ୍ରାସ ପାଇଛି। ଏହାବ୍ୟତୀତ, ଗତ ବର୍ଷର ସମାନ ସମୟ ତୁଳନାରେ ଉତ୍ପାଦନ ଏବଂ ଷ୍ଟକ୍ ସ୍ତର ଅଧିକ ଥିବାରୁ ଡାଲିର ମୂଲ୍ୟ ବର୍ଷସାରା ୧୪ ପ୍ରତିଶତ ହ୍ରାସ ପାଇଛି ଏବଂ ଚାଉଳର ମୂଲ୍ୟ ମଧ୍ୟ ଚାରି ପ୍ରତିଶତ ହ୍ରାସ ପାଇଛି।

## କ୍ୟାବିନେଟ୍ ନିଷ୍ପତ୍ତି

**● ଘରୋଇ ଏଲପିଜି ବାବଦ କ୍ଷତି ଭରଣା**

# ତୈଳବିପଣନ କମ୍ପାନୀଙ୍କୁ ମିଳିବ ୩୦ ହଜାର କୋଟି

ନୂଆଦିଲ୍ଲୀ,୮।୮ (ଏଜେନ୍ସି): ଘରୋଇ ଏଲପିଜି ବିକ୍ରିରେ ହୋଇଥିବା କ୍ଷତି ପାଇଁ ଦେଶର ୩ଟି ରାଷ୍ଟ୍ରାୟତ୍ତ ତୈଳ ବିପଣନ କମ୍ପାନୀ (ଆଇଓସିଏଲ, ବିପିସିଏଲ ଏବଂ ଏଚପିସିଏଲ)କୁ ୩୦ ହଜାର କୋଟି ଟଙ୍କା ଦେବେ କେନ୍ଦ୍ର ସରକାର। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କେନ୍ଦ୍ର କ୍ୟାବିନେଟ ବୈଠକରେ ଏ ସମ୍ପର୍କରେ ନିଷ୍ପତ୍ତି ନିଆଯାଇଛି। ପେଟ୍ରୋଲିୟମ ଏବଂ ପ୍ରାକୃତିକ ଗ୍ୟାସ ମନ୍ତ୍ରଣାଳୟ ଏହି କ୍ଷତିପୂରଣ ଅର୍ଥ ରାଶିକୁ ତୈଳ ବିପଣନ କମ୍ପାନୀଗୁଡ଼ିକ ମଧ୍ୟରେ ବିତରଣ କରିବ। କ୍ଷତିପୂରଣ ୧୨ଟି ପର୍ଯ୍ୟାୟରେ ପ୍ରଦାନ କରାଯିବ। ରାଷ୍ଟ୍ରାୟତ୍ତ ତୈଳ ବିପଣନ କମ୍ପାନୀ ଆଇଓସିଏଲ, ବିପିସିଏଲ ଏବଂ ଏଚପିସିଏଲ ନିୟନ୍ତ୍ରିତ ମୂଲ୍ୟରେ ଉପଭୋକ୍ତାମାନଙ୍କୁ ଘରୋଇ ଏଲପିଜି ସିଲିଣ୍ଡର ଯୋଗାଇ ଦିଅନ୍ତି। ୨୦୨୪-୨୫ରେ ଏଲପିଜିର ଅନ୍ତର୍ଜାତୀୟ ମୂଲ୍ୟ ଉଚ୍ଚ ସ୍ତରରେ ରହିଥିଲା ଏବଂ ବର୍ତ୍ତମାନ ମଧ୍ୟ ଏହା ଉଚ୍ଚ ରହିଛି। ତଥାପି, ଅନ୍ତର୍ଜାତୀୟ ଏଲପିଜି ମୂଲ୍ୟରେ ଅସ୍ଥିରତାରୁ ଉପଭୋକ୍ତାମାନଙ୍କୁ ରକ୍ଷା କରିବା ପାଇଁ ମୂଲ୍ୟ ବୃଦ୍ଧିର ପ୍ରଭାବ ଘରୋଇ ଏଲପିଜିର ଉପଭୋକ୍ତାଙ୍କ ଉପରେ ପଡ଼ିବାକୁ ଦିଆଯାଇ ନ ଥିଲା।

# ଉଜ୍ଜ୍ୱଳା ହିତାଧିକାରୀଙ୍କୁ ୩୦୦ ଟଙ୍କାର ସବ୍‌ସିଡି

**ତେଲ କମ୍ପାନୀଙ୍କୁ ସରକାର ଦେବେ ୩୦୦ କୋଟି**

ନୂଆଦିଲ୍ଲୀ,୮।୮ (ଏଜେନ୍ସି): ୨୦୨୫-୨୬ ଆର୍ଥିକବର୍ଷରେ ପ୍ରଧାନମନ୍ତ୍ରୀ ଉଜ୍ଜ୍ୱଳା ଯୋଜନାର ହିତାଧିକାରୀଙ୍କ ପାଇଁ ସବ୍‌ସିଡି ସୁବିଧା ଜାରି ରହିବ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଅଧ୍ୟକ୍ଷତାରେ କେନ୍ଦ୍ର କ୍ୟାବିନେଟ ବୈଠକରେ ଆଜି ଏହି ପ୍ରସ୍ତାବକୁ ମଞ୍ଜୁରୀ ମିଳିଛି। ଏହି ଯୋଜନାରେ ହିତାଧିକାରୀଙ୍କୁ ୧୪.୨ କିଲୋଗ୍ରାମ ସିଲିଣ୍ଡର ପିଛା ୩୦୦ ଟଙ୍କାର ସବ୍‌ସିଡି ପ୍ରଦାନ କରାଯାଇଥାଏ। ଜଣେ ହିତାଧିକାରୀ ବାର୍ଷିକ ୯ଟି ସିଲିଣ୍ଡର ପର୍ଯ୍ୟନ୍ତ ଏହି ସବସିଡି ପାଇପାରିବେ। ସାରା ଦେଶରେ ଗରିବ ପରିବାରର ମହିଳାମାନଙ୍କୁ ମାଗଣା ଏଲପିଜି ସଂଯୋଗ ଦେବାର ଲକ୍ଷ୍ୟ ନେଇ ୨୦୧୬ ମେ' ମାସରେ ପ୍ରଧାନମନ୍ତ୍ରୀ ଉଜ୍ଜ୍ୱଳା ଯୋଜନା (ପିଏମୟୁୱାଇ)ର ଶୁଭାରମ୍ଭ କରାଯାଇଥିଲା। ଜୁଲାଇ ପହିଲା ୨୦୨୫ ସୁଦ୍ଧା ଏହି ଯୋଜନାର ମୋଟ୍ ୧୦.୩୩ କୋଟି ହିତାଧିକାରୀ ରହିଛନ୍ତି।

**ଜାତୀୟ ହସ୍ତତନ୍ତ ଦିବସ ଓ ରକ୍ଷା ବନ୍ଧନ**

# ଅରୁନ୍ଧତୀ ଗ୍ରୁପ ତରଫରୁ ସ୍ୱତନ୍ତ୍ର କାର୍ଯ୍ୟକ୍ରମ

ଭୁବନେଶ୍ୱର,୮।୮ (ସମିସ)



ଅରୁନ୍ଧତୀ ବାନ୍ଧକଳା ପକ୍ଷରୁ ଜାତୀୟ ହସ୍ତତନ୍ତ ଦିବସ ଓ ରକ୍ଷାବନ୍ଧନ ଉପଲକ୍ଷେ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଏହାର ଭୁବନେଶ୍ୱର ଶାଖାଠାରେ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଏନ୍ଆଇଏଫ୍‌ଟି ନିର୍ଦ୍ଦେଶକ ରାଜେଶ ଝା ମୁଖ୍ୟ ଅତିଥି,ବିଶିଷ୍ଟ ସମାଜସେବୀ ମୀରା ପରିଡା ଓ ଅନୁଶ୍ରୀ ଦାଶ ସମ୍ମାନିତ ଅତିଥ୍ୟ ଭାବେ ଯୋଗଦେଇଥିଲେ। ଏହି ଅବସରରେ ଅତିଥିମାନେ ଅରୁନ୍ଧତୀ ବାନ୍ଧକଳା ଜନପଥଠାରେ ନୂଆ ହସ୍ତତନ୍ତ ମେସିନକୁ ଉନ୍ମୋଚନ କରିବା ସହ ବସ୍ତ୍ରବୁଣା ପଦ୍ଧତିକୁ ଅବଲୋକନ କରି ଉପସ୍ଥିତ ବୁଣାକାରମାନଙ୍କ ସହ ବିଚାରବିମର୍ଶ କରିଥିଲେ।

ସମାନ୍ତରାଳ ଭାବେ ଅରୁନ୍ଧତୀ ଜୁଏଲର୍ସ ତରଫରୁ ପ୍ରାକୃତିକ ହୀରାଗହଣାକୁ ନେଇ ଏକ ନୂତନ ସାଧରଣୀକରଣ 'ମାଇଁ ଷ୍ଟୋରୀ ମାଇଁ ଡାଏମଣ୍ଡସ୍' କୁ ଏହି ଅବସରରେ ଉନ୍ମୋଚନ କରାଯାଇଥିଲା। ଏହା ମାଧ୍ୟମରେ ଗ୍ରାହକଙ୍କ ନିମନ୍ତେ ପ୍ରସ୍ତୁତ ସ୍ୱତନ୍ତ୍ର ୧୦୦୦ରୁ ଉର୍ଦ୍ଧ୍ୱ ହୀରାଗହଣାର ଡିଜାଇନ ଅରୁନ୍ଧତୀର ସମସ୍ତ ଶାଖାମାନଙ୍କରେ ଆକର୍ଷଣୀୟ ଅଫର ମାଧ୍ୟମରେ ଉପଲବ୍ଧ କରାଯାଇଛି ଅରୁନ୍ଧତୀର ସମସ୍ତ ଶାଖାରେ ଉପଲବ୍ଧ ଡାଏମଣ୍ଡ ଚେକିଂ ମେସିନ୍ ମାଧ୍ୟମରେ ଗ୍ରାହକମାନେ ହୀରାର ମାନକୁ ପରୀକ୍ଷଣ କରାଇପାରିବା ସହ ପ୍ରକୃତ ହୀରା ବିଷୟରେ ଜାଣି ପାରିବେ, ଯାହା ହୀରାଗହଣା କ୍ରୟ କ୍ଷେତ୍ରରେ ଏକ ଆଧୁନିକ ବିଶ୍ୱାସଭରା ସେବା ଯୋଗାଇଦେଇପାରିବ। ଏହି ଅବସରରେ ଅରୁନ୍ଧତୀ ଗ୍ରୁପର ପରିଚାଳନା ନିର୍ଦ୍ଦେଶକ ବ୍ରହ୍ମାନନ୍ଦ ମେହେର ଉପସ୍ଥିତ ଅତିଥିମାନଙ୍କୁ ସାଧୁବାଦ ଜଣାଇବା ସହ ନିଜ ଅଭିଭାଷଣରେ ଅରୁନ୍ଧତୀ ବାନ୍ଧକଳା, ଓଡିଶା ହସ୍ତତନ୍ତ ଓ ବୁଣାକାର ସମ୍ପ୍ରଦାୟର ସମନ୍ୱିତ ବିକାଶ ଦିଗରେ କାର୍ଯ୍ୟ କରିବା ସହ ଗ୍ରାହକମାନଙ୍କ ନିମନ୍ତେ ସମସ୍ତ ପ୍ରକାର ସମ୍ବଲପୁରୀ ହାଣ୍ଡଲୁମ ସୁଲଭ ମୂଲ୍ୟରେ ଯୋଗାଇଦେବା ସମ୍ବନ୍ଧରେ ପ୍ରକାଶ କରିଥିଲେ। ଉଲ୍ଲେଖଯୋଗ୍ୟ ବର୍ତ୍ତମାନର ବନ୍ଧନ ଅଫରରେ ଅରୁନ୍ଧତୀ ଦ୍ୱାରା ସମ୍ବଲପୁରୀ ବାନ୍ଧକଳାରେ ପ୍ରସ୍ତୁତ ସ୍ୱତନ୍ତ୍ର ହାଣ୍ଡଲୁମ ଉପରେ ଫ୍ଲାଟ ୧୫% + ୫% ର ପ୍ରିଭିଲେଜ୍ ଡିସ୍‌କାଉଣ୍ଟ ରହିଛି। ସେହିଭଳି ଉଲ୍ଲେଖ୍ ଅଫରରେ ବନ୍ଧନ ଲଞ୍ଚ କରାଯାଇଛି, ଯେଉଁଥିରେ ଜିରୋ ପେମେଣ୍ଟରେ କ୍ରୟ ଯୋଜନା ଖୋଲିପାରିବାର ସୁଯୋଗ ପ୍ରଦାନ କରାଯାଉଛି। ହୀରାଗହଣାର ପ୍ରତି କ୍ୟାରେଟ ହୀରାମୂଲ୍ୟରେ ୨୦,୦୦୦ ଟଙ୍କା ଫ୍ଲାଟ୍ ରିଆତି ସହ ମାଗଣା ସୁନା କଏନ୍ ପ୍ରଦାନ କରାଯାଉଛି। ଏହାସହିତ ପ୍ରିମିୟମ୍ ରେଞ୍ଜର ସୁନାଗହଣାର ଗଢ଼ାମଜୁରୀରେ ଫ୍ଲାଟ ୫୦% ରିଆତି ଭଳି ଆକର୍ଷଣୀୟ ଅଫର ସୀମିତ ଅବଧି ପାଇଁ ଉପଲବ୍ଧ।

# ମାଲାବାର ଗୋଲ୍ଡ ପକ୍ଷରୁ 'ଏକ୍ସକ୍ଲୁଶିଭ୍ ବ୍ରାଣ୍ଡେଡ୍ ଜୁଏଲାରୀ' ଶୋ'




ଭୁବନେଶ୍ୱର,୮।୮ (ସମିସ)

ମାଲାବାର ଗୋଲ୍ଡ ଆଣ୍ଡ ଡାଇମଣ୍ଡସ୍ ପକ୍ଷରୁ ଏହାର ଭୁବନେଶ୍ୱର ସହିଦ ନଗରସ୍ଥିତ ଶୋ'ରୁମ୍‌ଠାରେ ଏକ' ଏକ୍ସକ୍ଲୁଶିଭ୍ ବ୍ରାଣ୍ଡେଡ୍ ଜୁଏଲାରୀ' ଶୋ' ଅନୁଷ୍ଠିତ ହୋଇଯାଇଛି। ଏହି ପ୍ରଦର୍ଶନୀକୁ ମୁଖ୍ୟ ଅତିଥି ଭାବେ ମିସେସ୍ ଗ୍ରାଣ୍ଡ ଇଣ୍ଟର ନ୍ୟାସନାଲ ୨୦୨୩-୨୪ ଡକ୍ଟର ସାଇପ୍ରସନ୍ନ ବେହେରା ଉଦଘାଟନ କରିଛନ୍ତି। ଏହି ଅବସରରେ ମାଲାବାର ଗୋଲ୍ଡ ଆଣ୍ଡ ଡାଇମଣ୍ଡସ୍‌ର ପରିଚାଳନାଟିମ୍, ବିଶିଷ୍ଟ ଅତିଥି ଏବଂ ଶୁଭେଚ୍ଛୁଙ୍କ ଉପସ୍ଥିତିରେ ଉଦଘାଟନ କରିଛନ୍ତି। ଏହି ' ଏକ୍ସକ୍ଲୁଶିଭ୍ ବ୍ରାଣ୍ଡେଡ୍ ଜୁଏଲାରୀ' ଶୋ' ହେଉଛି ସୁନା, ମାଇନ୍ ଡାଏମଣ୍ଡ, ଅନ୍‌କଟ୍ ହୀରା ଏବଂ ମୂଲ୍ୟବାନ ରତ୍ନ ପଥର ଅଳଙ୍କାରର ଏକ ସ୍ୱତନ୍ତ୍ର ପ୍ରଦର୍ଶନୀ ଏବଂ ବିକ୍ରି। ଏଥିରେ ପ୍ରଦର୍ଶନ ହେବାକୁ ଥିବା କାଳଜୟୀ ସୌନ୍ଦର୍ଯ୍ୟ ଥିବା ବୈଶିଷ୍ଟ୍ୟଯୁକ୍ତ ଅଳଙ୍କାରଗୁଡ଼ିକ ହେଉଛି ମାଷ୍ଟର କାରିଗରଙ୍କର ସୃଷ୍ଟି। ଏହି ଅଳଙ୍କାରଗୁଡ଼ିକ ସେମାନଙ୍କର ବିଶେଷଜ୍ଞତା ଏବଂ ଚତୁର ଦକ୍ଷତାର ଉଜ୍ଜ୍ୱଳ ଉଦାହରଣ। ଏଥିରେ ମାଇନ୍-ଡାଇମଣ୍ଡସ୍,ଏରା- ଅନ୍‌କଟ୍ ହୀରା ଅଳଙ୍କାର, ପ୍ରିସିଆ - ମୂଲ୍ୟବାନ ରତ୍ନ ଅଳଙ୍କାରର ସ୍ୱତନ୍ତ୍ର ବ୍ରାଣ୍ଡଗୁଡ଼ିକ ପ୍ରଦର୍ଶିତ ହୋଇଛି। ଏହି ଶୋ' ଅଗଷ୍ଟ ୮ରୁ ୧୭ ତାରିଖ ପର୍ଯ୍ୟନ୍ତ ଚାଲିବ। ଏହି ସମୟରେ ଗ୍ରାହକମାନେ ସମସ୍ତ ସୁନା, ଅନ୍‌କଟ୍ ଏବଂ ରତ୍ନପଥର ଉପରେ ଫ୍ଲାଟ୍ ୩୦% ଅଫର ପାଇପାରିବେ। ସେହିପରି ହୀରା ମୂଲ୍ୟ ଉପରେ ୩୦% ପର୍ଯ୍ୟନ୍ତ ରିଆତି ରହିଛି।

# ଏପିବି ଇଣ୍ଟରନ୍ୟାସନାଲ ସ୍କୁଲରେ ନିଃଶୁଳ୍କ ସ୍ୱାସ୍ଥ୍ୟ ଶିବିର

କଟକ,୮।୮ (ସମିସ)




ବିଦ୍ୟାଳୟରେ ଅଧ୍ୟୟନ ସାଙ୍ଗକୁ ଛାତ୍ର ଛାତ୍ରୀମାନଙ୍କ ସ୍ୱାସ୍ଥ୍ୟର ଯତ୍ନ ନେବା ହେଉଛି ଶିକ୍ଷକ ଶିକ୍ଷୟତ୍ରୀମାନଙ୍କ ଦାୟିତ୍ୱ। ଏହା ଦାୟିତ୍ୱକୁ ପ୍ରାଧାନ୍ୟ ଦେଇ ଆସୁଛି ସିଡିଏ ସେକ୍ଟର-୭ ସ୍ଥିତ ଏପିବି ଇଣ୍ଟରନ୍ୟାସନାଲ ସ୍କୁଲ। ଏହି ପରିପ୍ରେକ୍ଷୀରେ ବିଦ୍ୟାଳୟର ନିଜସ୍ୱ ପରିସରରେ ରୋଟାରୀ କ୍ଲବ ସହଯୋଗରେ ଛାତ୍ର ଛାତ୍ରୀମାନଙ୍କର ନିଃଶୁଳ୍କ ସ୍ୱାସ୍ଥ୍ୟ ପରୀକ୍ଷା ଶିବିର ଆୟୋଜିତ ହୋଇଥିଲା। କଟକର ବିଶେଷଜ୍ଞ ଚିକିତ୍ସକମାନେ ଶିବିରରେ ଯୋଗ ଦେଇ ସ୍ୱାସ୍ଥ୍ୟ ପରୀକ୍ଷା କରାଇବା ସହ ଆବଶ୍ୟକୀୟ ଚିକିତ୍ସା ନିମନ୍ତେ ବିଦ୍ୟାର୍ଥୀ ମାନଙ୍କୁ ପରାମର୍ଶ ଦେଇଥିଲେ। ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ କାନ, ନାକ, ଦାନ୍ତ ଓ ଚକ୍ଷୁ ପରୀକ୍ଷା କରାଯାଇଥିଲା। ପ୍ରଧାନ ଶିକ୍ଷୟିତ୍ରୀ ଚୌଧୁରୀ ପ୍ରଜ୍ଞା ମିଶ୍ରଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ଶିବିର ଆୟୋଜିତ ହୋଇଥିଲା।

ରୋଟାରୀ କ୍ଲବର ସହଯୋଗ ପାଇଁ ସଭାପତି ଏବଂ କ୍ଲବର୍ ସଦସ୍ୟଙ୍କୁ ପ୍ରଧାନ ଶିକ୍ଷୟିତ୍ରୀ ଶ୍ରୀମତୀ ମିଶ୍ର କୃତଜ୍ଞତା ଜଣାଇଥିଲେ । ସ୍କୁଲର ଏଭଳି ପ୍ରୟାସକୁ ଅଭିଭାବକ ମହଲରୁ ପ୍ରଶଂସା କରାଯାଇଛି।

# ମାନସିକ ସ୍ୱାସ୍ଥ୍ୟ ସମ୍ପର୍କିତ ରାଜ୍ୟସ୍ତରୀୟ କର୍ମଶାଳା

ଭୁବନେଶ୍ୱର,୮।୮ (ସମିସ): ମାନସିକ ସ୍ୱାସ୍ଥ୍ୟ ସମ୍ପର୍କିତ ରାଜ୍ୟସ୍ତରୀୟ କର୍ମଶାଳା ଏବଂ ବିକାଶ କାର୍ଯ୍ୟକ୍ରମ ସ୍ୱାସ୍ଥ୍ୟ ବିଭାଗ ଓ ବାଙ୍ଗାଲୋରର ବେସିକ୍ ନିଡ୍‌ସ ଇଣ୍ଡିଆର ମିଳିତ ପ୍ରୟାସରେ ଅନୁଷ୍ଠିତ ହୋଇଯାଇଛି। ସମ୍ମିଳନୀର ମୁଖ୍ୟ ଅତିଥି ଡାକ୍ତର ମୁକେଶ ମହାଲିଙ୍ଗ କହିଥିଲେ, ମନୁଷ୍ୟ ଅଧିକ ଦିନ ଧରି ମାନସିକ ଚାପରେ ରହିଲେ, ତାହା ମାନସିକ ଅସୁସ୍ଥତା ଆଡ଼କୁ ଗତି କରିଥାଏ। ଏହାର ସଠିକ୍ ପରିଚାଳନା କରିବାକୁ ହେଲେ ଚାପରେ ରହୁଥିବା ସମୟରେ ବ୍ୟବହାରରେ ସକରାତ୍ମକ ଚିନ୍ତା ଆଣିବାକୁ ପଡ଼ିବ। ମାନସିକ ସ୍ୱାସ୍ଥ୍ୟର ଗୁରୁତ୍ୱ ବିଷୟରେ ଲୋକଙ୍କୁ ସଚେତନ କରିବା ସହ ମାନସିକ ବିକାର, ଛୋଟ ପିଲାଙ୍କ ମାନସିକ ଚାପକୁ କିପରି ନିୟନ୍ତ୍ରଣ କରିହେବ ସେ ସମ୍ପର୍କରେ ବିସ୍ତୃତ ଆଲୋଚନା ହୋଇଥିଲା। ବଲାଙ୍ଗିର, ବରଗଡ଼, ଅନୁଗୋଳ, ସୁବର୍ଣ୍ଣପୁର ଏବଂ କନ୍ଧମାଳ ଜିଲ୍ଲାରୁ ଆସିଥିବା ମାନସିକ ରୋଗ ଏବଂ ମାନସିକ ବିଷାଦରୁ ମୁକ୍ତ ହୋଇଥିବା ବ୍ୟକ୍ତିବିଶେଷ ଏ ବାବଦରେ ବୁଝାଇବା ସହ ସେଥିରୁ ମୁକୁଳିବା ପାଇଁ ନିଜର ଚିନ୍ତାଧାରାକୁ ସକାରାତ୍ମକ କରିବା ଏବଂ ମନ ଭିତରକୁ ପ୍ରବେଶ କରୁଥିବା ନକାରାତ୍ମକ ଚିନ୍ତାଧାରାକୁ ଦୂରେଇ ମାନସିକ ଚାପରୁ ମୁକୁଳିବାର ଉପାୟମାନ ପ୍ରଦାନ କରଯାଇଥିଲା। ବୈଠକରେ ସ୍ୱତନ୍ତ୍ର ସଚିବ ଡା. ଜିତେନ୍ଦ୍ର ମୋହନ ବେବୋର୍ଥା, ଅବସରପ୍ରାପ୍ତ ପ୍ରଶାସନିକ ଅଧିକାରୀ ବ୍ରତତି ହରିଚନ୍ଦନ, ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ ଡା. ନୀଳକଣ୍ଠ ମିଶ୍ର, ସ୍ୱାସ୍ଥ୍ୟ ସେବା ନିର୍ଦ୍ଦେଶକ ଡା. ଅମରେନ୍ଦ୍ର ନାଥ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।

# ଓଡ଼ିଶା ବିଧାନସଭାର ନୂତନ ୱେବ୍‌ସାଇଟ୍ ଉନ୍ମୋଚିତ

ଭୁବନେଶ୍ୱର,୮।୮ (ସମିସ)

ଓଡ଼ିଶା ବିଧାନସଭାର ନୂତନ ୱେବ୍‌ସାଇଟ୍‌କୁ ଶୁକ୍ରବାର ବାଚସ୍ପତି ସୁରମା ପାଢ଼ୀ ଉନ୍ମୋଚନ କରିଛନ୍ତି। ଓଡ଼ିଶା ସରକାରଙ୍କ ଆଇଟି ଓ ଇଟି ବିଭାଗ ଏବଂ ଭାରତ ସରକାରଙ୍କ ଏନ୍‌ଆଇସିର ବୈଷୟିକ ପରାମର୍ଶରେ ବିକଶିତ ହୋଇଥିବା ଏହି ନୂତନ ୱେବ୍‌ସାଇଟ୍ ବିଧାନସଭା କାର୍ଯ୍ୟଧାରାକୁ ଜନସାଧାରଣଙ୍କ ପାଇଁ ଅଧିକ ସୁଗମ ଏବଂ ସ୍ୱଚ୍ଛ କରିବାରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ। ଏହା ନାଗରିକମାନଙ୍କୁ ବିଧାନସଭାର କାର୍ଯ୍ୟକଳାପ, ନିଷ୍ପତ୍ତି ଏବଂ ପଦକ୍ଷେପ ବିଷୟରେ ସଠିକ୍ ଏବଂ ସବିଶେଷ ସୂଚନା ପ୍ରଦାନ କରିବ ବୋଲି ବାଚସ୍ପତି ଶ୍ରୀମତୀ ପାଢ଼ୀ ପ୍ରକାଶ କରିଛନ୍ତି।

ଆସନ୍ତା ୨୯ ଓ ୩୦ ତାରିଖ ଦୁଇଦିନ ଧରି ଭୁବନେଶ୍ୱରରେ ଜାତୀୟ ସ୍ତରର ଅନୁସୂଚିତ ଜାତି ଓ ଅନୁସୂଚିତ ଜନଜାତି କଲ୍ୟାଣ କମିଟିର ଅଧ୍ୟକ୍ଷମାନଙ୍କ ସମ୍ମିଳନୀ ଆୟୋଜିତ ହେବ। ଉକ୍ତ ସମ୍ମିଳନୀରେ ଲୋକସଭାର ବାଚସ୍ପତି ଓ ରାଜ୍ୟସଭାର ଉପାଧ୍ୟକ୍ଷ ଏବଂ ସଂସଦର ଉଭୟ ଗୃହ ଓ ସମସ୍ତ ରାଜ୍ୟ ତଥା କେନ୍ଦ୍ର ଶାସିତ ଅଞ୍ଚଳର ଅନୁସୂଚିତ ଜାତି ଓ ଅନୁସୂଚିତ ଜନଜାତି କଲ୍ୟାଣ କମିଟିମାନଙ୍କର ଅଧ୍ୟକ୍ଷ ଓ ସଦସ୍ୟମାନେ ଯୋଗଦେବେ। ଅତିଥିମାନେ ଏହି ନୂତନ ୱେବ୍‌ସାଇଟ୍‌ରେ ପାର୍ଲାମେଣ୍ଟ ଦ୍ୱାରା ପ୍ରଦତ୍ତ ଲିଙ୍କ୍‌ରେ ରେଜିଷ୍ଟ୍ରେସନ୍ କରିବାର ସୁବିଧା ପାଇବେ ବୋଲି ବାଚସ୍ପତି କହିଛନ୍ତି। ଏହି ଅବସରରେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗ, ଶକ୍ତି ବିଭାଗର ପ୍ରମୁଖ ଶାସନ ସଚିବ ବିଶାଲ୍ ଦେବ, ବିଧାନସଭା ସଚିବ ସତ୍ୟବ୍ରତ ରାଉତ, ଓକାକ୍‌ର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରଦୀପ ରାଉତ, ସଂସଦୀୟ ବ୍ୟାପାର ବିଭାଗର ଅତିରିକ୍ତ ସଚିବ ଦୁର୍ଗେଶ ନନ୍ଦିନୀ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

# ରାଇରଙ୍ଗପୁର ପୁଲିସ୍ ଜିଲ୍ଲା ପାଇଁ ୪୦ ପଦବୀ ସୃଷ୍ଟି

ରାଇରଙ୍ଗପୁର, ୮।୮ (ସମିସ): ନବଗଠିତ ରାଇରଙ୍ଗପୁର ପୁଲିସ୍ ଜିଲ୍ଲା ପାଇଁ ଗୃହ ବିଭାଗ ପକ୍ଷରୁ ଗତ ୬ ତାରିଖରେ ବିଧିବଦ୍ଧ ବିଜ୍ଞପ୍ତି ପ୍ରକାଶ ପାଇଛି। ମୟୂରଭଞ୍ଜରୁ ପୃଥକ କରାଯାଇ ରାଇରଙ୍ଗପୁର ପୁଲିସ ଜିଲ୍ଲା ଗଠନ ସହ ମୋଟ ୪୦ଟି ନୂତନ ପଦବୀ ସୃଷ୍ଟି କରାଯାଇଛି। ପୂର୍ବରୁ ରହିଥିବା ୨୦ଟି ପଦବୀର ପୁନଃବଣ୍ଟନ କରାଯିବ। ସମସ୍ତ ପଦବୀର ଦରମା ଏବଂ ଅନ୍ୟାନ୍ୟ ଭତ୍ତା ସରକାରଙ୍କ ଦ୍ୱାରା ଅନୁମୋଦିତ ହାରରେ ପ୍ରଯୁଜ୍ୟ ହେବ। ଏହି ୪୦ଟି ନୂତନ ପଦ ମଧ୍ୟରୁ ୭ଟି ଗ୍ରୁପ୍-ଡି ପଦବୀ ଯଥା ୨ଟି ରୋଷେୟା, ୨ଟି ଝାଡୁଦାର, ୧ଟି ନାପିତ ଏବଂ ୨ଟି ଧୋବା ପଦବୀ ଆଉଟସୋର୍ସିଂ ମାଧ୍ୟମରେ ପୂରଣ କରାଯିବ।

ବିଜ୍ଞପ୍ତି ଅନୁଯାୟୀ, ରାଇରଙ୍ଗପୁର ପୁଲିସ ଜିଲ୍ଲାକୁ ଦୁଇଟି ପୁଲିସ ଉପଖଣ୍ଡ ଭାବେ ରାଇରଙ୍ଗପୁର ଏବଂ କରଞ୍ଜିଆକୁ ବିଭକ୍ତ କରାଯାଇଛି। ଏହା ଅଧୀନରେ ୧୪ଟି ଥାନା ରହିବ। ରାଇରଙ୍ଗପୁର ପୁଲିସ୍ ଉପଖଣ୍ଡରେ ରାଇରଙ୍ଗପୁର, ରାଇରଙ୍ଗପୁର ଟାଉନ୍, ବାଦାମପାହାଡ଼, ଗୋରୁମାହିଷାଣୀ, ବିଶୋଇ, ତିରିଂ, ବହଳଦା ଏବଂ ଜାମଦା ଥାନା ରହିବ। ସେହିପରି କରଞ୍ଜିଆ ପୁଲିସ୍ ଉପଖଣ୍ଡରେ କରଞ୍ଜିଆ, ଠାକୁରମୁଣ୍ଡା, ମହୁଲଡିହା, ରରୁଁଆ, ଘାଘରବେଡା ଏବଂ ଯଶିପୁର ଥାନା ରହିବ।

**ଛାତ୍ରୀ ଓ ମହିଳା ସୁରକ୍ଷା ପ୍ରସଙ୍ଗ**

# ରାଜ୍ୟବ୍ୟାପୀ ଆନ୍ଦୋଳନ ସଫଳ ହୋଇଛି: ଯୁବ ଓ ଛାତ୍ର ବିଜେଡି

ଭୁବନେଶ୍ୱର,୮।୮ (ସମିସ)

ରାଜ୍ୟର ବିଭିନ୍ନ ଅଞ୍ଚଳରେ ଘଟୁଥିବା ଛାତ୍ରୀ ଓ ମହିଳା ନିର୍ଯାତନା ଘଟଣା ପ୍ରତିବାଦରେ ବିଜୁ ଯୁବ ଓ ଛାତ୍ର ଜନତା ଦଳର ପୂର୍ବଘୋଷିତ କାର୍ଯ୍ୟକ୍ରମ ଆଧାରରେ ଅଗଷ୍ଟ ୧ରୁ ୮ ତାରିଖ ପର୍ଯ୍ୟନ୍ତ ରାଜ୍ୟବ୍ୟାପୀ ଆନ୍ଦୋଳନ ସଫଳ ହୋଇଛି ବୋଲି ବିଜେଡି କହିଛି। ଏହି ଅଭିଯାନର ଶେଷ ଦିନରେ ରାଜ୍ୟର ସମସ୍ତ ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟର ଛାତ୍ରଛାତ୍ରୀମାନେ ରାଜରାସ୍ତାକୁ ଓହ୍ଲାଇଥିଲେ। ଉପଯୁକ୍ତ ପୁଲିସ୍ କାର୍ଯ୍ୟାନୁଷ୍ଠାନ ଦାବିରେ ପୁଲିସ୍ ଡିଜିଙ୍କ ଉଦ୍ଦେଶ୍ୟରେ ନିକଟସ୍ଥ ଥାନା ଓ ଏସପି ଅଫିସରେ ସ୍ମାରକପତ୍ର ପ୍ରଦାନ କରିଥିଲେ। ବିଜେପି ସରକାରରେ ଗତ ୧୩ ମାସ ମଧ୍ୟରେ ରାଜ୍ୟରେ ଘଟିଥିବା ପ୍ରମୁଖ ଛାତ୍ରୀ ଓ ମହିଳା ନିର୍ଯାତନା ଘଟଣାମାନ କେବଳ ମହିଳାଙ୍କ ସୁରକ୍ଷା ଉପରେ ନୁହେଁ; ବରଂ ଆଇନ ଓ ଶାସନ ବ୍ୟବସ୍ଥା ଉପରେ ମଧ୍ୟ ପ୍ରଶ୍ନ ଉଠାଇଛି। ଏଫ୍‌ଏମ୍ କଲେଜ ଛାତ୍ରୀ ସୌମ୍ୟାଶ୍ରୀଙ୍କୁ ନ୍ୟାୟ ପ୍ରଦାନ, ଗୋପାଳପୁର ବିଚ୍‌ରେ କଲେଜ ଛାତ୍ରୀଙ୍କୁ ଗଣଦୁଷ୍କର୍ମ, ପୁରୀ ଜିଲ୍ଲା ବଲଙ୍ଗାରେ ନାବାଳିକାକୁ ଜିଅନ୍ତା ଜାଳି ଦିଆଯିବା ସହ ରାଜ୍ୟର ବିଭିନ୍ନ ଅଞ୍ଚଳରେ ଘଟୁଥିବା ଛାତ୍ରୀ ଓ ମହିଳା ବିରୋଧୀ ଘଟଣାର ପ୍ରତିବାଦରେ ବିଜୁ ଯୁବ ଓ ଛାତ୍ର ଜନତା ଦଳ ପକ୍ଷରୁ ଡକରା ଦିଆଯାଇଥିବା ଏହି ଆନ୍ଦୋଳନକୁ ବିପୁଳ ସମର୍ଥନ ମିଳିଛି। ସମସ୍ତ କ୍ୟାମ୍ପସର ଛାତ୍ରଛାତ୍ରୀଙ୍କ ସହିତ ସଂଗଠନର ରାଜ୍ୟ କର୍ମକର୍ତ୍ତା ଏବଂ ଜିଲ୍ଲା କର୍ମକର୍ତ୍ତାଙ୍କ ଅକ୍ଳାନ୍ତ ପରିଶ୍ରମରେ ଆନ୍ଦୋଳନ ସଫଳ ହୋଇଥିବାରୁ ସମସ୍ତଙ୍କୁ ଦଳର ବରିଷ୍ଠ ସାଧାରଣ ସମ୍ପାଦକ ତଥା ବିଧାୟକ ବ୍ୟୋମକେଶ ରାୟ ଓ ବିଧାୟକ ଦେବୀ ରଂଜନ ତ୍ରିପାଠୀ ଧନ୍ୟବାଦ ଜଣାଇଛନ୍ତି।

## ଆଜିର ରାଶିଫଳ

**ମେଷ:** ସନ୍ତାନଙ୍କ ପ୍ରଗତିରେ ଅଭିଭାବକ ଖୁସି ହେବେ। ବ୍ୟବସାୟ ପାଇଁ ନୂଆ ଯୋଜନା ପ୍ରସ୍ତୁତ କରିବେ। ନୂତନ ଜମି କ୍ରୟ କରିପାରନ୍ତି। ଦାମ୍ପତ୍ୟ ଜୀବନ ସୁଖମୟ ହେବ।

**ବୃଷ:** ଅଟକି ରହିଥିବା କାର୍ଯ୍ୟ ପୂରା ହୋଇପାରେ। ପ୍ରେମିକ-ପ୍ରେମିକାଙ୍କ ପାଇଁ ଦିନଟି ବହୁତ ଭଲ। ବିଦ୍ୟାର୍ଥୀମାନେ କ୍ୟାରିୟରକୁ ନେଇ ଚିନ୍ତାରେ ରହିବେ। ମହିଳାମାନେ ପୂଜାର୍ଚ୍ଚନାରେ ବ୍ୟସ୍ତ ରହିବେ।

**ମିଥୁନ:** କୌଣସି କ୍ଷେତ୍ରରୁ ଆଘାତ ପାଇପାରନ୍ତି। ଅଯଥା ଖର୍ଚ୍ଚରୁ ଦୂରେଇ ରୁହନ୍ତୁ। ବିଦ୍ୟାର୍ଥୀମାନେ ପ୍ରତିଯୋଗିତାମୂଳକ ପରୀକ୍ଷାରେ ଭଲ ପ୍ରଦର୍ଶନ କରିବେ। ପଡୋଶୀଙ୍କ ସହ ସୁସମ୍ପର୍କ ରହିବ।

**ସିଂହ:** ଶତ୍ରୁଙ୍କୁ ଦୁର୍ବଳ ମନେ କରନ୍ତୁନି। ଅଟକି ଥିବା କାର୍ଯ୍ୟ ସମାପନ ହେବ। ବିଦ୍ୟାର୍ଥୀମାନେ ଖେଳମନସ୍କ ହେବେ। ବ୍ୟବସାୟ ଦୃଷ୍ଟିରୁ ଦିନଟି ବହୁତ ଭଲ। ମହିଳାମାନେ ଘରକାର୍ଯ୍ୟରେ ବ୍ୟସ୍ତ ରହିବେ।

**କର୍କଟ:** ଜୀବନସାଥୀଙ୍କ ସାନ୍ନିଧ ମିଳିବ। ନୂତନ ବ୍ୟବସାୟ ଆରମ୍ଭ କରିପାରନ୍ତି। ପରିବାରବର୍ଗଙ୍କ ସହ ଦୂରସ୍ଥାନକୁ ଯାତ୍ରା କରିପାରନ୍ତି। ସକାରାତ୍ମକ ଚିନ୍ତାଧାରା ନେଇ ଆଗକୁ ବଢ଼ିବେ।

**କନ୍ୟା:** ପ୍ରେମ ବ୍ୟାପାରରେ ସମସ୍ୟା ଦେଖାଦେବ। ଗୁରୁଜନଙ୍କ ପରାମର୍ଶ ନେଇ ନୂତନ କାର୍ଯ୍ୟରେ ଯୋଗ ଦିଅନ୍ତୁ। ପିଲାମାନେ ଖେଳକୁଦରେ ସମୟ ବିତାଇବେ। କଳା ଓ ସାହିତ୍ୟ ପ୍ରତି ରୁଚି ବଢ଼ିବ।

**ତୁଳା:** ଭୂମି, ଯାନବାହନ କିଣିବାର ଅଧିକ ସମ୍ଭାବନା ରହିଛି। ଅଭିଭାବକମାନେ ସନ୍ତାନଙ୍କ କ୍ୟାରିୟରକୁ ନେଇ ଚିନ୍ତାରେ ରହିବେ। ପ୍ରତିକୂଳ ପରିସ୍ଥିତିରେ ଧୈର୍ଯ୍ୟହରା ହୁଅନ୍ତୁନି।

**ବିଛା:** ସ୍ୱାସ୍ଥ୍ୟ ଭଲ ରହିବ। ସନ୍ତାନଙ୍କ ଖୁସିରେ ଖୁସି ହେବେ। ଅଚାନକ ଖୁସି ଖବର ମିଳିବ। ବିଦ୍ୟାର୍ଥୀ ପରୀକ୍ଷାରେ କୃତକାର୍ଯ୍ୟ ହେବ। ମହିଳାମାନଙ୍କୁ ମୁଖ୍ୟ ଦାୟିତ୍ୱ ମିଳିବ। ଚକ୍ଷୁ ସମସ୍ୟା ଭୋଗିପାରନ୍ତି।

**ଧନୁ:** ସୃଜନାଶୀଳତା ବୃଦ୍ଧି ପାଇବ। ଅଧିକ ଖର୍ଚ୍ଚାନ୍ତ ହେବେ। ପ୍ରେମ ବ୍ୟାପାରରେ ସଫଳ ହେବେ।ସନ୍ତାନଙ୍କ କ୍ୟାରିୟରକୁ ନେଇ ଅଭିଭାବକ ଚିନ୍ତାରେ ରହିବେ। ସାମାଜିକ କାର୍ଯ୍ୟରେ ସାମିଲ ରହିବେ।

**ମକର:** ସରକାରୀ ଚାକିରିଆଙ୍କ ପାଇଁ ଆଜି ଦିନଟି ବହୁତ ଭଲ। ବନ୍ଧୁଙ୍କ ସହିତ ମନୋରଞ୍ଜନ କରିବେ। ପିଲାମାନେ ପଢ଼ାପ୍ରତି ଅଧିକ ଧ୍ୟାନ ଦେବେ। ପୁରୁଣା ନିବେଶରୁ ଲାଭ ମିଳିବ।

**କୁମ୍ଭ:** ଅଚାନକ ମନ ଭିତରେ ପରିବର୍ତ୍ତନ ଆସିବ। ଆର୍ଥିକ ସମସ୍ୟା ରହିବନି। ଭଗବାନଙ୍କ ପୂଜାର୍ଚ୍ଚନା କରନ୍ତୁ। ଗୁରୁଜନଙ୍କ ଆଶୀର୍ବାଦ ନେଇ ନୂଆ ବ୍ୟବସାୟ ଆରମ୍ଭ କରିପାରନ୍ତି।

**ମୀନ:** ଜମି କିଣାବିକା ଯୋଗ ରହିଛି। ଅଧିକ ଲାଭ ପାଇବା ଆଶାରେ ଭୁଲ୍ କରନ୍ତୁନି। ମହିଳାମାନେ ଘର କାମରେ ବ୍ୟସ୍ତ ରହିବେ। ପ୍ରେମିକା-ପ୍ରେମିକଙ୍କ ପାଇଁ ଦିନଟି ଭଲ।

## ଆଜିର ଇତିହାସ

- ୧୮୩୧- ଆମେରିକାରେ ପ୍ରଥମ ଥର ବାଷ୍ପଚାଳିତ ଇଞ୍ଜିନ୍ ଚାଲିଲା।
- ୧୮୯୨- ଥୋମାସ୍ ଆଲ୍‌ଭା ଏଡିସନ୍ ଟୁ ୱେ ଟେଲିଗ୍ରାଫକୁ ପେଟେଣ୍ଟ କରାଇଲେ।
- ୧୯୪୫- ଆମେରିକା ଜାପାନର ନାଗାସାକି ସହର ଉପରେ ଦ୍ୱିତୀୟ ପରମାଣୁ ବୋମା ପକାଇଲା ।
- ୨୦୧୯ - ଉତ୍ତର ପ୍ରଦେଶରେ ଗୋଟିଏ ଦିନରେ ୨୨୦ ମିଲିଅନ୍ ଗଛ ଲଗାଗଲା।


## ଅଗଷ୍ଟ କ୍ରାନ୍ତି ଦିବସ



ଆଜି ଅଗଷ୍ଟ କ୍ରାନ୍ତି ଦିବସ। ଭାରତର ସ୍ୱାଧୀନତା ଆନ୍ଦୋଳନ ଇତିହାସରେ ଏକ ଗୁରୁତ୍ୱପୂର୍ଣ୍ଣ ଦିନ ।୧୯୪୨ ଅଗଷ୍ଟ ୯ ତାରିଖରେ ପରାଧୀନ ଭାରତକୁ ବ୍ରିଟିଶ ଶାସନରୁ ମୁକ୍ତ କରିବା ପାଇଁ ଏହି ଦିନ ଭାରତଛାଡ଼ ଆନ୍ଦୋଳନର ମୂଳଦୁଆ ପକାଇ ଥିଲେ ଜାତିର ପିତା ମହାତ୍ମା ଗାନ୍ଧୀ। ଏହାପରେ ଭାରତବାସୀ ଏକଜୁଟ୍ ହୋଇ ବ୍ରିଟିଶମାନଙ୍କ ବିରୋଧରେ ଲଢ଼େଇ କରିଥିଲେ। ଫଳରେ ବ୍ରିଟିଶ ସରକାର ଦେଶ ଛାଡ଼ିବାକୁ ବାଧ୍ୟ ହୋଇଥିଲେ। ଦ୍ୱିତୀୟ ବିଶ୍ୱଯୁଦ୍ଧ ସମୟରେ ଭାରତର ସହାୟତା ବଦଳରେ ଇଂରେଜମାନେ ଭାରତକୁ ମୁକ୍ତ କରିବେ ବୋଲି ପ୍ରତିଶ୍ରୁତି ଦେଇଥିଲେ ମଧ୍ୟ ପରବର୍ତ୍ତୀ ସମୟରେ ନିଜ କଥାରୁ ଓହରି ଯାଇଥିଲେ। ଯାହା ଫଳରେ ଇଂରେଜଙ୍କ ଠାରୁ ସ୍ୱାଧୀନତା ଛଡ଼ାଇ ଆଣିବା ଲାଗି ୧୯୪୨ ଅଗଷ୍ଟ ୮ ରେ ଭାରତୀୟ ଜାତୀୟ କଂଗ୍ରେସ ଇଂରେଜ ସରକାର ବିରୋଧରେ ଭାରତ ଛାଡ଼ ଆନ୍ଦୋଳନର ଡାକରା ଦେଇଥିଲା। ମହାତ୍ମା ଗାନ୍ଧୀଙ୍କ ନେତୃତ୍ୱରେ କଂଗ୍ରେସ କମିଟି ତାହାର ବମ୍ବେ ଅଧିବେଶନରେ ଏହି ନିର୍ଣ୍ଣାୟକ ଆନ୍ଦୋଳନ ପାଇଁ ସଂକଳ୍ପ ପାରିତ କରିଥିଲା। ଆନ୍ଦୋଳନ ଆରମ୍ଭ ପୂର୍ବରୁ ଗାନ୍ଧୀଙ୍କ ସମେତ କଂଗ୍ରେସର ସମସ୍ତ ପ୍ରମୁଖ ନେତାଙ୍କୁ ଗିରଫ କରି ନିଆଯାଇଥିଲା। ଏହାପରେ ଇଂରେଜମାନେ ଗାନ୍ଧିଜୀଙ୍କୁ ପୁନେର ଆଗା ଖାଁ ପ୍ୟାଲେସରେ ବନ୍ଦୀ କରି ରଖିଥିଲେ। ଅବଶ୍ୟ ଗାନ୍ଧିଜୀ ଅହିଂସା ଭାବେ ଏହି ଆନ୍ଦୋଳନର ଡାକରା ଦେଇଥିଲେ। ମାତ୍ର ଆନ୍ଦୋଳନ ସମୟରେ ଅନେକ ସ୍ଥାନରେ ହିଂସା, ଦଙ୍ଗା ଆଦି ଦେଖିବାକୁ ମିଳିଥିଲା। ଦେଶରେ ଧନଜୀବନ ନଷ୍ଟ ହେଲା। ଆନ୍ଦୋଳନକୁ ଭଣ୍ଡୁର କରିବାକୁ ଯାଇ ସମସ୍ତ ନେତା, କ୍ରାନ୍ତିକାରୀ ଏବଂ ସଂଗ୍ରାମୀମାନଙ୍କୁ ଗିରଫ କରାଯାଇଥିଲା। ସେହି ସମୟରେ ଇଂରେଜଙ୍କ କବଳରୁ ବର୍ତ୍ତି ଯାଇଥିବା ଜଣେ କ୍ରାନ୍ତିକାରୀ ଯୁବା ନେତ୍ରୀ ଅରୁଣା ଆସଫ୍ ଅଲ୍ଲୀ ୧୯୪୨ ଅଗଷ୍ଟ ୯ ତାରିଖରେ ମୁମ୍ବାଇର ଗୋୱାଲିଆ ଟ୍ୟାଙ୍କ ମଇଦାନରେ (ବର୍ତ୍ତମାନର କ୍ରାନ୍ତି ମଇଦାନ) ତ୍ରିରଙ୍ଗା ଉଡ଼ାଇ ଭାରତ ଛାଡ଼ ଆନ୍ଦୋଳନର ଶୁଭାରମ୍ଭ କରିଥିଲେ। ଏହି ଆନ୍ଦୋଳନ ଅହିଂସା ମାର୍ଗରେ ହେଉ ବୋଲି ଗାନ୍ଧିଜୀ ଆବାହନ କରିଥିଲେ କିନ୍ତୁ ଦେଶର ଅନେକ ସ୍ଥାନରେ ହିଂସା ଦେଖିବାକୁ ମିଳିଥିଲା। ଯାହାକୁ ଗାନ୍ଧିଜୀ ପସନ୍ଦ କରିନଥିଲେ। ଦ୍ୱିତୀୟ ବିଶ୍ୱଯୁଦ୍ଧ ପରେ ଇଂରେଜମାନେ ଭାଙ୍ଗି ପଡ଼ିଥିଲେ। ଠିକ୍ ଏହି ସମୟରେ ଗାନ୍ଧିଜୀଙ୍କ ଏହି ଆନ୍ଦୋଳନ ଭାରତକୁ ସ୍ୱାଧୀନତା ଦେବାରେ ଉଚିତ ମାର୍ଗ ସାଜିଥିଲା। ମହାତ୍ମା ଗାନ୍ଧୀଙ୍କ 'କର ବା ମର' ମନ୍ତ୍ରରେ ଉଦ୍‌ବୁଦ୍ଧ ଏହି ଆନ୍ଦୋଳନ ନେତୃତ୍ୱ ଅଭାବ, ଦୁର୍ବଳ ସମନ୍ୱୟ, ଅସ୍ପଷ୍ଟ ଯୋଜନା ଓ ବ୍ରିଟିଶ କର୍ତ୍ତୃପକ୍ଷଙ୍କ ଦମନ ଯୋଗୁଁ ବେଶୀ ଦିନ ତିଷ୍ଠି ନ ଥିଲା। ଅବଶ୍ୟ ଏହା ଦେଶବାସୀଙ୍କୁ ଇଂରେଜ ଶାସନ ବିରୋଧରେ ଏକଜୁଟ କରିବାରେ ସଫଳ ହୋଇଥିଲା। ଏହାର ଫଳ ସ୍ୱରୂପ ୧୯୪୭, ଅଗଷ୍ଟ ୧୫ ତାରିଖରେ ଭାରତ ଇଂରେଜ ଶାସନ କବଳରୁ ମୁକ୍ତ ହୋଇ ସ୍ୱାଧୀନତା ପ୍ରାପ୍ତି କରିଥିଲା। ଏହି ଐତିହାସିକ ବିପ୍ଳବ ଥିଲା ଭାରତର ସ୍ୱାଧୀନତା ପାଇଁ ଏକ ମୁକ୍ତିର ମଶାଲ। ଆଜିର ଦିନରେ ଦେଶ ପାଇଁ ଜୀବନ ଦେଇଥିବା ବୀର ସଂଗ୍ରାମୀମାନଙ୍କ ବଳିଦାନକୁ ମନେ ପକାଉଛନ୍ତି କୋଟି କୋଟି ଭାରତୀୟ।

### ଆଜି ଆସିଥିଲେ

## ସ୍ୱଭାବକବି ଗଙ୍ଗାଧର ମେହେର



ଓଡ଼ିଆ ସାହିତ୍ୟକୁ ଋଦ୍ଧିମନ୍ତ କରିବାରେ ଯେଉଁ କେତେଜଣ ଆଗଧାଡ଼ିର ସାହିତ୍ୟିକଙ୍କ ନାମ ଆସିଥାଏ ତନ୍ମଧ୍ୟରେ ସ୍ୱଭାବ କବି ଗଙ୍ଗାଧର ମେହେର ଅନ୍ୟତମ । ତାଙ୍କ ଲେଖନୀ ମୁନରୁ ଝରି ପଡ଼ିଥିବା ଅକ୍ଷର ସବୁ ଓଡ଼ିଆ ସାହିତ୍ୟର ଅମ୍ଳାନ କୀର୍ତ୍ତି ହୋଇରହିଛି । ସେ ଏକାଧାରରେ ପ୍ରକୃତି କବି, ସ୍ୱଭାବ କବି ଭାବେ ପରିଚିତ ଥିଲେ । ପ୍ରକୃତି ଚିତ୍ରଣରେ ତାଙ୍କର ସ୍ୱତନ୍ତ୍ର ଦୃଷ୍ଟିକୋଣ ଥିଲା। କବି ସମ୍ରାଟ୍ ଉପେନ୍ଦ୍ର ଭଞ୍ଜଙ୍କ ପରି ତାଙ୍କର କବିତାଗୁଡ଼ିକ ଉଚ୍ଚ ଆଲଙ୍କରିକ ଶବ୍ଦ, ଅନନ୍ୟ ସଂଯୋଜନା ଶୈଳୀ, ଉପମା, ରୂପକ ଓ ଯଥାର୍ଥ ଶବ୍ଦାବଳୀର ଉପଯୁକ୍ତ ପ୍ରୟୋଗ ସହ ସମୃଦ୍ଧ। ଗଙ୍ଗାଧର ୧୮୬୨ ମସିହା ଆଜିର ଦିନରେ ଅବିଭକ୍ତ ସମ୍ବଲପୁର ବର୍ତ୍ତମାନ ବରଗଡ଼ ଜିଲ୍ଲା ବରପାଲି ଅଞ୍ଚଳରେ ଜନ୍ମଗ୍ରହଣ କରିଥିଲେ। ବାଲ୍ୟକାଳରେ ଦାରିଦ୍ର୍ୟର କଷାଘାତ ଯୋଗୁଁ ସେ ଅଧିକ ଶିକ୍ଷାଲାଭ କରିପାରି ନ ଥିଲେ। କିନ୍ତୁ ପିଲାଦିନରୁ ସେ କବିତା ଲେଖିବା ଆରମ୍ଭ କରିଥିଲେ। ଓଡ଼ିଶାର ପୁରାତନ କବିମାନଙ୍କ ପଦାଙ୍କ ଅନୁସରଣ କରି ସେମାନଙ୍କ ଶୈଳୀରେ ସେ ନିଜର ପ୍ରଥମ ଲେଖା ସବୁ ଲେଖିଥିଲେ। ତାଙ୍କର ଆଦ୍ୟ ରଚନାବଳୀ ଭିତରେ 'ରସ ରତ୍ନାକର' ଓ 'ଅହଲ୍ୟାସ୍ତବ' ଅନ୍ୟତମ। ଏଗୁଡ଼ିକ ରୀତିଯୁଗୀୟ ଶୈଳୀରେ ରଚନା କରାଯାଇଥିଲା। ସ୍ୱଳ୍ପ ଶିକ୍ଷା ସତ୍ତ୍ୱେ ବି ତାଙ୍କର ଓଡ଼ିଆ ଓ ସଂସ୍କୃତ ଭାଷାରେ ଗଭୀର ଜ୍ଞାନ ଥିଲା। ଏକ ସାଧାରଣ ଚାକିରି କରି ସେ ପରିବାର ପ୍ରତିପୋଷଣ କରୁଥିଲେ। ସେଥିପାଇଁ ତାଙ୍କୁ ବହୁ ବାଧାବିଘ୍ନର ସାମ୍ନା କରିବାକୁ ପଡ଼ିଥିଲା । ପରବର୍ତ୍ତୀ ସମୟରେ ତାଙ୍କ ପ୍ରତିଭାଦୀପ୍ତ ଓ ପ୍ରଚଣ୍ଡ ସୃଜନଶୀଳ ସତ୍ତା ସୃଷ୍ଟି କରିଥିଲା ବହୁ କାଳଜୟୀ କାବ୍ୟ ଓ କବିତା। ଓଡ଼ିଆ ଭାଷା ମହାସଙ୍କଟ ଦେଇ ଗତି କରୁଥିଲାବେଳେ 'ଇନ୍ଦୁମତୀ', 'କୀଚକବଧ', 'ତପସ୍ୱିନୀ', 'ପ୍ରଣୟବଲ୍ଲରୀ', 'ଉତ୍କଳ ଲକ୍ଷ୍ମୀ', 'ଅଯୋଦ୍ଧା ଦୃଶ୍ୟ' ଭଳି ଉଚ୍ଚକୋଟୀର କାବ୍ୟ ଓ କବିତା ରଚନା କରି ଓଡ଼ିଆ ଭାଷା ଆନ୍ଦୋଳନକୁ ସେ ତେଜୀୟାନ କରିଥିଲେ । 'ଅର୍ଘ୍ୟଥାଳି' ହେଉଛି ତାଙ୍କର ଲୋକପ୍ରିୟ କବିତା ସଂଗ୍ରହ। ତାଙ୍କ ରଚିତ ଶେଷ କାବ୍ୟ ଥିଲା 'ପଦ୍ମିନୀ'। ଗଙ୍ଗାଧରଙ୍କ କବିତାଗୁଡ଼ିକ ଯେତିକି ସୁନ୍ଦର, ତାଙ୍କର ଜୀବନଶୈଳୀ ବି ଥିଲା ବେଶ୍ ସାବଲୀଳ। ପ୍ରକୃତିର ଅସାଧାରଣ ବର୍ଣ୍ଣନା, ଆଦର୍ଶ ଚରିତ୍ର ଚିତ୍ରଣ, ମାନବତାର ଜୟଗାନ ଆଦି ଥିଲା ତାଙ୍କ ସାହିତ୍ୟ କୃତିର ବିଶେଷତ୍ୱ। ୧୯୨୪ ମସିହା ଏପ୍ରିଲ୍ ୪ ତାରିଖରେ ତାଙ୍କର ଦେହାନ୍ତ ହୋଇଥିଲା।

## ମୃଣାଳଙ୍କ ପ୍ରେମରେ ଧନୁଷ୍ !

ବଲିଉଡ୍ ଅଭିନେତ୍ରୀ ମୃଣାଳ ଠାକୁରଙ୍କ ଜନ୍ମଦିନ ପାର୍ଟି ଏବେ ଚର୍ଚ୍ଚାରେ ରହିଛି। କାରଣ ଏଥିରେ ସାଉଥ୍ ଇଣ୍ଡଷ୍ଟ୍ରୀର ଲୋକପ୍ରିୟ ଅଭିନେତା ଧନୁଷ୍ ଯୋଗ ଦେଇଥିଲେ। ତେବେ ଧନୁଷ୍ 'ସନ୍ ଅଫ୍ ସର୍ଦ୍ଦାର୍ ୨'ର ସ୍କ୍ରିନିଂ ପାଇଁ ମୁମ୍ବାଇ ଆସିଥିଲେ। ଏହି ସମୟରେ ସେ ମୃଣାଳଙ୍କ ଜନ୍ମଦିନ ପାର୍ଟିରେ ଯୋଗ ଦେଇଥିଲେ। 'ସନ୍ ଅଫ୍ ସର୍ଦ୍ଦାର ୨' ଲିଡ୍ ରୋଲରେ ଅଜୟ ଦେବଗନ୍ ଓ ମୃଣାଳ ଠାକୁର ନଜର ଆସିଛନ୍ତି। ଫିଲ୍ମର ସ୍କ୍ରିନିଂ ଇଭେଣ୍ଟରେ ଉଭୟ କଥା ହେଉଥିବାର ଭିଡିଓ ଏବେ ସୋସିଆଲ ମିଡିଆରେ ବେଶ୍ ଭାଇରାଲ ହେଉଛି। ଏହାପରେ ଧନୁଷ୍ ମୃଣାଳଙ୍କୁ ଡେଟ୍ କରୁଥିବା ଖବର ଜୋର୍ ଧରିଛି। ଏହାପୂର୍ବରୁ ମୃଣାଳ ଧନୁଷଙ୍କ ଫିଲ୍ମ 'ତେରେ ଇସ୍କ ମେଁ' ପାର୍ଟିରେ ଯୋଗ ଦେଇଥିଲେ। କନିକା ଢିଲୋଁ ଏହାର କିଛି ଫଟୋ ସାମାଜିକ ଗଣମାଧ୍ୟମରେ ସେୟାର୍ କରିଥିଲେ। ଏଥିରେ ଧନୁଷ୍ ଓ ମୃଣାଳ ଗୋଟିଏ ଫ୍ରେମ୍‌ରେ ନଜର ଆସିଥିଲେ। ସେବେଠାରୁ ଉଭୟଙ୍କ ପ୍ରେମ ସମ୍ପର୍କକୁ ନେଇ ଚର୍ଚ୍ଚା ହେଉଛି। ତେବେ ଏହାକୁ ନେଇ ଧନୁଷ୍ କିମ୍ବା ମୃଣାଳ କୌଣସି ମନ୍ତବ୍ୟ ଦେଇ ନାହାନ୍ତି। ଏଠାରେ ପ୍ରକାଶ ଥାଉ କି, ଧନୁଷ୍ ପୂର୍ବରୁ ସାଉଥ୍ ଇଣ୍ଡଷ୍ଟ୍ରୀର ଭେଟେରାନ୍ ଅଭିନେତା ରଜନୀକାନ୍ତଙ୍କ ଝିଅ ଐଶ୍ୱର୍ଯ୍ୟାଙ୍କୁ ବିବାହ କରିଥିଲେ। ଉଭୟ ବିବାହର ୧୮ ବର୍ଷ ପରେ ୨୦୨୨ରେ ଅଲଗା ହୋଇଯାଇଥିଲେ।



## ରାକ୍ଷୀ ପୂର୍ଣ୍ଣିମା



ପୁଷ୍ପଲତା ସାହୁ

ଶ୍ରାବଣ ମାସର ପୂର୍ଣ୍ଣିମା ତିଥିରେ
ହେଉଛି ରକ୍ଷା ବନ୍ଧନ
ମୋ ଭାଇ ହାତରେ ରାକ୍ଷୀ ବାନ୍ଧିବି
ଦେଇ ମଥାରେ ଟୋପି ଚନ୍ଦନ ॥
ହାତରେ ବାନ୍ଧିବି ନାଲି ପାଟ ଡୋର
ଖୁଆଇବି ମିଠା ଲଡୁ
ଠାକୁର ପାଖରେ ମନାସି କରିବି ମୋ
ଭାଇ ଆୟୁଷ ବଢୁ ॥
ଏତିକି ଅଳି ମୁଁ କରିବି ଭାଇକୁ
କେବେ କରିବୁନି ପର
ସୁଖରେ ଦୁଃଖରେ ସାହା ହୋଇଥିବୁ
ଭଉଣୀ ତୋର ନିଜର ॥
ଗାଁ ଘର ମୋର ଲିପା ପୋଛା କରି
ଛାଟି ଦେଲି ଗହ୍ମା ଚିତା
ହଳ ଲଙ୍ଗଳର ଝୋଟି ମୁଁ ଲେଖିଲି
ସୋଲେ କରି ମାଳ ଗୁନ୍ଥା ॥
ବଉଳା ଗାଈ ମୋ ଧୋବ ଫରଫର
ତା ଶିଙ୍ଗେ ଢାଉ ମୁଁ ବୋଳି
ମଥାରେ ସିନ୍ଦୂର ବେକେ ଫୁଲମାଳ
ଖୋଇଲି ସରୁ ଚକୁଳି ॥
ଆମରି ଗୁହାଳେ ବନ୍ଧା ହୋଇଛନ୍ତି
କାଶିଆ କପିଳା ଦୁଇ
ଗହ୍ମା ପୂର୍ଣ୍ଣିମାରେ ପୂଜା ସେ ହୁଅନ୍ତି
ହଳ ସେ କରନ୍ତି ନାହିଁ॥
ଚାଷୀ ଘର ଝିଅ ଅଟଇ ମୁହିଁ ଯେ,
ବାପା ଅଜା ଅମଳର
ଦେଖି ଆସୁଅଛି ଏ ବିଧି ବିଧାନ
କେବେ ମନୁ ଭୁଲି ନାହିଁ॥ ■

କେନ୍ଦ୍ରାପଡ଼ା
ମୋ-୮୭୫୮୩୨୧୯୭



## ରକ୍ଷା ବନ୍ଧନ



ଆଚାର୍ଯ୍ୟ କ୍ଷିତୀଶ ଜେନା

ମୁନା ଶୋଇଥିବା ଦେଖିତ ମାମୁନି
କହେ ଉଠିପଡ଼ ଭାଇ
ସକାଳ ହେଲାଣି ଯାଇଛୁ କି ଭୁଲି
ଆଜିପା ରାକ୍ଷୀ ପୁନେଇଁ ।
ଚଞ୍ଚଳ ଯାଆତୁ ନିତ୍ୟକର୍ମ ସାରି
ନୂଆ ଜାମା ଦବୁ ପିନ୍ଧି
କେଡ଼େ ସୁନ୍ଦରିଆ ରାକ୍ଷୀ ମୁଁ ରଖିଛି
ତୋ ହାତରେ ଦେବି ବାନ୍ଧି ।
ମୋ ଗେହ୍ଲୁ ଭାଇର ମୁଣ୍ଡରେ ପକାଇ
ଅରୁଆ ଚାଉଳ ଦୁବ
ଧୂପ,ଦୀପ ଜାଳି ବନ୍ଦାଇବି ତତେ
ମନାସିବି ତୋର ଶୁଭ ।
କେବଳ ମୁଁ ନୁହେଁ ଶାଶୁଘରେ ତଥା
ଦୂରେ ଥିଲେ ଭଉଣୀଟି
ଭାଇର ପାଖକୁ ରାକ୍ଷୀପୂର୍ଣ୍ଣିମାରେ
ଆସେ ସୁଦୂରରୁ ଛୁଟି ।
ଉପହାର ଠାରୁ ଭାଇ ଉପସ୍ଥିତି
ଭଉଣୀ ପାଇଁକି ବଡ଼
ଭାଇ ଥିଲେ ସାଥେ ଭଉଣୀକୁ ସ୍ପର୍ଶ
କରେନି କଦାପି ଝଡ଼ ।
ପ୍ରଭୁ ବଳଦେବଙ୍କ ଜନ୍ମଦିନ ଆଜି
ପାଳିବେ ତ ପଲ୍ଲୀପୁରେ
ବଳଦ ଗାଈଙ୍କୁ ଗାଧୋଇ ରାକ୍ଷୀକୁ
ବାନ୍ଧିବେ ତାଙ୍କରି ଠାରେ ।
ଜଗା ବଳିଆଙ୍କୁ ସୁଭଦ୍ରା ବାନ୍ଧିବେ
ଭାବର ବନ୍ଧନ ରାକ୍ଷୀ
ପବିତ୍ର ସମ୍ପର୍କ ଭାଇ ଭଉଣୀଙ୍କ
ରାକ୍ଷୀ ଅଟେ ମୂକସାକ୍ଷୀ ।
ବଡ଼ଦେଉଳର ତିନି ଦିଅଁଙ୍କୁ ମୁଁ
କରୁଅଛି ନିବେଦନ
ତୁମପରି ପ୍ରତି ଭାଇ ଭଉଣୀଙ୍କ
ଅତୁଟ ରହୁ ବନ୍ଧନ ।■

କଣ୍ଟିଗଡ଼ିଆ, ଧର୍ମଶାଳା,
ଯାଜପୁର
ମୋ- ୭୦୦୮୬୩୪୮୦୦

## ତ୍ରିରଙ୍ଗା



ଚିତ୍ତରଞ୍ଜନ ମହାନ୍ତି

ସବୁ ପାତ୍ର ନୁହେଁ କଳସୀ
ସବୁ ପତର ନୁହେଁ ତୁଳସୀ
ସବୁ ନଦୀ ନୁହଁଇ ଗଙ୍ଗା
ସବୁ ପତାକା ନୁହେଁ ତ୍ରିରଙ୍ଗା ॥
ସଗର୍ବେ ଉଡ଼େ ଫରଫର
ଦେଖିଲେ ଆସେ ମନେ ଗର୍ବ
ମିଳିଯାଏ ମୁକ୍ତିର ଆନନ୍ଦ
ଖୋଲା ଆକାଶେ ମୁକ୍ତ ବିହଙ୍ଗ ॥
ସୁଯୋଗ୍ୟ ସନ୍ତାନ ଏ ଦେଶର
ଗାନ୍ଧୀ, ଗୋପବନ୍ଧୁ, ଜବାହର
ଲାଲ୍, ବାଲ୍, ପାଲ୍, ସୁଭାଷ
ମୁକ୍ତି ସେନାର ଶ୍ରେଷ୍ଠ ନାୟକ ॥
ଦେଇଛନ୍ତି ଅମୃତ ବାର୍ତ୍ତା
ପାଥେୟ କରି ଚାଲିଛୁ ରାସ୍ତା
ଶାନ୍ତି, ଅହିଂସା ,ପ୍ରେମ ବଳେ
ସବୁରି ହୃଦୟ ଜିତି ହୁଏ ॥
ଦେଶର ସୁଯୋଗ୍ୟ ସନ୍ତାନ
ସବୁରି ହୃଦୟେ ବିଦ୍ୟମାନ
ଏମିତି ସନ୍ତାନ ଥିଲେ ଦେଶର
ଶତ୍ରୁମାନଙ୍କ ପଡ଼େନି ନଜର ॥
ଦେଶ ବଞ୍ଚିଲେ ଆମେ ବଞ୍ଚିବା
ଦେଶ ପାଇଁ ଜୀବନ ଦେବା
ଦେଶବାସୀ ଜାଗ୍ରତ ପ୍ରହରୀ
ଜୀବନ ଧନ୍ୟ ତା' ସେବା କରି ॥■

ତଗିରା, ରାଣୀତାଲ
ମୋ- ୯୪୩୮୬୭୦୧୫୦



## ସୁମନ

## ଉପକାର ଶୁଝିଲେ ଜନ୍ଦା ଓ ପିମ୍ପୁଡ଼ି




କାଳିକିଙ୍କର



ଅଧିକ ବର୍ଷା ହେଲାରୁ ନଦୀ ଉଛୁଳି ପଡ଼ିଲା । ସମସ୍ତେ କହିଲେ ବନ୍ୟା ଆସିଲା । ସ୍କୁଲ ଛୁଟି । ତେବେ ସବୁଆଡ଼େ ପାଣି ଓ ସୁଅ ଚାଲୁଥିବାରୁ ରିଆ, ଟିଆ, କିଆ ଆଦି ପିଲାମାନେ ଘରେ ଅଛନ୍ତି। ସେମାନେ ଖୁସି ଯେ, ତାଙ୍କ ଆଗରେ ପାଣିର ସୁଅ ଧୀରେଧୀରେ ଯାଉଛି । କାଠି କୁଟା ପତର ଇତ୍ୟାଦି ଭାସି ଭାସି ଯାଉଛି । ଘର ଆଗରେ ଅବଶ୍ୟ ଅଧିକ ପାଣି ହୋଇନି କି ସୁଅ ପ୍ରଖର ନୁହେଁ ତେଣୁ ରିଆ, ଟିଆ ଓ କିଆ ସେ ପାଣି ଭିତରେ ଦୌଡ଼ାଦୌଡ଼ି କରୁଛନ୍ତି। ହାତର ଆଞ୍ଜୁଳାରେ ପାଣି ନେଇ ଖେଳୁଛନ୍ତି । ହଠାତ୍ ରିଆ କହିଲା- ଆରେ ଦେଖ ଦେଖ, କେମିତି ଗୋଟିଏ କଦଳୀ ପତ୍ର ଭାସି ଆସୁଛି ଓ ସେଥିରେ ଜନ୍ଦା ଓ ପିମ୍ପୁଡ଼ି ଭାସି ଯାଉଛନ୍ତି । ଜନ୍ଦା ଓ ପିମ୍ପୁଡ଼ିମାନେ ରିଆ, ଟିଆ ଓ କିଆଙ୍କୁ ଦେଖି କହିଲେ- ଆମେ ଭାସିଯାଉଛୁ ଏ ପାଣିରେ । ଆମକୁ ଟିକିଏ ଉଦ୍ଧାର କରନ୍ତନି ? କିଆ ଓ ଟିଆ କହିଲେ ନା ନା ବାବା, ତୁମେ ସବୁ ଆସିଲେ ଆମକୁ କାମୁଡ଼ିବ। ରିଆ କିନ୍ତୁ କହିଲା ନାରେ, ବିପଦରେ ଯିଏ ପଡ଼ିଛି ତାକୁ ସାହାଯ୍ୟ କରିବା ଉଚିତ । ତାପରେ ବି ଯଦି ସେ ଆମର କ୍ଷତି କଲା କରୁ, ତା' ଧର୍ମ ତା'ର । ରିଆ ଆଗକୁ ବଢ଼ିଲା । ସାଥିରେ ଟିଆ ଓ କିଆ । ସେମାନେ ଧୀରେ ଧୀରେ ସେ କଦଳୀପତ୍ର ସହ ଜନ୍ଦା ଓ ପିମ୍ପୁଡ଼ିଙ୍କୁ ଉଦ୍ଧାର କଲେ। ଏମାନେ ସବୁ ନାଲି ଜନ୍ଦା ଓ ପିମ୍ପୁଡ଼ି । କାମୁଡ଼ିଲେ ଖୁବ୍ ଯନ୍ତ୍ରଣା ହୁଏ। ରିଆ କିନ୍ତୁ ସେଥିପ୍ରତି ଖାତିର୍ ନ କରି ସେମାନଙ୍କୁ ଟିଆ ଓ କିଆ ସହ ମିଶି ଉଦ୍ଧାର କଲା ଓ ଭୁଇଁରେ ଛାଡ଼ିଦେଲା । ଜନ୍ଦା ଓ ପିମ୍ପୁଡ଼ି ସେମାନଙ୍କୁ ଧନ୍ୟବାଦ ଦେଇ ବାଉଁଶ ବୁଦା ଆଡ଼େ ଚାଲିଲେ ।


ଅନେକ ଦିନ ବିତି ଯାଇଛି । ଏବେ ବନ୍ୟା କି ବର୍ଷା ନାହିଁ । ରିଆ, ଟିଆ, କିଆ ସେଇ ବାଉଁଶ ବୁଦା ପାଖରେ ଖେଳୁଥିଲେ ଯେ, ହଠାତ୍ ତାଙ୍କ ପାଖକୁ ଗୋଟିଏ ସାପ ଫଁ ଫଁ କରି ମାଡ଼ି ଆସିଲା । ରିଆ, ଟିଆ, କିଆ କ'ଣ କରିବେ ଉପାୟ ନ ପାଇ କାନ୍ଦିବାକୁ ଲାଗିଲେ । ପାଖଦେଇ ଜନ୍ଦା ଓ ପିମ୍ପୁଡ଼ି ଖାଦ୍ୟ ନେଇ ଯାଉଥିଲେ। ସେମାନେ ରିଆ, ଟିଆ ଓ କିଆଙ୍କର କାନ୍ଦିବା ଶୁଣି ଅଟକି ଗଲେ ଓ ଦେଖିଲେ ବିଷାକ୍ତ ଦୁଷ୍ଟ ନାଗ ସେମାନଙ୍କୁ କାମୁଡ଼ିବାକୁ ଦୌଡ଼ୁଛି । ଆଚ୍ଛା, ଏମିତି କଥା । ଜନ୍ଦା ଓ ପିମ୍ପୁଡ଼ି ସେମାନଙ୍କର ଖାଦ୍ୟ ସେଇଠି ଥୋଇ ସେ ଦୁଷ୍ଟ ନାଗକୁ ଘେରି ଗଲେ ଓ ତାର ଲାଞ୍ଜରୁ ମୁଣ୍ଡଯାଏ କାମୁଡ଼ିବାକୁ ଲାଗିଲେ । ବିଚରା ସେ ଦୁଷ୍ଟ ନାଗ ଆଉ ଫଁ ଫଁ କରି ରିଆ, ଟିଆ ଓ କିଆଙ୍କ ଆଡ଼କୁ ଆସିବ କ'ଣ- ସେଇଠି ଛଟପଟ ହେଲା ଓ ଜନ୍ଦା ପିମ୍ପୁଡ଼ିଙ୍କୁ ଛାଡ଼ିଦେବାକୁ ଅନୁରୋଧ କଲା । ଏଣେ ସାପଟିର ଆଉ ଫଁ ଫଁ ଶବ୍ଦ ନ ଶୁଣି ରିଆ, ଟିଆ ଓ କିଆ ଅନେଇଲେ ସେ ଆସୁଥିବା ଦିଗକୁ । ଦେଖିଲେ ଜନ୍ଦା ଓ ପିମ୍ପୁଡ଼ିମାନେ ତାକୁ ଘେରି ରହିଛନ୍ତି ଓ କାମୁଡ଼ି କାମୁଡ଼ି ତା ଦେହ ଫୁଲେଇ ଦେଲେଣି । ନାଗଟି ନେହୁରା ହୋଇ ଛାଡ଼ି ଦେବାକୁ କହୁଥାଏ। ରିଆ ଟିଆ ଓ କିଆଙ୍କୁ କହିଲା- ଚିହ୍ନିଲ ଏ ଜନ୍ଦା ଓ ପିମ୍ପୁଡ଼ି କିଏ? ଏମାନେ ସେଇମାନେ ଯାହାଙ୍କୁ ଆମେ ପାଣିରୁ ଉଦ୍ଧାର କରିଥିଲେ । "ଦେଖୁଛ ତ ! କେମିତି ଜନ୍ଦା ଓ ପିମ୍ପୁଡ଼ି ଉପକାର ଶୁଝିଲେ।" ■

ସୌଭାଗିନୀ ନିବାସ,ରେଞ୍ଜ, ପୁରୀ
ମୋ-୮୨୪୯୨୧୬୦୬୭





ବୈଭବ କୁମାର ପାତ୍ର
ଷଷ୍ଠ ଶ୍ରେଣୀ
ଡିଏଭି ପବ୍ଲିକ୍ ସ୍କୁଲ
ପୋଖରୀପୁଟ
ଭୁବନେଶ୍ୱର





ସାଇ ସେଠୀ
ଚତୁର୍ଥ ଶ୍ରେଣୀ
ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ
ପୋଖରୀପୁଟ, ଭୁବନେଶ୍ୱର






ଇଭାଂଶୀ ମିଶ୍ର
ଦ୍ୱିତୀୟ ଶ୍ରେଣୀ
ଡିଏଭି ପବ୍ଲିକ୍ ସ୍କୁଲ
ପୋଖରୀପୁଟ, ଭୁବନେଶ୍ୱର





ଲକ୍ଷ୍ମୀପ୍ରିୟା ଦାଶ
ତୃତୀୟ ଶ୍ରେଣୀ
କେନ୍ଦ୍ରୀୟ ବିଦ୍ୟାଳୟ ୬
ପୋଖରୀପୁଟ, ଭୁବନେଶ୍ୱର



# କ୍ରୀଡ଼ା

ସକାଳ
THE SAKALA
www.sakalaepaper.com

## ଆଣ୍ଡରସନ-ତେନ୍ଦୁଲକର ଟ୍ରଫି

# ଅନାବଶ୍ୟକ ତ୍ରୁଟି ଯୋଗୁଁ ସିରିଜ୍ ହାତଛଡ଼ା



ଗିଲ୍‌ଙ୍କ ରନ୍ ଆଉଟ୍



ସିରାଜ୍ ପ୍ଲେଡ୍ ଅନ୍

ନୂଆଦିଲ୍ଲୀ,୮।୮ (ଏଜେନ୍ସି):

ଇଂଲଣ୍ଡରେ ନିକଟରେ ଶେଷ ହୋଇଥିବା ଆଣ୍ଡରସନ-ତେନ୍ଦୁଲକର ଟ୍ରଫିର ୫ ମ୍ୟାଚ୍ ବିଶିଷ୍ଟ ଟେଷ୍ଟ ସିରିଜ୍‌ରେ କଠିନ ପରିଶ୍ରମ ଓ ଭଲ ଖେଳିଥିଲେ ମଧ୍ୟ ଘରୋଇ ଦଳ ସହ ଭାରତ ୨-୨ରେ ସିରିଜ୍ ଅମୀମାଂସିତ ରଖିଛି। କିନ୍ତୁ ପ୍ରାଧାନ୍ୟ ବିସ୍ତାର କରୁଥିବା ଦଳକୁ ସର୍ବଦା ବିଜୟ ମିଳେନାହିଁ। ୨୦୧୮ରେ ଇଂଲଣ୍ଡଠାରୁ ୪-୧ରେ ଟେଷ୍ଟ ସିରିଜ୍ ହାରିବା ପରେ ଏକଥା କହିଥିଲେ ବିରାଟ କୋହଲି। ୨୦୨୧-୨୨ ଓ ୨୦୨୫ରେ ଭାରତ-ଇଂଲଣ୍ଡ ଟେଷ୍ଟ ସିରିଜ୍ ଖୁବ୍ ପ୍ରତିଦ୍ୱନ୍ଦ୍ୱିତାମୂଳକ ହୋଇଥିଲା। ଉଭୟ ସିରିଜ୍‌ରେ ଭାରତ ପ୍ରାଧାନ୍ୟ ବିସ୍ତାର କରିଥିଲେ ମଧ୍ୟ ବିଜୟୀ ହୋଇ ପାରି ନ ଥିଲା। କିନ୍ତୁ ସିରିଜ୍‌ର ତଥ୍ୟକୁ ତର୍ଜମା କଲେ ଜଣାଯାଏ, ଗୁରୁତ୍ୱପୂର୍ଣ୍ଣ ସମୟରେ ଭାରତୀୟ ଖେଳାଳିଙ୍କ ଅନିଚ୍ଛାକୃତ ତ୍ରୁଟି ଓ ପ୍ରତିଦ୍ୱନ୍ଦ୍ୱୀଙ୍କୁ ଭାଗ୍ୟ ସହାୟ ହେବାରୁ ଭାରତ ଏହି ସିରିଜ୍‌ରେ ବିଜୟୀ ହେବାରୁ ବଞ୍ଚିତ ହୋଇଥିଲା।

ଅନ୍ୟପକ୍ଷରେ ଦେଖିବାକୁ ଗଲେ ୨୦୧୯ ପରଠାରୁ ଅଷ୍ଟ୍ରେଲିଆ ଓ ଭାରତ ପରି ଶକ୍ତିଶାଳୀ ଦେଶ ବିପକ୍ଷରେ ଇଂଲଣ୍ଡ ଉଭୟ ଘରୋଇ ଓ ବିଦେଶ ମାଟିରେ ୪ଟି ଟେଷ୍ଟ ସିରିଜ୍ ଖେଳିଥିଲେ ମଧ୍ୟ ଗୋଟିଏ ହେଲେ ଜିତିପାରିନାହିଁ। ବର୍ତ୍ତମାନ ଖେଳାଯାଇଥିବା ସିରିଜ୍‌ରେ ଭାରତୀୟ ବ୍ୟାଟର ୩୯.୭୭ ହାରରେ ରନ୍ ସଂଗ୍ରହ କରି ୧୨ଟି ଶତକ ହାସଲ କରିଥିଲେ। ଇଂଲଣ୍ଡ ବ୍ୟାଟର ୩୬.୫୩ ହାରରେ ରନ୍ ସଂଗ୍ରହ କରିବା ସହ ୯ଟି ଶତକ ହାସଲ କରିଥିଲେ। ଭାରତୀୟ ପେସ୍ ବୋଲରମାନେ ୱିକେଟପ୍ରତି ୩୪.୯୫ ଓ ଇଂଲଣ୍ଡ ପେସର ୩୬.୫୩ ହାରରେ ରନ୍ ବ୍ୟୟ କରିଥିଲେ। ଅବଶ୍ୟ ଏହା ସମ୍ଭବ ହୋଇଛି ଇଂଲଣ୍ଡର 'ବାଜ୍‌ବଲ' ନୀତି ଯୋଗୁଁ।

ଯେଉଁ ସିରିଜ୍‌ରେ ଭାରତ ଅନେକ କ୍ଷେତ୍ରରେ ପ୍ରାଧାନ୍ୟ ବିସ୍ତାର କରିଥିଲେ ମଧ୍ୟ ଅନିଚ୍ଛାକୃତ ବା ଅନାବଶ୍ୟକ ତ୍ରୁଟି ଯୋଗୁଁ ସଫଳତା ମିଳିନାହିଁ। ନିୟନ୍ତ୍ରଣରେ ଥିବା ବଲ୍‌ରେ ଭାରତୀୟ ବ୍ୟାଟର ୨୨ଥର ଆଉଟ ହୋଇଥିଲାବେଳେ ଇଂଲଣ୍ଡର ମାତ୍ର ୯ଜଣ ଖେଳାଳି ଆଉଟ ହୋଇଛନ୍ତି। ପ୍ରଥମ ଟେଷ୍ଟରେ ଏହିପରି ବଲ୍‌ରେ ଆଉଟ ହୋଇ ଅଧିନାୟକ ଶୁବମନ ଗିଲ୍ ଏହି ଧାରା ଆରମ୍ଭ କରିଥିଲେ। ଏହା ପରେ ଭାରତର ବ୍ୟାଟିଂ ବିପର୍ଯ୍ୟୟର ସମ୍ମୁଖୀନ ହୋଇଥିଲା। ପ୍ରଥମ ଟେଷ୍ଟରେ ଏକଦା ଭାରତ ୩ ୱିକେଟରେ ୪୩୦ ରନ୍ କରିଥିଲାବେଳେ ଗିଲ୍‌ଙ୍କ ଅନାବଶ୍ୟକ ଆଉଟ ପରେ ଦଳ ୪୭୧ରେ ଅଲଆଉଟ ହୋଇଥିଲା।

### ଡ୍ରପ୍ କ୍ୟାଚ୍‌ରୁ ଇଂଲଣ୍ଡକୁ ଫାଇଦା

ଯେଉଁ ପିଚ୍‌ରେ ବ୍ୟାଟରକୁ ସୁହାଇଥାଏ, ସେଠାରେ ବୋଲରମାନେ ନିଜ ଫିଲ୍ଡରଙ୍କଠାରୁ କିଛି ଅଧିକ ସହାୟତା ଆଶା କରିଥାନ୍ତି। କିନ୍ତୁ ଏହି ଟେଷ୍ଟ ସିରିଜ୍‌ରେ ଠିକ୍ ଓଲଟା ହୋଇଛି। ଭାରତୀୟ ଫିଲ୍ଡରମାନେ ଏହି ସିରିଜ୍‌ରେ ୨୩ଟି ଓ ଇଂଲଣ୍ଡ ଖେଳାଳି ୧୭ଟି କ୍ୟାଚ୍ ଡ୍ରପ୍ କରିଛନ୍ତି। ଯାହା ଫଳରେ ଏମାନେ ୭୧୮ ରନ୍ ଅଧିକ ବ୍ୟୟ କରିଛନ୍ତି। ଭାରତୀୟମାନେ ଡ୍ରପ୍ କ୍ୟାଚ୍‌ରୁ ୫୮୭ ରନ୍ ଉଠାଇଛନ୍ତି। ଜଣେ ବ୍ୟାଟରଙ୍କ ପ୍ରଥମ କ୍ୟାଚ୍ ଡ୍ରପ୍ ହେବା ପରେ ସେ ଯେତିକି ଅଧିକ ରନ୍ ସଂଗ୍ରହ କରିଛନ୍ତି ତାହାକୁ ହିସାବ କରାଯାଇଛି। ଏହି ଡ୍ରପ୍ କ୍ୟାଚ୍ ଯୋଗୁଁ ସର୍ବାଧିକ ଫାଇଦା ମିଳିଛି ଇଂଲଣ୍ଡର ହ୍ୟାରୀ ବ୍ରୁକ୍‌ଙ୍କୁ। ସେ ସିରିଜ୍‌ରେ ୪୮୧ ରନ୍ କରିଥିଲାବେଳେ କ୍ୟାଚ୍ ଡ୍ରପ୍ ଯୋଗୁଁ ୨୪୦ ରନ୍‌ର ଫାଇଦା ପାଇଥିଲେ। ଲିଡ୍ସ ଟେଷ୍ଟରେ ସେ ଖାତା ଖୋଲିବା ପୂର୍ବରୁ ବୁମ୍‌ରାଙ୍କ ଦ୍ୱାରା ଆଉଟ ହୋଇଥିଲେ। କିନ୍ତୁ ତାହା ନୋ ବଲ ହେବାରୁ ୯୯ ରନ୍ କରିଥିଲେ। ଏହି କ୍ୟାଚ୍ ଡ୍ରପ୍‌ରୁ ଜେମି ସ୍ମିଥ୍ ୧୩୦, ଓଲି ପୋପ୍ ୧୨୩ ରନ୍ ଅଧିକ କରିଥିଲେ। ଭାରତୀୟମାନେ ମଧ୍ୟ ଶେଷ ୨ଟି ଟେଷ୍ଟରୁ ଡ୍ରପ୍ କ୍ୟାଚ୍ ଯୋଗୁ ଫାଇଦା ଉଠାଇଥିଲେ। ମାଞ୍ଚେଷ୍ଟରରେ ରବୀନ୍ଦ୍ର ଜାଡେଜା, ଓଭାଲ ଟେଷ୍ଟରେ ୨ଥର ଯଶସ୍ୱୀ ଜୟସ୍ୱାଲଙ୍କ କ୍ୟାଚ୍ ଡ୍ରପ୍ ହେବା ପରେ ଶତକ ହାସଲ କରିଥିଲେ। ଶେଷ ଟେଷ୍ଟରେ ନାଇଟ୍‌ୱାଚ୍‌ମ୍ୟାନ୍ ଭାବେ ଆସି ଆକାଶଦୀପ ୬୬ ରନ୍ କରିଥିଲେ। କିନ୍ତୁ ସେ ୨୧ ରନ୍ କରିଥିଲାବେଳେ ତାଙ୍କ ପ୍ରଥମ କ୍ୟାଚ୍ ଡ୍ରପ୍ ହୋଇଥିଲା। ସିରିଜ୍‌ରେ ଗିଲ୍ ୭୫୪ ରନ୍ କରିଥିଲେ ମଧ୍ୟ କ୍ୟାଚ୍ ଡ୍ରପ୍ ପରେ ମାତ୍ର ୫୭ ରନ୍ କରିଥିଲେ।


ଏହି ଟେଷ୍ଟର ଦ୍ୱିତୀୟ ଇନିଂସରେ ଉପଅଧିନାୟକ ରଷଭ ପନ୍ତ୍ ଦମ୍‌ର ସହ ବ୍ୟାଟିଂ କରୁଥିଲାବେଳେ ପ୍ରତିପକ୍ଷ ସୋଏବ ବସିରଙ୍କୁ ଅନାବଶ୍ୟକ ସଟ୍ ମାରି ଆଉଟ ହୋଇଥିଲେ। ଯାହା ଫଳରେ ଭାରତ ଏକଦା ୩ ୱିକେଟରେ ୨୮୭ ରନ୍ କରିଥିଲାବେଳେ ୩୬୪ରେ ଅଲଆଉଟ ହୋଇଥିଲା। ଲର୍ଡ୍ସରେ ଅନୁଷ୍ଠିତ ତୃତୀୟ ଟେଷ୍ଟରେ ରଷଭ ପନ୍ତ୍ ଲଞ୍ଚ ପୂର୍ବରୁ ଅନାବଶ୍ୟକ ଭାବେ ରନ୍ ଆଉଟ ହେବା, ସୋଏବ ବସିରଙ୍କ ବଲରେ ମହମ୍ମଦ୍ ସିରାଜ ଭଲ ଖେଳିବା ପରେ ମଧ୍ୟ ପ୍ଲେଡ ଅନ୍ ହେବା ଭାରତୀୟ ଖେଳାଳିଙ୍କ ଦ୍ୱାରା ହୋଇଥିବା ଅନିଚ୍ଛାକୃତ ତ୍ରୁଟି ମଧ୍ୟରେ ଅନ୍ୟତମ। ଯେଉଁ ସିରିଜ୍‌ରେ ୨ଟି ଟେଷ୍ଟ ୨୫ରୁ କମ୍ ରନ୍ ମଧ୍ୟରେ ଫଳାଫଳ ମିଳିଛି, ସେଠାରେ ଏଭଳି ଅନିଚ୍ଛାକୃତ ଓ ଅନାବଶ୍ୟକ ତ୍ରୁଟିରୁ ପ୍ରତିପକ୍ଷ ଦଳକୁ ଫାଇଦା ମିଳିଛି। ଭାରତ ପ୍ରାଧାନ୍ୟ ବିସ୍ତାର କରି ମଧ୍ୟ ସିରିଜ୍ ଜିତିବାରେ ସମର୍ଥ ହୋଇନାହିଁ।

## ଦୁଲୀପ୍ ଟ୍ରଫିରୁ ଘରୋଇ କ୍ରିକେଟ ସିଜନ ଆରମ୍ଭ

ନୂଆଦିଲ୍ଲୀ,୮।୮ (ଏଜେନ୍ସି): ଭାରତରେ ଘରୋଇ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଦୁଲୀପ ଟ୍ରଫିରୁ ଆରମ୍ଭ ହେବ। ଏହା ମଧ୍ୟରେ ବେଙ୍ଗାଲୁରୁରେ ଅଗଷ୍ଟ ୨୮ରୁ ଆରମ୍ଭ ହେବାକୁ ଥିବା ଏହି ଟୁର୍ଣ୍ଣାମେଣ୍ଟ ଲାଗି ସମସ୍ତ ପ୍ରସ୍ତୁତି ଶେଷ ହୋଇଛି। ଆନ୍ତଃଜୋନ୍ ନକ୍‌ଆଉଟ ଭିତ୍ତିରେ ଏହି ଟୁର୍ଣ୍ଣାମେଣ୍ଟ ସେପ୍ଟେମ୍ବର ୧୫ରେ ଶେଷ ହେବା ପରେ ଅକ୍ଟୋବର ୧ରୁ ୫ ତାରିଖଯାଏ ଇରାନି କପ୍ ଖେଳାଯିବ। ରଣଜୀ ଟ୍ରଫି ଚାମ୍ପିଅନ ବିଦର୍ଭ ଓ ଅବଶିଷ୍ଟ ଭାରତ ଏକାଦଶ ମଧ୍ୟରେ ଏହି ୫ ଦିନିଆ ମ୍ୟାଚ୍ ଖେଳାଯିବ। ଏହା ପରେ ଆରମ୍ଭ ହେବ ଘରୋଇ କ୍ରିକେଟର ସବୁଠାରୁ ବଡ଼ ଟୁର୍ଣ୍ଣାମେଣ୍ଟ ରଣଜୀ ଟ୍ରଫି। ଗତବର୍ଷ ଭଳି ଏଥର ମଧ୍ୟ ଦୁଇଟି ପର୍ଯ୍ୟାୟରେ ଏହି ଟୁର୍ଣ୍ଣାମେଣ୍ଟ ଖେଳାଯିବ। ଟୁର୍ଣ୍ଣାମେଣ୍ଟର ଏଲିଟ କାଟାଗୋରୀର ପ୍ରଥମ ପର୍ଯ୍ୟାୟ ଅକ୍ଟୋବର ୧୫ରୁ ନଭେମ୍ବର ୧୯ଯାଏ ଆରମ୍ଭ ହେବ। ଏଲିଟ ରଣଜୀ ଲିଗ୍‌ର ଦ୍ୱିତୀୟ ପର୍ଯ୍ୟାୟ ୨୦୨୬ ଜାନୁଆରୀ ୨୨ରୁ ଫେବୃଆରୀ ୧ ଯାଏ ଖେଳାଯିବ। ଫେବୃଆରୀ ୬ରୁ ୨୯ ମଧ୍ୟରେ ରଣଜୀ ନକ୍‌ଆଉଟ ଟୁର୍ଣ୍ଣାମେଣ୍ଟ ଖେଳାଯିବାର କାର୍ଯ୍ୟକ୍ରମ ରହିଛି। ରଣଜୀ ପ୍ଲେଟ୍ ଲିଗ୍‌ର ପ୍ରଥମ ପର୍ଯ୍ୟାୟ ଅକ୍ଟୋବର ୧୫ରୁ ନଭେମ୍ବର ୧୯ ଖେଳାଯିବ। ଜାନୁଆରୀ ୨୨ରୁ ୨୬ ତାରିଖ ମଧ୍ୟରେ ଫାଇନାଲ ଅନୁଷ୍ଠିତ ହେବ।

ନଭେମ୍ବର ୧୯ରୁ ଜାନୁଆରୀ ୨୨ ମଧ୍ୟରେ ସୀମିତ ଓଭର ଫର୍ମାଟର ଦୁଇଟି ବଡ଼ ଟୁର୍ଣ୍ଣାମେଣ୍ଟ ଖେଳାଯିବ। ଏହା ମଧ୍ୟରୁ ସୟଦ ମୁସ୍ତାକ ଅଲି ଟି-୨୦ ଟୁର୍ଣ୍ଣାମେଣ୍ଟ ନଭେମ୍ବର ୨୬ରୁ ଆରମ୍ଭ ହୋଇ ଡିସେମ୍ବର ୧୮ରେ ଶେଷ ହେବ। ଏହା ପରେ ବିଜୟ ହଜାରେ ଟ୍ରଫି ଲିଷ୍ଟ-ଏ' (ଦିନିକିଆ ଫର୍ମାଟ) ଡିସେମ୍ବର ୨୪ରୁ ଆରମ୍ଭ ହୋଇ ଜାନୁଆରୀ ୧୮ରେ ଶେଷ ହେବ। ରଣଜୀ ଟ୍ରଫି ଭଳି କର୍ଣ୍ଣେଲ ସିକେ ନାଇଡୁ ଟ୍ରଫି ମଧ୍ୟ ୨ଟି ପର୍ଯ୍ୟାୟରେ ଖେଳାଯିବ। ପ୍ରଥମ ପର୍ଯ୍ୟାୟ ଖେଳ ଅକ୍ଟୋବର ୧୬ରୁ ନଭେମ୍ବର ୫, ଦ୍ୱିତୀୟ ପର୍ଯ୍ୟାୟ ଜାନୁଆରୀ ୨୩ରୁ ଫେବୃଆରୀ ୨ ଓ ନକ୍‌ଆଉଟ ପର୍ଯ୍ୟାୟ ଫେବୃଆରୀ ୨୧ରୁ ମାର୍ଚ୍ଚ ୧୨ଯାଏ ଅନୁଷ୍ଠିତ ହେବ। ଏହାରି ମଧ୍ୟରେ ଜୁନିଅର ବିଭାଗ ଖେଳାଯିବ।

## ୧୯ ବର୍ଷରୁ କମ୍ ଅଷ୍ଟ୍ରେଲୀୟ ଦଳରେ ଦୁଇ ଭାରତୀୟ ବଂଶୋଦ୍ଭବ ଆର୍ଯ୍ୟନ ଓ ଯଶ୍






ମେଲବୋର୍ଣ୍ଣ,୮।୮ (ଏଜେନ୍ସି): ୧୯ ବର୍ଷରୁ କମ୍ ଭାରତୀୟ କ୍ରିକେଟ ଦଳ ଏକ ମଲ୍ଟିପଲ ଫର୍ମାଟରେ ଖେଳିବାକୁ ଅଷ୍ଟ୍ରେଲିଆ ଗସ୍ତରେ ଯିବ। ସେପ୍ଟେମ୍ବର ୨୧ରୁ ଆରମ୍ଭ ହେବାକୁ ଥିବା ଏହି ଗସ୍ତ ଲାଗି ଟିମ୍ ନେଲସନଙ୍କ ପ୍ରଶିକ୍ଷଣରେ ଅଷ୍ଟ୍ରେଲିଆ ଜୁନିଅର ଦଳ ପ୍ରସ୍ତୁତି ଆରମ୍ଭ କରିଛି। ପ୍ରଥମ ଦଫାରେ ଏହି ଟୁର ଲାଗି ଏକ ୧୫ ଜଣିଆ ୧୯ ବର୍ଷରୁକମ୍ ଅଷ୍ଟ୍ରେଲିଆ କ୍ରିକେଟ ଦଳ ଘୋଷଣା କରାଯାଇଛି। ଏହି ଦଳରେ ଦୁଇ ଭାରତୀୟ ବଂଶୋଦ୍ଭବ ଖେଳାଳି ସ୍ଥାନ ପାଇଛନ୍ତି। ସେମାନେ ହେଲେ ଆର୍ଯ୍ୟନ ଶର୍ମା ଓ ଯଶ ଦେଶମୁଖ। ଅଷ୍ଟ୍ରେଲିଆର ଘରୋଇ କ୍ରିକେଟରେ ସଫଳତା ପାଇବା ପରେ ଏମାନଙ୍କୁ ଜାତୀୟ ଦଳରେ ସାମିଲ କରାଯାଇଛି। ଭିକ୍ଟୋରିଆ ପକ୍ଷରୁ ଖେଳୁଥିବା ଆର୍ଯ୍ୟନ ଜଣେ ଟପ୍ ଅର୍ଡର ବ୍ୟାଟର। ସେହପରି ଦେଶମୁଖ ଜଣେ ପେସ୍ ବୋଲିଂ ଅଲରାଉଣ୍ଡର। ଏବେ ଅଷ୍ଟ୍ରେଲୀୟ କ୍ରିକେଟରେ ଭାରତୀୟ ବଂଶୋଦ୍ଭବ ଖେଳାଳି ସ୍ଥାନ ପାଉଛନ୍ତି। ଲେଗ୍ ସ୍ପିନର ତନବୀର ସାଙ୍ଗା ଏବେ ଅଷ୍ଟ୍ରେଲିଆ-ଏ ଦଳର ନେତୃତ୍ୱ ନେଇଥିଲେ। ଏଣୁ ଅଷ୍ଟ୍ରେଲିଆରେ ମଧ୍ୟ ଅନ୍ୟ ଦେଶର ଖେଳାଳିଙ୍କୁ ସ୍ଥାନ ମିଳୁଛି। ଏହି ଗସ୍ତରେ ୩ଟି ଦିନିକିଆ ଓ ୨ଟି ଅନ୍‌ଅଫିସିଆଲ ଟେଷ୍ଟ ମ୍ୟାଚ୍ ଖେଳାଯିବାର କାର୍ଯ୍ୟକ୍ରମ ରହିଛି।

### ଡେଭନ-୧୫୩, ହେନରୀ-୧୫୦*, ରାଚିନ-୧୬୫*

### ନ୍ୟୁଜିଲାଣ୍ଡ ୬୦୧/୩

ବୁଲାୱାୟୋ,୮।୮ (ଏଜେନ୍ସି): ଓପନର ଡେଭନ କନୱେଙ୍କ ୧୫୩, ହେନରୀ ନିକୋଲସଙ୍କ ୧୫୦ ଓ ରାଚିନ ରବୀନ୍ଦ୍ରଙ୍କ ୧୬୫ ରନ୍ ସହାୟତାରେ ଏଠାରେ ଜିମ୍ବାୱେ ସହ ଚାଲିଥିବା ଦ୍ୱିତୀୟ ଟେଷ୍ଟର ଦ୍ୱିତୀୟ ଦିନରେ ନ୍ୟୁଜିଲାଣ୍ଡ ପ୍ରଥମ ଇନିଂସରେ ୩ ୱିକେଟରେ ୬୦୧ ରନ୍‌ର ବିଶାଳ ସ୍କୋର ସଂଗ୍ରହ କରିଛି। ଷ୍ଟମ୍ପ ଅପସାରଣ ବେଳକୁ ଅବିଭକ୍ତ ୪ର୍ଥ ୱିକେଟ ଯୋଡିରେ ୨୫୬ ରନ୍ ଉଠାଇଥିବା ହେନରୀ ଓ ରାଚିନ ଅପରାଜିତ ଅଛନ୍ତି। ପୂର୍ବରୁ ଜିମ୍ବାୱେ ପ୍ରଥମ ଇନିଂସରେ ମାତ୍ର ୧୨୫ ରନ୍‌ରେ ଅଲ୍‌ଆଉଟ ହୋଇଥିଲା। ଫଳରେ ୩ ଦିନ ଖେଳ ବାକିଥିଲାବେଳେ ୪୭୬ ରନ୍‌ରେ ନ୍ୟୁଜିଲାଣ୍ଡ ଆଗୁଆ ରହିଛି।

## ଦୁଷ୍କର୍ମ ଅଭିଯୋଗରେ ପାକିସ୍ତାନୀ କ୍ରିକେଟର ହାଇଦର୍ ଅଲି ଗିରଫ



ଲଣ୍ଡନ,୮।୮ (ଏଜେନ୍ସି): ବ୍ରିଟେନର ଜଣେ ମହିଳାଙ୍କୁ ଦୁଷ୍କର୍ମ କରିବା ଅଭିଯୋଗରେ ପାକିସ୍ତାନର ଜଣେ ପ୍ରତିଷ୍ଠିତ ଟି-୨୦ କ୍ରିକେଟ ଖେଳାଳି ହାଇଦର ଅଲିଙ୍କୁ ମାଞ୍ଚେଷ୍ଟର ଗ୍ରେଟର ପୁଲିସ୍ ଗିରଫ୍ କରିଛି। ହାଇଦର ଏବେ ଜେଲ୍‌ରେ ଥିଲାବେଳେ ଅଗଷ୍ଟ ୪ ତାରିଖ ଦିନ ତାଙ୍କୁ ଗିରଫ କରାଯାଇଥିଲା। ପାକିସ୍ତାନ-ଏ' ଦଳର ଇଂଲଣ୍ଡ ଗସ୍ତବେଳେ ମାଞ୍ଚେଷ୍ଟରର ଏକ ସ୍ଥାନରେ ଏହି ଘଟଣା ଗତ ଜୁଲାଇ ୨୩ରେ ଘଟିଥିଲା। ଗିରଫ୍ ହେବା ପରେ ହାଇଦରଙ୍କୁ ପାକିସ୍ତାନ କ୍ରିକେଟ ବୋର୍ଡ ସସ୍‌ପେଣ୍ଡ କରିଛି। ବିଚାର ଶେଷ ନ ହେବା ଯାଏ ଏହା ବଳବତ୍ତର ରହିବ। ୨୦୨୦ରେ ଅନ୍ତର୍ଜାତୀୟ ଡେବ୍ୟୁ କରିଥିବା ହାଇଦର ପାକିସ୍ତାନ ସିନିଅର ଟିମ୍ ପକ୍ଷରୁ ୩୫ଟି ଟି-୨୦ ଓ ୨ଟି ଦିନିକିଆ ମ୍ୟାଚ୍ ଖେଳିଛନ୍ତି।

## କାନାଡ଼ିଆନ୍ ଓପନ ଟେନିସ

## ଓସାକାଙ୍କୁ ହରାଇ ବୋକୋ ଚାମ୍ପିଅନ



ଟରଣ୍ଟୋ,୮।୮ (ଏଜେନ୍ସି): କାନାଡାର ଟିନ୍ ଏଜ୍ ଖେଳାଳି ଭିକ୍ଟୋରିଆ ବୋକୋ ୪ଥରର ଗ୍ରାଣ୍ଡସ୍ଲାମ୍ ଚାମ୍ପିଅନ ନାଓମି ଓସାକାଙ୍କୁ ପରାସ୍ତ କରି କାନାଡିଆନ୍ ଓପନ ଚାମ୍ପିଅନ ଆଖ୍ୟା ଅର୍ଜନ କରିଛନ୍ତି। ଗୁରୁବାର ରାତିରେ ଖେଳାଯାଇଥିବା ଏହି ଟୁର୍ଣ୍ଣାମେଣ୍ଟରେ ପ୍ରଥମ ସେଟ ୨-୬ରେ ହାରିବା ପରେ ୧୮ ବର୍ଷିଆ ବୋକୋ ପରବର୍ତ୍ତୀ ୨ଟି ସେଟ୍‌କୁ ୬-୪, ୬-୧ ରେ ଜିତିବା ସହ ଟାଇଟଲ କବ୍‌ଜା କରିଥିଲେ। ଏବେ ବିଶ୍ୱରେ ୮୫ ନମ୍ବର ଖେଳାଳି ହୋଇଥିବା ବୋକୋଙ୍କ କ୍ୟାରିୟରରେ ଏହା ପ୍ରଥମ ଡବ୍ଲ୍ୟୁଟିଏ ୧୦୦୦ ଟାଇଟଲ। ବୋକୋ ମଧ୍ୟ କାନାଡାର ପ୍ରଥମ ଖେଳାଳି ଭାବେ ଓପନ ଏରାରେ ୩ଜଣ ଗ୍ରାଣ୍ଡସ୍ଲାମ୍ ଚାମ୍ପିଅନ ସୋଫିଆ କେନିନ, କୋକୋ ଗଫ୍ ଓ ଏଲେନା ରିବାକିନାଙ୍କୁ ପରାସ୍ତ କରି ଫାଇନାଲରେ ପ୍ରବେଶ କରିଥିଲେ।

## ଘାନା ଅନ୍ତର୍ଜାତୀୟ ବ୍ୟାଡ୍‌ମିଣ୍ଟନରେ ଭାଗନେବେ କିଟ୍‌ର ଅବିନାଶ



ଭୁବନେଶ୍ୱର,୮।୮(ସମିସ): ଓଡ଼ିଶା ତଥା କିଟ୍‌ର ଛାତ୍ର ଅବିନାଶ ମହାନ୍ତି ଭାରତ ପକ୍ଷରୁ ଅନ୍ତର୍ଜାତୀୟ ବ୍ୟାଡମିଣ୍ଟନ ଟୁର୍ଣ୍ଣାମେଣ୍ଟରେ ଖେଳିବାକୁ ମନୋନିତ ହୋଇଛନ୍ତି। ଘାନାରେ ଅଗଷ୍ଟ ୧୧ରୁ ୧୭ ଯାଏ ଜେଇ ୱିଲସନ ଅନ୍ତର୍ଜାତୀୟ ବ୍ୟାଡମିଣ୍ଟନ ଟୁର୍ଣ୍ଣାମେଣ୍ଟ ଅନୁଷ୍ଠିତ ହେବ। ଏଥିରେ ଅବିନାଶ ଭାରତୀୟ ଦଳର ପ୍ରତିନିଧିତ୍ୱ କରିବେ। ନିକଟରେ ଜର୍ମାନୀରେ ଅନୁଷ୍ଠିତ ବିଶ୍ୱ ବିଶ୍ୱବିଦ୍ୟାଳୟ କ୍ରୀଡ଼ାରେ କାଂସ୍ୟ ପଦକ ବିଜୟୀ ହୋଇଥିଲେ ବୋଲି କିଟ୍ ପକ୍ଷରୁ ସୂଚନା ଦିଆଯାଇଛି।

## ଲଣ୍ଡନରେ କୋହଲିଙ୍କ ଅଭ୍ୟାସ



ନୂଆଦିଲ୍ଲୀ,୮।୮ (ଏଜେନ୍ସି): ଭାରତୀୟ କ୍ରିକେଟ ଦଳର ପୂର୍ବତନ ଅଧିନାୟକ ତଥା ସୁପରଷ୍ଟାର ବିରାଟ କୋହଲି ପ୍ରତିଯୋଗିତାମୂଳକ କ୍ରିକେଟକୁ ଫେରିବା ଲାଗି ପ୍ରସ୍ତୁତି ଆରମ୍ଭ କରିଦେଇଛନ୍ତି। ଲଣ୍ଡନରେ ବସବାସ କରୁଥିବା ଆଇପିଏଲ୍ ଟିମ୍ ଗୁଜରାଟ ଟାଇଟନ୍ସର ଆସିଷ୍ଟାଣ୍ଟ କୋଚ୍ ନଇମ ଅମିନଙ୍କ ତତ୍ତ୍ୱାବଧାନରେ ସେ ଶୁକ୍ରବାର ଅଭ୍ୟାସ କରିଥିଲେ। ଧୂସର ରଙ୍ଗର ଏକ ଟି-ସାର୍ଟ ପିନ୍ଧି ବ୍ୟାଟିଂ ଅଭ୍ୟାସ କରୁଥିବା ଦେଖାଯାଇଥିଲା। ନଇମ ଅମିନ ସହାୟତା କରିଥିବାରୁ କୋହଲି ସାମାଜିକ ଗଣମାଧ୍ୟମରେ ତାଙ୍କୁ ଧନ୍ୟବାଦ ଦେବାକୁ ପଛାଇ ନ ଥିଲେ। ଏବେ ଭାରତ ସେପ୍ଟେମ୍ବର ୯ରୁ ଟି-୨୦ ଫର୍ମାଟରେ ଏସିଆ କପ୍ ଖେଳିବ। କିନ୍ତୁ କୋହଲି ଟି-୨୦ରୁ ଅବସର ନେଇସାରିଥିବାରୁ ଏହି ଟୁର୍ଣ୍ଣାମେଣ୍ଟରେ ଖେଳିପାରିବେ ନାହିଁ। କିନ୍ତୁ ଭାରତୀୟ ଦଳ ତାହାର ପରବର୍ତ୍ତୀ ଦିନିକିଆ ସିରିଜ୍ ଅଷ୍ଟ୍ରେଲିଆ ସହ ଅକ୍ଟୋବର ୧୯ରୁ ୨୫ ଯାଏ ଖେଳିବ। ଏହି ସିରିଜ୍‌ରେ ସେ ଦଳରେ ସାମିଲ ହେବେ ବୋଲି ଆଶା କରାଯାଉଛି। ଅଗଷ୍ଟରେ ବାଂଲାଦେଶ ସହ ଭାରତର ଦିନିକିଆ କ୍ରିକେଟ ଖେଳିବାର କାର୍ଯ୍ୟକ୍ରମ ଥିଲା। କିନ୍ତୁ ଏହି ଗସ୍ତ ବାତିଲ ହେବାରୁ କୋହଲିଙ୍କ ଫେରିବା ବିଳମ୍ବିତ ହୋଇଛି। କୋହଲି ଏବେ ଦମ୍‌ର ସହ ଅଭ୍ୟାସ କରୁଥିବା ଦେଖାଯାଇଛି।

## ୱାର୍ଲ୍ଡ ଆଥ୍‌ଲେଟିକ୍ କଣ୍ଟିନେଣ୍ଟାଲ୍ ଟୁର୍ ଲାଗି କଳିଙ୍ଗ ପ୍ରସ୍ତୁତ

ଭୁବନେଶ୍ୱର, ୮।୮ (ସମିସ):

ଆଉ ଗୋଟିଏ ଦିନ ପରେ ଆଇକନିକ କଳିଙ୍ଗ ଷ୍ଟାଡିୟମରେ ଅନୁଷ୍ଠିତ ହେବାକୁ ଯାଉଛି ଦିନିକିଆ ୱାର୍ଲ୍ଡ କଣ୍ଟିନେଣ୍ଟାଲ ଟୁର୍ (ବ୍ରୋଞ୍ଜ ଲେଭଲ) ପ୍ରତିଯୋଗିତା। ଆଥ୍‌ଲେଟିକ ଫେଡେରେସନ ଅଫ୍ ଇଣ୍ଡିଆ (ଏଏଫ୍‌ଆଇ) ଓ ଓଡ଼ିଶା ସରକାରଙ୍କ ମିଳିତ ସହଯୋଗରେ ଏହି ବିଶ୍ୱସ୍ତରୀୟ ଟୁର୍ଣ୍ଣାମେଣ୍ଟ ଲାଗି ସମସ୍ତ ପ୍ରକାର ପ୍ରସ୍ତୁତି ଶେଷ ହୋଇଛି। ଏସିଆନ୍ କପ୍ ଆଥଲେଟିକ୍ସ ପରେ ଏହା ଦ୍ୱିତୀୟ ଅନ୍ତର୍ଜାତୀୟ ଇଭେଣ୍ଟ। ଏଣୁ ଏହାକୁ କିପରି ସଫଳତାର ସହ ଆୟୋଜନ କରାଯାଇପାରିବ ସେଥିଲାଗି ଆୟୋଜକମାନେ ଜୋରସୋର ଉଦ୍ୟମ ଚଳାଇଛନ୍ତି। ଏହି ଇଭେଣ୍ଟର ସଫଳତା ବଳରେ କଳିଙ୍ଗରେ ଅଧିକ ଅନ୍ତର୍ଜାତୀୟ ଆଥ୍‌ଲେଟିକ ପ୍ରତିଯୋଗିତା ଆୟୋଜିତ ହେବାର ରାସ୍ତା ପରିଷ୍କାର ହେବ। କଳିଙ୍ଗରେ ଏକାଧିକ ଅନ୍ତର୍ଜାତୀୟ ପ୍ରତିଯୋଗିତା, ବିଶେଷ କରି ହକି ଖେଳରେ ଦୁଇଥର ବିଶ୍ୱକପ୍ ସଫଳତାର ସହ ଆୟୋଜିତ ହେବା ପରେ ଏହି ଷ୍ଟାଡିୟମର ଗୁରୁତ୍ୱ ଅନେକ ପରିମାଣରେ ବଢ଼ିଯାଇଛି। କ୍ରିକେଟକୁ ବାଦ୍ ଦେଇ ଅନେକ ଅଲିମ୍ପିକ୍ ଖେଳରେ ଏଠାରେ ଅନ୍ତର୍ଜାତୀୟ ପ୍ରତିଯୋଗିତା ଅନୁଷ୍ଠିତ ହୋଇଛି।



ଅନିମେଶ କୁଜୁର



ଶ୍ରାବଣୀ ନନ୍ଦ

ରବିବାର ଅନୁଷ୍ଠିତ ହେବାକୁ ଥିବା ଏହି ପ୍ରତିଯୋଗିତା ଲାଗି ୧୫ଟି ଦେଶରୁ ୧୬୦ଜଣ କ୍ରୀଡ଼ାବିତ ପଞ୍ଜିକରଣ କରିଛନ୍ତି। ଶୁକ୍ରବାର ଦ୍ୱିତୀୟ ସର୍ବାଧିକ ପ୍ରତିଯୋଗୀ ୧୩ ଜଣଙ୍କୁ ନେଇ ନେପାଳ ଦଳ ଏଠାରେ ପହଞ୍ଚିଛନ୍ତି। ସେମାନଙ୍କୁ ଭବ୍ୟସ୍ୱାଗତ ଦିଆଯାଇ ହୋଟେଲରେ ରଖାଯାଇଛି। ଅନ୍ୟ ଦେଶର କିଛି ପ୍ରତିଯୋଗୀ ମଧ୍ୟ ଏଠାରେ ପହଞ୍ଚିଛନ୍ତି। ଏମାନଙ୍କ ମଧ୍ୟରୁ ଅଧିକାଂଶ ପ୍ରତିଯୋଗୀ ଆଜି କଳିଙ୍ଗ ଷ୍ଟାଡିୟମ୍ ବୁଲି ଦେଖିଛନ୍ତି। ଏମାନେ ଷ୍ଟାଡିୟମ୍‌ରେ ଥିବା ସୁବିଧା ସୁଯୋଗର ଭୂୟସୀ ପ୍ରଶଂସା କରିଛନ୍ତି। ଭାରତୀୟ ଆଥଲେଟିକ୍ସର ଦୁଇ ବରିଷ୍ଠ ସଂଗଠକ ଆଦିଲ ସୁମରିୱାଲା ଓ ଲଳିତ ଭାନୋଟ ଟୁର୍ଣ୍ଣାମେଣ୍ଟ ଆୟୋଜନର ତଦାରଖ କରୁଛନ୍ତି। ଯୁବ ପିଢ଼ିର ଆୟୋଜକ ତଥା ବାହାଦୁର ସିଂହ ସାଗୋ, ସନ୍ଦୀପ ମେହେଟା ଓ ଟେକ୍ନିକାଲ ଏକ୍ସପର୍ଟ ଷ୍ଟାନ୍‌ଲୀ ବି ଜୋନ୍ସ ଏଠାରେ ଉପସ୍ଥିତ ରହି ପ୍ରତ୍ୟକ୍ଷ ଭାବେ ଆୟୋଜନର ପ୍ରସ୍ତୁତି ଚଳାଇଛନ୍ତି। ଅଢ଼େଇ ଘଣ୍ଟାର ସମୟ ଅବଧି ମଧ୍ୟରେ ୧୯ ଗୋଟି ଇଭେଣ୍ଟ ଆୟୋଜିତ ହେବ। ଭାରତ ପରେ ନେପାଳରୁ ସର୍ବାଧିକ ୧୩ଜଣ, ଶ୍ରୀଲଙ୍କାର ୧୦ଜଣ, ମାଲେସିଆର ୯ଜଣ, ଦକ୍ଷିଣ ଆଫ୍ରିକା ଓ ଗ୍ରେଟ୍ ବ୍ରିଟେନରୁ ୪ଜଣ ଲେଖାଏ ଆଥ୍‌ଲେଟ୍ ଏଥିରେ ଅଂଶଗ୍ରହଣ କରିବେ। ଓଡ଼ିଆ ଆଥ୍‌ଲେଟଙ୍କ ମଧ୍ୟରେ ଜାଭେଲିନ୍ ଫିଙ୍ଗାଳି କିଶୋର ଜେନା, ସ୍ପ୍ରିଣ୍ଟର ଶ୍ରାବଣୀ ନନ୍ଦ, ଲାଲୁପ୍ରସାଦ ଭୋଇଙ୍କଠାରୁ ପଦକ ଆଶା କରାଯାଉଛି। ଓଡ଼ିଶାରେ ଥିବା ହାଇପର୍ଫର୍ମାନ୍ସ ଆଥଲେଟିକ୍ ସେଣ୍ଟରରେ ପ୍ରଶିକ୍ଷଣ ନେଉଥିବା ଛତିଶଗଡ଼ର ଅନିମେଶ କୁଜୁରଙ୍କ ଉପରେ ଅନେକ ଭରସା ରହିଛି। ଅନିମେଶ ଏବେ ଓଡ଼ିଶାର ଘରେ ଘରେ ପରିଚିତ ହୋଇସାରିଛନ୍ତି।

### ଆୟୋଜିତ ହେବାକୁ ଥିବା ଇଭେଣ୍ଟ

**ପୁରୁଷ:** ୧୦୦, ୨୦୦, ୪୦୦, ୮୦୦ ଓ ୫୦୦୦ ମିଟର, ଲଙ୍ଗ୍ ଜମ୍ପ୍, ଟ୍ରିପଲ ଜମ୍ପ, ଜାଭେଲିନ୍ ଥ୍ରୋ ଓ ୪ ଗୁଣା ୪୦୦ ମିଟର ରିଲେ।

**ମହିଳା:** ୧୦୦, ୨୦୦, ୪୦୦, ୮୦୦ ଓ ୫୦୦୦ ମିଟର, ୧୦୦ ମିଟର ହର୍ଡଲ୍ସ, ଲଙ୍ଗ୍ ଜମ୍ପ୍, ଜାଭେଲିନ୍ ଥ୍ରୋ ଓ ୪ ଗୁଣା ୪୦୦ ମିଟର ରିଲେ।

**ମିକ୍ସଡ:** ୪ ଗୁଣା ୪୦୦ ମିଟର ରିଲେ।

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED IN ITS PRESS AT IDCO PLOT NO.90 & 91, BHAGABANPUR INDUSTRIAL ESTATE, BHUBANESWAR-751019, DIST: KHORDHA, ODISHA

କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦ୍ର ଦାସ
EXECUTIVE EDITOR: SAMARENDU DAS